ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଅକ୍ଟୋବର ୧୩/୨୦୨୧ (୧୨+୮=୨୦ ପୃଷ୍ଠା) | Rayagada, Wednesday, October 13/2021 | ★

୧୧ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଆଭେଶ ଖାଁ ହେଲେ ନେଟ୍ ବୋଲର**

ଟି୨୦ ବିଶ୍ୱକପ୍ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ସିଡ୍ଷ୍ଟର ଆଭେଶ ଖାଁ ଭାରତୀୟ କ୍ରିକେଟ ଦଳର ନେଟ୍ ବୋଲର ମନୋନୀତ ହୋଇଛନ୍ତି।

୧୧

୧୦

**ହେୟାର ଷ୍ଟାଇଲିଷ୍ଟଙ୍କ ଯୋଗୁ ବିଚ୍ଛେଦ ଚର୍ଚ୍ଚା**

ସୁପରଷ୍ଟାର ନାଗା ଚୈତନ୍ୟ ଓ ଅଭିନେତ୍ରୀ ସାମନ୍ଥାଙ୍କ ଛାଡ଼ପତ୍ର ପଛରେ ହେୟାର ଷ୍ଟାଇଲିଷ୍ଟ ପ୍ରୀତମ ଜୁକଲକର କାରଣ ବୋଲି ଚର୍ଚ୍ଚା ହେଉଛି।



# ୨ରୁ ୧୮ ବର୍ଷ ପିଲାଙ୍କୁ ମିଳିବ କୋଭାକ୍ସିନ

ନୂଆଦିଲ୍ଲୀ, ୧୨।୧୦

- ଜରୁରିକାଳୀନ ବ୍ୟବହାର ପାଇଁ ସୁପାରିସ
- ୨୦ ଦିନ ବ୍ୟବଧାନରେ ଦୁଇଟି ଡୋଜ୍

ପିଲାଙ୍କ କରୋନା ଟିକା ଭାବେ ଦେଶରେ କୋଭାକ୍ସିନର ଜରୁରିକାଳୀନ ବ୍ୟବହାରକୁ ଜାତୀୟ ଡ୍ରଗ୍ସ ନିୟନ୍ତ୍ରକର ବୈଷୟିକ ବିଶେଷଜ୍ଞ କମିଟି(ଏସ୍‌ଇସି) ମଙ୍ଗଳବାର ସୁପାରିସ୍ କରିଛି। ହାଇଦ୍ରାବାଦ ସ୍ଥିତ ଫାର୍ମା କମ୍ପାନୀ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଉପରେ ବିସ୍ତୃତ ଭାବେ ବିଚାର ବିମର୍ଷ ପରେ ଉକ୍ତ କମିଟି ୨ରୁ ୧୮ ବର୍ଷର ପିଲାଙ୍କ ନିମନ୍ତେ ଏହାକୁ ମଞ୍ଜୁରୀ ଦେଇଛି। ଟିକାର ବ୍ୟବହାରକୁ ଅନୁମୋଦନ ନିମନ୍ତେ କମିଟି ଏହାର ସୁପାରିସ୍‌କୁ ଡ୍ରଗ୍ସ ଆଣ୍ଡ୍ କମ୍ପ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ନିକଟକୁ ପଠାଇଛି। ସମ୍ପୂର୍ଣ୍ଣ ତଥ୍ୟ ବିଶ୍ଳେଷଣ ପରେ ଡିସିଜିଆଇ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ମଞ୍ଜୁରୀ ମିଳିଲେ ୨୦ ଦିନ ବ୍ୟବଧାନରେ ପିଲାମାନେ କୋଭାକ୍ସିନର ଦୁଇଟି ଡୋଜ୍ ନେଇପାରିବେ।

ଚଳିତ ମାସ ଆରମ୍ଭରେ ଟିକାର ୨ୟ ଏବଂ ୩ୟ ପର୍ଯ୍ୟାୟ ପରୀକ୍ଷଣ ତଥ୍ୟ ଡ୍ରଗ୍ସ ଆଣ୍ଡ୍ କମ୍ପ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ନିକଟରେ ଦାଖଲ କରାଯାଇଥିଲା। ଜରୁରିକାଳୀନ ବ୍ୟବହାର ପାଇଁ ବିଶେଷଜ୍ଞ କମିଟିର ସୁପାରିସ୍ ମିଳିଥିଲେ ହେଁ ଭାରତ




ବାୟୋଟେକ୍ ପ୍ରଥମ ୨ ମାସ ପାଇଁ ପ୍ରତି ୧୫ ଦିନରେ ଥରେ ଏବଂ ପରେ ପ୍ରତି ମାସରେ ଟିକାର ସୁରକ୍ଷା ବାବଦ ତଥ୍ୟ ଡିସିଜିଆଇ ନିକଟରେ ଦାଖଲ କରିବ। ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ(ସିଡିଏସ୍‌ସିଓ) ଏବଂ ଏସ୍‌ଇସିର ସମୀକ୍ଷା ପରେ ଟିକାର ଟ୍ରାଏଲ ରିପୋର୍ଟ ଦାଖଲ କରାଯିବା ପରେ ପିଲାଙ୍କ ପାଇଁ ଏହାକୁ ସୁପାରିସ୍ ମିଳିଥିବାରୁ ଭାରତ ବାୟୋଟେକ୍ ଏକ ଟୁଇଟ୍ କରି ଧନ୍ୟବାଦ ଜଣାଇଛି। ☞ପୃଷ୍ଠା-୪

# ବିଫଳ ପୋଲିସ, ଅସୁରକ୍ଷିତ ରାଜଧାନୀ

ସୁନୀତ୍ ମିଶ୍ର

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ପୋଲିସ ପ୍ରଶାସନରେ ପରିବର୍ତ୍ତନ ଆଣିବା ଲାଗି କମିଶନରେଟ ପୋଲିସ ତିଆରି ହୋଇଥିଲା। ନିକଟରେ ଯାହା ଦେଖାଯାଉଛି ପ୍ରତିଦିନ ଚାରିଆଡୁ କମିଶନରେଟ ପୋଲିସର ବିପରୀତ ଛବି ଆସୁଛି। ଏହାସହ ବ୍ୟବସ୍ଥା ଭୁଶୁଡି ପଡ଼ିବାର ଉଦାହରଣ ମଧ୍ୟ ଯୁଆଡ଼େ ଦେଖିବ ସିଆଡ଼େ ମିଳୁଛି। ଉଦାହରଣ ସ୍ୱରୂପ ସାମ୍ବାଦିକ ଏବଂ ନିର୍ଭୟ ଖବରକାଗଜ ସମ୍ପାଦକ ନବୀନ ଦାସଙ୍କ ପୁତ୍ରଙ୍କ ହତ୍ୟା।

ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ(ଗୁଡୁ)ଙ୍କୁ ଗତ ୧୦ ତାରିଖ ଭୋର ସମୟରେ ମାରି ପାତ୍ରପଡ଼ା ଗାଁ ନମ୍ରକାନୀ ପୋଖରୀରେ ଦୁର୍ବୃତ୍ତମାନେ ଫିଙ୍ଗିଦେଲେ। ମଙ୍ଗଳବାର ମିଳିଥିବା ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ମୁତାବକ ମନୀଷଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବାର ଅନୁମାନ କରାଯାଉଛି। ଗତ ୯ ତାରିଖ ବିଳମ୍ବିତ ରାତିରେ କେତେଜଣ ଯୁବକ ତାଙ୍କୁ ଅପହରଣ କରି ମାରପିଟ କରିବା ସହ ଟଙ୍କା ଦାବି କରୁଥିବା ନେଇ ମନୀଷ ତାଙ୍କ ମା'ଙ୍କୁ ପ୍ରଥମେ ଫୋନ୍ କରି ଜଣାଇଥିଲେ। ମନୀଷଙ୍କ ମା' ମଧ୍ୟ ପୁଅର ଜୀବନ ବଞ୍ଚାଇବା ଭୟରେ ଅନ୍‌ଲାଇନ ଯୋଗେ ୨ ପର୍ଯ୍ୟାୟରେ ମନୀଷଙ୍କ ଆକାଉଣ୍ଟକୁ




ଟଙ୍କା ପଠାଇଥିବା କୁହାଯାଉଛି। ପରିବାର ତରଫରୁ ପୋଲିସକୁ ବିଳମ୍ବିତ ରାତିରେ ଟେଲିଫୋନ କରାଯାଇଛି ବୋଲି ମଧ୍ୟ କୁହାଯାଉଛି। ଅନ୍ୟପଟେ ନବୀନ ଦାସ ଅଭିଯୋଗ କରିଛନ୍ତି, ପୁଅର ସାଙ୍ଗମାନେ ଭୋଜି କରିବାକୁ ଡାକି ମନୀଷକୁ ହତ୍ୟା କରିଛନ୍ତି। ହତ୍ୟାକୁ ୨ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହତ୍ୟାକାରୀ କିଏ ଜଣାପଡ଼ିନାହିଁ। ଏହିସବୁ ଘଟଣାର ସତ୍ୟାସତ୍ୟ କ'ଣ ସେକଥା ସ୍ପଷ୍ଟ ହେବା ଦରକାର। ବାସ୍ତବରେ ମନୀଷଙ୍କ ବାପା ଏବଂ ମା'ଙ୍କୁ କେଉଁ ନମ୍ବରରୁ ଓ କେତେଥର ଟେଲିଫୋନ ଆସିଥିଲା ସେକଥା ପୋଲିସ ପ୍ରଥମେ ସ୍ପଷ୍ଟ କରିବା କଥା। କାରଣ ପ୍ରତିଦିନ ନୂଆ ଖବର ପ୍ରସାରଣ ପ୍ରତିଯୋଗିତାରେ ଅନେକ ଗଣମାଧ୍ୟମ ଯାହା ଦେଖାଉଛନ୍ତି ତାହା ଗୁଜବ ଭାବେ ମନେହେଉଛି। ଏଭଳି ସମୟରେ ଦୋଷୀକୁ ଧରିବାରେ ବିଫଳ କମିଶନରେଟ ପୋଲିସ ଯେଉଁ କାହାଣୀ ତିଆରି କରୁଛି ତାକୁ ପ୍ରଚାରକରିବା ଲାଗି ଅନେକ ଗଣମାଧ୍ୟମ ବର୍ତ୍ତମାନ ଲାଗିପଡ଼ିଛନ୍ତି। ଏହି ଖବର ଉପରେ ରାଜଧାନୀ ସହ ରାଜ୍ୟର ବହୁ ଲୋକଙ୍କ ନଜର ରହିଛି। କାରଣ ଦିଲ୍ଲୀ, ଛତିଶଗଡ଼, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି ରାଜ୍ୟରେ ଅପହରଣ ପରେ ମୁକ୍ତି ପାଇଁ ଅର୍ଥ ଦାବି କରିବା ଯାହାକୁ ଇଂଲିଶରେ ରାନ୍‌ସମ୍ କୁହାଯାଏ ସେଭଳି ଅପରାଧ ଓଡ଼ିଶାରେ କେବେ ଘଟି ନ ଥିଲା। ଏଭଳି ଘଟଣା ଓଡ଼ିଶାରେ ମନୀଷଙ୍କ ଘଟଣାରୁ ଆରମ୍ଭ ହେଲା ବୋଲି କୁହାଯାଇପାରେ। ରାଜଧାନୀ ଭିତରେ ଏତେବଡ ଅପରାଧ ଘଟିବା ସତ୍ତ୍ୱେ ମଧ୍ୟ ରାଜ୍ୟ ପୋଲିସ ବ୍ୟବସ୍ଥାକୁ ଅପରାଧୀଙ୍କ କିଛି ଖାତିର ନାହିଁ।

ମନୀଷଙ୍କ ହତ୍ୟାକାଣ୍ଡ ଘଟିବାର ଦିନକ ପରେ ଅର୍ଥାତ୍ ୧୧ ତାରିଖରେ ନିଶା ସେବନ ଓ କାରବାରକୁ ନେଇ ଜୟଦେବବିହାର ନିକଟସ୍ଥିତ କଳିଙ୍ଗ ଷ୍ଟାଡିୟମ ଛକ ନିକଟରେ ତୁମୁଳକାଣ୍ଡ ଘଟିଛି। ବବୁଲ ନାମକ ଜଣେ ଯୁବକଙ୍କୁ ବିଚ୍ ରାସ୍ତା ଉପରେ ୧୦ଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହିତ ପଥର ଛେଚି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଆଶ୍ଚର୍ଯ୍ୟର କଥା, ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହାତରେ ଖଣ୍ଡା ଧରି ୧୫ ଦିନ ☞ପୃଷ୍ଠା-୪

**ଶାରଦୀୟ ଅଭିନନ୍ଦନ**

ଆଜି ମହାଷ୍ଟମୀ: ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

**କୋଇଲା ସଙ୍କଟ: ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ରାଜ୍ୟକୁ ଚେତାବନୀ** ୩









# ସପ୍ତମୀରେ ମା'ଙ୍କ ଚକ୍ଷୁଦାନ, ଅସ୍ତ୍ରଶସ୍ତ୍ର ପୂଜା

- ରାୟଗଡାରେ ଶାରଦୀୟ ଦୁର୍ଗା ପୂଜା ଉତ୍ସବ
- କୋଭିଡ୍ ନିୟମରେ ଦର୍ଶନ କରୁଛନ୍ତି ଭକ୍ତ

ରାୟଗଡ଼ା ଅଫିସ, ୧୨।୧୦

କରୋନା କଟକଣାରେ ରାୟଗଡ଼ାର ବିଭିନ୍ନ ଅଞ୍ଚଳରେ ଦୁର୍ଗା ପୂଜା ପାଳନ କରାଯାଉଛି। ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ଦଶମୀ ପର୍ଯ୍ୟନ୍ତ ନିରାଡମ୍ବରଭାବେ ପୂଜା କାର୍ଯ୍ୟ ଚାଲିବ ବୋଲି ସୂଚନା ମିଳିଛି। ମଙ୍ଗଳବାର ପୂଜା ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା କରାଯାଇଛି। ନଦୀ ଘାଟରେ ଘଟ ଆବାହନ, ଜଳ ତୋଳା କାମ କରାଯାଇଛି। ଏହାପରେ ଘଟକୁ ପୂଜା ସ୍ଥାନକୁ ଆଣି ପ୍ରତିଷ୍ଠା ସହ ନବପତ୍ରିକା ସ୍ଥାପନ, ଚକ୍ଷୁଦାନ, ଅସ୍ତ୍ରଶସ୍ତ୍ର ପୂଜା ହୋମ ଆଦି କରାଯାଇଛି। ସୋମବାର ଷଷ୍ଠୀରେ ବେଲବରଣ କାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଛି। କୋଭିଡ ଗାଇଡ୍‌ଲାଇନ ମଧ୍ୟରେ ଭକ୍ତମାନେ ମା'ଙ୍କ ଦର୍ଶନ କରୁଛନ୍ତି। ବୁଧବାର ମହାଷ୍ଟମୀ ପୂଜା ସହ ସନ୍ଧିପୂଜା, ସନ୍ଧିବଳି, ପ୍ରଦୀପ ଆରତୀ ପୂଜା କରାଯିବ। ସେହିପରି ରାୟଗଡା ସହରର କୃଷି ବିଭାଗ କାର୍ଯ୍ୟାଳୟ ଛକରେ ନୂଆ ଟାଉନ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୨୬ତମ ପୂଜା କରାଯାଉଥିବା କିମିଟି ସଭାପତି ବ୍ରଜସୁନ୍ଦର ନାୟକ କହିଛନ୍ତି। ଉପସଭାପତି ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଶିବ ପ୍ରସାଦ ମିଶ୍ର ଓ ଅନ୍ୟ ସଭ୍ୟଙ୍କ ତତ୍ତ୍ୱାବଧାନରେ ସପ୍ତମୀ ପୂଜା କରାଯାଇଛି। କର୍ତ୍ତାଭାବେ ମାନସରଞ୍ଜନ ରଥ ଉପସ୍ଥିତ ଥିଲେ। ପୂଜକ ବଂଶଧୀର ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପୂଜା ଦାୟିତ୍ୱ ତୁଲାଇଛନ୍ତି। ରାୟଗଡା ସହରର ବ୍ରାହ୍ମଣ ସାହିରେ ସ୍ୱେଚ୍ଛାସେବୀ ଯୁବକ ସଂଘ, ପୁରୁଣା ଥାନାରେ ଟାଉନ ଥାନା ପୋଲିସ ଏବଂ ବସଷ୍ଟାଣ୍ଡ ସମ୍ମୁଖରେ ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗା ପୂଜା କରାଯାଉଛି।


ନଗର ପୂଜା କମିଟି ।


ପୋଲିସ କଲୋନୀ ।

## ସଂକ୍ଷେପରେ

### ୨ମୁଣ୍ଡିଆ ବାଛୁରୀ ଜନ୍ମ



ଉମରକୋଟ/ରାଇଘର, ୧୨।୧୦ (ସ୍ୱ.ପ୍ର./ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁମୁଲି ପଞ୍ଚାୟତ ବିଜାପାରା ଗ୍ରାମରେ ଏକ ଦୁଇମୁଣ୍ଡିଆ ବାଛୁରୀ ଜନ୍ମ ହୋଇଛି। ବାଛୁରୀଟିର ୩ଟି ଆଖି, ୨ଟି ମୁଣ୍ଡ ଏବଂ ଦୁଇଟି ଜିଭ ରହିଛି। ବାଛୁରୀଟି କିଛି ଖାଇପାରୁ ନ ଥିବାରୁ ବୋତଲରେ ତାକୁ କ୍ଷୀର ପିଆଯାଉଛି ବୋଲି ମାଲିକ ଧନୀରାମ ଗଣ୍ଡ କହିଛନ୍ତି। ଉକ୍ତ ବାଛୁରୀଟିକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଗହଳି ଲାଗି ରହିଛି। ନବରାତ୍ରି ସମୟରେ ଏହି ବାଛୁରୀ ଜନ୍ମ ହୋଇଥିବାରୁ ଏହାକୁ ମା' ଦୁର୍ଗାଙ୍କ ଅବତାର ଭାବି ଲୋକେ ପୂଜାର୍ଚ୍ଚନା କରୁଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ

ଉମରକୋଟ, ୧୨।୧୦(ସ୍ୱ.ପ୍ର.) ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝିଙ୍କ ଜୟନ୍ତୀ ଭାଜପା ପକ୍ଷରୁ ପାଳନ କରାଯାଇଛି। ଉମରକୋଟ ବସ୍‌ଷ୍ଟାଣ୍ଡ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପି. ଚନ୍ଦ୍ର ରାଓ, ଜନଜାତି ମୋର୍ଚ୍ଚା ଜିଲା ସଭାପତି ଶ୍ୟାମସୁନ୍ଦର ମାଝି, ସରପଞ୍ଚ କାମସିଂ ମାଝିଙ୍କ ସମେତ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ମଣ୍ଡପରେ ମା' ଦଶଭୁଜାଙ୍କ ସପ୍ତମୀ ପୂଜା

ଟିକିରି, ୧୨।୧୦((ଡି.ଏନ୍.ଏ.) ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଚଳିତ ବର୍ଷ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ନିରାଡ଼ମ୍ବରରେ ଦୁର୍ଗାପୂଜା ପାଳନ କରାଯାଉଛି। ଟିକିରି ଦୁର୍ଗାମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା କରାଯାଇଛି। ପୂଜା ମଣ୍ଡପ ନିକଟରେ ଜନସମାଗମକୁ ନିଷେଧ କରାଯାଇଛି। କାଶୀପୁରସ୍ଥିତ ମା' ମାଣିକେଶ୍ୱରୀଙ୍କ ପୀଠରେ ଦଶହରା ପୂଜା ନିରାଡ଼ମ୍ବରରେ ପାଳନ କରାଯିବ ବୋଲି



ଜଣାପଡିଛି। ମଙ୍ଗଳବାର ଟିକିରି ଦୁର୍ଗାପୂଜା କମିଟର ହରପ୍ରସାଦ ନାୟକ, କୈଳାସ ଚନ୍ଦ୍ର ନାୟକ, ବନ ବିହାରୀ ପାତ୍ର, କୈଳାସ ଚନ୍ଦ୍ର ପୂଜାରୀ ପ୍ରମୁଖ ପୂଜା ପରିଚାଳନା ନେଇ ଟିକିରି ଥାନାଧିକାରୀ ବନ୍ଦନା ନାୟକଙ୍କ ସହ ଆଲୋଚନା କରିଥିଲେ। ମଣ୍ଡପରେ ପୂଜା କମିଟିର ୭ ଜଣ ଲେଖାଏଁ ସଦସ୍ୟ ଏବଂ ସେବାୟତ ରହିବେ।

### ଦଶହରାରେ ମଦଦୋକାନ ବନ୍ଦ ଦାବି

ରାୟଗଡ଼ା ଅଫିସ, ୧୨।୧୦- ଦଶହରାରେ ରାୟଗଡ଼ା ଜିଲାର ସମସ୍ତ ମଦ ଦୋକାନ ବନ୍ଦ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ପୂଜା ସମୟରେ ସବୁ ଛୁଟି ଥିବାରୁ ଲୋକେ ମଦ୍ୟପାନ କରି ଗାଡ଼ି ଚଳାଇବାରୁ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଜିଲାରେ ମଦ୍ୟପଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ଅଳ୍ପ କେତୋଟି ସ୍ଥାନରେ ଚଢ଼ାଉକରି ଅବକାରୀ ବିଭାଗ ଚୁପ୍‌ଚାପ ବସିଛି। ଜିଲାରେ ମୁଖ୍ୟତଃ ଗ୍ରାମାଞ୍ଚଳରେ ଅତ୍ୟଧିକ ବିଦେଶୀ ମଦର କଳାବଜାର ହେଉଥିବା ଅଭିଯୋଗ ହେଉଛି। ତେଣୁ ଦଶହରା ଦିନ ମଦ ଦୋକାନ ବନ୍ଦ କରିବାକୁ ଦାବି ଉଠିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ନବରଙ୍ଗପୁର/ଡାବୁଗାଁ, ୧୨।୧୦ (ବି.ପ୍ର./ଡି.ଏନ୍.ଏ.)- ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡାବୁଗାଁ ହାଟପଦା ସାହିର ଜଗଦୀଶ ଜାନି ( ୩୪)। ସୂଚନାନୁଯାୟୀ, ଜଗଦୀଶ ଦୈନିକ ବଜାରରେ ଲୁହା ବ୍ୟବସାୟୀ ଏମ୍. ରମେଶଙ୍କ ପାଖରେ କାମ କରନ୍ତି। ଦୋକାନର ଉପର ମହଲାରୁ ଏକ ଲୁହାପାଇପ କାଢୁଥିବା ସମୟରେ ତାହା ସେଠାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଗଦୀଶଙ୍କ ଶରୀରର କିଛି ଅଂଶ ଜଳିଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ଅବଗତ ହୋଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଡାବୁଗାଁ ପୋଲିସ ୨୯/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଫିଙ୍ଗର ପ୍ରିଣ୍ଟ ନେଇ ଠକେଇ ଅଭିଯୋଗ

ପାପଡ଼ାହାଣ୍ଡି, ୧୨।୧୦(ଡି.ଏନ୍.ଏ.)

କିଓସ୍କ ସେଣ୍ଟରରେ ବିଧବାଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ଠକେଇ ଅଭିଯୋଗରେ ପାପଡାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ତାଙ୍କ ନାମ ତପନ ହରିଜନ। ତପନ ମଇଦଲପୁରରେ ଏକ କିଓସ୍କ ସେଣ୍ଟର ଖୋଲି ଟଙ୍କା ନେଣଦେଣ କରୁଥିଲେ। ୨୦୧୭-୧୮ରେ କିଛି ଲୋକଙ୍କ ଟଙ୍କା ଉଠାଇ ଫେରାର ଥିଲେ। ଗତ ୬ ତାରିଖରେ ସବିତା ଭଞ୍ଜ ନାମ୍ନୀ ଜଣେ ବିଧବାଙ୍କ ଅଜାଣତରେ ତାଙ୍କ ଆକାଉଣ୍ଟରୁ ୧୫,୨୦୦ ଟଙ୍କା ଉଠାଯାଇଥିଲା। ସବିତା ୭ ତାରିଖରେ ପାପଡ଼ାହାଣ୍ଡି ଆସି ଆକାଉଣ୍ଟ ଚେକ୍ କରିବା ସମୟରେ ସ୍ୱଦେଶ କିଓସ୍କରୁ ପଇସା କଟିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ମଇଦଲପୁର ଫାଣ୍ଡିରେ ମଙ୍ଗଳବାର ଏତଲା ଦେବା ପରେ ପୋଲିସ କେସ୍ ନମ୍ବର ୧୫୭/୨୧ରେ ମାମଲା ରୁଜୁ କରି ଶାଖା ପରିଚାଳକଙ୍କୁ ଅଟକ ରଖିଥିବା ଥାନାଧିକାରୀ ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି।

# ଟ୍ରାଫିକ୍ ନିୟନ୍ତ୍ରଣ କରିବେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର

ଜୟପୁର, ୧୨।୧୦ (ନି.ପ୍ର.)

ଜୟପୁରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଏଥିଯୋଗୁ ଦୁର୍ଘଟଣା ମଧ୍ୟ ବଢୁଛି। ଏହାକୁ ନିୟନ୍ତ୍ରଣ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ପୁଣି ଆରମ୍ଭ ହୋଇଛି ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଯୋଜନା। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ମଙ୍ଗଳବାର ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ୨ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଯୋଜନା କରୋନା ମହାମାରୀ ପାଇଁ ବନ୍ଦ ହୋଇଯାଇଥିଲା। କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶରେ ଏହାକୁ ଆରମ୍ଭ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ନେଇ ନିଜେ ସଚେତନ ହେବା ସହ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣରେ ଲୋକଙ୍କୁ ସଜାଗ କରିପାରିବେ ବୋଲି ବେହେରା ସୂଚନା ଦେଇଛନ୍ତି । ଏଥିରୁ ଛାତ୍ରୀଛାତ୍ରମାନେ ଯେଉଁ ଅର୍ଥ ପାଇବେ ତାହାକୁ ସେମାନେ ସେମାନଙ୍କ ପାଠପଢାରେ ବିନିଯୋଗ କରିପାରିବେ। ଜୟପୁର ସହରରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି । ଯାନବାହନ ସଂଖ୍ୟା ବଢିବା ସାଙ୍ଗକୁ ଜବରଦଖଲ ସମସ୍ୟା ସ୍ଥିତିକୁ ଆହୁରି ସଙ୍ଗିନ କରିଦେଉଛି । ଏହାକୁ ନିୟନ୍ତ୍ରଣ କରିବାରେ ପୋଲିସ ନାକେଦମ ହେଉଛି। ସହରର ପାରାବେଢା, ଗାନ୍ଧିଛକ, ଇନ୍ଦିରା ଛକ, ନଜାନହର ଛକ, ତାରିଣୀଛକ ସହ ମୁଖ୍ୟ ଟ୍ରାଫିକ ଜଙ୍କସନକୁ ମିଶାଇ ୬ଟି ଟ୍ରାଫିକ ପୋଷ୍ଟ ରହିଛି । ଏଥିପାଇଁ ୩୦ ଜଣ ଟ୍ରାଫିକ ପୋଲିସ ଆବଶ୍ୟକ ଥିବା ବେଳେ ୯ ଜଣ ରହିଛନ୍ତି। ଏସବୁ ସମସ୍ୟାର ସମାଧାନ ଭାବେ ବିଭିନ୍ନ କଲେଜର ପଢୁଥିବା ୨୬ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ରୂପେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ୧୬ ଜଣ ଛାତ୍ରୀ ଓ ୧୦ ଜଣ ଛାତ୍ର ରହିଛନ୍ତି। ସେମାନେ ସକାଳ ୮ଟାରୁ ଅପରାହ୍ନ ୧୨ଟା ଓ ଅପରାହ୍ନ ୫ଟାରୁ ରାତ୍ର ୮ ଯାଏ ବିଭିନ୍ନ ଛକରେ ନିୟୋଜିତ ହେବେ। ଦୈନିକ ସେମାନେ ୧ ଶହ ଟଙ୍କା ଆର୍ଥିକ ସହାୟତା ପାଇବେ। କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଉପସ୍ଥିତ ଥିଲେ।



ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଯୋଜନାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଭତରା ବିକାଶ ପରିଷଦର ନୂଆଖାଇ ଭେଟ୍‌ଘାଟ

ଡାବୁଗାଁ/ଧୋଡ୍ରା, ୧୨।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡା ଗ୍ରାମରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବୟନ ଓ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମା' ଦାନ୍ତେଶ୍ୱରୀ ଭୈରବ ମନ୍ଦିର ନିର୍ମାଣ ପାଇଁ ଏମ୍‌ପି ପାଣ୍ଠିରୁ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଛି। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଝରିଗାଁ ବିଧାୟକ ପ୍ରକାଶ ମାଝି, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ୍ ମାଝି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଭତରା ବିକାଶ ପରିଷଦର କେନ୍ଦ୍ରୀୟ କମିଟି ଉପସଭାପତି ଗୋପାଳ ପୂଜାରୀ, ବିଧାୟକ ପ୍ରତିନିଧି ରାମଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡା, ମାଲକାନଗିରି ଜିଲା ଓ ଛତିଶଗଡ ରାଜ୍ୟର ବସ୍ତର, କୋଣ୍ଡାଗାଁ, ସୁକୁମା ଓ ଦାନ୍ତେୱାଡା ଜିଲାରୁ ଭତରା ସମାଜର ପ୍ରତିନିଧିମାନେ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନରସିଂ ଭତରା, ହିରଣ୍ୟ ମାଝି, ଟିକଚନ୍ଦ ମାଝି ପରିଚାଳନା କରିଥିଲେ।


ନବରଙ୍ଗପୁର ଏମ୍‌ପି ରମେଶ ମାଝି ଉଦ୍‌ବୋଧନ ଦେଉଛନ୍ତି ।

# ବୟନ ଶିଳ୍ପମନ୍ତ୍ରୀ, ଲାଞ୍ଜିଗଡ଼ ବିଧାୟକଙ୍କୁ ସ୍ୱାଗତ

ଡାବୁଗାଁ, ୧୨।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ସଦର ମହକୁମାସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଡାବୁଗାଁ ବ୍ଲକ ବିଜେଡି ପକ୍ଷରୁ ରାଜ୍ୟ ବୟନ ଓ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ହନୁ ଭତରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ଆର୍. ପ୍ରକାଶ ରାଓ, ପେଦା ବାବୁ ଓ ଲଇଖନ ପନକା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦେଶ ଦିଗଲ୍‌ଙ୍କୁ ସମ୍ବର୍ଦ୍ଧନା

ରାୟଗଡା ଅଫିସ, ୧୨।୧୦

ରାୟଗଡା ନଗର ଭାଜପା ପକ୍ଷରୁ ଚଳିତ ବର୍ଷ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଥିବା ପ୍ରଦେଶ କୁମାର ଦିଗଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ନଗର ସଭାପତି ଶ୍ୟାମ କୁମାର ଦାଶଙ୍କଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଇଛି।



ଏଥିରେ ବିଦ୍ୟାଭୂଷଣ ପଣ୍ଡା, ଅଜୟ ବୁଲେଟ, ଟି. ନାଗରାଜ, ଶିବା ଭାସ୍କର, ରାଜେଶ ପାଣିଗ୍ରାହୀ, ପେଦିନା ମୁରଲୀ, ଆଶିଷ ସିହ୍ନା, ସନ୍ତୋଷ ସାହୁ, ସୋମ ବାବୁ ଏବଂ ବାମସି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲଖିମପୁରରେ ଶହୀଦ କୃଷକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ମାଲକାନଗିରି, ୧୨।୧୦(ଡି.ଏନ.ଏ.)

ଉତ୍ତରପ୍ରଦେଶର ଲଖିମପୁର ଖେରିରେ ୪ ଜଣ କୃଷକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ପ୍ରତିବାଦରେ ମଙ୍ଗଳବାର ମାଲକାନଗିରି ଜିଲା ସିପିଆଇଏମ୍ ଓ ଭାରତୀୟ ମଜଦୁର କିଷାନ ମୋର୍ଚ୍ଚା ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଶହୀଦ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ର ସରକାରଙ୍କ କୃଷିନୀତିକୁ ବିରୋଧକରି ଦୀର୍ଘ ମାସ ହେଲା ହରିୟାଣା ଓ ଉତ୍ତର ପ୍ରଦେଶର କୃଷକମାନେ ଧାରଣା ଦେଇ ଆସୁଥିଲେ। ଏହି ବିଲ୍ ପ୍ରତ୍ୟାହାର ପାଇଁ ଦାବିକରି ଆସୁଥିଲେ। ଏହାକୁ ସାରା ଦେଶର ଅନେକ କୃଷକ ସଙ୍ଗଠନ ସମର୍ଥନ କରିଆସୁଛନ୍ତି। ତେବେ ଏହି କୃଷି ଆଇନକୁ ବିରୋଧକରି ଲଖିମପୁର ଖେରିଠାରେ କୃଷକଙ୍କ ଏକ ସମବେଶ ହେଉଥିବା ବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା କୃଷକମାନଙ୍କ ଉପରେ ଗାଡ଼ି ଚଢାଇ ଦେଇଥିଲେ। ୪ ଜଣ କୃଷକଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବିରୋଧକରି ମାଲକାନଗିରି ସଦର ମୁଖ୍ୟ ବସ୍‌ଷ୍ଟାଣ୍ଡରୁ ଜିଲା ସିପିଆଇଏମ୍ ଓ ଭାରତୀୟ ମଜଦୁର ସଂଘ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ସିପିଆଇଏମ ଜିଲା ସମ୍ପାଦକ ବ୍ରଜ ମାଝି , ଜିଲା ଶ୍ରମିକ ନେତା ବିଦେଶୀ ଗୌଡ, ଜିଲା ଆମ୍ବେଡକର ବିଚାର ମଞ୍ଚର କାର୍ଯ୍ୟକର୍ତ୍ତା ରତିକୃଷ୍ଣ ପାତ୍ର, ଜିଲା ମଜଦୁର କିଷାନ ମୋର୍ଚ୍ଚା ସଭାପତି ସୋନୁ ଅନଗୁ , ଜିଲା ଆଦିବାସୀ ମହାସଂଘ ସଭାପତି ଘେନୁ ମୁଦୁଲିଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଘଟଣାରେ ୪ଜଣ କୃଷକଙ୍କ ସମେତ ଜଣେ ଫଟୋ ଉତ୍ତୋଳନ କରୁଥିବା ଖବରଦାତାଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ହିଂସାରେ ଭାଜପାର ୩ଜଣ କର୍ମୀଙ୍କର ମୃତ୍ୟୁ ଘଟିଥିଲା।

# ଆଜି ଫାଇନାଲ: ଜୟପୁର, ଦାମନଯୋଡ଼ି ମୁକାବିଲା

କୋରାପୁଟ, ୧୨।୧୦(ସ୍ୱ.ପ୍ର.)

**ଅବିଭକ୍ତ କୋରାପୁଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

କୋରାପୁଟ ପୋଲିସ ପଡ଼ିଆଠାରେ ଚାଲିଥିବା ଅବିଭକ୍ତ କୋରାପୁଟ ଫୁଟ୍‌ବଲ ମ୍ୟାଚର ଫାଇନାଲ ମ୍ୟାଚ ଜୟପୁର ଓ ଦାମନଯୋଡ଼ିର କଣ୍ଟାବାଉଶୁଣୀ ଦଳ ମଧ୍ୟରେ ହେବ। ଆସନ୍ତା ୧୩ ବୁଧବାର ଓଏସ୍‌ଏପି ପୋଲିସ ପଡିଆଠାରେ ଏହି ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ ସବ୍‌ଡିଭିଜନାଲ ଆଥ୍‌ଲେଟିକ୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି । ପୂର୍ବରୁ ଜୟପୁର ଦଳ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସୋମବାର ଦ୍ୱିତୀୟ ସେମିଫାଇନାଲରେ କୋରାପୁଟ ଓଏସ୍‌ଏପି ଦଳ ସହ ଦାମନଯୋଡ଼ିର କଣ୍ଟାବାଉଶୁଣୀ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ଦାମନଯୋଡ଼ି ଦଳ ୨-୧ ଗୋଲ ବ୍ୟବଧାନରେ ଓଏସ୍‌ଏପି ଦଳକୁ ପରାସ୍ତ କରିଛି । ଏହି ଅବସରରେ ଏସ୍‌ଡିପିଓ ଗୁଣନିଧି ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଇଆର୍‌ବି ଦୁର୍ଗପତି ପି.କେ. ଦାସ, ଓଏସ୍‌ଏପି ତୃତୀୟ ବାଟାଲିୟନ ଦୁର୍ଗପତି ମନୋଜ ନାୟକ, ପୂର୍ବତନ ବିଧାୟକ ନିମାଇଁ ସରକାର, ଅଧ୍ୟାପକ ନାରାୟଣ ପଣ୍ଡା, ମନୋଜ ଆଚାର୍ଯ୍ୟ, ଅବସରପ୍ରାପ୍ତ ଦୁର୍ଗପତି ପି.ମନ୍ମଥ ରାଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଗଙ୍ଗା ଆବାହନ, ବେଲ ବରଣ ପୂଜା ଆରମ୍ଭ

ମୁନିଗୁଡା, ୧୨।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ସିଂହଦ୍ୱାରାରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଗଙ୍ଗା ଆବାହନ ଓ ବେଲ ବରଣ ପୂଜା ଅନୁଷ୍ଠିତ ହୋଇଛି। ପୁରୋହିତ ଜଗବନ୍ଧୁ ପଣ୍ଡା ଓ ନିକୁଞ୍ଜ ଶତପଥୀଙ୍କ ମିଳିତ ପୌରହିତ୍ୟରେ ମୁନିଖୋଲ ନାଳଠାରେ ପ୍ରଥମେ



କଳସ ସ୍ଥାପନ କରାଯିବା ପରେ ଗଙ୍ଗା ପୂଜା, ସୂର୍ଯ୍ୟ ପୂଜା,ଗଙ୍ଗା ଆବାହନ କରାଯାଇଛି। ମଣ୍ଡପରେ ବେଲବରଣ ପୂଜା କରାଯାଇଛି। ଏହାପରେ ମଣ୍ଡପ ସୁଦ୍ଧି ସହ ପୁଜାର୍ଚ୍ଚନା ହୋଇଛି। ମଣ୍ଡପରେ ସପ୍ତମୀ ପୂଜା ଆରମ୍ଭ ହୋଇଥିବାବେଳେ କର୍ତ୍ତାଭାବେ ବୃନ୍ଦାବନ ପାଢ଼ୀ, ମହାଲକ୍ଷ୍ମୀ ପାଢ଼ୀ ଓ ଗୌର ଟେକର ବନଛୋର ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି। ପୁରହିତ ସଦାନନ୍ଦ ମହାପାତ୍ର, ସୁରେଶ ରଥ, ନରସିଂହ ମିଶ୍ର, ମଙ୍ଗଳା ସାବତ, ଗଣେଶ ରଣା ପ୍ରମୁଖ ସହଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ କମିଟିର ସଭାପତି ହାଡ଼ିଆ ଗୌଡ଼, ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, ସିମାଞ୍ଚଳ ପଟ୍ଟନାୟକ, ବାପି ଦାସ, ଦିଲେଶ୍ୱର ବଗର୍ତ୍ତୀ ଓ ତରଣୀ ବେହେରା ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ଏମ୍‌ଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ ଆଣିଲେ ଗ୍ରାମବାସୀ


ଜିଲାପାଳ ଓ ବିଡିଓଙ୍କୁ ଭେଟିଥିବା ଗ୍ରାମବାସୀ।

ମାଲକାନଗିରି, ୧୨।୧୦ (ଡି.ଏନ.ଏ.)

ମାଲକାନଗିରି ବ୍ଲକ ଉଡୁପା ଗ୍ରାମରେ ଏମ୍‌ଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହୋଇଥିବା ଅଭିଯୋଗକରି ଗ୍ରାମବାସୀ ମଙ୍ଗଳବାର ଜିଲାପାଳ ଏବଂ ବିଡିଓଙ୍କୁ ଭେଟିଛନ୍ତି। ଉଭୟ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଉଡୁପା ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏମ୍‌ଏନ୍‌ଆର୍‌ଇଜିଏସ୍ ସମେତ ଅନ୍ୟ ଯୋଜନାରେ କରାଯାଇଥିଲା। ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଥିବା ପୋଖରୀଗୁଡିକ ଗଭୀର କରିବା କାର୍ଯ୍ୟରେ ଅନିୟମିତତା ହୋଇଛି। ପୋଖରୀ ଖନନ ନ କରି କେବଳ ହିଡ଼ରେ ମାଟି ପକାଇ ଅର୍ଥ ହଡ଼ପ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଆକୁର ଏବଂ କାଳିଆପଦର ଗ୍ରାମରେ ବିଭିନ୍ନ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଛି। ଯେଉଁଠାରେ ଶ୍ରମିକଙ୍କୁ ନେଇ କାମ ହେଉଛି ସେଠାରେ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଯାଉ ନାହିଁ। ଆସନ୍ତା ୧୫ ଦିନ ମଧ୍ୟରେ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଲିଖିତ ଅଭିଯୋଗ ପତ୍ରରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର ଦାବି

- ଭାଜପାର ଖବରଦାତା ସମ୍ମିଳନୀ
- ସରକାରୀ କର୍ମଚାରୀ ହୋଇ ବିଜେଡି ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗ

ନବରଙ୍ଗପୁର, ୧୨।୧୦(ବି.ପ୍ର.)

ନବରଙ୍ଗପୁର ଜିଲା କର୍ଚ୍ଚାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ୮ତାରିଖ ଶୁକ୍ରବାର ବିଜେଡିର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସରକାରୀ ଚାକିରି କରି ଦଳର ମିଶ୍ରଣ ପର୍ବରେ ଯୋଗଦେଇ ଦଳୀୟ ଉତରୀୟ ବେକରେ ପକାଇବା ଭିଡିଓ ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଜିଲା ଶିକ୍ଷାଧିକାରୀ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି କହିଛନ୍ତି। ଶିକ୍ଷକ ଜଣକ ବିଜେଡିର ଜଣେ ସକ୍ରୀୟ କର୍ମୀ ହୋଇ ଦଳର ପ୍ରଚାର ସହ ବିଭିନ୍ନ ଠିକା କାର୍ଯ୍ୟ କରୁଥିବା ଭାଜପା ଅଭିଯୋଗ କରିଛି। ଦଳ ସମ୍ପୃକ୍ତ ଶିକ୍ଷକଙ୍କ ବହିସ୍କାର ଦାବି କରିଛି। ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବା କହୁଛନ୍ତି, କିନ୍ତୁ ସେ ସବୁ ଫଳପ୍ରଦ ହେଉନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଆଶା କର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଘୋଷଣା କରାଗଲା। ତହା କିନ୍ତୁ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଅଙ୍ଗନୱାଡି କର୍ମୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରାଗଲା ତହାର କିଛି ମଧ୍ୟ ସୁଫଳ ମିଳିଲା ନାହିଁ। ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନିର୍ବାଚନ ସମୟରେ ବ୍ୟବହାର କରି ବିଜେଡି ସରକାର ନିର୍ବାଚନ ପାର ହୋଇ ଯାଉଛି ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ସତ୍ୟବାଦୀ ଷଡଙ୍ଗୀ, ପିଣ୍ଟୁ ମିଶ୍ର, ଶୁଭମ ଚୌଧୁରୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ଦୈତାରୀ ମାଝି, ଦେବଦାଶ ମହାକୁଡ ପ୍ରମୁଖ ଉଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୯୨,୨୧,୧୮୫ | ୪୮,୭୬,୧୭୧ | ୨୧,୬୪,୬୯,୯୩୮ |
| ଭାରତ | ୩,୩୯,୮୭,୬୮୭ | ୪,୫୧,୦୩୨ | ୩,୩୩,୨୦,୦୫୭ |
| ଓଡ଼ିଶା | ୧୦,୩୨,୬୭୩ | ୮୨୬୧(+୫୩) | ୧୦,୧୯,୭୬୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସର୍ଚ୍ଚ ଅପରେଶନ ବେଳେ ଗୁଳି ବିନିମୟ
## ୩ ମାଓବାଦୀ ନିହତ

**ମାଲକାନଗିରି, ୧୨।୧୦ (ଡି.ଏନ.ଏ.):** ମାଲକାନଗିରି ଜିଲାର ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମଙ୍ଗଳବାର ଗୁଳି ବିନିମୟ ହୋଇଛି। ଏଥିରେ ୩ ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ମାଓବାଦୀ ରହିଛନ୍ତି। ଖବରରୁ ଜଣାପଡିଛି ଜିଲାର ତୁଳସୀ ପାହାଡ଼ରେ ସକାଳୁ ଡିଭିଏଫ୍ ଓ ଏସ୍‌ଓଜି ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ତେବେ ପୂର୍ବରୁ ପୂର୍ବରୁ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ପରେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରକୁ ଲୁଚି ପଳାଇଥିଲେ। ଯବାନମାନେ ଘଟଣାସ୍ଥଳ ଯାଞ୍ଚ କରିବା ସମୟରେ ୩ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଗୁଳି ବିନିମୟରେ ଯବାନମାନଙ୍କ କିଛି କ୍ଷତି ହୋଇନାହିଁ। ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ଏସ୍‌ଏଲ୍‌ଆର୍ ବନ୍ଧୁକ ଓ ଗୋଟିଏ ଇନ୍‌ସାସ୍ ବନ୍ଧୁକ ସହ କିଛି ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

# କୋଇଲା ସଙ୍କଟ: ବିଦ୍ୟୁତ୍ ଦର ବୃଦ୍ଧି ନ କରିବାକୁ ରାଜ୍ୟକୁ ଚେତାବନୀ

***ଏସିଆର ତୃତୀୟ ବୃହତ୍ ଅର୍ଥନୀତି କ୍ଷେତ୍ର କୁହାଯାଉଥିବା ଭାରତରେ ଏବେ ବିଦ୍ୟୁତ୍ କ୍ଷେତ୍ର ସଙ୍କଟ ଦେଇ ଗତି କରୁଛି। କୋଇଲା ଅଭାବ ଯୋଗୁ ଅନେକ ପାୱାର ପ୍ଲାଣ୍ଟରେ ଅଚଳାବସ୍ଥା ଲାଗି ରହିଛି। ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ସାଧାରଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ପରିବର୍ତ୍ତେ କିଛି ରାଜ୍ୟ ଅଧିକ ଦରରେ ବିଦ୍ୟୁତ୍ ଅଭାବ ଥିବା ରାଜ୍ୟକୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଶକ୍ତି ମନ୍ତ୍ରଣାଳୟ ଦେୟ ବୃଦ୍ଧି ନ କରିବାକୁ ରାଜ୍ୟଗୁଡ଼ିକୁ ଚେତାବନୀ ଦେଇଛନ୍ତି।***



**ବାଙ୍ଗାଲୋର, ୧୨।୧୦**

ଅନ୍ତର୍ଜାତୀୟ ବଜାରରେ କୋଇଲା ଦର ବୃଦ୍ଧି ପାଇଥିବାରୁ ପର୍ଯ୍ୟାପ୍ତ କୋଇଲା ଉପଲବ୍ଧ ହେଉନାହିଁ। ଦେଶରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। କୋଇଲା ଅଭାବରୁ ଅନେକ ରାଜ୍ୟରେ ବିଭିନ୍ନ ବିଦ୍ୟୁତ୍ ପ୍ଲାଣ୍ଟ ବନ୍ଦ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ କିଛି ରାଜ୍ୟ ଲାଭଖୋର ମନୋବୃତ୍ତି ରଖି ଅଧିକ ଦାମରେ ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ବିକ୍ରି କରିବାକୁ ଚେଷ୍ଟା କରୁଛନ୍ତି। ଯେଉଁ ରାଜ୍ୟ ଏଭଳି କରୁଛନ୍ତି ସେମାନେ ଏଥିରୁ ନିବୃତ୍ତ ରୁହନ୍ତୁ। ନଚେତ ସେମାନଙ୍କୁ ରାଷ୍ଟ୍ରାୟତ୍ତ ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବେ ବୋଲି ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଚେତାବନୀ ଦିଆଯାଇଛି। କେତେକେ ରାଜ୍ୟ ସେମାନଙ୍କ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଠିକ୍‌ଭାବେ ଯୋଗାଣ ନ କରି ଅଧିକ ଲୋଡିଂର ବାହାନା ଦେଖାଇ ବିଦ୍ୟୁତ୍ କାଟ କରୁଥିବାବେଳେ ଆଉ କେତେକେ ଅଧିକ ଦାମ୍‌ରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି ବୋଲି ଜଣାପଡ଼ିବା ପରେ ଶକ୍ତି ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ନେଇଛି।

ନ୍ୟାଶନାଲ୍ ଥର୍ମାଲ ପାୱାର କର୍ପୋରେଶନ(ଏନ୍‌ଟିପିସି) ଲିମିଟେଡ୍ ଏବଂ ଦାମୋଦର ଭ୍ୟାଲି କର୍ପୋରେଶନ ଭଳି ରାଷ୍ଟ୍ରାୟତ୍ତ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ରହିଛି। ସେମାନଙ୍କଠାରୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ବିଦ୍ୟୁତ୍ କିଣିବା ସହ ଏହାକୁ ଉପଭୋକ୍ତାଙ୍କୁ ବିକ୍ରି କରିବାକୁ ଦୀର୍ଘମିଆଦୀ ଚୁକ୍ତି ରହିଛି। ଏଥିସହ ୧୫% ବିଦ୍ୟୁତ୍ ନିୟନ୍ତ୍ରଣ ଅଧିକାର କେନ୍ଦ୍ର ସରକାରଙ୍କ ନିକଟରେ ରହିଛି। ଶକ୍ତି ମନ୍ତ୍ରଣାଳୟର କହିବା ଅନୁସାରେ, ଯଦି କୌଣସି ରାଜ୍ୟର ବିଦ୍ୟୁତ୍ ବଳକା ରହୁଛି ତେବେ ସେମାନେ ଏସମ୍ପର୍କରେ ଜଣାଇଲେ ମନ୍ତ୍ରଣାଳୟ ବିଦ୍ୟୁତ୍ ଅଭାବ ଥିବା ରାଜ୍ୟକୁ ଯୋଗାଣ କରିପାରିବେ। ହେଲେ ବିଦ୍ୟୁତ୍ କ୍ରୟ ମହଙ୍ଗା ହେଉଥିବା ନେଇ ବିଭିନ୍ନ ରାଜ୍ୟ ଅଭିଯୋଗ ଆଣିବା ପରେ କେନ୍ଦ୍ର ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ। ସେଥିରେ ସେ ସେପ୍ଟେମ୍ବର ମଧ୍ୟଭାଗରୁ ଅକ୍ଟୋବର ୮ ମଧ୍ୟରେ ବିଦ୍ୟୁତ୍ ୟୁନିଟ୍ ପିଛା ୧୫ଟଙ୍କାକୁ ବୃଦ୍ଧି ପାଇଥିବା ଉଲ୍ଲେଖ କରିଥିଲେ। ସୋମବାର ଇଣ୍ଡିଆନ୍ ଏନର୍ଜି ଏକ୍ସଚେଞ୍ଜର ସୂଚନା ଅନୁଯାୟୀ ବିଦ୍ୟୁତ୍ ୟୁନିଟ ପିଛା ୨୦ଟଙ୍କା ରହିଥିଲା।

## ଭସାଣିରେ ବନ୍ଦ ରହିବ ମଦ ଦୋକାନ

**ପୁରୁଣା ଭୁବନେଶ୍ୱର,୧୨।୧୦(ଡି.ଏନ୍.ଏ.):** ଚଳିତ ଦଶହରା ଭସାଣିରେ ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ଥିବା ୧୮୭ଟି ମଦ ଓ ବାର୍‌ଗୁଡ଼ିକୁ ବନ୍ଦ ରଖାଯିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୧୬ତାରିଖରେ ହେବାକୁ ଥିବା ଭସାଣି ଉତ୍ସବକୁ ନିରାଡ଼ମ୍ବର ଏବଂ କୋଭିଡ୍ ଗାଇଡ୍‌ଲାଇନ ମୁତାବକ ପାଳନ କରିବାକୁ ପୂଜା କମିଟଗୁଡ଼ିକୁ କୁହାଯାଇଛି। ମଦ ଦୋକାନ ଖୋଲା ରହିଲେ କେଉଁଠି ଅପ୍ରତିକର ପରିସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ବିକାଶ ନାୟକ କହିଛନ୍ତି।




## ବେଳାଭୂମିରେ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ
# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୧୨।୧୦**

ରାଜ୍ୟର ବିଭିନ୍ନ ବେଳାଭୂମିରେ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଛି। ବେଳାଭୂମିର ପରିବେଶ ନଷ୍ଟ ହେବା ସହ ଅପରାଧ ବୃଦ୍ଧି ପାଇବ। ତେଣୁ ସେଠାରେ ମଦ ଦୋକାନ ଖୋଲା ନ ଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସୋମବାର ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପର୍ଯ୍ୟଟନ ଓ ସଂସ୍କୃତିବିଭାଗ ପ୍ରମୁଖ ସଚିବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ଗଞ୍ଜାମ, ବାଲେଶ୍ୱର, ଜଗତସିଂହପୁର ଓ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ପିଟିଶନରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଉଦୟପୁରଠାରେ ୩ ଓ ଚାନ୍ଦିପୁରଠାରେ ୨, ଜଗତ୍‌ସିଂହପୁର ଜିଲା ପାରାଦୀପଠାରେ ୩, ପୁରୀ ଜିଲା ଚନ୍ଦ୍ରଭାଗା ବେଳାଭୂମିଠାରେ ୫, ଗଞ୍ଜାମ ଜିଲାର ଗୋପାଳପୁରଠାରେ ୫ ଓ ପାତିସୋନପୁରଠାରେ ୨ଟି ମଦ ଦୋକାନ ଖୋଲିବା ପାଇଁ ସେପ୍ଟେମ୍ବର ୨୧ରେ ଟେଣ୍ଡର ଡକାଯାଇଛି। ଲାଇସେନ୍ସ ଫି' ବାବଦକୁ ଚନ୍ଦ୍ରଭାଗା ବେଳାଭୂମିର ମଦ ଦୋକାନ ପାଇଁ ବାର୍ଷିକ ଦେଢ ଲକ୍ଷ, ଗୋପାଳପୁର ପାଇଁ ୧ ଲକ୍ଷ, ଚାନ୍ଦିପୁର, ପାରାଦୀପ ଓ ପାତିସୋନପୁର ପାଇଁ ୭୫ ହଜାର ଲେଖାଏଁ ଆଦାୟ କରାଯିବ। ସେହିପରି ୟୁଜର ଫି' ବାବଦକୁ ପ୍ରତି ମଦ ଦୋକାନରୁ ୧ଲକ୍ଷ ଟଙ୍କା ଲେଖାଏଁ ଆଦାୟ କରାଯିବ। ବେଳାଭୂମିରେ ମଦ ଦୋକାନ ଖୋଲିଲେ ନିଶାସକ୍ତଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ସହ ପର୍ଯ୍ୟଟକଙ୍କ ଉପରେ ଏହାର କୁପ୍ରଭାବ ପଡିବ। ତେଣୁ ଉପରୋକ୍ତ ୨୦ ଗୋଟି ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆବେଦନକାରୀ ପାଣିଗ୍ରାହୀ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।



**ଆଜିର ମନ୍ତବ୍ୟ**

" ନିରୀହଙ୍କୁ ହତ୍ୟା କରିବା ପାଇଁ ଇସ୍‌ଲାମ ଅନୁମତି ଦିଏନାହିଁ। ଆତଙ୍କବାଦୀମାନେ ନର୍କଗାମୀ ହେବେ।
– ଫାରୁକ୍ ଅବଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଆଶୁତୋଷ
ପରିବାରବର୍ଗ


ବଦ୍ରି
ପରିବାରବର୍ଗ


ସୋହେଲ
ପରିବାରବର୍ଗ


ଭିରାଟ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶ,
ନାହିଁ ଦୋଷ।**

ଜଣେ ଯଦି ନିଜ ବୁଦ୍ଧିରେ କାମ କରେ ହୁଏତ ସେଥିରେ କିଛି ଭୁଲ୍‌ଭଟକା ରହିଯାଇପାରେ। ପରନ୍ତୁ ଅଧିକ ଲୋକର ବୁଦ୍ଧି ବିଚାର ମିଶାଇ କାମ କରାଗଲେ ଭୁଲ ରହିବାର ସମ୍ଭାବନା କମିଯାଇଥାଏ। ଯେଉଁଥିରେ ଅଧିକ ଲୋକଙ୍କର ସହମତି ଥାଏ ସେଥିରେ ଦୋଷ ରହୁ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାଣ୍ଡକୁ ସୁନ୍ଦର ଗୋରୁ;
ଘରକୁ ସୁନ୍ଦର ଜୋରୁ।**

ଆଧ୍ୟାତ୍ମିକ ଦୃଷ୍ଟିରୁ ଗାଈଗୋରୁଙ୍କୁ ଶୁଭ ବୋଲି ବିଚାର କରାଯାଏ। ପୂର୍ବ କାଳରେ ଗୋରୁ ହିଁ ଥିଲା ସମ୍ପଦ ଓ ସୌଭାଗ୍ୟର କାରଣ। ଯାହା ଘରେ ଗୋରୁ ଥିଲା ସେ ସୁଖ ଓ ସମୃଦ୍ଧିର ଅଧିକାରୀ ହୋଇପାରୁଥିଲା। ସେହିପରି ଉତ୍ତମ ଘରଣୀ ଥିଲେ ଘରର ସମ୍ପଦ ଓ ସୌଭାଗ୍ୟ ବୃଦ୍ଧି ପାଏ। ଘର ଧନଧାନ୍ୟରେ ପୂରିଯାଏ ଯେବେ ଘରଣୀ ସୁଲକ୍ଷଣା ହୁଏ। ଉତ୍ତମ ଘରଣୀ ଘରକୁ ସୁବ୍ୟବସ୍ଥିତ ଢଙ୍ଗରେ ଚଳେଇନେଇ ପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ –
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଢ଼ିଲା ଜବତ ଟଙ୍କା, ସମ୍ପତ୍ତି ତାଲିକା

## ୩ ପ୍ରଥମ ଶ୍ରେଣୀ ଅଧିକାରୀ ଗିରଫ ମାମଲା

**କଟକ ଅଫିସ,୧୨।୧୦**

ଭିଜିଲାନ୍ସ ହାତରେ ଶନିବାର ଧରାପଡ଼ି ଗିରଫ ହୋଇଥିବା ୩ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କଠାରୁ ଦିନକୁ ଦିନ ଅଧିକ ତଥ୍ୟ ମିଳିବାରେ ଲାଗିଛି। ସେମାନଙ୍କୁ ମାରାଥନ ଜେରା କରାଯିବା ପରେ ୨ଅଧିକାରୀଙ୍କଠାରୁ ଭିଜିଲାନ୍ସ ପୁଣି ଲକ୍ଷାଧିକ ଟଙ୍କା ଓ ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ନିର୍ଦ୍ଦେଶାଳୟର ସୂଚନା ମୁତାବକ, ବାଲେଶ୍ୱରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଆଞ୍ଚଳିକ ଅଧିକାରୀ ନରୋତ୍ତମ ବେହେରାଙ୍କ ସରକାରୀ ବାସଭବନରୁ ପୁଣି ୬ ଲକ୍ଷ ୩୫ହଜାର ୭୨୩ ଟଙ୍କା ଜବତ ହୋଇଛି, ଯାହାକୁ ମିଶାଇ ତାଙ୍କଠାରୁ ମୋଟ ଜବତ ହୋଇଥିବା ଟଙ୍କା ୧୬ ଲକ୍ଷ ୫୦ହଜାର ୧୩ଟଙ୍କାକୁ ବୃଦ୍ଧି ପାଇଛି। ଏହାସହିତ ଭୁବନେଶ୍ୱର ରଘୁନାଥପୁର ଅଞ୍ଚଳରେ ନରୋତ୍ତମ ବେହେରାଙ୍କ ବହୁମୂଲ୍ୟ ପ୍ଲଟ ମଧ୍ୟ ଠାବ ହୋଇଛି। ଅନ୍ୟପଟେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁଙ୍କ ୫ଟି ବହୁମୂଲ୍ୟ ପ୍ଲଟ ଠାବ ହୋଇଛି। କଟକ ଦୋଳମୁଣ୍ଡାଇ ନିକଟରେ ଗୋଟିଏ ଏବଂ ଛତ୍ରପୁରରେ ୪ଟି ପ୍ଲଟ ଭିଜିଲାନ୍ସ ଠାବ କରିଛି। ଫଳରେ ୩ ପ୍ରଥମ ଶ୍ରେଣୀ ଅଧିକାରୀଙ୍କଠାରୁ ବର୍ତ୍ତମାନ ସୁଦ୍ଧା ମୋଟ ୩୯ ଲକ୍ଷ ୧୧ହଜାର ୪୪୩ ଟଙ୍କା ଜବତ କରାଯାଇଛି।

ସୂଚନାଯୋଗ୍ୟ, ଗତ ଶନିବାର କେନ୍ଦୁଝର ଜିଲା ଶାଳପଡ଼ାର ବୈତରଣୀ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ, ଏସପିସିବି ବାଲେଶ୍ୱରର ଆଞ୍ଚଳିକ ଅଧିକାରୀ ନରୋତ୍ତମ ବେହେରା ଓ ରାଉରକେଲାର ଆଞ୍ଚଳିକ ଅଧିକାରୀ ପ୍ରକାଶ କୁମାର ମହାପାତ୍ର ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ। ସମସ୍ତ ଅଧିକାରୀଙ୍କଠାରୁ ଭିଜିଲାନ୍ସ ଲକ୍ଷ ଲକ୍ଷ ଟଙ୍କା ଜବତ କରିଥିଲା।

## ବିଫଳ ପୋଲିସ...

ପ୍ରଥମ ପୃଷ୍ଠାରୁ...

ତଳେ ସେମିତି ବିଚ୍‌ରାସ୍ତାରେ କେତେଜଣଙ୍କୁ ଆକ୍ରମଣ କରିଥିଲେ। ୟୁନିଟ୍-୪ ଅଞ୍ଚଳର ଜଣଙ୍କୁ ମଧ୍ୟ ହାଣିଥିଲେ। ତେଣୁ ଏହାର ପ୍ରତିଶୋଧ ନେବାକୁ ଯାଇ ସୋମବାର ବବୁଲଙ୍କ ଉପରେ ଆକ୍ରମଣ କରି ୧୦ ଜଣ ଖଣ୍ଡା, କାତି ଭଳି ବିଭିନ୍ନ ମାରଣାସ୍ତ୍ର ଧରି ରାସ୍ତାରେ ନିର୍ଭୟରେ ଅପରାଧ ଘଟାଇଥିଲେ। କେବଳ ବିଚ୍‌ରାସ୍ତାରେ ଅପରାଧୀମାନେ ଏଭଳି ଦୁଃସାହସ ଦେଖାଉନାହାନ୍ତି ବରଂ ଥାନା ଭିତରେ ପୋଲିସକୁ ପିଟିବାର ସାହସ ମଧ୍ୟ ଜୁଟାଇଲେଣି। ଗତ ସେପ୍ଟେମ୍ବର ୭ ତାରିଖରେ ଖଣ୍ଡଗିରି ଥାନାର ମହିଳା କନଷ୍ଟେବଳ ସୌଭାଗ୍ୟ ଲକ୍ଷ୍ମୀ ବଡ଼ଜେନାଙ୍କୁ ଥାନା ଭିତରେ ଅଭିଯୁକ୍ତମାନେ ବାଡେଇଥିଲେ। ଫଳରେ ସୌଭାଗ୍ୟ ଲକ୍ଷ୍ମୀଙ୍କ ହାତରେ ଆଘାତ ଲାଗିବାରୁ ସେ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ଏନେଇ ତାଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମଧ୍ୟ ସେ ଏନେଇ କିଛି ମତ ରଖିବାକୁ ମନା କରିଦେଇଥିଲେ। ଏହି ଘଟଣାକୁ କୌଣସି ଗଣମାଧ୍ୟମ ସଂସ୍ଥା ମଧ୍ୟ ପ୍ରକାଶ କଲା ନାହିଁ। କାରଣ ତାହା କମିଶନରେଟ ପୋଲିସର ଦୁର୍ବଳତାକୁ ପକାଇଥାଆନ୍ତା। ଏହି ଘଟଣାରେ ଏକ ମାମଲା(୪୭୨/୨୧) ଦାୟର କରାଯାଇ ଜଣଙ୍କୁ ଜେଲ ପଠାଯାଇଛି।

ଅନ୍ୟ ଏକ ଘଟଣାରେ ଗତ ଜୁଲାଇ ୨୬ ତାରିଖରେ ପୋଲିସକୁ କେତେଜଣ ଦୁର୍ବୃତ୍ତ ବେଖାତିର କରି ଦିନ ଦ୍ୱିପ୍ରହରରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଅପରାଧ ଘଟାଇ ଚାଲିଗଲେ। ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ୧୨ ଜଣ ଖଣ୍ଡା, ଭୁଜାଲି ଓ ଲୁହାରଡ୍‌ରେ ୩ ଜଣଙ୍କୁ ମାଷ୍ଟରକ୍ୟାଣ୍ଟିନ ଛକ ଏବଂ ରେଳ ଷ୍ଟେଶନ ପାଖରେ ଆକ୍ରମଣ କରିଥିଲେ। ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ। ରାଜଧାନୀର ମୁଖ୍ୟ ଅଞ୍ଚଳର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏହି ଆକ୍ରମଣ ଦୀର୍ଘ ସମୟ ଚାଲିଥିଲା। ଦେଖିବାକୁ ଗଲେ କ୍ୟାପିଟାଲ ଥାନା, ଖାରବେଳନଗର ଥାନା ଏବଂ କେତୋଟି ଫାଣ୍ଡି ଘଟଣାସ୍ଥଳଠାରୁ ଅତି ନିକଟରେ ଥିଲା। ଏହି ଆପରାଧିକ କାର୍ଯ୍ୟକଳାପର ଭିଡିଓ ମଧ୍ୟ ଘୂରିବୁଲିଲା। ସେହିପରି ଗତ ଅଗଷ୍ଟ ୬ ତାରିଖରେ ରାଜଧାନୀର ପଳାଶୁଣୀ ମୁଣ୍ଡାସାହି ବସ୍ତିରେ ପଶି ୬୦ରୁ ୭୦ଜଣ ଯୁବକ ପୂର୍ବଶତ୍ରୁତାକୁ ନେଇ କେତେଜଣଙ୍କୁ ରାସ୍ତା ଉପରେ ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ୬ ଜଣ ଆହତ ହେବା ସହ ଜଣେ ଗୁରୁତର ହୋଇଥିଲେ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଥିଲା ବିଧାନସଭା ସମ୍ମୁଖରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସଙ୍କ ଆତ୍ମହତ୍ୟା ଘଟଣା। ବିଧାନସଭା ମୌସୁମୀ ଅଧିବେଶନ ବସିବା ପୂର୍ବରୁ ଗତ ଅଗଷ୍ଟ ୩୧ ତାରିଖରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏବଂ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ତ୍ରିସ୍ତରୀୟ ସୁରକ୍ଷାବଳୟର ସମୀକ୍ଷା କରିଥିଲେ। ବିଧାନସଭା ଆରମ୍ଭ ହେବାବେଳକୁ ୩୫ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୧୨୦ ଅଫିସର ଦାୟିତ୍ୱରେ ରହିଲେ ବୋଲି କୁହାଗଲା। ଏହାସହ ୨ ସ୍ପେଶାଲ ଟାକ୍ଟିକାଲ ୟୁନିଟ, ଷ୍ଟ୍ରାଇକିଂ ଫୋର୍ସ ଏବଂ କ୍ୟୁଆର୍‌ଟି(କୁଇକ୍ ରେସ୍‌ପନ୍ସ ଟିମ୍) ମୁତୟନ ହେଲେ। ଗ୍ରୁପ୍ ଟପ୍ ସିକ୍ୟୁରିଟି ଓ ବନ୍ଧୁକଧାରୀ ସୁରକ୍ଷା କର୍ମଚାରୀଙ୍କ ସହ ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସ ପୂରା ସ୍ଥିତି ଉପରେ ନଜର ରଖିଲେ। ଏହାସହ ବିଧାନସଭାକୁ ସଂଯୋଗ କରୁଥିବା ସବୁ ରାସ୍ତାରେ ପୋଲିସ ମାଳମାଳ ହୋଇ ଦିଶୁଥିଲେ। ତଥାପି ବିଧାନସଭା ସମ୍ମୁଖରେ ଦୁଷ୍ମନ୍ତଙ୍କୁ ଆତ୍ମହତ୍ୟା କରିବାରୁ ପୋଲିସର ଏତେ କର୍ମଚାରୀ ଏବଂ ଅଫିସର ଅଟକାଇପାରିଲେ ନାହିଁ। ପୂର୍ବରୁ ଦୁଷ୍ମନ୍ତ ଆତ୍ମହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ଦୁଷ୍ମନ୍ତଙ୍କ ପୂର୍ବରୁ କେତେଥର ଭିନ୍ନ ଭିନ୍ନ ଲୋକ ନିଜର ସମସ୍ୟା ନେଇ ବିଧାନସଭା ଆଗରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରିକି ଦୁଷ୍ମନ୍ତ ବିଧାନସଭା ସମ୍ମୁଖରେ ପହଞ୍ଚି ବିଷ ପିଇଲେ ଏବଂ ହାତ ମଧ୍ୟ କାଟିବାରେ ସକ୍ଷମ ହେଲେ। ସେତେବେଳେ ପୋଲିସ କେମିତି କିଛି ଜାଣିପାରିଲାନି ତାହା ସବୁଠାରୁ ବଡ଼ ପ୍ରଶ୍ନ। ରାଜଧାନୀରେ ପୋଲିସ ବ୍ୟବସ୍ଥାକୁ ଅପରାଧୀମାନେ ଯେ ଟିକେ ହେଲେ ଖାତିର କରୁନାହାନ୍ତି ଏସବୁ ଘଟଣାକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି। ସାଧାରଣରେ କମିଶନରେଟ ପୋଲିସ ଅଞ୍ଚଳରେ ରହୁଥିବା ନାଗରିକଙ୍କ ମନରେ ପୋଲିସର ଦକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ଅସୁରକ୍ଷିତ ସହରବାସୀ କମିଶନରେଟ ପୋଲିସର ବିକଳ୍ପ ନାହିଁ ବୋଲି ବାସ୍ତବତା ପ୍ରକାଶ କଲେଣି।

## ୨ରୁ ୧୮ ବର୍ଷ ପିଲାଙ୍କୁ...

ବଜାରରେ ଟିକା ଉପଲବ୍ଧ ନିମନ୍ତେ ଏବେ ଚୂଡ଼ାନ୍ତ ଅନୁମୋଦନକୁ ଅପେକ୍ଷା ବୋଲି ଭାରତ ବାୟୋଟେକ୍ କହିଛି। ତେବେ ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଏ ପର୍ଯ୍ୟନ୍ତ କୋଭାକ୍ସିନକୁ ଅନୁମୋଦନ ଦେଇନାହିଁ। ଆସନ୍ତା ସପ୍ତାହରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଭାରତରେ ୧୨ରୁ ୧୮ ବର୍ଷର ପିଲାଙ୍କ ନିମନ୍ତେ ଜାଇଡସ୍ କାଡିଲାର ଜାଇକୋଭ୍-ଡି ଟିକାର ଜରୁରିକାଳୀନ ବ୍ୟବହାର ନିମନ୍ତେ ଗତ ଅଗଷ୍ଟରେ ମଞ୍ଜୁରୀ ମିଳିସାରିଛି।

# କୀଟନାଶକ ପିଇ ଜଣେ ମୃତ

**ପୁରୁଣା ଭୁବନେଶ୍ୱର, ୧୨।୧୦(ଡି.ଏନ୍.ଏ.)**

ପାରିବାରିକ କଳହରୁ କୀଟନାଶକ ଔଷଧ ପିଇଥିବା ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଜୟପୁରପାଟଣା ଗ୍ରାମର ଶ୍ୟାମଘନ ଜେନା(୪୫)। ସୂଚନା ମୁତାବକ, କୌଣସି କାରଣକୁ ନେଇ ୧୦ଦିନ ପୂର୍ବେ ଶ୍ୟାମଘନ ଘରେ ଥିବା କୀଟନାଶକ ଔଷଧକୁ ପିଇ ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଲୁଇସରୋଡ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।


# classifieds

**Everyday 0674-2580101, 2549302**


MATRIMONIAL

**BRIDE WANTED**

Khandayat Girl B-tech Sr.Engg MNC/ P.A 13lakhs. SUHAG. 7978399083/ 9090486408. D-21922

Government ସ୍କୁଲରେ Head Master ଭାବେ କାର୍ଯ୍ୟରତ ୫୨ ବୟସ୍କ H-5'7" ଖଣ୍ଡାୟତ ପୁଅକୁ ଯେକୌଣସି ଜାତିର ଝିଅ ଆବଶ୍ୟକ। 7608010434. D-21926

Khandayat/ Karan bride preferable Software Employed at- BBSR/ Pune for candidate of 31yrs, 5'6" Software professional placed at-BBSR in MNC as Senior Consultant- Mob: 8455096990. D-21897

ନିଜସ୍ୱ ରୋଜଗାର ଥିବା ଭୁବନେଶ୍ୱରରେ ଅବସ୍ଥିତ କରଣ ୩୪ବର୍ଷ ୫ଫୁଟ ୯ଇଞ୍ଚ ପାତ୍ର ପାଇଁ ଯେକୌଣସି ଜାତିର ପାତ୍ରୀ ଆବଶ୍ୟକ। 8348602828. D-71427

**GROOM WANTED**

49 ବୟସ୍କା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଛାଡ଼ପତ୍ର ପ୍ରାପ୍ତ ଝିଅଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 7681044808. D-21927

Age-53 Software Engineer Angul ସ୍ଥିତ ବଣିଆ ବିଧବା ମହିଳାଙ୍କୁ ଯେ କୌଣସି ଜାତିର ବରପାତ୍ର ଦରକାର। 9078416242. D-21920

Government Hospital ରେ ଚାକିରି କରୁଥିବା 41 ବୟସ୍କା ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ବରପାତ୍ର ଆବଶ୍ୟକ। 7381366103. D-21921




**SALE**

**Plot sale near AIIMS Hospital Bhubaneswar and Infocity-2. 9439206202.** D-71720

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

ପୁରୀ ମାଳତୀପାଟପୁର Busstand NHରୁ 1K.M. ଦୂରରେ sqft. 350/-ରେ possession plot ମିଳୁଛି। 9692213354. D-70497

**ଭୁବନେଶ୍ୱର ପୁରୀ ବାଇପାସ୍‌ରେ ବାଙ୍କୁଆଳ ମୌଜା, ଘରବାରି ପ୍ଲଟ୍ ବର୍ଗଫୁଟ ୧୬୫୦ ଟଙ୍କାରେ ମିଳୁଛି। ଯୋଗାଯୋଗ- ଫୋନ୍- 9827339640.** D-21901

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9556055607. D-21938

**Developed plot ନଖରାଛକରୁ 1K.M. ଦୂରତାରେ 30" ରାସ୍ତା ଥାଇ ଜାଗା ବିକ୍ରିହେବ ଏବଂ ବାଲିଅନ୍ତା ଭିଙ୍ଗାରପୁର ଛକରେ ଘରବାରି ଜାଗା ପାଚେରି ସହିତ 30" ରାସ୍ତା ଥାଇ ବିକ୍ରିହେବ। Contact: 9438315332, 7008371750.** D-21963

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

**2/3 BHK flat 1k.m. AIIMS, Bhubaneswar and plots available. 7008492511.** D-21900

ମାସିକ ମାତ୍ର **7431/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Homestead, East Facing, 700sqft. Land, Prime location near Rajarani Temple, 400meters from Rabitalkies Square, Bhubaneswar. Contact: 7008038862, 9338433426. D-70747

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705




2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425

**4400sqft. Ground, 1st floor, Lewisroad, Bhubaneswar suitable for Office, Clinic, Nursinghome, Coaching Centre, Bank. Contact: 7978269189.** D-70748

3BR Drawing, Dining, Kitchen, 3Toilet, 2Balcony with Wardrobe duplex house sufficient parking in gated community in Brahmeswar Patna for rent. Contact: 9776804190, Bank/ Government/ Officials preferred. D-21942

3BHK Apartment with two Balconies, two Toilets with one Garage at Baishnav Vihar, Bomikhal, Bhubaneswar. 9238574993. D-21959




Ashirvaad Saloon and SPA get good massage for your health tha best therapy. 7077181074. D-70496

Newly open therapy center offer @ 799/-, positively health benefits. 7381172169. D-71424

Refreshing your mind and body with the best therapy. 7873794731. D-71179

Refreshing your mind, your body with tha best therapy at Lotus SPA. 8018891951. D-70495

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open full body massage ladies and gents. 8327740003. D-70498

**AFFIDAVIT**

By virtue of this affidavit vide C.F. No. 3208/ 07.10.2021 which was executed before the Executive Magistrate, Nayagarh that I Jugal Kishor Samantaray, S/o- Purna chandra Barik of Village- Gudupangi, P.O.- Malisahi, P.S.- Sadar, Nayagarh, Dist- Nayagarh has been changed to Deepak Barik. Henceforth by virtue of this affidavit I shall be known as Deepak Barik son of Purna chandra Barik instead of Jugal Kishor Samantaray for all purposes as and when it may required. D-21953


**ପ୍ରଣୟ ରାୟଙ୍କ କୃଷି ବିଜ୍ଞାନରେ ଡକ୍ଟରେଟ୍ ଲାଭ**



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ "Agri-Preneurial Skill Requirement of Farm Youths in Rural Odisha" ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଗବେଷକ ପ୍ରଣୟ ରାୟ କୃଷି ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ରାଧାଶ୍ୟାମ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରଣୟଙ୍କ ଏହି ସନ୍ଦର୍ଭଟି ପଶ୍ଚିମବଙ୍ଗର ଶାନ୍ତିନିକେତନ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର କୃଷି ସଂପ୍ରସାରଣର ପ୍ରଫେସର ଡଃ ସୌଭିକ୍ ଘୋଷ ଓ ପଶ୍ଚିମବଙ୍ଗ ନଦିଆସ୍ଥିତ ବିଧାନ ଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର କୃଷି ସଂପ୍ରସାରଣ ପ୍ରଫେସର ଡଃ ଅମିତାଭ ବିଶ୍ୱାସଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ପ୍ରଣୟ ରାୟ ଭୁବନେଶ୍ୱରସ୍ଥିତ ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ଚମ୍ପାଗଡ଼ ନିବାସୀ ପ୍ରସନ୍ନ କୁମାର ଦଳସିଂହରାୟ ଓ ଅପନା ଦଳସିଂହରାୟଙ୍କ ସୁପୁତ୍ର ଚମ୍ପାଗଡ଼ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଓ ସ୍ୱପ୍ନେଶ୍ୱର ମହାଦେବ ଓ ଜିଜିପି କଲୋନୀ ଶ୍ରୀଶ୍ରୀ ହନୁମାନ ପ୍ରଭୁଙ୍କ ଆଶୀର୍ବାଦ, ବଡ଼ଭାଇ ଇଞ୍ଜିନିୟର ପ୍ରବୀର ରାୟଙ୍କ ପ୍ରୋତ୍ସାହନ, ସମସ୍ତ ଶିକ୍ଷକ, ପିତାମାତା ଓ ପରିବାରବର୍ଗଙ୍କ ଆଶୀର୍ବାଦ ଓ ସାଙ୍ଗସାଥୀଙ୍କ ସହଯୋଗ ବଳରେ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ଡଃ ପ୍ରଣୟ ରାୟ ପ୍ରକାଶ କରିଛନ୍ତି।

ଧ-୨୧୯୫୫

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ବିଭିନ୍ନ ସମସ୍ୟା ସଙ୍ଗକୁ ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ଦୂରଯାତ୍ରା ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ରଚନାତ୍ମକ କାମ, ଆନୁଷ୍ଠାନିକ କ୍ଷେତ୍ର ତଥା ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ଶାରୀରିକ ଅସୁସ୍ଥତା ସଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ସମ୍ଭାବନା ରହିଛି। ଯାନ୍ତ୍ରିକ ଜିନିଷ, ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ବାଣିଜ୍ୟ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା, ଆନୁଷ୍ଠାନିକ କାମରେ ସୁଫଳ ପାଇବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ଫେରିବା ସମୟରେ ପୂର୍ବର ଆନନ୍ଦ ଆଉ ନ ଥିବ।

**କର୍କଟ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କ ପାରିବାରିକ କ୍ଷେତ୍ରକୁ ବିପଦରେ ପକାଇପାରେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରଶାସନ, ସାମ୍ବାଦିକତା ଓ ନିର୍ମାଣ କ୍ଷେତ୍ରରେ ସହଯୋଗ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଅଳ୍ପ ସମୟ ଭିତରେ ଦୂରେଇଯିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ । ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଆଜିର କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ପ୍ରଶଂସିତ ହେବେ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସରଳସୂତ୍ର ବାହାର କରିନେବେ। ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ କିନ୍ତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇବ।

**ବିଛା** ଅଧିକାଂଶ ସମୟ ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆଗାମୀ ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କଲେ ଉପକୃତ ହେବେ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମନା କରି କାମ ହାସଲ କରିବାକୁ ପଡ଼ିବ। ବନ୍ଧୁଙ୍କ ଆଚରଣ ମନରେ ସଂନ୍ଦେହ ସୃଷ୍ଟି କରିବା ଫଳରେ ସେହି ପ୍ରଭାବରୁ କିଛି ସମସ୍ୟା ମଧ୍ୟ ଆସିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କାଗଜପତ୍ର ଲାଭକରି ମନ ଖୁସି ହୋଇଯିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ଆଜି ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

# ୨ ନକଲି ନମ୍ବର ଗାଡ଼ି ଧରିଲା ପୋଲିସ

**ଯାଜପୁର ଅଫିସ,୧୨।୧୦:** କଳିଙ୍ଗନଗର ନୀଳାଚଳ ଇସ୍ପାତ କାରଖାନାରୁ ୨ଟି ନକଲି ନମ୍ବର ଗାଡ଼ି ବାହାରୁଥିବା ସମୟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ପୋଲିସ ଜବତ କରିଛି। ସବିଶେଷ ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଗୁରୁଦେବ୍ ଟ୍ରାନ୍ସପୋର୍ଟର ପିଗ୍ ଆଇରନ ଲୋଡ କରିବା ପାଇଁ ୩ଟି ଟ୍ରେଲର କାରଖାନାରେ ୨୦୧୯ରେ ଭର୍ତ୍ତି ହୋଇଥିଲା। ମାତ୍ର ତା' ଭିତରୁ ୨ଟି ଗାଡ଼ି ବାହନ ଆପରେ ଦେଖିଲେ ଅଶୋକ ଲିଲାଇଣ୍ଡ ଗାଡି ବୋଲି ଜଣାପଡୁଛି। ଅର୍ଥାତ୍ ଦୁଇଟି ଲିଲାଇଣ୍ଡ ଗାଡିର ଚେଚିସ୍ ନଂ. ଦୁଇଟି ଚୋରା ଟାଟା ଗାଡିରେ ଲଗାଯାଇଛି। ଏ ସଂକ୍ରାନ୍ତରେ ୭ ତାରିଖରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ତେବେ ଧରିତ୍ରୀ ପୂର୍ବାନୁମାନ ସତ ହେଲା। କାରଖାନାର ସମ୍ପୃକ୍ତ ଅଧିକାରୀ ଏହି ନକଲି ଗାଡିକୁ ବାହାର କରିବାରେ ସହଯୋଗ କରୁଥିବା ସମୟରେ ପୋଲିସ ହାତରେ ଧରାପଡ଼ିଛି।

## ସଂକ୍ଷେପରେ

### ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା

**ମାଟିତଳୁ ଗଳିତ ମୃତଦେହ ଜବତ, ଅଭିଯୁକ୍ତ ଗିରଫ**

**ଜଗନ୍ନାଥପ୍ରସାଦ,୧୨।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ସୁଗୁମୁ ଗ୍ରାମର ଜଣେ ଯୁବକଙ୍କୁ ଗତ ୭ ତାରିଖରେ ଘରୁ ଡାକି ନେଇ ହତ୍ୟା କରାଯାଇଛି। ମୃତକ ହେଲେ ମାଧବ ନାଇକ (୧୯)। ୬ ଦିନ ପରେ ମଙ୍ଗଳବାର ପୋଲିସ ସ୍ଥାନୀୟ ମଲିଙ୍ଗି କାଜୁ ଜଙ୍ଗଲରୁ ମାଧବଙ୍କ ଗଳିତ ମୃତଦେହ ମାଟିତଳୁ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ସ୍ତ୍ରୀଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ସନ୍ଦେହ ହେବାରୁ ମାଧବଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ପୋଲିସ ନଂ. ୩୭୭/୨୧ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଗତ ୭ ତାରିଖରେ ବୁଲିଯିବାକୁ କହି ମାଧବଙ୍କୁ ଘରୁ ଡାକି ନେଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ମାଧବ ଆଉ ଘରକୁ ନଫେରିବାରୁ ପରିବାର ଲୋକେ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ଜାଣିନଥିବା କହିଥିଲେ। ଚାରିଆଡ଼ ଖୋଜାଖୋଜି କରି ମାଧବଙ୍କୁ ନ ପାଇବାରୁ ତାଙ୍କ ବାପା ଯୋଗେନ୍ଦ୍ର ସୋମବାର ଜଗନ୍ନାଥପ୍ରସାଦ ଥାନାରେ ଏତଲା ଦେଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିବାରୁ ଏକ ଲୁହାଛଡ଼ରେ ଆକ୍ରମଣ କରି ହତ୍ୟା କରିବା ସହ ମାଧବଙ୍କ ମୃତଦେହକୁ ଗ୍ରାମଠାରୁ ପ୍ରାୟ ୧୨ କି.ମି. ମଲିଙ୍ଗି କାଜୁ ଜଙ୍ଗଲରେ ପୋତି ଦେଇଥିବା କହିଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ତହସିଲଦାର ମନୋଜ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ପୋଲିସ ମୃତକ ପରିବାରଙ୍କ ସହାୟତାରେ କାଜୁ ଜଙ୍ଗଲରୁ ମାଧବଙ୍କ ଗଳିତ ମୃତଦେହ ମାଟିତଳୁ ବାହାର କରିଥିଲା। ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ର ପହଞ୍ଚି ପରିଦର୍ଶନ କରିଛନ୍ତି। ଲୁହାଛଡ଼ ଓ ଶାବଳ ପୋଲିସ ଜବତ କରିଛି।

### ତୁରେଇ ହତ୍ୟାକାଣ୍ଡ: ୪ ଗିରଫ

**କୁଚିଣ୍ଡା,୧୨।୧୦ (ଡି.ଏନ.ଏ.):** ମହୁଲପାଲି ଥାନା ତୁରେଇ ତାଲବାହାଲିଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ସନ୍ଧ୍ୟାରେ ବସନ୍ତ କିସାନ ନାମକ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ବିପିନ କିସାନ (୪୫), ସ୍ତ୍ରୀ କମଳା କିସାନ (୪୦), ବାପା ଲବ କିସାନ (୬୫) ଓ ମାଆ ସୁଖମନି କିସାନ (୬୦)। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଯଜ୍ଞସେନୀ ନାଏକ କହିଛନ୍ତି। ମହୁଲପାଲି ଥାନାରେ କେସ୍ ନଂ୧୩୩/୨୧ ଆଇପିସି ଦଫା-୩୦୨/୩୪ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ତୁରେଇ ତାଲବାହାଲି ଗ୍ରାମର ବସନ୍ତ ବିପିନଙ୍କ ଘରକୁ ଯାଇଥିବା ସମୟରେ ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା କ୍ରମଶଃ ଉଗ୍ରରୂପ ନେଇଥିଲା। ଉତ୍‌କ୍ଷିପ୍ତ ହୋଇ ବିପିନଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ବସନ୍ତଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସମ୍ବଲପୁରରୁ ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲା।

# ପ୍ରାଥମିକ ରିପୋର୍ଟ: ଶ୍ୱାସରୁଦ୍ଧରୁ ମୃତ୍ୟୁ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ଭୁବନେଶ୍ୱର ଉପକଣ୍ଠ ପାତ୍ରପଡ଼ା ଗାଁ ପୋଖରୀରୁ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ଦାସଙ୍କ ମୃତଦେହ ମିଳବା ଘଟଣା ଦିନକୁ ଦିନ ରହସ୍ୟ ଘେରକୁ ଟାଣି ହୋଇଯାଉଛି। ଏହି ଘଟଣାକୁ ୩ଦିନ ବିତିଯାଇଥିଲେ ବି ମନୀଷଙ୍କ କିପରି ମୃତ୍ୟୁ ହୋଇଛି, ତା'ର ପ୍ରକୃତ କାରଣ କମିଶନରେଟ ପୋଲିସ ଉନ୍ମୋଚନ କରିପାରି ନାହିଁ। ଏହି ଘଟଣାରେ ପୋଲିସ ଏକ କାର ଜବତ କରିଥିବାବେଳେ ମନୀଷଙ୍କ ଜଣେ ସାଙ୍ଗ ଏବଂ ଅନ୍ୟ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ବ୍ୟବଚ୍ଛେଦର ଚୂଡ଼ାନ୍ତ ରିପୋର୍ଟ ଆସି ନ ଥିଲେ ସୁଦ୍ଧା ପ୍ରାଥମିକ ରିପୋର୍ଟରୁ ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଥାଇପାରେ ବୋଲି ଏମ୍‌ସର ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିପରି ରବିବାର ରାତି ୩ଟା ୨୯(ତା.୧୦।୧୦।୨୦୨୧)ରେ ମନୀଷ ପାତ୍ରପଡ଼ାସ୍ଥିତ ସାଉଥସିଟି ହୋଟେଲରୁ ବାହାରି ଏକୁଟିଆ ଚାଲି ଚାଲି ଯିବାର ଏକ ସିସିଟିଭି ଫୁଟେଜ ମଧ ମିଳିଛି।

ଶନିବାର ସନ୍ଧ୍ୟାରେ ଇନ୍‌ଫୋସିଟି ଛକସ୍ଥିତ ଗ୍ରାଭା ଆଇସ୍‌କ୍ରିମ୍ ପାର୍ଲର ସମ୍ମୁଖରେ ମନୀଷ ନିଜ କାର୍ ଥୋଇ ୨ସାଙ୍ଗଙ୍କ ସହ ଅନ୍ୟ ଏକ କାର୍(ଓଡି୦୨ ଏକ୍ସ ୯୬୯୬)ରେ ଯାଇଥିଲେ। ମଙ୍ଗଳବାର ଉକ୍ତ କାରକୁ ପୋଲିସ ଜବତ କରିଛି। ପୋଲିସ ଅଟକ ରଖିଥିବା ୨ଜଣଙ୍କ ସମ୍ପର୍କରେ କିଛି ସୂଚନା ଦେବାକୁ ଡିସିପି ଉମାଶଙ୍କର ଦାଶ ମନା କରିଦେଇଛନ୍ତି। ଅପରପକ୍ଷରେ ଶନିବାର ରାତିରେ ମନୀଷ ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ଟଙ୍କା ଦିଆନିଆକୁ ନେଇ ବଚସା ହୋଇଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହି ଝଗଡାକୁ କେନ୍ଦ୍ର କରି ସାଙ୍ଗମାନେ କିଛି ଆପରାଧିକ ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦର ଚୂଡ଼ାନ୍ତ ରିପୋର୍ଟ, ଭିସେରା ଓ ଡାଏଟମ୍ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଏସବୁ ରିପୋର୍ଟ ଆସିବା ପରେ ମନୀଷଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଏହି ଘଟଣାରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହ ତମାଣ୍ଡୋ ଓ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଭାବେ ତଦନ୍ତ ଚଳାଇଛନ୍ତି।



ମନୀଷ ହୋଟେଲରୁ ବାହାରି ଯାଉଥିବାର ଦୃଶ୍ୟ।



ଜବତ କାର।

**ସାମ୍ବାଦିକ ନବୀନ ଦାସଙ୍କ ପୁଅ ହତ୍ୟା ମାମଲା**
- ମନୀଷ ଯାଇଥିବା କାର୍‌ର ମିଳିଲା ସନ୍ଧାନ
- ଜଣେ ସାଙ୍ଗ ସମେତ ୨ ଅଟକ
- ମନୀଷ ଚାଲିଚାଲି ଯାଉଥିବାର ମିଳିଲା ସିସିଟିଭି ଫୁଟେଜ୍

ସୂଚନା ଅନୁଯାୟୀ, ମନୀଷ ପଟିଆ ଶ୍ରୀ ବିହାର ଅଞ୍ଚଳରେ ପରିବାର ସହ ରୁହନ୍ତି। ଶନିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ସହ ଏକ ଶୋ' ରୁମ୍‌ରୁ ଡ୍ରେସ୍ କିଣି ଘରକୁ ଫେରିବା ପରେ ଇନ୍‌ଫୋସିଟି ଛକ ନିକଟକୁ ଯାଇଥିଲେ। ସେଠାରୁ ୨ଜଣ ସାଙ୍ଗଙ୍କ ସହ ଅନ୍ୟ ଏକ କାର୍‌ରେ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ସେ ସାଙ୍ଗଙ୍କ ସହ ଅଛନ୍ତି ଅଧ ଘଣ୍ଟା, ଘଣ୍ଟେ ଭିତରେ ଫେରିବେ ବୋଲି କହିଥିଲେ। କିଛି ଟଙ୍କା ଦରକାର ଥିବାରୁ ମା' ଫୋନ୍ ପେ ଜରିଆରେ ତାଙ୍କୁ ଦୁଇ ଥରରେ ୮ହଜାର ଟଙ୍କା ପଠାଇଥିଲେ। ଭୋର୍ ୪ଟା ୧୨ରୁ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପହରଣ ମାମଲା ରୁଜୁ କରି ଖୋଜା ଖୋଜି କରିବା ସମୟରେ ଇନ୍‌ଫୋସିଟି ଛକ ନିକଟରୁ ତାଙ୍କ କାର୍ ମିଳିଥିଲା। ପରେ ଅପରାହ୍ଣ ୨ଟାରେ ପାତ୍ରପଡ଼ା ଗାଁ ପୋଖରୀରୁ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରି ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ହତ୍ୟା ମାମଲା (ହତ୍ୟା ମାମଲା (ନଂ.୨୨୨/୨୧) ରୁଜୁ କରିଥିଲା। ତମାଣ୍ଡୋ ସାଉଥ୍ ସିଟି ହୋଟେଲରେ ମନୀଷ ରାତିସାରା ଥିବା ତଦନ୍ତରୁ ଜାଣିବା ପରେ ସୋମବାର ପୋଲିସ ଉକ୍ତ ହୋଟେଲକୁ ସିଲ୍ କରିବା ସହ ସେଠାରେ ଲାଗିଥିବା ସମସ୍ତ ସିସିଟିଭିର ହାର୍ଡ ଡିସ୍କକୁ ଜବତ କରି ତଦନ୍ତ ଜାରି ରଖିଛି।

### ୧୧ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୧୨।୧୦**

ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମଗିରି ଅଞ୍ଚଳରେ ଚଢ଼ାଉ କରାଯାଇ ୧୧୨ଗ୍ରାମର ବ୍ରାଉନସୁଗାର ଜବତ କରାଯିବା ସହ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମଗିରି ଥାନା ଅଞ୍ଚଳର ଅଭିରାମ ଦାସ (୩୬)। ଏହାସହ ଅଭିଯୁକ୍ତଙ୍କଠାରୁ ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୧ଲକ୍ଷ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସାତପଡ଼ା ଅବକାରୀ ଥାନା ନଂ. ୬୪/୨୧ ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଞ୍ଚଳର ରାଇବିଧାର ବଜାର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ସାତପଡ଼ା ଅବକାରୀ ଥାନା ଉପ-ନିରୀକ୍ଷକ ବିନୋଦ ବାସ୍କେ ଏବଂ ଅବକାରୀ ପୋଲିସ ବ୍ରହ୍ମଗିରି ଥାନା ଅଞ୍ଚଳର ରାଇବିଧାର ବଜାରରେ ସକାଳେ ଚଢାଉ କରିଥିଲେ। ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଅଭିରାମଙ୍କୁ ଗିରଫ କରିଥିଲା। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ବିନୋଦ ବାସ୍କେ, ରଙ୍କନିଧି ମଲ୍ଲିକ ଏବଂ ଏଏସ୍‌ଆଇ ଲୋକନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଏନ୍‌ଏସ୍‌ଜି କମାଣ୍ଡୋଙ୍କ କାର୍ ରାଲି



ପୋଲିସ ମହାନିର୍ଦ୍ଦେଶକ ଅଭୟ ଏନ୍‌ଏସ୍‌ଜି କମାଣ୍ଡୋ କାର୍ ରାଲିକୁ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ଗତ ୨ତାରିଖରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଦିଲ୍ଲୀ ଲାଲକିଲ୍ଲାରୁ ଆରମ୍ଭ ହୋଇଥିବା ଏନ୍‌ଏସ୍‌ଜି କମାଣ୍ଡୋ କାର୍ ରାଲି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ଦେଶର ୧୨ଟି ରାଜ୍ୟର ୧୮ଟି ସହର ଦେଇ ଏହି ରାଲି ଯିବ। ଏଥିରେ ୪୯ ଜଣ ବ୍ଲାକ କମାଣ୍ଡୋ ସାମିଲ ହୋଇ ୭ହଜାର ୫ଶହ କି.ମି. ରାଲିରେ ସଚେତନତା ବାର୍ତ୍ତା ଦେଉଛନ୍ତି। ଏହି ଅବସରରେ ମଙ୍ଗଳବାର ଭୁବନେଶ୍ୱର ପୋଲିସ ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ଅଭୟ ଯୋଗଦେଇ ଏନ୍‌ଏସ୍‌ଜି କମାଣ୍ଡୋ ଟିମ୍‌କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ଓ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱରରୁ ଏହି ରାଲି ଗଞ୍ଜାମ ଗୋପାଳପୁର ହୋଇ ହାଇଦ୍ରାବାଦ ଯିବ ବୋଲି ସୂଚନା ମିଳିଛି।

### ଯୁବକଙ୍କ ମୃତ୍ୟୁକୁ ନେଇ ବାଂଶପାଣି ଷ୍ଟେଶନରେ ତୁମୁଳକାଣ୍ଡ

**ଯୋଡ଼ା, ୧୨।୧୦(ଡି.ଏନ.ଏ.)**

ରେଳବାଇ ପୋଲିସର ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହେବା ଘଟଣାକୁ କେନ୍ଦ୍ର କରି କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ରେଳ ଷ୍ଟେଶନରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଷ୍ଟେଶନରେ ଭଙ୍ଗାରୁଜା କରିବାସହ ସେଠାରେ ଉତ୍ତେଜନା ଲାଗିରହିଛି। ଲୋକଙ୍କ ମାଡ଼ରେ ୩ ରେଳବାଇ ପୋଲିସ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି। ରାତି ପ୍ରାୟ ୯ଟା୩୦ରେ ଆର୍‌ପିଏଫ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଖବର ଜଣାପଡ଼ିଥିଲା। ଏହା ପ୍ରଚାରିତ ହେବାପରେ ଶତାଧିକ ମହିଳା ପୁରୁଷ ପ୍ରତିବାଦ କରି ରେଳବାଇ ପୋଲିସକୁ ଘେରିଯାଇଥିଲେ। ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା। ଯୋଡ଼ା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ ଶ୍ରମିକଙ୍କ ଦରମା ବୃଦ୍ଧି ଦାବି

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ବୃଦ୍ଧି କରିଛନ୍ତି। ସେହିପରି ଓପିଟିସିଏଲ୍, ଓଏଚ୍‌ପିସି ଏବଂ ୪ଟି ବିଦ୍ୟୁତ୍ ବିତରଣ କମ୍ପାନୀରେ କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ ଏବଂ ଠିକା କର୍ମଚାରୀଙ୍କ ଦରମା ବୃଦ୍ଧି କରିବା ପାଇଁ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଦୀର୍ଘ ୧୦ରୁ ୨୦ ବର୍ଷ ଧରି ଓପିଟିସିଏଲ୍‌ରେ ଡାଟାଏଣ୍ଟ୍ରି ଅପରେଟର ଓ ୪ଟି ବିଦ୍ୟୁତ୍ କମ୍ପାନୀରେ କାର୍ଯ୍ୟ କରୁଥିବା ୨୦ହଜାର ବିଦ୍ୟୁତ୍ ଠିକା ଶ୍ରମିକଙ୍କୁ କିପରି ପର୍ଯ୍ୟାୟ କ୍ରମେ ସ୍ଥାୟୀ କରାଯିବ ସେ ସମ୍ପର୍କରେ ଶକ୍ତିମନ୍ତ୍ରୀ ତୁରନ୍ତ ଘୋଷଣା କରିବାକୁ ମହାସଂଘ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଦାବି କରିଛନ୍ତି। ଲାଇନ୍‌ମ୍ୟାନ୍ 'ସି'ଙ୍କୁ ୬୫୦ ଭୋଲ୍‌ଟ ପର୍ଯ୍ୟନ୍ତ କାର୍ଯ୍ୟ ଲାଗି ଶକ୍ତି ବିଭାଗ ପକ୍ଷରୁ ଅନୁମତି ଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ୩୩ହଜାର ଭୋଲ୍‌ଟରେ କାମ କରିବାକୁ ବାଧ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ସୁରକ୍ଷା ପ୍ରତି ବିପଦ ଅଛି। ତେଣୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଏସ୍‌ଏଲ୍‌ଡିସିରେ ଥିବା ୨ଟି ଡାଟା ଏଣ୍ଟ୍ରି ପଦବୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ ଲାଗି ଦାବି କରାଯାଇଛି।

# ପୋଲିସ ଉପରକୁ ଗୁଳିମାଡ଼

**ଦେବଗଡ଼,୧୨।୧୦(ଡି.ଏନ.ଏ)**

ଗଞ୍ଜେଇ ଚାଲାଣକାରୀଙ୍କୁ ପିଛା କରିବା ବେଳେ ଦେବଗଡ଼ ଜିଲା ରିଆମାଳ ପୋଲିସ ଉପରକୁ ଗୁଳିମାଡ଼ ହୋଇଛି। ଏଥିରେ କୌଣସି ପୋଲିସ କର୍ମଚାରୀଙ୍କ କ୍ଷତି ହୋଇନାହିଁ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନାଞ୍ଚଳର ବିକାଶ ରାଜହଂସ(୨୩), ପୌଲସ୍ତି ଜଗଦଲା(୨୧) ଏବଂ ସମ୍ବଲପୁର ଜିଲା ଜମନକିରା ଥାନାଞ୍ଚଳର ରୂପେଶ ପ୍ରସାଦ(୩୧)। ସେମାନଙ୍କଠାରୁ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ବାଇକ୍, କାର୍, ମାଉଜର ଓ ୭ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଛି। ଏ ନେଇ ମଙ୍ଗଳବାର ଦେବଗଡ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି।

ଏସ୍‌ପି ପାଇକରାୟ କହିଥିଲେ ଯେ, ବିକାଶ ଓ ପୌଲସ୍ତି ସମ୍ବଲପୁରରୁ ଏକ ବାଇକ୍ (ନଂ.ଓଡି୩୧ଏଚ୍/୦୧୮୬) ଯୋଗେ ବିପୁଳ ପରିମାଣର ଗଞ୍ଜେଇ ନେଇ ସୁନ୍ଦରଗଡ ଜିଲାକୁ ଯାଉଥିଲେ। ସେମାନଙ୍କ ପଛେ ପଛେ ଏକ କାର୍ (ନଂ.ଓଡି୧୫କ୍ୟୁ/୮୭୭୯) ସୁରକ୍ଷା ଦେଉଥିଲା। ଏ ନେଇ କୌଣସି ସୂତ୍ରରୁ ସୂଚନା ପାଇ ରିଆମାଳ ଥାନା ପୋଲିସ ସେମାନଙ୍କୁ ପିଛା କରି ରିଆମାଳ ଉଙ୍ଗାଘାଟଠାରେ ଅଟକାଇଥିଲା। ଯାଞ୍ଚ ସମୟରେ ଯୁବକ ଦ୍ୱୟଙ୍କ ନିକଟରୁ ପ୍ରାୟ ୧.୨୫ କୁଇଣ୍ଟାଲ ଗଞ୍ଜେଇ ବାହାରିଥିଲା। ଏହି ସମୟରେ ପଛରେ କାର୍‌ରେ ଆସୁଥିବା ରୂପେଶ ଚଟିବରଘାଟ ଆଡକୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ସ୍କ୍ୱାଡ୍ ଗୋହିରା ଡ୍ୟାମ-ବରଘାଟ ରାସ୍ତାର ଦେଓଝରଣ ଜଳପ୍ରପାତ ନିକଟରେ ଉକ୍ତ କାର୍‌କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ରୂପେଶ ପୋଲିସ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ଭୟଭୀତ କରିବା ସହ ସେଠାରୁ ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ଲକ୍ଷ୍ୟଚ୍ୟୁତ ଘଟିବାରୁ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯିବା ସହ ଉକ୍ତ ଦୁର୍ବୃତ୍ତଙ୍କୁ କାବୁ କରିଥିଲେ ବୋଲି ଏସ୍‌ପି ପାଇକରାୟ ସୂଚନା ଦେଇଛନ୍ତି। ଦେବଗଡ ଥାନାରେ ରୂପେଶଙ୍କ ବିରୋଧରେ ଏକ ମାମଲା ଏବଂ ବିକାଶ ଓ ପୌଲସ୍ତିଙ୍କ ବିରୋଧରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଏସ୍‌ପି ପାଇକରାୟ ସୂଚନା ଦେଇଥିଲେ।



ଜବତ ଗଞ୍ଜେଇକୁ ଯାଞ୍ଚ କରାଯାଉଛି।

- ୩ ଗିରଫ, ଅଭିଯୁକ୍ତଙ୍କଠାରୁ ମିଳିଲା ମାଉଜର ଓ ଗୁଳି

# ଆଇଆଇସି ପାଇଁ ଜମି ନାହିଁ

**ବଲାଙ୍ଗୀର ଅଫିସ, ୧୨।୧୦**

ରାଜ୍ୟ ସରକାରଙ୍କ ଅନେକ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ଠିକଣା ସମୟରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏଭଳି ଏକ ଜନକଲ୍ୟାଣକାରୀ ପ୍ରକଳ୍ପ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର (ଆଇଆଇସି) ଏବେ ବଲାଙ୍ଗୀର ଜିଲାରେ ଆଗକୁ ବଢୁନାହିଁ। ପ୍ରତ୍ୟେକ ଜିଲାରେ ନିରାଶ୍ରୟ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ମାନସିକ ଅନଗ୍ରସର ଓ ଅବସାଦଗ୍ରସ୍ତ, କିନ୍ନର, ଭିକାରି ଏବଂ ନିଶାସକ୍ତଙ୍କ ରହିବା, ସମ୍ମାନର ସହ ବଞ୍ଚିବା ଏବଂ ସେମାନଙ୍କୁ ଉନ୍ନତ ସେବା ଯୋଗାଇବା ଲକ୍ଷ୍ୟରେ ସରକାର ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରର ପରିକଳ୍ପନା କରିଥିଲେ। ଏଥିପାଇଁ ୨୦୧୬-୧୭ ମସିହାରୁ ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ୩୦ଟି ଜିଲାରେ ଆଇଆଇସି ନିର୍ମାଣ ପାଇଁ ୨୫ ଏକର ଲେଖାଏଁ ଜମି ଯୋଗାଇ ଦେବାକୁ ସମସ୍ତ ଆରଡିସି ଏବଂ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଜିଲାରେ ଏହି ଆଇଆଇସି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଗତ ଫେବୃୟାରୀ ମାସରେ କ୍ୟାବିନେଟ୍ ମଞ୍ଜୁରୀ ମଧ୍ୟ ମିଳିଛି। ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଉପଲବ୍ଧି କରି ସରକାର ଏହାକୁ ୫-ଟି ଆକ୍ସନ ପ୍ଲାନ୍‌ରେ ରଖିଛନ୍ତି। ଏତେ ଉଦ୍ୟମ ସତ୍ତ୍ୱେ ବଲାଙ୍ଗୀର ଜିଲାରେ ଏହି ପ୍ରକଳ୍ପ ଆଗକୁ ବଢୁନାହିଁ। ଜିଲାରେ ଏହି ପ୍ରକଳ୍ପର ସ୍ଥିତି ପରଖିଲେ ଅବହେଳା ଓ ଉଦାସିନତାର ଚିତ୍ର ଜଳଜଳ ଦେଖାଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ବଲାଙ୍ଗୀରରେ ଆବଶ୍ୟକ ଜମି ଏଯାଏ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାରଙ୍କ ଚିଠିର ପ୍ରାୟ ୫ବର୍ଷ ପରେ ଗତ ଜୁନ୍ ମାସରେ ଜିଲାପାଳ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କୁ ଉକ୍ତ ପ୍ରକଳ୍ପ ପାଇଁ ପ୍ରାୟ ୯ ଏକର ଜମି (ଆଡ୍‌ଭାନ୍ସ ପଜିସନ୍) ଯୋଗାଇ ଦେବାକୁ ଚିଠି ଲେଖିଛନ୍ତି।

ବଲାଙ୍ଗୀର ସହର ନିକଟ ଖର୍ଲିକାନୀ ଗାଁ ନିକଟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାର ନିରାଶ୍ରୟ ବୃଦ୍ଧାବୃଦ୍ଧ, ବରିଷ୍ଠ ନାଗରିକ, ଅବହେଳିତ, କିନ୍ନର, ଭିନ୍ନକ୍ଷମ, ନିଶାସକ୍ତ ବ୍ୟକ୍ତି ଲାଭବାନ୍ ହେବେ। ଶୋଷଣ ଓ ନିର୍ଯାତନାରୁ ମୁକ୍ତି ପାଇବେ। ଭିକାରିମାନେ ଆଉ ପେଟ ପାଇଁ ବାହାରେ ବୁଲି ଭିକ୍ଷା କରିବେ ନାହିଁ। ଉକ୍ତ ଆଇଆଇସିରେ ନିରାଶ୍ରୟ ଗୃହ, ମାନସିକ ଅନଗ୍ରସର ଓ ଅବସାଦଗ୍ରସ୍ତ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ, ଦୃଷ୍ଟି ଏବଂ ଶ୍ରବଣବାଧିକଙ୍କ ପାଇଁ ସ୍କୁଲ, ସଅଳ ହସ୍ତକ୍ଷେପ କେନ୍ଦ୍ର, ଫିଜିଓଥେରାପି ସେଣ୍ଟର, ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍, ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର (ଡିଡିଆରସି), ଆଡ୍‌ଭାନ୍ସ ଥଇଥାନ କେନ୍ଦ୍ର (ଏଆରସି) ସହ ନିଶାସକ୍ତଙ୍କ ପାଇଁ ସୁବିଧା କେନ୍ଦ୍ର ରହିବ। ସେମାନଙ୍କ ସୁବିଧା ଓ ଉନ୍ନତି ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯିବ। ଦୀର୍ଘବର୍ଷ ହେଲା ବଲାଙ୍ଗୀରରେ ଏହି ପ୍ରକଳ୍ପ ଆଗକୁ ବଢୁନାହିଁ। ଏଭଳିକି ଗୁରୁତ୍ୱପୂର୍ଣ୍ଣ ଜମି ମିଳୁନାହିଁ। ଫଳରେ ଜିଲାର ହିତାଧିକାରୀମାନେ ପ୍ରକଳ୍ପର ସୁଫଳ ପାଇବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଯାଇଛି। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁଙ୍କୁ ପଚରାଯିବାରୁ ଖର୍ଲିକାନୀ ନିକଟରେ ଆଇଆଇସି ନିର୍ମାଣ ପାଇଁ ୯ ଏକର ଜମି ଯୋଗାଇ ଦେବାକୁ ରାଜସ୍ୱ ବିଭାଗକୁ ଚିଠି କରାଯାଇଛି ବୋଲି ସୂଚନା ଦେଇଛନ୍ତି।



ସରକାରଙ୍କ ଘୋଷିତ ଆଇଆଇସି ପ୍ରକଳ୍ପ।

- ୫ ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖିଲେ ଜିଲାପାଳ

> ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। – ଶ୍ରୀମା

# ବ୍ଲା ବ୍ଲା ବ୍ଲା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ବିଶ୍ୱ ସମୁଦାୟର ଚିନ୍ତା ବଢ଼ିଯାଇଛି। ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍‌୨୬) ପୂର୍ବରୁ ପ୍ରକାଶିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ପ୍ରତି ମିନିଟ୍‌ରେ ୧୩ ଜଣଙ୍କ ମୃତ୍ୟୁ ଘଟୁଛି। ଜୀବାଶ୍ମ ଇନ୍ଧନର ଉପଯୋଗ ଆମ ଜୀବନ ନେଉଛି ଓ ବାୟୁପ୍ରଦୂଷଣ ହେତୁ ମାନବସମାଜ ସବୁଠୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି ବୋଲି ପ୍ରକାଶ ପାଇଛି। ଏହାର ପ୍ରତିକାର ସ୍ୱରୂପ ଶକ୍ତି, ପରିବହନ, ଖାଦ୍ୟ ଓ ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନକାରୀ ପଦକ୍ଷେପ ନେବା ଲାଗି କୁହାଯାଇଛି। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରତି ଭାରତୀୟ ଏହାକୁ ଗମ୍ଭୀରତାର ସହ ନେବା ଆବଶ୍ୟକ। ଏପ୍ରିଲ ୨୦୨୧ରେ ନ୍ୟାଶନାଲ ଓସେନିକ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ (ଏନ୍‌ଓଏଏ) ରିପୋର୍ଟ ବାୟୁ ପ୍ରଦୂଷଣର ଭୟାବହତା ଦର୍ଶାଇଥିଲା। ଶିଶୁମାନଙ୍କର ଏହା ସାଂଘାତିକ କ୍ଷତି କରୁଥିବା ସୂଚିତ କରିଥିଲା। ୫ ବର୍ଷ ବୟସରୁ କମ୍ ପ୍ରତି ୧୦ ଜଣ ପିଲାଙ୍କ ମଧ୍ୟରେ ଜଣେ ଏହାର ଶିକାର ହେଉଥିବା ମଧ୍ୟ ଡବ୍ଲ୍ୟୁଏଚ୍‌ଓର ଗ୍ଲୋବାଲ ଏୟାର ରିପୋର୍ଟରୁ ସାମ୍ନାକୁ ଆସିଛି। ଏହି ରିପୋର୍ଟ ଅନୁଯାୟୀ ପ୍ରଦୂଷିତ ବାୟୁର କ୍ଷତିକାରକ କଣିକା ଯୋଗୁ ଭାରତରେ ୯ ଲକ୍ଷ ୫୦ ହଜାରରୁ ଅଧିକଙ୍କ ଅକାଳ ମୃତ୍ୟୁ ହେଉଛି। ଚିନ୍ତାର ବିଷୟ, ବିଶ୍ୱର ସବୁଠୁ ପ୍ରଦୂଷିତ ୩୦ଟି ସହର ମଧ୍ୟରୁ ୨୨ଟି କେବଳ ଭାରତରେ ଅଛି। ମୁଖ୍ୟତଃ ଉତ୍ତର ପଶ୍ଚିମ ରାଜ୍ୟ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଦିଲ୍ଲୀରେ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ବ୍ୟାପକ ହେଉଛି। ଏହାର ପ୍ରଭାବ ଏମିତି ଯେ, ଏଥିପାଇଁ କୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ସରକାର ଦଣ୍ଡ ବ୍ୟବସ୍ଥା ମଧ୍ୟ କରିଛନ୍ତି। କିନ୍ତୁ ଚାଷୀଙ୍କୁ ଦଣ୍ଡ ଦେଲେ ସମାଧାନ ମିଳିବ ନାହିଁ। ଫସଲ ଅମଳ ପରେ ବିଲରେ ରହିଯାଇଥିବା ଖୁଣ୍ଟା ପୋଡ଼ିବା ପାଇଁ ଯେତିକି ଶ୍ରମ ଦରକାର ସେହି ଖର୍ଚ୍ଚ ଦେବା ପାଇଁ ଚାଷୀ ଅକ୍ଷମ। ଅପରପଟରେ ଖୁଣ୍ଟାକୁ ପୋଡ଼ିଲେ ଯେଉଁ ପାଉଁଶ ବିଲରେ ପଡ଼େ ତାହା ଏକପ୍ରକାର ଜୈବିକ ଖତର ଅଂଶବିଶେଷ ହୋଇ ରହୁଛି। ସେଥିପାଇଁ ଦଣ୍ଡ ନୁହେଁ ଗରିବ ଚାଷୀକୁ ପ୍ରଦୂଷଣ ସମ୍ପର୍କରେ ସଚେତନ କରିବା ସହିତ ଉପଯୁକ୍ତ ସାଧନ ଯୋଗାଇ ଦେବା ହେବ ସରକାରଙ୍କ ଦାୟିତ୍ୱ। ଏହା ବ୍ୟତୀତ କେବଳ ଚାଷୀଙ୍କୁ ଦୋଷ ଦେଲେ ହେବ ନାହିଁ। ପ୍ରଦୂଷଣ କରିବାରେ ଶିଳ୍ପର ଅସରନ୍ତି ପ୍ରଭାବ ରହିଛି, ଯାହା ପ୍ରତି ଆମେ ସମସ୍ତେ ଆଖି ବୁଜି ଦେଉଛେ। ସରକାର ନିଜର ନୀତି ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ବ୍ୟକ୍ତିବିଶେଷର କୌଣସି ଭୂମିକା ନାହିଁ।

ବିଭିନ୍ନ ଉତ୍ସରୁ ସବୁଜ ଗୃହ ବାଷ୍ପ ନିର୍ଗମନ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ଏହାକୁ ହ୍ରାସ କରିବାକୁ ବିଶ୍ୱରେ କିଛି ମହତ୍ତ୍ୱାକାଂକ୍ଷୀ ପ୍ରତିବଦ୍ଧତା ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରି ସଫଳତା ପାଇବା ପାଇଁ ସମସ୍ତ ଶିଳ୍ପ କ୍ଷେତ୍ରକୁ କାର୍ବନ ନିର୍ଗମନ ମୁକ୍ତ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ବିଦ୍ୟୁତ୍ ଚାଳିତ ଯାନ (ଇଭି) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆରମ୍ଭ କରିଛି। ଭାରତରେ ମଧ୍ୟ ଏହା ଉପରେ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ବିମାନ ଚଳାଚଳ, ସିମେଣ୍ଟ, ଶିପିଂ, ଆଜବେଷ୍ଟସ, ଇସ୍ପାତ ଏବଂ ବିଶେଷକରି ନିର୍ମାଣ କ୍ଷେତ୍ରର କାର୍ଯ୍ୟ ସବୁଠୁ ଅଧିକ କ୍ଷତି ପହଞ୍ଚାଉଛି। ଏସବୁ କ୍ଷେତ୍ରରେ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାକୁ ହେଲେ ନୂଆ ଟେକ୍ନୋଲୋଜି ଆପଣାଇବା ଲାଗି ଆମେ ଏଯାବତ୍ ପ୍ରସ୍ତୁତ ହୋଇନାହୁଁ। ତାପଜ ବିଦ୍ୟୁତ୍ ଉତ୍ପାଦନ ଉପରେ ଅଧିକ ନିର୍ଭରଶୀଳ ହେଉଛୁ। ଏହାର ବିକଳ୍ପ ଦରକାର। ଏକ କାର୍ବନ ନିର୍ଗମନ ଶୂନ୍ୟ ଅର୍ଥ ବ୍ୟବସ୍ଥା ଗଢ଼ିବା ଲାଗି କମ୍ ଏନର୍ଜି ଉପଯୋଗ କରିବାକୁ ହେବ। ସର୍ବୋପରି ଏକ ସବୁଜ ଶିଳ୍ପ କ୍ଷେତ୍ର ସୃଷ୍ଟି କରିବାକୁ ପଡ଼ିବ। ବାସ୍ତବରେ ବାୟୁ ପ୍ରଦୂଷଣ ରୋକିବାକୁ ହେଲେ ଏକ ସବୁଜ ଅର୍ଥ ବ୍ୟବସ୍ଥାର ଆବଶ୍ୟକତା ରହିଛି। ସ୍କଟ୍‌ଲାଣ୍ଡର ଗ୍ଲାସଗୋରେ ଅନୁଷ୍ଠିତ ହେବାକୁ ଥିବା କୋପ୍‌୨୬ ସମ୍ମିଳନୀରେ ବାୟୁ ପ୍ରଦୂଷଣର ସାଂଘାତିକ ପ୍ରଭାବରୁ ମୁକ୍ତି ପାଇବା ଲାଗି ଅନ୍ତର୍ଜାତୀୟ ସମୁଦାୟ ଏକ ସମ୍ମିଳିତ ପଦକ୍ଷେପ ନେଲେ ସେଥିରୁ ପରିବେଶକୁ ଅନେକ ଲାଭ ମିଳିପାରନ୍ତା। କିନ୍ତୁ ଏହିଭଳି ଖବର ପଢ଼ିଲେ ଆମେ ଭାବିପାରୁ ଯେ ବାୟୁମଣ୍ଡଳର ପରିବର୍ତ୍ତନ ଆମ ଦୈନନ୍ଦିନ ଜୀବନରେ କୌଣସି ପ୍ରଭାବ ପକାଇବାକୁ ଯାଉଛି। ଓଡ଼ିଶା କଥା ଦେଖାଯାଉ। ହୁଡ୍‌ହୁଡ୍, ଫାଇଲିନଠାରୁ ଆରମ୍ଭକରି ତାପମାତ୍ରା ବୃଦ୍ଧି ପାଇଚାଲିଛି। ଅଜଣା ରୋଗ ସମ୍ପର୍କରେ ଶୁଣିବାକୁ ମିଳୁଛି, ଅଦିନରେ କୂଅ ପୋଖରୀ ଶୁଖିଯାଉଛି, ଆଖି ଓ ପେଟରୋଗ ବୃଦ୍ଧି ପାଇବାରେ ଲାଗିଛି। ଏ ସବୁକୁ ଦେଖିଲେ ଜଣାପଡୁଛି ଯେ, ପ୍ରଦୂଷଣର ସମସ୍ୟା କେବଳ ବିଦେଶରେ ସୀମିତ ନୁହେଁ, ତାହା ଆମ ଘର ଭିତରେ ପଶିସାରିଲାଣି। ଏଠାରେ ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗଙ୍କ ଭାଷଣ ମନେପଡ଼େ। ତାଙ୍କ କହିବା ଅନୁଯାୟୀ ପୃଥିବୀବ୍ୟାପୀ ସବୁ ନେତା କେବଳ ବଡ଼ ବଡ଼ ଭାଷଣ ଦେଇ ଜିରୋ ଏମିଶନ ବା ଶୂନ ନିର୍ଗମନ ବିଷୟରେ ବ୍ଲା ବ୍ଲା ବ୍ଲା ବା ବହୁତ କଥା କହୁଛନ୍ତି। କିନ୍ତୁ କାର୍ଯ୍ୟରେ ତାହାର କୌଣସି ପ୍ରତିଫଳନ ଦେଖାଯାଉନାହିଁ।

# ଚାଲ କବିତା ଲେଖିବା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ତଥାକଥିତ ସୁଖ ଓ ସମୃଦ୍ଧି ପଛରେ ଅନବରତ ଧାଉଁଥିବା ଆଧୁନିକ ମଣିଷର ଜୀବନରେ ଏକ ବିଷବୃକ୍ଷ ରୂପେ ଏବେ ଉଭା ହୋଇଛି ମାନସିକ ଚାପ। ତା'ର ଅଧିକାଂଶ ମନରୋଗ ଏବଂ ଅଣସଂକ୍ରମିତଜନିତ ଦେହ ରୋଗର ଏହା ହେଉଛି ମୂଳ କାରଣ। ଏପରିକି ରୋଗ ପ୍ରତିରୋଧ ଶକ୍ତି ହ୍ରାସ ମାଧ୍ୟମରେ ସଂକ୍ରମଣଜନିତ ରୋଗକୁ ମଧ୍ୟ ବ୍ୟାପକ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କୁହାଯାଏ। ସମୟକ୍ରମେ ମହାମାରୀ ରୂପ ନେଇ ଏହା ସାରା ବିଶ୍ୱରେ କାୟାବିସ୍ତାର କରିଚାଲିଛି। ଦେଖାଯାଉଛି ଯେ ଯେଉଁ ଦେଶ ଯେତିକି ଉନ୍ନତ ବା ବିତ୍ତଶାଳୀ, ସେଠାରେ ଏ ସମସ୍ୟା ସେତିକି ଜଟିଳ। କାରଣ ସେଠାର ଲୋକେ ଅଧିକ ବସ୍ତୁବାଦୀ। ବର୍ତ୍ତମାନ ସାରା ଦୁନିଆର ୩୫ରୁ ୪୦ ଶତାଂଶ ଲୋକ ଅଳ୍ପ ବହୁତ ମାନସିକ ଚାପଗ୍ରସ୍ତ। ଫଳରେ ଉତ୍କଟ ହୋଇଚାଲିଛି ମସ୍ତିଷ୍କ ବିକୃତି, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଆଦି ଜୀବନଧାରା ସହିତ ସମ୍ପୃକ୍ତ ରୋଗଗୁଡ଼ିକ। ଏପରିକି ବଢ଼ି ବଢ଼ି ଚାଲିଥିବା ଆତ୍ମହତ୍ୟା ମନୋବୃତ୍ତି ମୂଳରେ ମଧ୍ୟ ଏହା ବିଦ୍ୟମାନ। ତେଣୁ ମନୋବିଜ୍ଞାନୀମାନେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି ଏହି ନକାରାତ୍ମକ ଭାବ ପ୍ରବଣତାରୁ ମୁକ୍ତିର ମାର୍ଗ ନିରୂପଣ ଲାଗି। ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପ ଯେପରିକି ସମାଜସେବା ତଥା ମନକୁ ଆନନ୍ଦ ଦେଉଥିବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା, ଆଧ୍ୟାତ୍ମିକ ଚିନ୍ତାଧାରାରେ ଲିପ୍ତ ରହିବା ଓ ତଦନୁଯାୟୀ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ମାନସିକ ଚାପ ସୃଷ୍ଟି କରୁଥିବା ଭୟ ବା ଦୁଃଖର କାରଣ ଆତ୍ମୀୟ ସ୍ୱଜନଙ୍କ ନିକଟରେ ମୁକ୍ତଭାବେ ପ୍ରକାଶ କରିଦେବା ଇତ୍ୟାଦି ଏଥିରେ ସହାୟକ ହୋଇପାରିବ ବୋଲି ସେମାନେ ମତ ଦେଉଛନ୍ତି। ତେବେ ତନ୍ମଧ୍ୟରୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ହେଲାଣି ମନକଥା ଲେଖି ପକାଇବା।

ବର୍ତ୍ତମାନ ଆମ ଜୀବନଧାରାରେ ବ୍ୟାପକ ପରିବର୍ତ୍ତନ ଆସିଛି। ସାମାଜିକ ଓ ପାରିବାରିକ ସମ୍ପର୍କ ଦୁର୍ବଳ ହୋଇପଡ଼ିଛି। ଏଣୁ ବଢ଼ି ବଢ଼ି ଚାଲିଛି ଏକଲାପଣ। ଆମ ଦୁଃଖ ବା ଦୁଶ୍ଚିନ୍ତା ଭାଗ କରିବାକୁ କେହି ନିର୍ଭରଯୋଗ୍ୟ ରହୁନାହାନ୍ତି। ପୁନଶ୍ଚ ବିଗତ ପ୍ରାୟ ଦୁଇବର୍ଷ ଧରି ବିଶ୍ୱକୁ ଗ୍ରାସ କରି ରହିଥିବା ମହାମାରୀ କୋଭିଡ୍-୧୯ ଏ ସମସ୍ୟାକୁ ଜଟିଳତର କରିଛି। ତାହା ମାନସିକ ଚାପ ଏବଂ ନକାରାତ୍ମକ ଭାବପ୍ରବଣତାକୁ ବୃଦ୍ଧି କରିଚାଲିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, କିଛି ଲେଖି ବସିବାର ଏହା ଉପରେ ରହିଛି ଆରୋଗ୍ୟକାରୀ ପ୍ରଭାବ। ଆମ ଅନୁଭୂତିକୁ ଶବ୍ଦ ଆକାରରେ ପ୍ରବାହିତ ହେବାକୁ ଦେବା ଫଳରେ ତଦ୍ୱାରା ଆମ ବିଶୃଙ୍ଖଳିତ ଚିନ୍ତାଗୁଡ଼ିକ ଶୃଙ୍ଖଳିତ ଓ ସ୍ୱଚ୍ଛ ହୁଏ ଏବଂ ମନ ଜଟିଳ ଭାବପ୍ରବଣତା ପାର ହୋଇ ଶାନ୍ତ ରହେ।

ମନୋବିଜ୍ଞାନୀମାନଙ୍କ ମତରେ ଆମେ ନିଜର ସୃଜନଶୀଳତାକୁ ଆବିଷ୍କାର କରିବାର ଏହା ହେଉଛି ପ୍ରକୃଷ୍ଟ ସମୟ। ଆମେ ପ୍ରତ୍ୟେକ ଜଣେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଏବଂ ଆମ ଚତୁଃପାର୍ଶ୍ୱର ଦୁନିଆକୁ ଭିନ୍ନ ଭିନ୍ନ ଭାବେ ଅନୁଭବ କରିଥାଉ। ଏହା ତାହାକୁ ତା'ର ବିଶେଷଣ ନେଇ ପରିପ୍ରକାଶ ହେବାକୁ ଦିଏ। ଏଥିପାଇଁ ମନର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବାକୁ ପଡ଼େ। କାଗଜ ଉପରେ ମନର କଥା ଲେଖିବସିବା ବିକ୍ଷୁବ୍ଧ ଚିନ୍ତାଧାରାକୁ ଅର୍ଦ୍ଧଚେତନ ମନରୁ ନିର୍ଗତ ହୋଇ ବାହାରି ଯିବାକୁ ଦେଇଥାଏ। କମ୍ପ୍ୟୁଟରରେ ତାହା ଟାଇପ୍ କରିବାର ମଧ୍ୟ ଅନୁରୂପ ପ୍ରଭାବ ରହିଛି।

ମାନସିକ ଚାପ ସମୟରେ କିଛି ଚାପି ହୋଇ ରହିଥିବା ସ୍ମୃତି ମନକୁ ଆସିଥାଏ। ଏଗୁଡ଼ିକ ତନ୍ମଧ୍ୟରେ ନକାରାତ୍ମକ ଭାବପ୍ରବଣତା ସୃଷ୍ଟି କରି ହୁଏତ ତାକୁ ଆନ୍ଦୋଳିତ କରିପାରନ୍ତି। ଏହି ନିର୍ଦ୍ଦିଷ୍ଟ ଭାବପ୍ରବଣତାକୁ ଶବ୍ଦ ମାଧ୍ୟମରେ ଲେଖିଦେଲେ, ଅର୍ଥାତ୍ ମନକୁ ଆସୁଥିବା ଭୟ, ଦୁଃଖ ଆଦିକୁ ଲେଖାରେ ପ୍ରକାଶ କରିଦେଲେ ମନରୁ ଚାପ କମିଯାଏ। ଆମ ସାଧାରଣ ଲୋକେ ଈଶ୍ୱରବିଶ୍ୱାସୀ। ଦୁଃଖ ସମୟରେ ସେମାନେ ତାଙ୍କୁ ସ୍ମରଣ କରନ୍ତି ତନ୍ମଧ୍ୟରୁ ଉଦ୍ଧାର ପାଇବାକୁ। ଏପରିସ୍ଥଳେ ସେମାନେ ପ୍ରାର୍ଥନା ମାଧ୍ୟମରେ ଯାହା କହନ୍ତି, ତାହାକୁ ଚିଠିଟିଏ ଆକାରରେ ଲେଖିପକାଇଲେ ମାନସିକ ଚାପ ଅଧିକ ମାତ୍ରାରେ ହ୍ରାସ ପାଏ ଏବଂ ଆତ୍ମବିଶ୍ୱାସ ବଢ଼େ ବୋଲି କହୁଛନ୍ତି ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର କିଛି ମନୋବିଜ୍ଞାନୀ। ଏହା ଭାରାକ୍ରାନ୍ତ ମନକୁ ହାଲୁକା କରେ ଏବଂ ନକାରାତ୍ମକ ଭାବପ୍ରବଣତାକୁ ଦୂର କରେ।

ଗଭୀରଭାବେ ଚିନ୍ତାଗ୍ରସ୍ତ ନ ହୋଇ ତୁମେ ମନ ଉପରେ ଅଧିକ ଚାପ ନ ଦେଇ କ୍ରମାଗତଭାବେ ଲେଖିଚାଲିବା ଦରକାର। ଏହାଦ୍ୱାରା ତୁମେ ଏକ ପ୍ରକାର ମୁକ୍ତଭାବ ଅନୁଭବ କରିବ। ତା'ପରେ ତୁମେ କ'ଣ ଲେଖିଛ ତାହା ପାଠକର। ଏହା ତୁମକୁ ତୁମର ମନସ୍ତାତ୍ତ୍ୱିକ ରୂପରେଖ ବୁଝିବାକୁ ସାହାଯ୍ୟ କରିବ। ତୁମେ ଏପରି ଯେତେ ଅଧିକ ଲେଖିବ ସେଥିରୁ ସେତେ ଅଧିକ ଜଣାପଡ଼ିବ ତୁମ ଚିନ୍ତାଧାରାର ଦିଗ। ଏହି ଆତ୍ମସଚେତନତା ତୁମ ଚିନ୍ତାଧାରାକୁ ଦିଗ୍‌ଦର୍ଶନ ଦେବ ଏବଂ ତାକୁ ପୁନର୍ବାର ସୁସ୍ଥ ଓ ସତେଜ କରିବାରେ ସହାୟକ ହେବ, ଯାହାକି ଜୀବନର ଜଟିଳ ସମସ୍ୟା ଏବଂ ଅନୁଭୂତିକୁ ପରିଚାଳନା କରିବା ଦିଗରେ ସାହାଯ୍ୟ କରିବ।

ଅନେକ ସମୟରେ ଲେଖିବସିଲା ବେଳେ ଲୋକେ ନିଜକୁ ଛୋଟ ମନେ କରିଥାଆନ୍ତି। ତାହା ତାଙ୍କୁ ପ୍ରେରଣାହୀନ କରି ସେଥିରୁ ନିବୃତ୍ତ କରିଥାଏ। ବିଶେଷକରି ନିକଟତମ ବ୍ୟକ୍ତିଙ୍କଠାରୁ ଦୂରେଇ ରହିଲା ବେଳେ ଏ ପ୍ରକାର ଭାବନା ଆସେ। କାରଣ, ଆମେ ହେଲୁ ସାମାଜିକ ପ୍ରାଣୀ। ପରିବାରବର୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ଆମର ଦେହ ଓ ମନସ୍ତରରେ ସମ୍ପର୍କ ରହିଛି। ସେମାନଙ୍କ ସହ ଭାବର ଆଦାନପ୍ରଦାନ, ପିତାମାତାଙ୍କ ଉଷ୍ମ ଆଲିଙ୍ଗନ, ଏକତ୍ର ଭୋଜନ ଏବଂ ଏପରିକି ରାଗରୁଷା ଆଦି ଆମ ମନକୁ ସୁସ୍ଥ ଏବଂ ଚାପମୁକ୍ତ ରଖେ। ଏଣୁ ତାହାର ଅଭାବ ତା' ଉପରେ ନକାରାତ୍ମକ ପ୍ରଭାବ ପକାଏ। ତେବେ ତାଙ୍କରି କଥା ଏବଂ ତାଙ୍କ ସହିତ ସମ୍ପର୍କ ବିଷୟରେ ଲେଖିବସିଲେ ମନ ବଦଳିଯାଏ ଏବଂ ସେଥିରେ ନୂତନ ଆଶାର ସଞ୍ଚାର ଘଟେ।

ଲେଖିଚାଲିବା ଏକ ଜଟିଳ କଥା ନୁହେଁ। ତେବେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଲା ଅଭ୍ୟାସ। କିଛି ଲୋକଙ୍କର ବ୍ୟକ୍ତିଗତ ଡାଏରୀ ଥାଏ। ସେଥିରେ ସେମାନେ ପ୍ରତ୍ୟେକ ରାତ୍ରିରେ ନିଦ୍ରାଗଲା ପୂର୍ବରୁ ଦିନଯାକ ଘଟିଥିବା ଘଟଣାବଳୀ ତଥା ନିଜ ନିଜର ଚିନ୍ତାଧାରା ସଂକ୍ଷେପରେ ସୂଚନା ଦେଇଥା'ନ୍ତି। ଏଥିରୁ ଦିନଟି କିପରି କଟିଲା ଏବଂ କାର୍ଯ୍ୟକଳାପରେ କ'ଣ କ'ଣ ଭୁଲ ବା ଠିକ୍ ରହିଲା ତାହା ସ୍ପଷ୍ଟ ହୋଇଯାଏ। ଏଣୁ ସେଥି ଅନୁସାରେ ପରଦିନର କାର୍ଯ୍ୟକ୍ରମ ସ୍ଥିର କରିହୁଏ। ଭୁଲ ପାଇଁ ମନକୁ ଅଯଥା ଭାରାକ୍ରାନ୍ତ କରିବା ଦରକାର ପଡ଼େନାହିଁ।

ଲେଖିବା ଆମେ ନିଜେ ନିଜକୁ ଆବିଷ୍କାର ସବୁଠାରୁ ସହଜ ମାର୍ଗ। ଏହା ପ୍ରଶସ୍ତ ଏବଂ ଅନୁଭୂତି ସମୃଦ୍ଧ, ଯାହାକି ଆମ ପ୍ରଜ୍ଞାର ବିକାଶ ଘଟାଇବା ସଙ୍ଗେ ସଙ୍ଗେ ଜୀବନର ମାନବୃଦ୍ଧି ସହିତ ମନକୁ ଚାପମୁକ୍ତ କରି ତନ୍ମଧ୍ୟରେ ସମୃଦ୍ଧ ତଥା ସକାରାତ୍ମକ ଚିନ୍ତାଧାରାର ବୀଜ ବପନ କରେ। କିଛି ମନୋବିଜ୍ଞାନୀଙ୍କ ମତରେ, ମନକୁ ଚାପମୁକ୍ତ କରିବାର ଅଧିକ ପ୍ରକୃଷ୍ଟ ପନ୍ଥା ହେଲା କବିତା ଲେଖିବା। ଏହାକୁ କୁହାଯାଏ ଶକ୍ତିଶାଳୀ ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ପ୍ରବାହ ବୋଲି। ତେଣୁ ତାହା ସହଜରେ ମନରୁ ଚାପ ଧୋଇନିଏ। ଦେଖାଯାଇଛି ଯେ ଅଧିକାଂଶ ଲୋକଙ୍କ ପକ୍ଷେ ଗଳ୍ପଟିଏ ଲେଖିବା କଷ୍ଟକର, କିନ୍ତୁ ସବୁଲୋକ ଜୀବନର କୌଣସି ନା କୌଣସି ସମୟରେ କୌଣସି ନା କୌଣସି ପ୍ରକାର କବିତା ଲେଖିଥା'ନ୍ତି- ତାହା ପ୍ରେମରେ ପଡ଼ି ଭାବପ୍ରବଣତାରେ ହେଉ, ନଚେତ୍ କେହି ଆତ୍ମୀୟସ୍ୱଜନଙ୍କୁ ହରାଇବା ବେଳେ ହେଉ। ଏପରି କେହି ଲୋକ ନାହାନ୍ତି, ଯେଉଁମାନେ କି ଗଭୀର ସୁଖ କିମ୍ବା ଦୁଃଖ ଅନୁଭବ କଲାବେଳେ କବିତାଟିଏ ଲେଖନ୍ତି ନାହିଁ ଅଥବା ତାଙ୍କ ମନରେ ଏହା ସୃଷ୍ଟି ହୁଏ ନାହିଁ।

କବିତା ଏକ ସୂକ୍ଷ୍ମକଳା। କିନ୍ତୁ ଏହା ଖୁବ୍ ଶକ୍ତିଶାଳୀ ଏବଂ ଅର୍ଥପୂର୍ଣ୍ଣ ବାର୍ତ୍ତାଟିଏ ବହନ କରିପାରେ। ବିଶ୍ୱର ଯେକୌଣସି ଭାଷା ହେଉ, ତା'ର ଇତିହାସ କବିତା ସହିତ ଜଡ଼ିତ। ରୋମାନ୍ ବା ଗ୍ରୀକ୍ ଭାଷାରେ ଇଲିୟାଡ୍ ବା ଓଡିସି ଏବଂ ଭାରତୀୟ ଭାଷାରେ ରାମାୟଣ ଓ ମହାଭାରତ ଭଳି ଜନପ୍ରିୟ ମହାକାବ୍ୟଗୁଡ଼ିକ ଛନ୍ଦ କବିତା ଆକାରରେ ହିଁ ଲେଖାଯାଇଛି। ବୈଷ୍ଣବ କବି ଜଗନ୍ନାଥ ଦାସ ତାଙ୍କ ରଚିତ ମହାଗ୍ରନ୍ଥ ଭାଗବତକୁ ମଧ୍ୟ 'ଗୀତ ପ୍ରବନ୍ଧ' ବୋଲି ସୂଚିତ କରିଛନ୍ତି। ସେହିପରି କାଳିଦାସ ଯୁଗରୁ ନାଟକଗୁଡ଼ିକ ରଚିତ ହୋଇ ଆସିଛି ଏହାରି ମାଧ୍ୟମରେ। କାରଣ, ଏସବୁ ପ୍ରକୃତରେ ଭାବପ୍ରବଣତାର ସ୍ୱତଃସ୍ଫୂର୍ତ୍ତ ପ୍ରବାହ। ଅତଏବ ସହଜରେ ଜନମନକୁ ସ୍ପର୍ଶ କରିବାରେ କବିତାର ବିକଳ୍ପ କେବେ ନ ଥିଲା, ଏବେ ନାହିଁ କିମ୍ବା ଭବିଷ୍ୟତରେ ଆସିବ ନାହିଁ।

ମନୋବିଜ୍ଞାନୀମାନଙ୍କ ମତରେ କବିତା ଲେଖିବା ଅତି ସଫଳଭାବେ ମାନସିକ ଚାପ ହ୍ରାସକରେ। ଏ କାର୍ଯ୍ୟରେ ଥରେ ମନ ନିବେଶ ହୋଇଗଲେ ଆମେ ଭୁଲିଯାଉ ଆମ ଜୀବନର ସବୁ ଦୁଃଖ। କାରଣ ଦୁଃଖ, ରାଗ, ଭୟ ଆଦି ନକାରାତ୍ମକ ଭାବପ୍ରବଣତାକୁ ପ୍ରୋତ୍ସାହିତ କରେ ଆମ ଆଡ୍ରେନାଲ ଗ୍ରନ୍ଥିରୁ କ୍ଷରିତ ହେଉଥିବା ହର୍‌ମୋନ କୋର୍ଟିସଲ। ତାହାହିଁ ଆମ ମାନସିକ ଚାପର କାରଣ। ତେବେ ପରୀକ୍ଷାରୁ ଜଣାପଡ଼ିଛି ଯେ, କବିତାଟିଏ ଲେଖି ବସିଲେ ଧୀରେ ଧୀରେ ତାହାର କ୍ଷରଣ ହ୍ରାସ ପାଇବାକୁ ଲାଗେ। ତେଣୁ ମାନସିକ ଚାପ ବୃଦ୍ଧି ହେଲେ ଚାଲନ୍ତୁ କବିତା ଲେଖି ବସିବା, ତାହା କରି ନ ପାରିଲେ ଅନ୍ୟ କିଛି ଲେଖିବା।

ମୋ: ୯୯୩୭୯୮୫୭୬୭

# କରୁଣାମୟୀ



ଡା. ଜୀବନ କୃଷ୍ଣ ମିଶ୍ର

ପୁଣ୍ୟଭୂମି ଭାରତବର୍ଷରେ ମହାଶକ୍ତିରୂପିଣୀ ଦୁର୍ଗାଦେବୀଙ୍କର ସ୍ଥାନ ବହୁ ଉଚ୍ଚରେ। ସେ ଯେତେବେଳେ ପାପାତ୍ମା ରାକ୍ଷସମାନଙ୍କର ଧ୍ୱଂସ ସାଧନରେ ପ୍ରବୃତ୍ତ, ସେ କାଳୀ, କରାଳୀ, ବିକରାଳୀ, ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଓ ବିଂଶଭୁଜା ; ଅନ୍ୟଥା, ସେ ସର୍ବମଙ୍ଗଳା, ଗୌରୀ, ଅମ୍ବିକା ଓ ବାରଭୁଜା ; ଯେତେବେଳେ ସେ ତାଙ୍କର ପ୍ରତ୍ୟାହତ ମୂର୍ତ୍ତି ଧାରଣ କରନ୍ତି ସେ ନୀଳୋତ୍ପଳ ଧାରିଣୀ ଚତୁର୍ଭୁଜା ; ଯେତେବେଳେ ସେ ଚଣ୍ଡୀ, ଜ୍ୱାଳାମୁଖୀ ଓ ଭୟଙ୍କରୀ, ସେତେବେଳେ ସେ ଅଷ୍ଟଭୁଜା, ଯେତେବେଳେ ସେ ଭୈରବୀ, ସେ ଦଶଭୁଜା ଯାହା ଦଶ ମହାବିଦ୍ୟାର ପ୍ରତୀକ।

ଆଶ୍ୱିନ ମାସରେ ଦୁର୍ଗାପୂଜା ଦେବଭୂମି ଭାରତବର୍ଷର ଏକ ମହାନ୍ ଉତ୍ସବ ଓ ପରମ୍ପରା। ବହୁ ଭକ୍ତ ଦେବୀମାତେଙ୍କୁ ଦୁର୍ଗତିନାଶିନୀ ଦୁର୍ଗା ନାମରେ ଅଭିହିତ କରି ତାଙ୍କର ଯଥୋଚିତ ଉପାସନା କରିଥାନ୍ତି। ସାରଳା ଦାସଙ୍କ ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ଯେ, ଦୁର୍ଭେଦ୍ୟ ମହିଷାସୁରର ଭାର ସହି ନ ପାରି ସକଳ ଦେବତା ସମବେତ କଣ୍ଠରେ ପବିତ୍ର ଅଗ୍ନିକୁଣ୍ଡରେ ଆହୁତି ଦେଇ ମହାପ୍ରଭୁ ଭଗବାନ ବିଷ୍ଣୁଙ୍କୁ ବିନମ୍ର ପ୍ରାର୍ଥନା ଜଣାଇଲେ। ଦେବଗଣଙ୍କ ଦୁର୍ଗତି କାଳରେ ଦେବୀ ଅନଳ ଗର୍ଭରୁ ଆବିର୍ଭୂତା ହୋଇଥିବା ହେତୁ ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା ତାଙ୍କୁ ଦୁର୍ଗା ନାମରେ ସୁବିଦିତ କରାଇଥିଲେ। ଆଶ୍ୱିନମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିଠାରୁ ଦେବୀଙ୍କର ଷୋଡ଼ଶ ପୂଜାର ଅୟମାରମ୍ଭ ହୋଇଥାଏ। ଏତାଦୃଶ ଏକ ସୁନ୍ଦର ତିଥିକୁ ମୂଳାଷ୍ଟମୀ ବୋଲି କୁହାଯାଏ। ମୂର୍ତ୍ତିତତ୍ତ୍ୱର ଦୃଷ୍ଟିକୋଣରୁ ଦେବୀ ଦ୍ୱିଭୁଜା, ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଓ ଦ୍ୱାଦଶ ଭୁଜା ମୂର୍ତ୍ତି ରୂପେ ଯୁଗାନୁକ୍ରମେ ପୂଜା ପାଇବାକୁ ଲାଗିଲେ। ଦ୍ୱିଭୁଜା ଦୁର୍ଗାଦେବୀଙ୍କର ମୂର୍ତ୍ତି ଅତି ପ୍ରାଚୀନ ; ଏହି ମୂର୍ତ୍ତିରେ ମହିଷାସୁର ମହିଷ ରୂପେ ପ୍ରଦର୍ଶିତ ହୋଇଥାଏ। ଦେବୀ ତାଙ୍କ ଦକ୍ଷିଣ ହସ୍ତରେ ତ୍ରିଶୂଳ ଧାରଣ କରି ମହିଷରୂପୀ ମହିଷାସୁରର ବକ୍ଷ ବିଦାରଣ କରି ମହିଷ ମଧ୍ୟରୁ ବହିର୍ଗତ ହୋଇଥିବା ମହିଷାସୁରର କେଶଗୁଚ୍ଛକୁ ବାମ ହସ୍ତରେ ଧାରଣ କରି ଥାଆନ୍ତି। ଓଡ଼ିଶାରେ କେବଳ ଶକ୍ତିପୀଠ ଯାଜପୁରରେ ମହିଷମର୍ଦ୍ଦିନୀ ଦୁର୍ଗାଦେବୀ ଅଦ୍ୟାବଧି ପୀଠଦେବୀ ରୂପେ ପୂଜିତା। କେତେକ ଦେବୀ ଓ ଶିବ ମନ୍ଦିରଗୁଡ଼ିକରେ ଚତୁର୍ଭୁଜା ଦୁର୍ଗାଦେବୀ ପାର୍ଶ୍ୱମୂର୍ତ୍ତି ରୂପେ ବିଦ୍ୟମାନ। ତତ୍ତୁଲ୍ୟ ଭାବରେ ଷଡ଼ଭୁଜା ଦୁର୍ଗାଦେବୀଙ୍କର ଉପାସନା କ୍ୱଚିତ ପରିଦୃଶ୍ୟ ହୋଇଥାଏ ; ମାତ୍ର ଭୁବନେଶ୍ୱରସ୍ଥ ଦ୍ୱାରବାସିନୀ ମନ୍ଦିରରେ ଷଡ଼ଭୁଜା ଦୁର୍ଗାଦେବୀ ଏଯାବତ୍ ପୂଜିତା। ଖ୍ରୀଷ୍ଟୀୟ ୮ମ ଶତାବ୍ଦୀ ଶେଷ ଆଡ଼କୁ ଅଷ୍ଟଭୁଜା ଦୁର୍ଗାଦେବୀ ବହୁ ମାତ୍ରାରେ, ବିଭିନ୍ନ ସ୍ଥାନରେ ପୂଜା ପାଇବାକୁ ଲାଗିଲେ। ଭୌମମାନଙ୍କ ରାଜତ୍ୱ ସମୟରେ ଏତାଦୃଶ କାରୁକାର୍ଯ୍ୟଭରା ମୂର୍ତ୍ତିମାନ ଗଢ଼ିଉଠିଥିଲା। ଏହି ସମୟରେ ଦେବୀଙ୍କ ପୂଜାରେ ତାନ୍ତ୍ରିକ ଭାବ ପ୍ରକାଶ ପାଇଲା ଓ ଦେବୀଙ୍କ ନିକଟରେ ବଳିପ୍ରଥା ମଧ୍ୟ ପ୍ରଚଳିତ ହେଲା। ଖ୍ରୀଷ୍ଟୀୟ ୮ମ ଶତାବ୍ଦୀଠାରୁ ୧୦ମ ଶତାବ୍ଦୀ ମଧ୍ୟରେ ଅଷ୍ଟଭୁଜା ଦୁର୍ଗାଦେବୀଙ୍କର ଶାରଦୀୟ ଉତ୍ସବ ତନ୍ତ୍ରଶାସ୍ତ୍ର ଅନୁସାରେ ପ୍ରକଟିତ ହେଲା। କାଳକ୍ରମେ ଓ ସମୟାନୁସାରେ ଦେବୀ ଅଷ୍ଟଭୁଜାରୁ ଦଶଭୁଜାରେ ରୂପାନ୍ତରିତ ହେଲେ।

ସୋମବଂଶୀ ରାଜତ୍ୱର ଶେଷଭାଗରେ ଓ ଗଙ୍ଗବଂଶ ରାଜତ୍ୱର ପ୍ରାରମ୍ଭରେ ଦଶଭୁଜା ମହିଷମର୍ଦ୍ଦିନୀ ଦୁର୍ଗାଦେବୀ ବିଭିନ୍ନ ସ୍ଥାନରେ ପୀଠଦେବୀ ରୂପେ ପୂଜା ପାଇବାକୁ ଲାଗିଲେ। ତତ୍କାଳୀନ ଗଙ୍ଗବଂଶର ଶାସକ ବୃନ୍ଦ ଦଶଭୁଜା ଦୁର୍ଗାଦେବୀଙ୍କର ଉପାସନା ଅତି ନିଷ୍ଠାର ସହ ସମ୍ପାଦନା କରୁଥିଲେ। ସେ ସମୟରେ ଉତ୍କଳୀୟ ଗୌରବ ଓ ଗରିମା ସୁଦୂର ଗଙ୍ଗାମାତାଙ୍କଠାରୁ ଆରମ୍ଭ କରି କଳକଳନାଦିନୀ ଗୋଦାବରୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଶଭୁଜା ଦୁର୍ଗାଦେବୀ ଏବଂ ଏପରି କି ଦ୍ୱାଦଶଭୁଜା ଦୁର୍ଗାଦେବୀ ସସମ୍ମାନେ ପୂଜିତ ହେବାକୁ ଲାଗିଲେ। ଦ୍ୱାଦଶଭୁଜା ମହିଷମର୍ଦ୍ଦିନୀ ଦୁର୍ଗାଦେବୀ ନିଆଳି ନିକଟସ୍ଥ ପ୍ରାଚୀନଦୀ କୂଳରେ, ଅମଣାକୁଦ ଗ୍ରାମରେ ଏକ ମନ୍ଦିରରେ ଅଦ୍ୟାବଧି ଏକ ଗ୍ରାମଦେବତୀ ରୂପେ ପୂଜିତ। ଦେବୀ ତାଙ୍କର ବାରଟି ହସ୍ତରେ ଯଥାକ୍ରମେ ତ୍ରିଶୂଳ, ଶଙ୍ଖ, ଚକ୍ର, ଧନୁ, ଶର, ଫେଟକ, ଚାପ, ସର୍ପ, ଦର୍ପଣ, ଖଡ୍ଗ, ଡମ୍ବରୁ ଓ ମହିଷାସୁରର କେଶକୁ ଧାରଣ କରି ମନ୍ଦିରରେ ବିଦ୍ୟମାନପୂର୍ବକ ଆବାଳବୃଦ୍ଧବନିତାଙ୍କୁ ଆଶୀର୍ବାଦର ସୌରଭ ପ୍ରଦାନ କରିଥାଆନ୍ତି। ଏତାଦୃଶ ଜାଜ୍ୱଲ୍ୟମାନ ଓ ଆକର୍ଷଣୀୟ ପ୍ରତିମା ସାରା ବ୍ରହ୍ମାଣ୍ଡରେ ବିରଳ କହିଲେ କଦାଚିତ୍ ଅତିରଞ୍ଜିତ ହେବ ନାହିଁ। ଯା' ଦେବୀ ସର୍ବଭୂତେଷୁ ଦେବୀ ରୂପେଣ ସଂସ୍ଥିତା, ନମସ୍ତସୈ, ନମସ୍ତସୈ, ନମସ୍ତସୈ ନମୋ ନମଃ ; ଶ୍ରଦ୍ଧାଳୁ ଓ ନିଷ୍କଳଙ୍କ ଭକ୍ତମାନେ ଏହି ଅନ୍ତର୍ମୁଖୀ ସ୍ତୋତ୍ରର ମନ୍ତ୍ରୋଚାରଣ କରି ପରିବେଶକୁ ମହିମାମଣ୍ଡିତ କରିଥାଆନ୍ତି। ଜଗଦମ୍ବେ ମାତେଙ୍କର କଲ୍ୟାଣପ୍ରାପ୍ତ କରି ; ଜନତା ପଶୁ ପ୍ରବୃତ୍ତିରୁ ନିବୃତ୍ତ ହୋଇ ତଥା ଆସୁରିକ ଆଚରଣକୁ ବଳିଦେଇ, ଈର୍ଷା, ଅସୂୟା ଓ ଅହଂକାରଠାରୁ ଦୂରେଇ ରହି, ପରସ୍ପର ଭିତରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନାର ଫଗୁଣ ମଳୟକୁ ବିତରଣ କରିବାର ପ୍ରଚେଷ୍ଟା ଅବଶ୍ୟ କରିଥାଆନ୍ତି। କହିବାକୁ ଗଲେ, ଏହା ତ୍ରିବାର ସତ୍ୟ ଓ ଧ୍ରୁବସତ୍ୟ ମଧ୍ୟ। ପୁଣ୍ୟଭୂମି ତଥା ଦେବଭୂମି ଭାରତବର୍ଷର ଏହା ବାସ୍ତବରେ ଏକ ସ୍ୱତନ୍ତ୍ରତା।

ଯେତେବେଳେ ଅନ୍ୟାୟ, ଅନୀତି ଓ ଅତ୍ୟାଚାରରେ ମେଦିନୀ ପ୍ରକମ୍ପିତ ହୁଏ, ଯେତେବେଳେ ବିଚ୍ଛିନ୍ନତାବାଦ, ସନ୍ତ୍ରାସବାଦ ଓ ଜାତିଆଣ ମନୋଭାବ ଶିରୋତ୍ତଳନ କରେ, ଯେତେବେଳେ ହତ୍ୟା, ଲୁଣ୍ଠନ ଓ ବଳାତ୍କାର ମାତ୍ରାଧିକ ଅବସ୍ଥାରେ ବସୁନ୍ଧରା ମାତେଙ୍କର ଅବୟବରେ କରୁଣ କମ୍ପନ ସୃଷ୍ଟି କରେ, ସେତେବେଳେ ଶକ୍ତି, କଲ୍ୟାଣ ଓ ଆନନ୍ଦର ପ୍ରତୀକ ସଙ୍କଟମୋଚନୀ, ଦୁର୍ଗତିନାଶିନୀ ଓ ପାପବିନାଶିନୀ ଦୁର୍ଗାଦେବୀଙ୍କର ଧରାବତରଣ ହୋଇଥାଏ। କଲ୍ୟାଣମୟୀ, କରୁଣାମୟୀ ମାତେଙ୍କର ସମୟୋଚିତ ଆବିର୍ଭାବରେ ସମାଜ, ସଭ୍ୟତା ଓ ଜନତା ଶାନ୍ତ ହୋଇ ଯାଆନ୍ତି। ଶାନ୍ତି, ନ୍ୟାୟ ଓ ପ୍ରଗତିର ପଥ ସ୍ୱଚ୍ଛଳ ହୋଇଯାଏ। ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମତସୈ, ନମତସୈ, ନମତସୈ ନମୋ ନମଃ।

ଆଜି ସମଗ୍ର ପୃଥିବୀ କରୋନା ଭୂତାଣୁର ସଂକ୍ରମଣରେ ସଂକ୍ରମିତ, ଜଗତବାସୀ ହାହାକାର ଡାକଦେଇ କରୁଣ ଆର୍ତ୍ତନାଦ କରୁଛନ୍ତି, ଦୁର୍ମୂଲ୍ୟ ଜୀବନ ନଷ୍ଟ ହେଉଛି, ମେଦିନୀ ପ୍ରକମ୍ପିତ ହେଉଛି, ନବଜାତ ଶିଶୁଠାରୁ ଆରମ୍ଭ କରି ବୟସାଧିକ ମଣିଷ ଏହି ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଝଡ଼ି ପଡୁଛନ୍ତି। ଅର୍ଥନୀତି ସଙ୍କୁଚିତ ହେଲାଣି, ମାତ୍ରାଧିକ ବେକାରି ବଢ଼ିବାରେ ଲାଗିଛି। ଖାଦ୍ୟ ଓ ପାନୀୟ ମଧ୍ୟ ସମତୁଲ୍ୟ ଭାବରେ ଦୁର୍ବଳ ହୋଇପଡିଲାଣି। ଗମନାଗମନ ଓ ଯାତାୟାତ ଯୋଜନା ଏକବାରକେ ଭୂଲୁଣ୍ଠିତ। ମଣିଷ ସମାଜ ଆଜି ପୂରାପୂରି ଦିଗହରା ଓ ବେସାହାରା। ଆଜିର ଏହି ଦୁର୍ବିଷହ ଯନ୍ତ୍ରଣା ମଧ୍ୟରେ ଆମେ କେବଳ ମା'ଙ୍କୁ ପ୍ରାର୍ଥନା କରିବା ଚଣ୍ଡମୁଣ୍ଡ ବିନାଶିନୀ, ଶୁମ୍ଭ ନିଶୁମ୍ଭ ସଂହାରିଣୀ, ମଙ୍ଗଳକାରିଣୀ ମାତେ ହିଁ କେବଳ ଆମର ଦୁଃଖମୋଚନ କରିବା ସହିତ ଭୟଙ୍କର ଭୂତାଣୁର ବିନାଶ କରିବେ। ଜନନୀ ମାତେ ହିଁ କେବଳ ଆମକୁ ସୁରକ୍ଷାର କବଚ ପରିଧାନ କରାଇବେ। ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା, ନମତସୈ ନମତସୈ ନମତସୈ ନମୋ ନମଃ।

ଭୁବନେଶ୍ୱର-୦୨

ମୋ: ୭୩୨୮୮୭୨୦୨୭

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଭାରତରେ ଯେଉଁ କେତେଜଣ ସକ୍ରିୟ ଭୂମିକା ନେଉଛନ୍ତି ସେମାନଙ୍କ ମଧ୍ୟରେ ବିଶାଳ ଖାଲ୍‌ଡେ ଅନ୍ୟତମ। ମହାରାଷ୍ଟ୍ରର ପୁଣେରେ ବିଶାଳ ଜିଓନ ୱେଷ୍ଟ ମ୍ୟାନେଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଷ୍ଟାର୍ଟଅପ୍ ମାଧ୍ୟମରେ ବର୍ଜ୍ୟ ପରିଚାଳନା କରୁଛନ୍ତି। ରୋଷେଇ ଘର ବର୍ଜ୍ୟରୁ ବିଦ୍ୟୁତ୍ ଓ ବାୟୋଗ୍ୟାସ୍ ଉତ୍ପାଦନ କରାଯାଉଛି। ଏହାଦ୍ୱାରା ଏଲ୍‌ପିଜି ବ୍ୟବହାର ଏକ ଚତୁର୍ଥାଂଶ କମ୍ ହୋଇପାରୁଛି। ଭାରତରେ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଛି ଓ ସେଥିରୁ ୭୦% ସଂଗ୍ରହ ହେବା ପରେ ଆଉସବୁ ବାହାରେ ଠୁଳ ହେଉଛି। ଏହି ବର୍ଜ୍ୟ ୨୦୩୦ ସୁଦ୍ଧା ୧୬୫ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏଣୁ ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିବା କୁହନ୍ତି ୩୨ ବର୍ଷୀୟ ବିଶାଳ। ତାଙ୍କ ପଦ୍ଧତିରେ 'ଏନର୍ଜୀ ବିନ୍' ବ୍ୟବହାର କରାଯାଉଛି, ଯାହା ଜୈବ ବର୍ଜ୍ୟକୁ ବାୟୋଗ୍ୟାସରେ ପରିଣତ କରୁଛି। କେବଳ ଏତିକି ନୁହେଁ, ଏଥିରୁ ବିଦ୍ୟୁତ ଉତ୍ପାଦନ କରାଯାଇ ରାସ୍ତାକଡ଼ ଲାଇଟ ଜଳିବାରେ ଉପଯୋଗ ହେଉଛି। ବିଶାଳ ଜର୍ମାନୀରୁ କେମିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ୨୦୦୯ରେ ଭାରତକୁ ଫେରି ବାୟୋଗ୍ୟାସ ଟେକ୍‌ନୋଲୋଜି କମ୍ପାନୀରେ ଯୋଗଦେଇଥିଲେ। ପରେ ୨୦୧୩ରେ ସେ ଏବଂ ତାଙ୍କ ସାଙ୍ଗ ଜିଓନ ୱେଷ୍ଟ ମ୍ୟାନେଜର୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରତିଷ୍ଠା କରିଥିଲେ। ତାଙ୍କ ପଦ୍ଧତି ଉପଯୋଗ କରିବା ପାଇଁ ବହୁ ଶିଳ୍ପ ସଂସ୍ଥା ଏବେ ଆଗ୍ରହ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧ୍ୟାନ ସମାନ ଥିର!
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧ୍ୟାନ ପରା!
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୬

- ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ବିଜୟୀ ଆମେରିକାର ଉଇଲିୟମ ଭିକ୍‌ରେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି।
- ଜେଏମ୍‌ଏମ୍ ପାର୍ଲାମେଣ୍ଟ ସଦସ୍ୟ ଲାଞ୍ଚ ମାମଲାରେ ସଂପୃକ୍ତ ଥିବା ପୂର୍ବତନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ କ୍ୟାପଟେନ ସତୀଶ ଶର୍ମାଙ୍କ ସରକାରୀ ବାସଭବନ ଏବଂ ଫାର୍ମହାଉସ୍ ଉପରେ ସିବିଆଇ ଚଢ଼ାଉ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | 7 | |
| 3 | | | | | | | 5 | 8 |
| | 1 | | | 7 | | | | |
| | 8 | | 9 | 2 | | | | |
| | | 7 | | | | 9 | | 2 |
| | | 3 | 8 | | 6 | 7 | | |
| 5 | 3 | | | | | | 2 | |
| | | | | | 8 | 3 | 4 | |
| 6 | | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 7 | 8 | 3 | 9 | 6 | 2 | 4 |
| 6 | 2 | 3 | 1 | 4 | 5 | 7 | 8 | 9 |
| 9 | 4 | 8 | 2 | 7 | 6 | 1 | 3 | 5 |
| 4 | 8 | 9 | 3 | 1 | 2 | 5 | 7 | 6 |
| 1 | 5 | 6 | 7 | 9 | 8 | 2 | 4 | 3 |
| 3 | 7 | 2 | 5 | 6 | 4 | 9 | 1 | 8 |
| 2 | 9 | 4 | 6 | 8 | 1 | 3 | 5 | 7 |
| 7 | 6 | 1 | 4 | 5 | 3 | 8 | 9 | 2 |
| 8 | 3 | 5 | 9 | 2 | 7 | 4 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୃଷ୍ଟି ଦେବେ କି

ମହାଶୟ,

ରାଜ୍ୟରୁ ଦୁର୍ନୀତି କିପରି ହଟିବ ଏବଂ ଗରିବ ଲୋକଟିଏ କିପରି ତା'ର ସୁଫଳ ପାଇପାରିବ, ସେଥିପାଇଁ ରାଜ୍ୟ ସରକାର ଚେଷ୍ଟିତ। ଦୁର୍ନୀତିଗ୍ରସ୍ତ ପିଅନ, କିରାଣିଠାରୁ ଆରମ୍ଭକରି ବଡ଼ ବଡ଼ ଅଧିକାରୀଙ୍କୁ ଧରି ନିଜର ପାରିବାପଣିଆର ପ୍ରମାଣ ମଧ୍ୟ ଦେଇଛନ୍ତି। କିନ୍ତୁ ଦୁଃଖର କଥା ଜଟଣୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀଙ୍କୁ ଜିଲାପାଳଙ୍କ ଦ୍ୱାରା ସମ୍ମାନିତ ଏବଂ ପୁରସ୍କୃତ କରିଥିଲେ। ଯେଉଁମାନେ ଦୁଇ ଦୁଇ ଥର ଭିଜିଲାନ୍ସ ବିଭାଗ ଦ୍ୱାରା ଧରାପଡ଼ିଛନ୍ତି ଏବଂ ସେମାନଙ୍କ ନାମରେ କୋର୍ଟରେ ବିଚାର ଚାଲିଛି, ସେମାନେ ଏଥିରେ ଥିଲେ। ଏଠାରେ ସାଧାରଣରେ ପ୍ରଶ୍ନ ଉଠୁଛି, ସରକାର ସବୁବେଳେ ଦୁର୍ନୀତି ଏବଂ ଶାସନର ସ୍ୱଚ୍ଛତା କଥା କହୁଥିବାବେଳେ ଏଭଳି ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ କିପରି ସମ୍ମାନିତ ଏବଂ ପୁରସ୍କୃତ ହେଉଛନ୍ତି । ଏହା କ'ଣ ସରକାରଙ୍କ ସ୍ୱଚ୍ଛତାର ନମୁନା। ତେଣୁ ଯେଉଁମାନେ ସେମାନଙ୍କ ନାମ ସୁପାରିସ କରିଥିଲେ, ସେମାନେ କେତେ ସ୍ୱଚ୍ଛ ଏବଂ ନିର୍ମଳ ବର୍ତ୍ତମାନ ସାଧାରଣ ଲୋକମାନଙ୍କ ମନରେ ପ୍ରଶ୍ନ ଉଠୁଛି। ନିବେଦନ ଏହାର ତଦନ୍ତ ହେବା ଦରକାର।

-ଶ୍ରୀନିବାସ ମଙ୍ଗରାଜ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ପଞ୍ଚାୟତ ନିର୍ବାଚନରେ ଭୋଟ୍ ଦେବୁନାହିଁ

ପଟ୍ଟାଙ୍ଗୀ,୧୨।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ରାଜ୍ୟ ସୀମାନ୍ତ କୋଟିଆ ପଞ୍ଚାୟତର ଫଗୁଣସିନେରି ଗ୍ରାମବାସୀ ଆନ୍ଧ୍ର ସହ ଅଛୁ ଓ ରହିବୁ ମତ ଦେଇ ଆଗାମୀ ଦିନରେ ଓଡ଼ିଶାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଭୋଟ ଦେବୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶାର ଏହି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆମେ ୧୦ ଖଣ୍ଡ ଗ୍ରାମର ଲୋକ ଭୋଟଦେବୁ ନାହିଁ। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଆମକୁ ଯେପରି ସହଯୋଗ କରାଯାଉଛି ସେହିପରି ସହଯୋଗ ଓଡ଼ିଶା ସରକାରଙ୍କ ପକ୍ଷରୁ କରାଯାଉନାହିଁ। ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ଥିବାରୁ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ତଥା ସ୍ଥାନୀୟ ବ୍ଲକ ପ୍ରଶାସନ ଆମମାନଙ୍କ ନିକଟରେ ବାରମ୍ବାର ପହଞ୍ଚି ବିଭିନ୍ନ ପ୍ରତିଶ୍ରୁତି ଦେଉଛି। ଏହିପରି ମତ ରଖିଛନ୍ତି କୋଟିଆ ପଞ୍ଚାୟତର ଫଗୁଣସିନେରି ଗ୍ରାମର ସୋଢା ପେଲି ବିଶୁଙ୍କ ସମେତ ଅନ୍ୟମାନେ। ଆନ୍ଧ୍ରର ସାଲୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ଉପସ୍ଥିତ ଗଣମାଧ୍ୟମ ନିକଟରେ ଏହା କହିଛନ୍ତି। ଏହି ଗ୍ରାମବାସୀଙ୍କ ମତାମତର ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହା ଯଦି ସତ୍ୟ ହୋଇଥାଏ ବେଳହୁଁ ସମାଧାନ ରହିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ


ସାଲୁର ପ୍ରଶାସନକୁ ଭେଟିଥିବା ଫଗୁଣସିନେରିର କେତେଜଣ ଗ୍ରାମବାସୀ।

### ଆନ୍ଧ୍ର ସହ ଅଛୁ ରହିବୁ:ଫଗୁଣ ସିନେରିବାସୀ

କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ବିନୋଦ ମହାପାତ୍ର ଏବଂ ପଟ୍ଟାଙ୍ଗୀ ବ୍ଲକ ସଭାପତି ଶରତ କୁମାର ଧଳ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ସ୍ଥାନୀୟ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ, ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସେଠାରେ ହୋଇଛି। କିଛି କାମ ମଧ୍ୟ ନିର୍ମାଣାଧୀନ ରହିଛି। ସୀମାନ୍ତ ଲୋକଙ୍କ ପ୍ରତ୍ୟେକ ସମସ୍ୟା ଉପରେ ବ୍ଲକ ପ୍ରଶାସନ ଦୃଷ୍ଟି ରଖିଛି। ମଙ୍ଗଳବାର ଘଟଣା ଉପରେ ଆମେ ଗୁରୁତ୍ୱ ଦେବୁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଅବକାରୀ,ପୋଲିସ ଚଢ଼ାଉ: ୩ ଗିରଫ

ଜୟପୁର, ୧୨।୧୦ (ନି.ପ୍ର.)-ଜୟପୁର ଟାଉନ ଥାନା ପୋଲିସ ମଙ୍ଗଳବାର ୨ଟି ସ୍ଥାନରେ ଚଢ଼ାଉ କରି ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛନ୍ତି। ଅବକାରୀ ବିଭାଗ କର୍ମଚାରୀ ଅବକାରୀ ବିଭାଗ ଏଲୋ ବ୍ରିଜ୍ ନିକଟରେ ଚଢାଉ କରିବାରୁ ସ୍କୁଟିରେ ମଦ ଧରି ଆସୁଥିବା ଜଣେ ବ୍ୟକ୍ତି ଅବକାରୀ କର୍ମଚାରୀଙ୍କୁ ଦେଖି ସ୍କୁଟି ଗାଡି ଓ ମଦ ଛାଡି ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ସ୍କୁଟି ଓ ୩୦ ଲିଟର ଦେଶୀ ମଦ ଜବତ କରିଥିଲା। ସେହିପରି ଟାଉନ ଥାନା ପୋଲିସ ସହରର ପାରାବେଢା, ସଦର ଅଞ୍ଚଳର ବି. ମାଳିଗୁଡା, ଓସିସି କଲୋନିରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ୬୪ ଲିଟର ମଦ ଜବତ ହୋଇଛି। ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଭଗବତୀଙ୍କ ମହିଷମର୍ଦ୍ଦିନୀ ବେଶ



ଜୟପୁର, ୧୨।୧୦ (ନି.ପ୍ର.)-ଜୟପୁର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି। ମନ୍ଦିରରେ ଅଷ୍ଟମୀ ପୂଜା କରାଯାଇଥିବା ବେଳେ ମା'ଙ୍କୁ ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଥିଲା। ମା'ଙ୍କ ପାଖରେ ଚଣ୍ଡୀପାଠ, ଷୋଡ଼ଶ ଉପଚାରରେ ପୂଜା, ହୋମ, ସ୍ୱତନ୍ତ୍ର ଆଳତି ହୋଇଥିଲା। ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ଅନୁଯାୟୀ ମା'ଙ୍କୁ ଦର୍ଶନ କରିଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

### ମାନସିକ ବିକୃତ ଝିଅ ସହ ଅନୈତିକ ସମ୍ପର୍କ

ମାଲକାନଗିରି, ୧୨।୧୦ (ଡି.ଏନ୍.ଏ.)-ମାଲକାନଗିରି ଜିଲା ସଦର ବ୍ଲକର ଏମ୍‌ଭି-୧୩ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ମାନସିକ ବିକୃତ ଝିଅ ସହ ଶାରୀରିକ ସମ୍ପର୍କ ରଖିବା ଘଟଣା ଏବେ ଲୋକଲୋଚନକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପୁଅ ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଝିଅର ମାନସିକ ବିକୃତିର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଧମକଚମକ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଝିଅଟି ଗର୍ଭବତୀ ହୋଇପଡିବାରୁ ସେ ୬ ମାସର ଗର୍ଭପାତ କରିବାକୁ ମଧ୍ୟ ପଛେଇ ନ ଥିଲେ। କେସ୍ ନଂ.୪୬୫/୨୧।

### କର୍ମଚାରୀଙ୍କ ଘରୁ ତାଲାଭାଙ୍ଗି ଚୋରି

କାଲିମେଲା,୧୨।୧୦(ଡି.ଏନ.ଏ.)-କାଲିମେଲା ପଞ୍ଚାୟତ ସମିତିରେ କାର୍ଯ୍ୟରତ ଜଣେ କର୍ମଚାରୀ ସୁନାଧର ଗୋଲରିଙ୍କ ସରକାରୀ ବାସଭବନରୁ ତାଲା ଭାଙ୍ଗି ନଗଦ ୧୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁନାଧର ପରିବାର ଧରି ଶନିବାର ଦିନ ଛୁଟିରେ ନିଜ ଘର ଚିତ୍ରକୋଣ୍ଡାକୁ ଯାଇଥିଲେ। ସେମାନେ ମଙ୍ଗଳବାର ସନ୍ଧ୍ୟା ୭ଟା ରେ କାଲିମେଲା ଫେରିବା ପରେ ତାଙ୍କ ଘରେ ତାଲା ଭାଙ୍ଗି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୁନାଧର କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୯୦ଲକ୍ଷରୁ ଊର୍ଦ୍ଧ୍ୱ ହଡ଼ପ କରିଛନ୍ତି ନିଖୋଜ ସେଲ୍ସ ମ୍ୟାନେଜର

- ଇଫ୍‌କୋର ରାଜ୍ୟସ୍ତରୀୟ ଅଧିକାରୀ ଦେଲେ ଏତଲା
- ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ପୋଲିସ
- ଭିନ୍ନ ମୋଡ଼ ନେଇଛି ନିଖୋଜ ମାମଲା

ପଟ୍ଟାଙ୍ଗୀ,୧୨।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ମାଳିପୁଟ ପଞ୍ଚାୟତର କୁନ୍ଦୁଲି ହାଟପଦାଠାରେ ଥିବା ଜାତୀୟ କୃଷି ବଜାର ଇଫ୍‌କୋର ସେଲ୍ସ ମ୍ୟାନେଜର ଦେବାଶିଷ ମହାପାତ୍ର ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ନିକଟରେ ଥାନାରେ ଏତଲା ଦେଇଥିଲେ। ଏହାକୁ ନେଇ ପୋଲିସ ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର ଇଫ୍‌କୋର ଜଣେ ରାଜ୍ୟସ୍ତରୀୟ ଅଧିକାରୀ ମନୋଜ ରାଉଳ ଦେବାଶିଷଙ୍କ ନାମରେ ଅର୍ଥ ହଡ଼ପ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ଏହି ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜାତୀୟ କୃଷି ବଜାରରେ ପହଞ୍ଚି ଥାନା ଅଧିକାରୀ କୈବଲ୍ୟ ସେଠ ଓ ଏଏସ୍‌ଆଇ ଧନୁର୍ଜୟ ମୁରୁମୁ ଷ୍ଟଲ୍‌ରେ ଥିବା ସମସ୍ତ କାଗଜପତ୍ର ଯାଞ୍ଚକରି ଜବତ କରିଥିବା ଜଣାପଡ଼ିଛି। ସେଲ୍ସ ମ୍ୟାନେଜର ଦେବାଶିଷ ସାର ଉଠାଇବା ନେଇ ରହିଥିବା ୬୩ ଲକ୍ଷ ୭ ହଜାର ୭୮ ଟଙ୍କା, ପୂର୍ବରୁ ଗୋଦାମରେ ଥିବା ସାର ବିକ୍ରି ବାବଦ ୨୭ ଲକ୍ଷ ୧୮ ହଜାର ୭୦୪ ଟଙ୍କା ଏବଂ ଅଗ୍ରିମ ବାବଦକୁ ୧୫୦୫ ଟଙ୍କା ଏପରି ମୋଟ ୯୦ ଲକ୍ଷ ୮୫ ହଜାର ୮୯୩ ଟଙ୍କା ଆତ୍ମସାତ୍ କରି ଫେରାର ହୋଇଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇ ଥାନା ଅଧିକାରୀ ସେଠ୍‌ଙ୍କୁ ପଚାରିବାରୁ ଇଫ୍‌କୋର ଅଧିକାରୀ ରାଉଳଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ୧୦୨/୨୧ରେ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି।


ଇଫ୍‌କୋ ବଜାରରେ ପହଞ୍ଚି ପୋଲିସ ରେକର୍ଡପତ୍ର ଯାଞ୍ଚ କରି ତଦନ୍ତ କରୁଛି।

## ବିଜୁବାବୁ, କୃଷକ ନେତା ରବି ପାଢ଼ୀଙ୍କ ପ୍ରତିମୂର୍ତ୍ତି ଅନାବରଣ



ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିମାନେ।

ଗୁଣପୁର,୧୨।୧୦(ଡି.ଏନ୍.ଏ.)

ବିଜୁବାବୁଙ୍କ ପଟ୍ଟଶିଷ୍ୟ ତଥା ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର କୃଷକ ନେତା ରବି ପାଢ଼ୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଉଭୟ ବିଜୁବାବୁ ଓ ରବି ପାଢ଼ୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ରବି ପାଢ଼ୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୃଷକ ଦମ୍ପତି ଦିଲ୍ଲୀପ ଶବର ଓ ସୁରମା ବଡ଼ରଇତଙ୍କୁ ସମ୍ମାନିତ କରାଯାଇଛି। ଉଭୟ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଜୈବିକ ପ୍ରଣାଳୀରେ ଚାଷ କରି ଜୀବିକା ନିର୍ବାହ କରୁଥିବାରୁ ବିଭିନ୍ନ ମହଲରୁ ସେମାନଙ୍କୁ ପ୍ରଶଂସା କରାଯାଇଛି। 'ସ୍ମୃତିରେ ସ୍ମୃତିରେ ଅସ୍ତମିତ ରବି' ସ୍ମରଣିକା ଉନ୍ମୋଚନ କରାଯାଇଛି। ସ୍ମୃତି କମିଟି ବରିଷ୍ଠ ସଦସ୍ୟ ଇଂ ବିଷ୍ଣୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶାନ୍ତିଦେବୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ପ୍ରଫେସର ଡ. ସତ୍ୟ ନାରାୟଣ ରଥ, ବରିଷ୍ଠ ନାଗରିକ ମନୋରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ରବିଙ୍କ ସହ ବିଜୁବାବୁଙ୍କ ସମ୍ପର୍କ ଦ୍ୱାରା ଗୁଣୁପୁରର ଉନ୍ନତି କିଭଳି ସମ୍ଭବ ହୋଇଛି ସେ ସମ୍ପର୍କରେ ଅତିଥି ମତ ଦେଇଥିଲେ। ରବି ଚାଷପ୍ରତି କିଭଳି ଆଗ୍ରହ ପ୍ରକାଶ କରି ଜାତୀୟସ୍ତରରେ ପୁରସ୍କୃତ ହୋଇଥିଲେ, ସେ ନେଇ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମୋଡ୍‌ରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ରଘୁନାଥ ଚୌଧୁରୀ, ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଶିକ୍ଷକ ନେତା ରାଧାରମଣ ପାଢ଼ୀ, ବରିଷ୍ଠ ନାଗରିକ ଶ୍ୟାମ ସୁନ୍ଦର ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ମିଲି ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁନିତା ପଣ୍ଡା ମାନପତ୍ର ପଠନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନରହରି ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାମ ସଂକୀର୍ତ୍ତନ ଚାଲିଥିବାବେଳେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଅଶ୍ୱିନ ଗମାଙ୍ଗ, ଆଇନଜୀବୀ ଫଣି ଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡପରେ ମା'ଙ୍କ ସପ୍ତମୀପୂଜା

କୋରାପୁଟ,୧୨।୧୦(ସ୍ୱ.ପ୍ର.)

କୋଭିଡ୍ କଟକଣା ମଧ୍ୟରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା କୋରାପୁଟ ସହରରେ ଆରମ୍ଭ ହୋଇଛି। ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ, ଓଏମ୍‌ପିଠାରେ ବଙ୍ଗାଳି ଭାଷାଭାଷୀ ଲୋକେ ସ୍ଥାନୀୟ ଡିଏନ୍‌କେସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଓ ଜିଲା ପୋଲିସ ପକ୍ଷରୁ ପୋଲିସ ପଡିଆଠାରେ ଦୁର୍ଗାପୂଜା ହେଉଛି। ମଙ୍ଗଳବାର ଏସବୁ ସ୍ଥାନରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ମଣ୍ଡଳ କାରାଗାର ପକ୍ଷରୁ ଚଳିତ ବର୍ଷ କାରାଗାର ସମ୍ମୁଖରେ ପୂଜାମଣ୍ଡପ କରାଯାଇ ପୂଜାର୍ଚ୍ଚନା ହେଉଛି। ୫୫ ବର୍ଷରେ ପହଞ୍ଚିଥିବା ଏହି ପୂଜାରେ ମଣ୍ଡଳ କାରାଗାର ଅଧୀକ୍ଷକ ଗଗନ ବିହାରୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେହିପରି ଇଣ୍ଡିଆନ ପ୍ରଥମ ରିଜର୍ଭ ବାଟାଲିୟନ ପରିସରରେ ମଧ୍ୟ ଆକର୍ଷଣୀୟ ଦୁର୍ଗାମୂର୍ତ୍ତି କରାଯାଇଛି। ସେହିପରି କୋରାପୁଟ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ହାଟପଦାଠାରେ ପୂଜା ଚାଲିଛି। କୋଭିଡ୍ କଟକଣା ଯୋଗୁ ପୂଜା ମଣ୍ଡପରେ ଭକ୍ତଙ୍କ ଗହଳି ନ ଥିବା ଜଣାପଡିଛି।


କୋରାପୁଟ ବସ୍‌ଷ୍ଟାଣ୍ଡ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା।

## ୫ ଖଣ୍ଡ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିଲେ

କୋରାପୁଟ, ୧୨।୧୦(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି କରି ସୋମବାର କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକର ୫ ଖଣ୍ଡ ଗ୍ରାମର ଅଧିବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏକ ଦାବିପତ୍ର ଜିଲାପାଳ ଅବଦାଲ ଏମ୍ ଅଖତାରଙ୍କୁ ପ୍ରଦାନ କରିଛନ୍ତି। ପଝାର ଗ୍ରାମଠାରୁ ବିରିଗୁଡ଼ା ରାସ୍ତାର ଦୁରବସ୍ଥା ଯୋଗୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିପିଏଲ୍ ଚାଉଳ, କିରୋସିନ, ସ୍ୱାସ୍ଥ୍ୟସେବା ଗମନାଗମନ, ଜରୁରିକାଳୀନ କାର୍ଯ୍ୟରୁ ଉପରୋକ୍ତ ଗ୍ରାମବାସୀ ବଞ୍ଚିତ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ଲକର ମୁର୍କାର ପଞ୍ଚାୟତର କୁସୁମୁପୁଟ, ପଝାର, ଟାମକିଗୁଡା, କନ୍ୟାଝୋଲା, ଛେଣ୍ଡିଗୁଡା ଆଦି ଗ୍ରାମର ଗ୍ରାମବାସୀ ଏହି ଦାବି କରିବା ସହ ଗ୍ରାମରେ ଏକ ବିଏସ୍‌ଏନ୍‌ଏଲ ଟାୱାର ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ପ୍ରସାଦ ମାଣ୍ଡାଙ୍ଗି, ସାଦିକ ଚେଚ୍ଚି, ଭୂଷଣ ସାଉନ୍ତା, ରମେଶ ମେଲକା, ଅଖିଳ ଜାନି, ଗୋପାଳ ଜାନି, ଉଜଳ ଜାନିଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୧୨।୧୦ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ହାନାଗୁଡ଼ା ନିକଟସ୍ଥ ପଟ୍ଟନାୟକଗୁଡ଼ା ଗ୍ରାମରେ ଭଡ଼ାଘରେ ରହୁଥିବା ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମାଲକାନଗିରି ଜିଲା ମାଥିଲିର ସୁବାସ ନାୟକ (୨୧)। ସୁବାସ ଜୟପୁରରେ ଭଡାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ସୋମବାରଠାରୁ ଯାଇ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସେ ଏକ ଗଛରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ସ୍ଥାନୀୟ ବାସିନ୍ଦା ଦେଖି ଆନ୍ୟ ଶ୍ରମିକମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଶ୍ରମିକ ନେତା ବାଲା ରାୟ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି।

### ପନକା ସମାଜର ନୂଆଖାଇ ଭେଟଘାଟ

ରାଇଘର,୧୨।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ସଦର ମହକୁମାସ୍ଥିତ କଳସୀ ମଣ୍ଡେଇ ପଡିଆରେ ଆଞ୍ଚଳିକ ମାଣିକ ପୁରୀ ପନକା ସମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କରାଯାଇଛି। ପନକା ସମାଜ ଜିଲା ସଭାପତି ଉଦୟନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ଶୁକଦେବ ଗଣ୍ଡ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ, ହଳଦୀ ସରପଞ୍ଚ ଉପେନ୍ଦ୍ର ଗଣ୍ଡ, ମୁଣ୍ଡିବେଡ଼ା ସରପଞ୍ଚ ଚନ୍ଦନ ମୁଦୁଲି, ପନକା ସମାଜ ସାଧାରଣ ସମ୍ପାଦକ ନାରାୟଣ ଦାସ, ସରପଞ୍ଚ ପ୍ରତିନିଧି ଲମ୍ବଧର ମାଝି, ବିଜେଡି ନେତା ରାମନାଥ କେଉଟ, ଟାଉନ ସଭାପତି ମୁନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସମାଜ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଇଘର ବ୍ଲକର ୨୬ ପଞ୍ଚାୟତରେ ପନକା ସମାଜର ଭୋଟ୍ ରହିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ରାଜନୀତି ଜଡିତ ଅନୁଭବ କରି ସମାଜର ଅନେକ ବ୍ୟକ୍ତି ବିଶେଷ ଦୁରେଇ ରହିଥିବା ଦେଖିବାକୁ ମିଳିଛି।

### ଗୌଡଗୁଡାକୁ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ

ମାଲକାନଗିରି,୧୨।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହାକୁମାଠାରୁ ମାତ୍ର ୫ କି.ମି. ଦୂରରେ ଥିବା ଗୌଡ଼ଗୁଡା ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇପଡିଛି। ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହଉ ଅବା ପଞ୍ଚାୟତ ଭିତରେ ଥିବା ଗ୍ରାମ୍ୟ ରାସ୍ତା ଅଳ୍ପ ବର୍ଷା ହେଲେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଆଣ୍ଠୁଏ ଉଚ୍ଚର କାଦୁ ଓ ପାଣି ଜମି ରହି ଯାତାୟାତ ଏକରକମ ବନ୍ଦ ହୋଇଯାଉଛି। ରାସ୍ତା ଅବସ୍ଥା ଯୋଗୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ଗ୍ରାମବାସୀ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ପଞ୍ଚାୟତର ଇନ୍ଦ୍ରା କଲୋନୀକୁ ସଂଯୋଗ କରୁଥିବା ଅନ୍ୟ ୩ଟି ପଞ୍ଚାୟତର ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଆହୁରି ଖରାପ ହୋଇପଡିଛି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ କିଛି ସୁଫଳ ମିଳିନାହିଁ ବୋଲି କହନ୍ତି ନାଏବ ସରପଞ୍ଚ। ଗୌଡ଼ଗୁଡା ପଞ୍ଚାୟତର ମୁଖ୍ୟ ରାସ୍ତା କାର୍ଯ୍ୟ ଦଶ ବର୍ଷ ହେବ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ ରାସ୍ତାର ଏଭଳି ଅବସ୍ଥା ଯୋଗୁ ଗ୍ରାମକୁ କୌଣସି ଚାରିଚକିଆ ଯାନ ଯିବାକୁ ରାଜିହେଉନାହାନ୍ତି। ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


କୋରାପୁଟ ମଣ୍ଡଳ କାରାଗାରଠାରେ ହୋଇଥିବା ପୂଜା ମଣ୍ଡପ।


କୋଟପାଡ ବ୍ଲକ କେନ୍ଦୁଗୁଡା ବାରଗୋଡଠାରେ ଯୁବକ ସଂଘ ପକ୍ଷରୁ ହୋଇଥିବା ପୂଜା ମଣ୍ଡପ।


ଦାମନଯୋଡି ସେକ୍ଟର -୩ରେ ଚାଲିଥିବା ପୂଜା।

**ଅସୁରକ୍ଷିତ ବର୍ଗ ନେଇପାରିବେ ବୁଷ୍ଟର ଡୋଜ୍**

କମ୍ ରୋଗ ପ୍ରତିରୋଧକ ଶକ୍ତି ତଥା ଅସୁରକ୍ଷିତ ବର୍ଗର ବ୍ୟକ୍ତିମାନେ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ନେଇପାରିବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)କହିଛି। ଦୁଇଟି ଡୋଜ୍ ନେଇଥିବା ଦୁର୍ବଳ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କୋଭିଡ୍-୧୯ ସହ ଲଢ଼ିବା ପାଇଁ ରୋଗ ପ୍ରତିରୋଧକ କ୍ଷମତା ଅପେକ୍ଷାକୃତ କମ୍ ଥିବାରୁ ସେମାନେ ଅତିରିକ୍ତ ଡୋଜ୍ ନେଇପାରିବେ। ବିଶେଷ କରି ବୟସ୍କ ବ୍ୟକ୍ତିମାନଙ୍କଠାରେ ଅଧିକ ସଂକ୍ରମଣ ଆଶଙ୍କା ରହିଛି। ତେବେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ବୁଷ୍ଟର ଡୋଜ୍ ଆବଶ୍ୟକ ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି।

## ସଂକ୍ଷେପରେ

### ପିଏମ୍‌ଓ ପକ୍ଷରୁ କୋଇଲା ସଙ୍କଟ ସମୀକ୍ଷା

**ନୂଆଦିଲ୍ଲୀ, ୧୨।୧୦:** ବିଭିନ୍ନ ରାଜ୍ୟରେ ଦେଖାଦେଇଥିବା ବିଦ୍ୟୁତ୍ ସଙ୍କଟ ଦୂର ନିମନ୍ତେ ଦେଶରେ କୋଇଲା ଯୋଗାଣ ଓ ବିଦ୍ୟୁତ ଉତ୍ପାଦନର ସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ମଙ୍ଗଳବାର ସମୀକ୍ଷା କରାଯାଇଛି। କୋଇଲା ଅଭାବ ଦୂର ନିମନ୍ତେ ପଦକ୍ଷେପ ନେବାକୁ ଏଥିରେ ଆଲୋଚନା କରାଯାଇଛି। ଏହି ବୈଠକରେ ଶକ୍ତି ସଚିବ ଆଲୋକ କୁମାର ଏବଂ କୋଇଲା ସଚିବ ଏ.କେ. ଜୈନ ଦେଶରେ ଉପଲବ୍ଧ ଥିବା କୋଇଲା ଏବଂ ବିଦ୍ୟୁତ୍ ଶକ୍ତି ଉପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ପ୍ଲାଣ୍ଟକୁ କୋଇଲା ପରିବହନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଇନ୍ଧନ ଯୋଗାଣ ବୃଦ୍ଧି କରିବା ପାଇଁ କୋଇଲା ମନ୍ତ୍ରଣାଳୟକୁ କୁହାଯାଇଥିବାବେଳେ ବିଦ୍ୟୁତ୍ କେନ୍ଦ୍ରକୁ କୋଇଲା ପରିବହନ ପାଇଁ ଟ୍ରେନ୍ ଯୋଗାଇ ଦେବାକୁ ରେଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଦେଶର ୭୦ ପ୍ରତିଶତରୁ ଅଧିକ ଶକ୍ତି ଉତ୍ପାଦନ କୋଇଲା ଭିତ୍ତିକ। ଏବେ କୋଇଲା ସଙ୍କଟ ଲାଗି ରହିଥିବାରୁ ରାଜସ୍ଥାନରୁ କେରଳ ପର୍ଯ୍ୟନ୍ତ ଲୋକେ ବିଦ୍ୟୁତ୍ କାଟର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଦୁଇ-ତୃତୀୟାଂଶ କୋଇଲା ଚାଳିତ ବିଦ୍ୟୁତ୍ ପାଣ୍ଟ୍‌ରେ ସପ୍ତାହେ କିମ୍ବା ତା'ଠାରୁ କମ୍ ଦିନ ପାଇଁ କୋଇଲା ଗଚ୍ଛିତ ଅଛି। ଏହି ସମସ୍ୟା ଦୂର କରିବାକୁ କେନ୍ଦ୍ର ଶକ୍ତି ମନ୍ତ୍ରୀ ରାଜ୍ୟଗୁଡ଼ିକ ଏକ୍ସଚେଞ୍ଜକୁ ଉଚ୍ଚ ଦରରେ ବିଦ୍ୟୁତ୍ ବିକ୍ରି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋଲ ଇଣ୍ଡିଆ ଲିମିଟେଡ୍(ସିଆଇଏଲ୍) ଏହି ସପ୍ତାହରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରକୁ ଦିନକୁ କୋଇଲା ଯୋଗାଣ ୧୫.୫ ଲକ୍ଷ ଟନରୁ ୧୬ ଲକ୍ଷ ଟନ୍ ଟନକୁ ବୃଦ୍ଧି କରିବାକୁ କୁହାଯାଇଛି। ଆସନ୍ତା ୨୦ ତାରିଖ ପରେ କୋଇଲା ଯୋଗାଣ ଦୈନିକ ୧୭ ଲକ୍ଷ ଟନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଦିଲ୍ଲୀକୁ କୋଟା ଅନୁଯାୟୀ କୋଇଲା ଯୋଗାଣ କରିବାକୁ ଏନ୍‌ଟିପିସି ଏବଂ ଡିଭିସିକୁ କୁହାଯାଇଛି।

### ଦୁର୍ଘଟଣାରେ ଗଲା ୨୨ ଜୀବନ

**କାଠମାଣ୍ଡୁ, ୧୨।୧୦:** ନେପାଳର ମୁଗୁ ଜିଲାରେ ମଙ୍ଗଳବାର ଏକ ବସ୍ ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୧୬ ଜଣ ଆହତ ହୋଇଛନ୍ତି। ନେପାଳଗଞ୍ଜରୁ ଗାମ୍‌ଗାଧି ଅଭିମୁଖେ ଯାଉଥିବାବେଳେ ବସ୍‌ଟି ପିନା ଝାୟରୀ ନଦୀକୁ ଖସିପଡ଼ିଥିଲା। ନେପାଳ ସେନା ହେଲିକପ୍ଟର ଯୋଗେ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା।

### ଫିଲିପାଇନ୍ସରେ ବନ୍ୟା, ୧୧ ମୃତ

ବାଗୁୟଓ, ୧୨।୧୦: ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା କୋମ୍ପାସୁ ପ୍ରଭାବରେ ଫିଲିପାଇନ୍ସରେ ପ୍ରବଳ ବର୍ଷା ଲାଗିରହିଛି। ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ଉତ୍ତର ଫିଲିପାଇନ୍ସର ବିଭିନ୍ନ ସ୍ଥାନରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୭ ଜଣ ନିଖୋଜ ଅଛନ୍ତି। ବର୍ଷା ପବନରେ ବହୁ ସଂଖ୍ୟାରେ ଗଛ ଉପୁଡ଼ିପଡ଼ିଥିବାବେଳେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ୬,୫୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।



ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ଏନ୍‌ଜିଓ ଗ୍ରୀନପିସ୍ କର୍ମୀମାନେ ଲଣ୍ଡନର ଡାଉନିଂ ଷ୍ଟ୍ରିଟ୍‌ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ପ୍ରତିମୂର୍ତ୍ତି ରଖି ରାସ୍ତା ଅବରୋଧ କରିଛନ୍ତି। ସେମାନେ ଉକ୍ତ ପ୍ରତିମୂର୍ତ୍ତିରେ ତେଲ ଢାଳି ବିକୃତ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ଲାସ୍‌ଗୋରେ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ସିଓପି-୨୬)କୁ ବୋରିସ୍ ସମ୍ବୋଧିତ କରିବାକୁ କିଛି ସପ୍ତାହ ବାକି ଥିବାବେଳେ ଗ୍ରୀନପିସ୍‌ର ଏଭଳି ବିକ୍ଷୋଭ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପ୍ରକାଶ ଯେ, ନିକଟରେ ଉତ୍ତର ସାଗରରେ ତୈଳ ଉତ୍ତୋଳନ ସଂକ୍ରାନ୍ତ ଏକ ହାଇପ୍ରୋଫାଇଲ ମାମଲାରେ ଗ୍ରୀନପିସ୍ ହାରିଯାଇଛି, ଯାହାକୁ ବୋରିସ୍ ସ୍ୱାଗତ କରିଛନ୍ତି। ବ୍ରିଟେନ୍ ସରକାର ସ୍କଟଲାଣ୍ଡରେ ୧୭୦ ନିୟୁତ ବ୍ୟାରେଲ ତୈଳ ଉତ୍ତୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି।

# ପୋଲିସ ନାକତଳେ ଆତଙ୍କବାଦୀ

**ଜଣେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ଧରିଛି। ନୂଆଦିଲ୍ଲୀସ୍ଥିତ ଲକ୍ଷ୍ମୀନଗର ଅଞ୍ଚଳରେ ସେ ଜାଲ ପରିଚୟ ପତ୍ର ବଳରେ ରହୁଥିଲେ। ପାର୍ବଣବେଳେ ଆତଙ୍କବାଦ ନିରୋଧୀ ଅଭିଯାନ ଚାଲିଥିବାବେଳେ ସେ ଧରାପଡ଼ିଛନ୍ତି। ବଡ଼ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରାଯାଇଛି। ତଦନ୍ତ ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୨୬ରେ ଦିଲ୍ଲୀ ପୋଲିସ ପକ୍ଷରୁ ଏଭଳି ଟୁଇଟ୍ କରାଯିବା ପରେ କେବଳ ଜାତୀୟ ରାଜଧାନୀ ନୁହେଁ, ବରଂ ସାରା ଦେଶରେ ଚହଳ ପଡ଼ିଯାଇଥିଲା। ଧରାପଡ଼ିଥିବା ୪୦ ବର୍ଷୀୟ ଆତଙ୍କବାଦୀ ମହମ୍ମଦ ଅଶ୍ରଫ୍‌ଙ୍କ ଘର ପାକିସ୍ତାନର ପଞ୍ଜାବ ପ୍ରଦେଶ ସ୍ଥିତ ନରୱାଲରେ। ସେ ଦଶମ ଶ୍ରେଣୀ ଯାଏ ପାଠ ପଢ଼ିଛନ୍ତି। କୁଖ୍ୟାତ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ତାଙ୍କୁ ପଠାଇଥିଲା। ଦିଲ୍ଲୀରେ ଛଦ୍ମ ପରିଚୟ ବଳରେ ରହି ସେ ବାହା ହୋଇଥିଲେ। ମଙ୍ଗଳବାର ଗିରଫ ହେବା ପରେ ତାଙ୍କଠାରୁ ଏକେ-୪୭ ରାଇଫଲ୍ ସମେତ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ପାକିସ୍ତାନୀ ଆତଙ୍କବାଦୀଙ୍କ ଗିରଫଦାରି ପରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କଡ଼ା ସୁରକ୍ଷା ବଳୟ ଭିତରେ ଥିବା ଦିଲ୍ଲୀରେ ସେ ୧୩ ବର୍ଷ ଧରି କିପରି ରହୁଥିଲେ। ନାକତଳେ ଆତଙ୍କବାଦୀ ଅବାଧରେ ବୁଲୁଥିବାରୁ ପୋଲିସ କେମିତି ଜାଣିପାରୁ ନ ଥିଲା।**

- ୧୩ ବର୍ଷ ପରେ ଦିଲ୍ଲୀରୁ ଗିରଫ
- ଦୀପାବଳିରେ ଥିଲା ବିସ୍ଫୋରଣ ଯୋଜନା
- ବଂଲାଦେଶ ଦେଇ ଭାରତ ଆସିଥିଲେ
- ଜାଲ ପରିଚୟରେ ବିବାହ କରିଥିଲେ

**ନୂଆଦିଲ୍ଲୀ, ୧୨।୧୦**

ପାର୍ବଣରେ ଆତଙ୍କବାଦୀ ଆକ୍ରମଣ ଯୋଜନା ଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ହାଇ ଆଲର୍ଟରେ ଥିଲା ଜାତୀୟ ରାଜଧାନୀ। ଦିଲ୍ଲୀ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ଆତଙ୍କବାଦୀ ତଲାସି ଅଭିଯାନ। ମଙ୍ଗଳବାର ଏକ ବଡ଼ ଘଟଣା କ୍ରମେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଲକ୍ଷ୍ମୀନଗରରୁ ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଅଶ୍ରଫ୍‌ଙ୍କୁ ଗିରଫ କରିଛି। ଏହି ଆତଙ୍କବାଦୀ ଧରାପଡ଼ିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି ଯାହାକୁ ନେଇ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ପେଶାଲ ସେଲ୍‌ର ଡେପୁଟି ପୋଲିସ କମିଶନର ପ୍ରମୋଦ କୁଶୱାହାଙ୍କ ସୂଚନା ଅନୁସାରେ, ଅଶ୍ରଫ୍‌ଙ୍କ ଘର ପାକିସ୍ତାନର ପଞ୍ଜାବ ପ୍ରଦେଶରେ। ସିଲିଗୁଡ଼ି ସଂଲଗ୍ନ ବଂଲାଦେଶ ସୀମା ଦେଇ ସେ ଭାରତରେ ପ୍ରବେଶ କରିଥିଲେ। ନିଜକୁ ଜଣେ ଭାରତୀୟ ବୋଲାଇବା ପାଇଁ ସେ ଶାସ୍ତ୍ରୀନଗର ବାସିନ୍ଦା ଅଲ୍ଲୀ ଅହମ୍ମଦ ନୁରୀ ନାମରେ ଜାଲ ପରିଚୟପତ୍ର ପ୍ରସ୍ତୁତ କରିଥିଲେ। ସେହି ପରିଚୟପତ୍ର ଆଧାରରେ ସେ ପ୍ରାୟ ୧୩ ବର୍ଷ ଧରି ଭାରତରେ ରହୁଥିଲେ। ଅଶ୍ରଫ୍‌ଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଚଢ଼ାଉବେଳେ ତାଙ୍କ ଘରୁ ଏକ ଏକ୍-୪୭ ରାଇଫଲ, ହ୍ୟାଣ୍ଡ ଗ୍ରେନେଡ, ୬୦ ରାଉଣ୍ଡର ୨ ମାଗାଜିନ୍, ୨ଟି ପିସ୍ତଲ, ୫୦ ରାଉଣ୍ଡ୍ କ୍ୟାଟ୍ରିଜ୍ ଆଦି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଭାରତରେ ଆକ୍ରମଣ ଯୋଜନା କରି ପାକିସ୍ତାନ ଅଶ୍ରଫ୍‌ଙ୍କୁ ପଠାଇଥିଲା।



ଏପରି କି ପାକ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ତାଙ୍କୁ ତାଲିମ ମଧ୍ୟ ଯୋଗାଇଥିଲା। କେବଳ ଏତିକି ନୁହେଁ, ଅଶ୍ରଫ୍ ବିହାରରେ ମଧ୍ୟ ଏକ ନକଲି ପରିଚୟପତ୍ର ଯୋଗାଡ଼ କରିବାରେ ସକ୍ଷମ ହୋଇଥିଲେ। ଏହାସହ ସେ ଉତ୍ତରପ୍ରଦେଶ ଗାଜିଆବାଦର ଜଣେ ମହିଳାଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ସେପ୍ଟେମ୍ବର ୧୪ରେ ଦିଲ୍ଲୀ ପୋଲିସ ଆକ୍ରମଣ ଯୋଜନା ପଣ୍ଡ କରି ୭ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଆଇଏସ୍‌ଆଇ ତାଲିମ ଦେଇଥିଲା।

### ଦଶମ ପରେ ନେଇଥିଲେ ଟ୍ରେନିଂ

ଗିରଫ ହୋଇଥିବା ମହମ୍ମଦ ଅଶ୍ରଫ୍ ୧୦ ଶ୍ରେଣୀ ପାଠ ପଢ଼ିବା ପରେ ଆତଙ୍କବାଦୀ କ୍ୟାମ୍ପରେ ଯୋଗଦେଇଥିଲେ। ସେଠାରେ ସେ ୬ ମାସ ଧରି ତାଲିମ ନେଇଥିଲେ। ପରେ ଭାରତ ଆସି ଆଜମେର, ଦିଲ୍ଲୀ, ଗାଜିଆବାଦ, ଜମ୍ମୁ, ଉଧମପୁର ଆଦି ସ୍ଥାନରେ ସେ ରହିଥିବା ପୋଲିସ କହିଛି। ଏହାବାଦ୍ ଅଶ୍ରଫ୍ ୨୦୧୪ରେ ପାସପୋର୍ଟ ପ୍ରସ୍ତୁତ କରାଇ ଥାଇଲାଣ୍ଡ, ସାଉଦି ଆରବ ଆଦି ଦେଶକୁ ଯାତ୍ରା କରିଛନ୍ତି। ପାକିସ୍ତାନ ସହ ସମ୍ପର୍କରେ ରହିବା ପାଇଁ ସେ ବିଭିନ୍ନ ସୋସିଆଲ ମିଡିଆ ଆପ୍ ମଧ୍ୟ ବ୍ୟବହାର କରୁଥିଲେ। ବହୁ ସଂଖ୍ୟାରେ ଜାଲ ପରିଚୟପତ୍ର ବଳରେ ୫ରୁ ୬ଥର ସେ ତାଙ୍କ ରହଣି ଠିକଣା ବଦଳାଉଥିଲେ ବୋଲି ଡିସିପି କୁଶୱାହା କହିଛନ୍ତି। ଏଥିସହ ସେ କେତେକ ସ୍ଥାନରେ ନିଜକୁ ବାବା ବୋଲି ମଧ୍ୟ ପରିଚୟ ଦେଇଥିଲେ। ସେ କୋରାନ ପଢ଼ି ସେ ଲୋକଙ୍କ ରୋଗ ଠିକ୍ କରିଦେବେ ବୋଲି କହୁଥିବା ପୋଲିସ ଜାଣିବାକୁ ପାଇଛି। ଏଥିସହ ଅନେକ ଆତଙ୍କବାଦୀ ଆକ୍ରମଣରେ ତାଙ୍କ ସମ୍ପୃକ୍ତି ରହିଛି ବୋଲି ଡିସିପି କହିଛନ୍ତି।



ଗୁରୁଦାସପୁର: ଜମ୍ମୁ-କଶ୍ମୀର ପୁଞ୍ଚରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଶହୀଦ ହୋଇଥିବା ଯବାନ ମନଦୀପ ସିଂଙ୍କ ସ୍ତ୍ରୀ ଓ ପରିବାରବର୍ଗ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

### ୩ ଆତଙ୍କବାଦୀ ନିପାତ

**ଶ୍ରୀନଗର, ୧୨।୧୦**

ଜମ୍ମୁ-କଶ୍ମୀର ସୋପିଆନ୍ ଜିଲାରେ ମଙ୍ଗଳବାର ସୁରକ୍ଷାବଳର ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଚଳିତ ମାସରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ୭ ଜଣଙ୍କୁ ହତ୍ୟା ପରେ ସୁରକ୍ଷାବଳ ପକ୍ଷରୁ ତଲାସି ଅଭିଯାନ ଜାରି ରଖାଯାଇଛି। ସୋମବାର ବିଳମ୍ବିତ ରାତିରେ ସୋପିଆନ୍‌ର ଇମାମ୍ ସାହିବ୍ ଅଞ୍ଚଳରେ ୨ ଆତଙ୍କବାଦୀଙ୍କୁ ଏନକାଉଣ୍ଟର କରାଯାଇଥିବାବେଳେ ଫେରିପୋରାଠାରେ ଆତଙ୍କବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ୪୮ ଘଣ୍ଟା ମଧ୍ୟରେ ୫ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀ ନିପାତ କରିଛନ୍ତି।

### 'ଆଫଗାନିସ୍ତାନକୁ ଅନ୍ତର୍ଜାତୀୟ ସହାୟତା ଜରୁରୀ'

**ନୂଆଦିଲ୍ଲୀ,୧୨।୧୦**

ଆଫଗାନିସ୍ତାନ ମାଟି ମୌଳବାଦ ଓ ଆତଙ୍କବାଦର ଉତ୍ସ ନ ପାଲଟୁ। ଆଫଗାନ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଆଫଗାନିସ୍ତାନ ଉପରେ ଜି୨୦ ଏକ୍ସଟ୍ରା ଅର୍ଡିନାରି ସମିଟ୍‌କୁ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ମୋଦି କହିଛନ୍ତି, ଆଫଗାନ ନାଗରିକମାନଙ୍କୁ ଜରୁରୀ ମାନବୀୟ ସହାୟତା ଯୋଗାଇଦିଆଯିବା ଜରୁରୀ। ମହିଳା ଓ ସଂଖ୍ୟାଲଘୁଙ୍କୁ



ନେଇ ସେଠାରେ ଏକ ସମାବେଶୀ ସରକାର ଗଠନ କରାଯିବା ଦରକାର। ଆଫଗାନିସ୍ତାନବାସୀ ସମ୍ମୁଖୀନ ହେଉଥିବା କ୍ଷୁଧା ଓ କୁପୋଷଣର ଯନ୍ତ୍ରଣାକୁ ପ୍ରତ୍ୟେକ ଭାରତୀୟ ଅନୁଭବ କରୁଛନ୍ତି। ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ୨୫୯୩ ଭିତ୍ତିରେ ଏକ ଏକୀଭୂତ ଅନ୍ତର୍ଜାତୀୟ ସହାୟତା ହିଁ ସ୍ଥିତିରେ ସୁଧାର ଆଣିପାରିବ ବୋଲି ମୋଦି ପ୍ରକାଶ କରିଛନ୍ତି।

### ମମତାଙ୍କ କାର୍ଯ୍ୟାଳୟ ବିଲ୍ଡିଂରେ ନିଆଁ

**କୋଲକାତା, ୧୨।୧୦**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାର୍ଯ୍ୟାଳୟ ଥିବା କୋଲାକାତା ସ୍ଥିତ ରାଜ୍ୟ ସଚିବାଳୟ ବିଲ୍ଡିଂର ୧୪ ତମ ମହଲାରେ ମଙ୍ଗଳବାର ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ଏବଂ ପୋଲିସ ସେଠାରେ ପହଞ୍ଚି ଅଧଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ପୋଲିସ କହିଛି। ମୁଖ୍ୟ ଶାସନ ସଚିବ ଏଚ୍. କେ. ଦ୍ୱିବେଦୀ ସମ୍ପୂର୍ଣ୍ଣ ବିଲ୍ଡିଂରେ ଅଗ୍ନିଶମ ବ୍ୟବସ୍ଥାର ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗାପୂଜା ଯୋଗୁ ସଚିବାଳୟ ବନ୍ଦ ଥିବାରୁ ଦୁର୍ଘଟଣା ସମୟରେ ମମତା କାର୍ଯ୍ୟାଳୟରେ ନ ଥିଲେ।

### ତ୍ରିପୁରା ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଇନ୍ଦ୍ରଜିତ୍ ମହାନ୍ତି



**ଅଗରତାଲା, ୧୨।୧୦**

ତ୍ରିପୁରା ହାଇକୋର୍ଟର ୬ଷ୍ଠ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଇନ୍ଦ୍ରଜିତ ମହାନ୍ତି ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ଅଗରତାଲା ସ୍ଥିତ ରାଜଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟ ତାଙ୍କୁ ଶପଥ ପାଠ କରାଇଥିଲେ। ହାଇକୋର୍ଟର ବିଚାରପତି, ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କ ସମେତ ତାଙ୍କ କ୍ୟାବିନେଟ୍ ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ପ୍ରଶାସନିକ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ତ୍ରିପୁରା ହାଇକୋର୍ଟକୁ ଆସିବା ପୂର୍ବରୁ ଜଷ୍ଟିସ୍ ମହାନ୍ତି ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ସେ ତ୍ରିପୁରା ଉଚ୍ଚ ନ୍ୟାୟାଳୟରେ ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଅକିଲ କୁରେଶୀଙ୍କ ସ୍ଥାନ ନେଇଛନ୍ତି। ଜଷ୍ଟିସ୍ ମହାନ୍ତି ବମ୍ବେ ହାଇକୋର୍ଟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମଧ୍ୟ ବିଚାରପତି ରହିଥିଲେ।

### ଅମିତ ଖାରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା



**ନୂଆଦିଲ୍ଲୀ,୧୨।୧୦**

ପୂର୍ବତନ ଶିକ୍ଷା ସଚିବ ଅମିତ ଖାରେଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେ ୨ ବର୍ଷ ପାଇଁ ଏହି ପଦବୀରେ ରହିବେ। ୧୯୮୫ ବ୍ୟାଚ୍ ତଥା ବିହାର-ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର ଖାରେ ୨୦୧୯ ଡିସେମ୍ବରରେ ଉଚ୍ଚଶିକ୍ଷା ବିଭାଗ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିକୁ ୨୦୨୦ ଜୁଲାଇ ୨୯ରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ ଦେଇଥିଲା। ନିକଟରେ ସେ ଅବସର ନେଇଥିଲେ।

## ପୃଥିବୀ ବାହାରୁ ମିଳିଲା ରେଡିଓ ସିଗ୍‌ନାଲ

**ନୂଆଦିଲ୍ଲୀ, ୧୨।୧୦**

ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବନ ଅଛି କି ନା ସେ ନେଇ ଦୀର୍ଘଦିନରୁ ଗବେଷଣା ଜାରି ଥିବାବେଳେ ଏବେ ଏକ ଅଦ୍ଭୁତ ଘଟଣା ଆବିଷ୍କାର ହୋଇଛି। ପୃଥିବୀ ବାହାରୁ ଆସୁଥିବା ଏକ ପ୍ରକାର ରେଡିଓ ସିଗ୍‌ନାଲକୁ ଧରିବାରେ ବୈଜ୍ଞାନିକମାନେ ସକ୍ଷମ ହୋଇଛନ୍ତି। ଏହି ସିଗ୍‌ନାଲ ଆଧାରରେ ଅନ୍ୟ ଗ୍ରହରେ ଜୀବନର ସନ୍ଧାନ କରିହେବ ବୋଲି ସେମାନେ ଦାବି କରିଛନ୍ତି।



ନେଦରଲାଣ୍ଡସ୍‌ରେ ସ୍ଥାପିତ ଦୁନିଆର ସବୁଠାରୁ ଶକ୍ତିଶାଳୀ ରେଡିଓ ଆଣ୍ଟିନା ମାଧ୍ୟମରେ ବୈଜ୍ଞାନିକମାନେ ଏହି ଲୋ-ଫ୍ରିକ୍ୱେନ୍ସି-ଆରେ(ଏଲ୍‌ଓଏଫ୍‌ଏଆର୍)କୁ ଧରିଛନ୍ତି। ରେଡିଓ ସିଗ୍‌ନାଲକୁ ଠାବ କରିଥିବା କୁଇନ୍ସଲାଣ୍ଡ ୟୁନିଭର୍ସିଟିର ଡ. ବେଞ୍ଜାମିନ୍ ପୋପ୍ ଏବଂ ତାଙ୍କ ଟିମ୍‌ଙ୍କ କହିବା ଅନୁସାରେ, ନୂତନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମହାକାଶ ବିଜ୍ଞାନୀ ୧୯ ଡିଷ୍ଟାଣ୍ଟ ରେଡ୍ ଡ୍ୱାର୍ଫ ସଙ୍କେତ ପାଇଛନ୍ତି। ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଯୋଗୁ ପୃଥିବୀ ସୌର ପବନ ସଂସ୍ପର୍ଶରେ ଆସିଲେ ରେଡିଓ ତରଙ୍ଗ ଛାଡ଼ି ଥାଏ। ତେଣୁ ଏବେ ମିଳିଥିବା ଚୁମ୍ବକୀୟ ତରଙ୍ଗ ସୂର୍ଯ୍ୟ ଭଳି ତାରକା ନିକଟରୁ ଆସିଥାଇପାରେ ଏବଂ ସେଠାରେ ଗ୍ରହଗୁଡ଼ିକ ପୃଥିବୀ ଭଳି ପରିକ୍ରମା କରୁଥାଇପାରନ୍ତି ବୋଲି ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି।

## 'ବାହ୍ୟଶକ୍ତି ଇଙ୍ଗିତରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ'

**ଏନ୍‌ଏଚ୍‌ଆର୍‌ସି ପ୍ରତିଷ୍ଠା ଦିବସ**

**ନୂଆଦିଲ୍ଲୀ,୧୨।୧୦**

ବାହ୍ୟଶକ୍ତି ଇଙ୍ଗିତରେ ଭାରତ ବିରୋଧରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଣିବା ନୂଆ ନିୟମ ପାଲଟିଯାଇଛି ବୋଲି ମଙ୍ଗଳବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଅଧ୍ୟକ୍ଷ ଜଷ୍ଟିସ୍ ଅରୁଣ ମିଶ୍ର କହିଛନ୍ତି। ଏନ୍‌ଏଚ୍‌ଆର୍‌ସିର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଜଷ୍ଟିସ୍ ମିଶ୍ର କହିଥିଲେ, ଭାରତ ସର୍ବ ଧର୍ମ ସମ ଭାବ ଉପରେ ବିଶ୍ୱାସ କରେ। ସମାଜ ସେବା ସଙ୍ଗଠନଗୁଡ଼ିକ ଏବଂ ମାନବାଧିକାର ରକ୍ଷକମାନେ

> “ଆଜି ଭାରତ ଏକ ବିଶ୍ୱଶକ୍ତି ଭାବେ ଉଭା ହୋଇଛି। ଦେଶକୁ ନିଜର ନୂଆ ପରିଚୟ ମିଳିଛି। ଏହାର ଶ୍ରେୟ ନାଗରିକ, ଦେଶର ନେତୃତ୍ୱ ଓ ସାମ୍ବିଧାନିକ ତନ୍ତ୍ରର। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉଦ୍ୟମ ଯୋଗୁ ଜମ୍ମୁ-କଶ୍ମୀର ଏବଂ ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ଓ ଆଇନ ବ୍ୟବସ୍ଥାର ନୂଆ ଯୁଗ ଆରମ୍ଭ ହୋଇଛି।
> **-ଜଷ୍ଟିସ୍ ଅରୁଣ ମିଶ୍ର, ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ**



ଆତଙ୍କବାଦ ଓ ରାଜନୈତିକ ହିଂସାକୁ କଡ଼ା ନିନ୍ଦା କରିବା ଉଚିତ। ଏହି ପ୍ରସଙ୍ଗକୁ ନେଇ ଉଦାସୀନତା ମୌଳବାଦକୁ ଜନ୍ମ ଦେଇଥାଏ। ଇତିହାସ ଏଥିପାଇଁ ଆମକୁ କେବେ କ୍ଷମା କରିବ ନାହିଁ। ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବା ସମୟ ଆସିଯାଇଛି। ଭାରତ ଉପରେ ବାହ୍ୟଶକ୍ତି ଇସାରାରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଣିବା ଏକ ନୂଆ ମାପଦଣ୍ଡ ପାଲଟିଯାଇଛି। ପରମ୍ପରା ଓ ଭାଷାଗୁଡ଼ିକୁ ଶେଷ କରିବା ପାଇଁ ଚାଲିଥିବା ଅପଚେଷ୍ଟାକୁ ଦୃଢ଼ ବିରୋଧ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନ୍‌ଏଚ୍‌ଆର୍‌ସି ମୁଖ୍ୟ ଜଷ୍ଟିସ୍ ମିଶ୍ର ସମ୍ବୋଧନ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତିମାନଙ୍କୁ ଧନ୍ୟବାଦ ନେଇଥିଲେ। ଅତ୍ୟନ୍ତ ଲୋକପ୍ରିୟ ଓ ଉଦ୍ୟମୀ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାରେ ସେ ଗର୍ବ ଅନୁଭବ କରୁଥିବା କହିଥିଲେ।

> “କେତେଜଣ ବ୍ୟକ୍ତି ନିଜ ଦୃଷ୍ଟିକୋଣରୁ ମାନବାଧିକାରକୁ ପରିଭାଷିତ କରିବା ଆରମ୍ଭ କରିଛନ୍ତି। ମାନବାଧିକାର ନାମରେ ଦେଶର ଛବିକୁ ମଳିନ କରିବାରେ ଲାଗିଛନ୍ତି। ସବୁଠୁ ବଡ଼ ମାନବାଧିକାର ଉଲ୍ଲଂଘନ ସେତେବେଳେ ହୋଇଥାଏ ଯେତେବେଳେ ରାଜନୀତି ଓ ରାଜନୈତିକ ଲାଭକ୍ଷତିର ଚଷମା ପିନ୍ଧି ଦେଖାଯାଇଥାଏ। ଏହି ଚୟନାତ୍ମକ ବ୍ୟବହାର ଆମ ଗଣତନ୍ତ୍ର ପାଇଁ ବିପଦ।
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

> “ଦୀର୍ଘ ବର୍ଷ ପରେ ୨୦୧୪ରେ ପ୍ରଥମ ଥର ପାଇଁ କେନ୍ଦ୍ରରେ ଏକ ନିରଙ୍କୁଶ ସଂଖ୍ୟାଗରିଷ୍ଠ ସରକାର ଗଠନ ହୋଇଥିଲା। ସେବେଠୁ ଗରିବ, ପଛୁଆ ଓ ସମାଜର ବଞ୍ଚିତ ବର୍ଗଙ୍କ ମଙ୍ଗଳ ପାଇଁ ମାନବାଧିକାରକୁ ରକ୍ଷା କରାଯାଉଛି।
> -ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ମା' ଖମ୍ବେଶ୍ୱରୀଙ୍କ ସୁନାବେଶ



**ଆସିକା,୧୨।୧୦(ଡି.ଏନ୍.ଏ.):** ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଗତ ଗୁରୁବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ସଶସ୍ତ୍ର ପୋଲିସ ପହରା ମଧ୍ୟରେ ଦେବୀଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଛି। ଦେବୀଙ୍କ ସୁନାବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏହି ବେଶ ବିଜୟା ଦଶମୀ ଯାଏ ରହିବ। କରୋନା କଟକଣା ମଧ୍ୟରେ ଚଳିତବର୍ଷ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଲାଗି ସୁଯୋଗ ମିଳିଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। କାଳୀମୁଖୀ, ବସଷ୍ଟାଣ୍ଡ ଠାକୁରାଣୀ, ଫୁଲକେଶିନୀ, ଦଣ୍ଡକାଳୀ ମନ୍ଦିର ଓ ବୈଷ୍ଣୋଦେବୀ ମନ୍ଦିରରେ ମଧ୍ୟ ନବରାତ୍ର ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି।

### ୬ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୨।୧୦:** ବ୍ରହ୍ମପୁର ବିଜିପୁର ବନ୍ଧହୁଡ଼ାରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ମଙ୍ଗଳବାର ଖବର ମିଳିଥିଲା। ଟାଉନ ଥାନା ପୋଲିସ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ କାବୁ କରିଥିଲା। ସୋମବାର ରାତି ପ୍ରାୟ ୧୧ ଟାରେ ପୋଲିସ ଜୁଆଡ଼ିଙ୍କୁ ସେଠାରୁ ଧରିବା ସହ ତାଙ୍କ ନିକଟରୁ ୫୩ହଜାର ଟଙ୍କା ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିଲା। ମାମଲା ନମ୍ବର ୨୦୬/୨୧ରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଜାମିନରେ ଛଡ଼ାଯାଇଥିଲା ବୋଲି ପୋଲିସ କହିଛି।

### ବେଆଇନ୍ ବାଣ ଜବତ, ୨ ଗିରଫ

**ପୁରୁଷୋତ୍ତମପୁର, ୧୨।୧୦ (ଡି.ଏନ.ଏ.):** କବିସୂର୍ଯ୍ୟନଗରଥାନା ଅନ୍ତର୍ଗତ ବଡଖରିଡ଼ା ପଞ୍ଚାୟତ ବୀରଜଗନ୍ନାଥପୁର ଗ୍ରାମରେ ମଙ୍ଗଳବାର ପୋଲିସ ବେଆଇନ ଭାବେ ଚାଲିଥିବା ବାଣ କାରଖାନା ଉପରେ ଚଢ଼ାଉ କରିଛି। ଏହି ଘଟଣାରେ ବାଣ ବ୍ୟବସାୟୀ ରବୀନ୍ଦ୍ର ନାଥ ମହାପାତ୍ର (୫୪) ଓ ରୋଷନ କୁମାର ଦାସ (୩୨) ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ଏ ନେଇ କବିସୂର୍ଯ୍ୟନଗର ଥାନାରେ ନଂ. ୩୭୭, ୩୭୮/୨୧ରେ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଓ କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ସାମିଲ ଥିଲେ।

### ୯ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି,୧୨।୧୦(ଡି.ଏନ.ଏ.):** ଆର.ଉଦୟଗିରି ପୋଲିସ ଅନୁଗୁରୁ ପଞ୍ଚାୟତ ପଟେରଗୁଡ଼ା ନିଟକସ୍ଥ ଭୁଷି ଜଙ୍ଗଲରେ ଚଢାଉ କରି ମଙ୍ଗଳବାର ୯ କୁଇଣ୍ଟାଲ ୭୮ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଫେରାର ହୋଇଯାଇଥିବା ବେଳେ ହରିୟାଣା ଅଞ୍ଚଳର ଧାନଗନ୍ ଗ୍ରାମର ସୋନୁ ପାସ୍ୱାନ୍ (୧୯)ଙ୍କୁ ଗିରଫ କରାଯାଇଛି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୧୨୮/୨୧ ମାମଲା ରୁଜୁ କରାଯାଇଥିବା ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଜୟରାମ ସତପଥୀ ସୂଚନା ଦେଇଛନ୍ତି। ଏହି କେଶର ତଦନ୍ତ ଭାର ଏସ୍ଆଇ ମୁକେଶ ଲାକ୍ରାଙ୍କୁ ଦିଆଯାଇଛି। ହରିୟାଣା ଅଞ୍ଚଳକୁ ଚାଲାଣ ପାଇଁ ୨୪ଟି ଜରି ଅଖାରେ ରଖାଯାଇଥିବା ବେଳେ ପୋଲିସ ଜବତ କରିଥିଲା।

### ୧୫୩ କେଜି ଗଞ୍ଜେଇ ଜବତ

**ଫୁଲବାଣୀ ଅଫିସ,୧୨।୧୦:** ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ପୋଲିସ କଡିପାରିଗାଁ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଚଢ଼ାଉ କରି ୧୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଯୁବକ ହେଲେ ପବିଙ୍ଗିଆ ପଞ୍ଚାୟତ ମଗମୁଣ୍ଡାଗାଁର ବିଷ୍ଣୁ ଚରଣ କହଁର। ଥାନାଧିକାରୀ ରଞ୍ଜିତ କୁମାର ମୁନି ଏକ ଟିମ୍ ନେଇ ଚଢ଼ାଉ କରିଥିଲେ। ଏ ନେଇ ନଂ. ୯୧/୨୧ରେ ମାମାଲା ରୁଜୁ ହୋଇଛି।

# ୫୮ ବର୍ଷରେ କମାପଲ୍ଲୀ ଦୁର୍ଗାପୂଜା

## ୨୦୧୩ରେ ହୋଇଥିଲା ସୁବର୍ଣ୍ଣ ଜୟନ୍ତୀ

ବ୍ରହ୍ମପୁର ଅଫିସ୍,୧୨।୧୦

ବ୍ରହ୍ମପୁର ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିର ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏଭଳି ଭାବେ ସହରର ବହୁ ପୁରାତନ ପୂଜା କୁହାଯାଉଥିବା କମାପଲୀ ବ୍ୟବସାୟୀ ସଂଘ ଦୁର୍ଗାପୂଜା କମିଟି ଚଳିତ ବର୍ଷ ୫୮ତମ ପୂଜା ପାଳନ କରୁଛି। ଏହି କମିଟି ପକ୍ଷରୁ ପ୍ରଥମ କରି ୧୯୬୩ରେ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ସେ ସମୟରେ ବୁଦ୍ଧିଆ ମହାନ୍ତି, ସଞ୍ଜିତ ପଣ୍ଡା ଓ ରାଘବ ପାଢୀ ମିଳିତ ଭାବେ ପୂଜା ଆରମ୍ଭ କରିଥିଲେ। କମିଟି ପକ୍ଷରୁ ୨୦୧୩ରେ ସୁବର୍ଣ୍ଣ ଜୟନ୍ତୀ ମଧ୍ୟ ପାଳନ କରାଯାଇଛି। କିନ୍ତୁ ଚଳିତ ବର୍ଷ କୋଭିଡ୍ କଟକଣାରୁ ଜିଲା ପ୍ରଶାସନର ନିୟମ ମାନି କମିଟି ପକ୍ଷରୁ ଏକ ଅସ୍ଥାୟୀ ସ୍ଥାନରେ ମା'ଙ୍କ ପୂଜା କରାଯାଉଛି। ସହରର ଆଇନା ବନ୍ଧ ସାହି କାରିଗରଙ୍କ ଦ୍ୱାରା ୪ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣ କରାଯାଇଛି। ବର୍ତ୍ତମାନ କମିଟି ସଭାପତି ଗଙ୍ଗାଧର ପାତ୍ର, ସମ୍ପାଦକ



କମାପଲୀଠାରେ ମା'ଙ୍କ ପୂଜାର୍ଚ୍ଚନା।

ରାମକୃଷ୍ଣ ମହାରଣାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସୋମନାଥ ପାଢୀ ଓ ସୀମାଞ୍ଚଳ ବେହେରାଙ୍କ ସମେତ ଗୁରୁନାଥ ପାଣିଗ୍ରାହୀ, ଏସ୍.ତାରିଣୀ ପାତ୍ର,ଏନ୍.ବେଣୁ ଗୋପାଳ ରେଡ୍ଡୀ,ରବୀନ୍ଦ୍ର ପାଢୀ, ସନ୍ତୋଷ ଶତପଥୀ ଓ ସୂର୍ଯ୍ୟ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ଭକ୍ତଶୂନ୍ୟ ତାରାତାରିଣୀଙ୍କ ପୀଠ

ପୁରୁଷୋତ୍ତମପୁର, ୧୨।୧୦ (ଡି.ଏନ୍.ଏ.)

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରେ ମହାଷ୍ଟମୀ ପାଳିତ ହୋଇଯାଇଛି। ମନ୍ଦିର ଉନ୍ନୟନ କାର୍ଯ୍ୟ ଚାଲିଥିବା ଓ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶକୁ ବାରଣ କରାଯାଇଛି। ମହାଷ୍ଟମୀରେ ମା' ତାରାତାରିଣୀଙ୍କୁ ମହାକାଳୀ ବେଶରେ ସଜ୍ଜିତ କରାଯାଇ ପରମ୍ପରା ଅନୁସାରେ ସମସ୍ତ ରୀତିନୀତି କରାଯାଇଛି। ବିନା ଭକ୍ତରେ ରାତିରେ ମହାଦୀପ ଉଠବା କାର୍ଯ୍ୟକ୍ରମ ରହିଛି। ମନ୍ଦିର ନିର୍ବାହୀ ଅଧିକାରୀ ଗିକେ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୁରୋହିତ ପଣ୍ଡିତ ସୀମାଞ୍ଚଳ ଦାଶଶର୍ମା ଚଣ୍ଡି ପାଠ ସହ ପୂଜାର୍ଚ୍ଚନା କରିଥିଲେ। ସେବାୟତ ସଂଘର ସଭାପତି ତପନ କୁମାର ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେବାୟତ ବାପୁଜୀ ରଣାଙ୍କ ସମେତ ସମସ୍ତ ସେବାୟତ ଓ ମନ୍ଦିର ପ୍ରଶାସନ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ



ମା ତାରାତାରିଣୀଙ୍କ ମହାକାଳୀ ବେଶ।

ପରିଚାଳନା କରିଥିଲେ। ପୁରୁଷୋତ୍ତମ ପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିଥିଲେ। ସେହିପରି ଜଳେଶ୍ୱର ଖଣ୍ଡି ଗ୍ରାମରେ ମା' ଦକ୍ଷିଣ କାଳୀ, ପୁରୁଷୋତ୍ତମପୁର ସହରରେ ଥିବା ମା' କନକା ଠାକୁରାଣୀ, କାଲୁଆ ଠାକୁରାଣୀ, କାଳୀ ମନ୍ଦିରରେ ମହାଷ୍ଟମୀ ପର୍ବ ପାଳିତ ହୋଇଯାଇଛି।

### ଚୋରି ଅଭିଯୋଗରେ ୩, ଜୁଆ ଆଡ୍ଡାରୁ ୧୨ ଗିରଫ

ଛତ୍ରପୁର,୧୨।୧୦(ଡି.ଏନ୍.ଏ.)

ଛତ୍ରପୁର ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ବେଳେ ପୃଥକ୍ ୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୧୨ ଜଣଙ୍କୁ ଗିରଫ କରିଛି। ତରେଇ ପାଟପୁର ଗ୍ରାମରେ ଏକ ଚୋରି ଘଟଣାରେ ପୋଲିସ ନଂ.୫୨୭/୨୧ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଗୋପୀ ନାୟକ ଓ ଗଣେଶ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଦୁଆନପଲ୍ଲୀ ଗ୍ରାମରୁ ବାଇକ୍ ଚୋରି ଘଟଣାରେ କୋଦଳା ଥାନା ଅନ୍ତର୍ଗତ ବାତରାପଲ୍ଲୀ ଗ୍ରାମର ଦିବ୍ୟ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏନେଇ ଛତ୍ରପୁର ଥାନାରେ ନଂ.୫୨୦/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ରାଜପୁର ଓ କରାତଳି ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଚଢ଼ାଉ କରାଯାଇଥିଲା। ରାଜପୁର ଜୁଆ ଆଡ୍ଡାରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯,୫୦୦ ଟଙ୍କା ଏବଂ କରାତଳି ଗ୍ରାମର ଜୁଆ ଆଡ୍ଡାରୁ ୬ ଜଣଙ୍କୁ ଗିରଫ ସହ ୨୫ ହଜାର ୩୦୦ ଟଙ୍କା ଜବତ ହୋଇଛି।

# ଦିଗପହଣ୍ଡିରେ ବୁଢ଼ୀ ଠାକୁରାଣୀ ଯାତ୍ରା ମହୋତ୍ସବ

ଦିଗପହଣ୍ଡି,୧୨।୧୦(ଡି.ଏନ.ଏ.)

- ସାହି-ବସ୍ତିକୁ ଘଟ ପରିକ୍ରମା ବନ୍ଦ
- ଅସ୍ଥାୟୀ ପୀଠରେ ପହଞ୍ଚିଲେ ମା'

ଦିଗପହଣ୍ଡି ସହରର ମା ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ମଙ୍ଗଳବାରରୁ ଆରମ୍ଭ ହୋଇଯାଇଛି। ଯାତ୍ରା ପାଇଁ ସହର ଉତ୍ସବ ମୁଖର ହୋଇଛି। ସନ୍ଧ୍ୟାରେ ଠାକୁରାଣୀ ମନ୍ଦିର ବେଢ଼ାରେ ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ ଏବଂ ସେବାୟତ ଆଦିତ୍ୟ ପ୍ରସାଦ ପାତ୍ର, ସୋମନାଥ ପାତ୍ର, ପ୍ରଫୁଲ୍ଲ ପାତ୍ର, ବାପୁନି ପାତ୍ର ପ୍ରମୁଖ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ବଜାର ସାହି ସ୍ଥିତ ଗାନ୍ଧୀ ଛକର ଅସ୍ଥାୟୀ ଯାତ୍ରା ପୀଠକୁ ଆବାହନ କରାଯାଇଥିଲା। ମନ୍ଦିରରେ ମା'ଙ୍କ ଆଜ୍ଞାମାଳ ପରେ



ମନ୍ଦିର ବେଢ଼ାରେ ମା ବୁଢ଼ୀ ଠାକୁରାଣୀ

ଫୁଲମଣ୍ଡାକୁ ମା ବିଜେ କରିଥିଲେ। କରୋନା କଟକଣାରେ ଠାକୁରାଣୀଙ୍କୁ ଅସ୍ଥାୟୀ ଯାତ୍ରା ପୀଠକୁ ପାଛୋଟି ଆଣିଥିଲେ। ବାଦ୍ୟ ବାଜଣା ମଧ୍ୟରେ ଝୁଲି ଝୁଲି ମା ଠାକୁରାଣୀ ବଜାର ସାହି ପରିକ୍ରମା କରି ଅସ୍ଥାୟୀ ଯାତ୍ରା ପୀଠକୁ ପ୍ରବେଶ କରିଥିଲେ। ସେଠାରେ ୧୬ ପ୍ରକାର ଉପଚାର ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟି ସଭାପତି କୁରେଶୁ ମହାରଣା, କାର୍ଯ୍ୟକର୍ତ୍ତା ଅର୍ଦ୍ଧୁ .ଗୋବିନ୍ଦ, କେ. କୁନା, ଶିବଶଙ୍କର ମହାକୁଡ଼, ପ୍ରଭାକର ରେଡ୍ଡୀ, ବିକାଶ ପଶୁପାଳକ, ଦୁର୍ଗା ମେକାପ, ବାଜିକ ବେହେରା, ବି. ଜିତୁ ପ୍ରମୁଖ ଯାତ୍ରା କମିଟିରେ ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୮ ଦିନ ବ୍ୟାପୀ ଏହି ଯାତ୍ରା ମହୋତ୍ସବ କୁମାରୋତ୍ସବରେ ଉଦଯାପିତ ହେବା କାର୍ଯ୍ୟକ୍ରମ ରହିଛି।

# ପ୍ରାଚୀନ ପିତଳ ମୂର୍ତ୍ତି ଉଦ୍ଧାର



ଉଦ୍ଧାର ପିତ୍ତଳ ମୂର୍ତ୍ତି।

ଗଞ୍ଜାମ,୧୨।୧୦(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗର ସୌନ୍ଦର୍ଯ୍ୟକରଣ ପାଇଁ ଦୁର୍ଗ ଚତୁଃପାର୍ଶ୍ୱରେ ଖନନ କାର୍ଯ୍ୟ ଚାଲିଥିବା ବେଳେ କିଛି ପ୍ରାଚୀନ ପିତଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ସେଥିରୁ ୨ ସପ୍ତଫେଣୀ ନାଗମୂର୍ତ୍ତି ଓ ୨ ଦେବୀମୂର୍ତ୍ତି ରହିଛି। ସେହି ମୂର୍ତ୍ତିଗୁଡିକୁ ପୂଜାର୍ଚ୍ଚନା କରାଯାଇଛି। ଏହା ଦେଖିବା ପାଇଁ ଲୋକେ ପୋତାଗଡ଼ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗ ଏ ନେଇ ତଥ୍ୟ ଉନ୍ମୋଚନ କରିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

### ରାମଚଣ୍ଡୀଙ୍କ ଉପରେ ଡକ୍ୟୁମେଣ୍ଟରି ଫିଲ୍ମର ଶୁଭାରମ୍ଭ

ଶେରଗଡ଼,୧୨।୧୦(ଡି.ଏନ୍.ଏ.)

ଶେରଗଡ଼ ସ୍ଥିତ ମା' ରାମଚଣ୍ଡୀ ଠାକୁରାଣିଙ୍କ ପୀଠରେ ମଙ୍ଗଳବାର ନବରାତ୍ର ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରରେ ମା' କଥାକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଭୁବେନେଶ୍ୱର ସ୍ଥିତ ଏକ ସାମାଜିକ ଗଣମାଧ୍ୟମ ପକ୍ଷରୁ ଶ୍ରୀ ମାଁ ରାମଚଣ୍ଡୀ ବ୍ୟାନରରେ ଏକ ଡକ୍ୟୁମେଣ୍ଟରି ଫିଲ୍ମର ଶୁଭାରମ୍ଭ କରାଯାଇଛି। ଶେରଗଡ଼ ବିଡିଓ ଶମ୍ଭୁନାଥ ନନ୍ଦି, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ଥାନାଧିକାରୀ ମମତା କୁମାରୀ ସାମନ୍ତ ରାୟ, ମନ୍ଦିର ପରିଚାଳନା କମିଟି ସଭାପତି ହୃଷୀକେଶ ପାଢୀ ଉପସ୍ଥିତି ଥିଲେ। ମନ୍ଦିର ପରିଚାଳନା କମିଟି ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଯୋଗ ଦେଇଥିଲେ।

### ହରିକୃଷ୍ଣପୁରରେ ମହାଷ୍ଟମୀ ପୂଜା

ଶେରଗଡ଼,୧୨।୧୦(ଡି.ଏନ.ଏ.)

ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ମଙ୍ଗଳବାର ଠାକୁରାଣୀ ମନ୍ଦିରରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆରତୀ କରାଯାଇଥିଲା। ପୂଜକ ମନୋଜ କୁମାର ମିଶ୍ର ଓକୃଷ୍ଣମୋହନ ପାଢୀ ମା'ଙ୍କୁ ଆବାହନ କରିଥିଲେ। ସେହିପରି ଶେରଗଡ ବିଦ୍ୟୁତ୍ ସେକଶନ୍‌ରେ ମଧ୍ୟ ମା'ଦୁର୍ଗାଙ୍କ ପୂଜା ପାଳନ କରାଯାଇଛି। ଯନ୍ତ୍ରୀ ଜିତେନ୍ଦ୍ର କୁମାର ରଏ, ଲାଇନମେନ ବିନେଦ ଚନ୍ଦ୍ରସାହୁ, ସୁଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ଶାଖା ମୁଖ୍ୟଙ୍କୁ ଜାମିନ

## ୧୯ ଲକ୍ଷ ଠକେଇ ମାମଲା

ବ୍ରହ୍ମପୁର ଅଫିସ,୧୨।୧୦

ଚିଫ୍‌ଜେଏମ୍ ଜଜ୍ ଦେବାଶିଷ ପଣ୍ଡା ଏକ ଠକେଇ ମାମଲାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେ ହେଲେ କମାପଲ୍ଲୀ ମନାପୁରମ୍ ଗୋଲଡ଼ ଲୋନ ସଂସ୍ଥା ପୂର୍ବତନ ଶାଖା ମୁଖ୍ୟ ସ୍ମିତାରୂପା ପାଢ଼ୀ। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମାନାପୁରମ୍ ଫାଇନାନ୍ସ ଲିମିଟେଡ୍ କମାପଲ୍ଲୀ ଶାଖାରେ ନକଲି ସୁନା ବନ୍ଧା ପକାଇ ୧୯ଲକ୍ଷ ୫ହଜାର ୩୧୪ ଟଙ୍କା ଲୋନ୍ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସଂସ୍ଥା ଏରିଆ ମ୍ୟାନେଜର୍ ସୁଧାଂଶୁ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୋଲିସ ତଦନ୍ତ କରିଥିଲା। ପୂର୍ବତନ ଶାଖା ମୁଖ୍ୟ ସ୍ମିତାରୂପା ଏହି ଲୋନ୍ ଦେଇଥିଲେ। ନକଲିସୁନା ମନାପୁରମ ଗୋଲ୍ଡ ଲୋନ୍‌ସଂସ୍ଥାରେ ବନ୍ଧକ ରଖି ୧୯ ଲକ୍ଷ ଟଙ୍କା ଠକେଇ ଘଟଣାରେ ସ୍ମିତାରୂପାଙ୍କୁ ପୋଲିସ ଗତ ୨୯ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ସେ ମଣ୍ଡଳ କାରାଗାରରେ ଥିଲେ। ତାଙ୍କ ଓକିଲ ରଘୁନାଥ ପ୍ରସାଦ ପାଣିଗ୍ରାହୀ ଚିଫ୍‌ଜେଏମ୍ କୋର୍ଟରେ ଜାମିନ ଆବେଦନ କରିଥିଲେ। ଜଜ୍ ଏହାର ଶୁଣାଣି କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨ ଜାମିନଦାରଙ୍କୁ ହାଜର କରି ସ୍ମିତାରୂପା ଜାମିନ ପାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ନରେଶ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ରଘୁନାଥ ପ୍ରସାଦ ପାଣିଗ୍ରାହୀ ଓ ଅଶୋକ ଶୁକ୍ଳା ମକଦ୍ଦମା ପରିଚାଳନା କରିଥିଲେ।

# ଗଞ୍ଜାମରେ ଅଣାୟତ୍ତ ଡେଙ୍ଗୁ

## ପୁଣି ୫ ଚିହ୍ନଟ, ୧୫୨ ପଜିଟିଭ

ବ୍ରହ୍ମପୁର ଅଫିସ,୧୨।୧୦

ଗଞ୍ଜାମ ଜିଲାର ୧୯ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମରେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ୧୫୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ଗଜପତିନଗରର ୨୯ବର୍ଷର ଜଣେ ଯୁବକଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ସେହିପରି ବଡ଼ଖେମୁଣ୍ଡି ସାହିର ୪୫ ବର୍ଷର ମହିଳା ଓ ରଙ୍ଗୁଣିବନ୍ଧ ସାହିର ୩୫ ବର୍ଷର ଯୁବକ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଚିକିଟି ବ୍ଲକ କେ.ସୁବାନି ଗ୍ରାମର ୩୨ ବର୍ଷର ଯୁବକ ଓ ଶେରଗଡ ବ୍ଲକ ଅଲାରିଗଡ ଗ୍ରାମର ୩୦ ବର୍ଷର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଡେଙ୍ଗୁ ଏବେ ଅଣାୟତ୍ତ ହୋଇପଡିଛି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକମାନଙ୍କୁ ସଚେତନ ରହିବା ସହ ପରିବେଶ ସଫା ରଖିବା ପାଇଁ ପରାମର୍ଶ ଦିଆଯାଉଛି। ପଜିଟିଭ ଚିହ୍ନଟ ରୋଗୀମାନେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଯେଉଁ ବ୍ଲକରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ସେହି ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇ ସଚେତନ କରୁଛି। ବ୍ରହ୍ମପୁର ସହରରେ ବର୍ତ୍ତମାନ ସୁଦ୍ଧା ୧୦ ଶିଶୁ ଡେଙ୍ଗୁରେ ଆକ୍ରାନ୍ତ ହୋଇ ସାରିଥିବା ବେଳେ ମୋଟ ୪୯ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଗତବର୍ଷ ଅର୍ଥାତ ୨୦୨୦ରେ ଜିଲାରେ ମାତ୍ର ୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୧୯ ରେ ୩୦୭ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୦୧୮ରେ ୧୫୫ ରୋଗୀ ଚିହ୍ନଟ ହୋଇଥିଲେ।

# ଯୁବ, ଛାତ୍ର ବିଜେଡି କାର୍ଯ୍ୟକାରିଣୀ ବୈଠକ

ବେଗୁନିଆପଡ଼ା,୧୨।୧୦(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ବିଜେଡି ଯୁବ ଓ ଛାତ୍ର ସଦସ୍ୟଙ୍କ କାର୍ଯ୍ୟକାରିଣୀ ବୈଠକ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଜିଲା ବିଜେଡି ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡା, ଉପସଭାପତି ଲିଙ୍ଗରାଜ ମହାପାତ୍ର, ଜିଲା ମହିଳା ସଭାପତି ସଂଘମିତ୍ରା ଦଳାଇ, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି,



ବୈଠକରେ ଉପସ୍ଥିତ ଏମପି, ବିଧାୟିକା ଓ ବିଜେଡି ନେତୃବୃନ୍ଦ।

ଜିଲା ପରିଷଦ ସଦସ୍ୟ ପ୍ରତିନିଧି ତ୍ରିନାଥ ଭୂୟାଁ, ବ୍ଲକ ଯୁବ ସଭାପତି ସତିସ କୁମାର ତାରିଣୀ, ଡିଜିଟାଲ ସମ୍ପାଦକ ଶିବରାମ ମାଝୀ, ଛାତ୍ର ସମ୍ପାଦକ ଚରଣ ପଣ୍ଡା ଯୋଗ ଦେଇଥିଲେ। ସଙ୍ଗଠନକୁ ମଜଭୁତ କରିବା ପାଇଁ କେତେକ ସଦସ୍ୟ ନିଜ ମତ ରଖିଥିଲେ। ଫାଶୀ ସରପଞ୍ଚ ନବୀନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧୨।୧୦(ଡି.ଏନ୍.ଏ.)

ମୋହନା ବ୍ଲକ ପତି ଗୋବିନ୍ଦପୁରଠାରେ ଏକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରଦୀପ କୁମାର ପାତ୍ର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରର ସୁପରିଚାଳନା ସହ ଗର୍ଭବତୀ ମହିଳା, ଶିଶୁଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସମସ୍ତ ସହଯୋଗ ରାଜ୍ୟ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୋଗାଇ ଦିଆଯିବ।

### ଛାତ୍ରୀ ଗର୍ଭବତୀ ଅଭିଯୋଗ, ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୧୨।୧୦(ଡି.ଏନ.ଏ.)

ମୋହନା ବ୍ଲକର ଏକ ଛାତ୍ରୀନିବାସରେ ରହୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀ ୫ ମାସର ଗର୍ଭବତୀ ହୋଇଥିବା ନେଇ ଅଡବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ନଂ. ୧୦୪/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଛାତ୍ରୀ ଜଣକ ବିଦ୍ୟାଳୟ ଖୋଲିବା ବେଳେ ଛାତ୍ରୀନିବାସ ଆସିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଡାକ୍ତରୀମାଇନା କରିବାରୁ ସେ ୫ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏ ବିଷୟରେ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ଜଣେ ଯୁବକଙ୍କ ସହ ତାଙ୍କର ଶାରୀରିକ ସମ୍ପର୍କ ଥିବା ଜଣାପଡିଥିଲା। ଏ ନେଇ ଅଡବା ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଛାତ୍ରୀଙ୍କୁ ପାରଳାଖେମୁଣ୍ଡି ସିଡବ୍ଲୁସିକୁ ପଠାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ସମ୍ପୂର୍ଣ୍ଣ ଥଇଥାନ ହୋଇନାହାନ୍ତି କ୍ଷତିଗ୍ରସ୍ତ

## ତିତ୍‌ଲି ବାତ୍ୟାକୁ ୩ ବର୍ଷ ପୂରିଲା

ପାରଳାଖେମୁଣ୍ଡି,୧୨।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟାକୁ ୩ ବର୍ଷ ପୂରିଛି। ୨୦୧୮ ଅକ୍ଟୋବର ୧୦ରେ ଏହି ବାତ୍ୟା ଗଜପତି ଜିଲାରେ ଅନେକ କ୍ଷତି ଘଟାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ବହୁ ସଂଖ୍ୟାରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ପାହାଡ଼ ଧସିବା ଯୋଗୁ ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ବାରଘର ଠାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତେବେ ୩ ବର୍ଷ ପରେ ବି କ୍ଷତିଗ୍ରସ୍ତଙ୍କୁ ସମ୍ପୂର୍ଣ୍ଣ ଥଇଥାନ କରାଯାଇ ପାରିନାହିଁ। ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ଘରଦ୍ୱାର ନିର୍ମାଣ ହୋଇପାରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାତ୍ୟାରେ ହଜାର ହଜାର ବୃକ୍ଷଲତା ନଷ୍ଟ ହୋଇଯାଇଥିଲେ ମଧ୍ୟ ନୂତନ ବନାଞ୍ଚଳ କରିବା କିମ୍ବା ଚାରାରୋପଣ ପ୍ରତି ଧ୍ୟାନ ଦିଆଯାଉନାହିଁ।

ତିତ୍‌ଲି ବାତ୍ୟାରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ପ୍ରାୟ ୫ଦିନ ଧରି ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ସହର ଅନ୍ଧକାରମୟ ହୋଇପଡିଥିଲା। ଗମନାଗମନ ବାଧାପ୍ରାପ୍ତ ହେବା ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପ୍ରଶାସନ ପକ୍ଷରୁ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ବାତ୍ୟା ପରେ ପ୍ରାୟ ୩ମାସ ପର୍ଯ୍ୟନ୍ତ ଅନେକ ରାଜ୍ୟସ୍ତରୀୟ ଅଧିକାରୀ ଏବଂ କ୍ୟାବିନେଟ ମନ୍ତ୍ରୀ ଏହି ଜିଲାକୁ ଆସି କ୍ଷୟକ୍ଷତି ଆକଳନ, ଉଦ୍ଧାର



ମରାମତି ହୋଇ ନ ଥିବା ରାସ୍ତା।

କାର୍ଯ୍ୟ, ସହାୟତା ଆଦି ନିମନ୍ତେ ଡେରା ପକାଇଥିଲେ। ବାତ୍ୟାର ଏକ ବର୍ଷ ମଧ୍ୟରେ ପ୍ରଶାସନିକ ତଥ୍ୟ ଅନୁଯାୟୀ ପ୍ରାୟ ୧୯୧୫.୨୭ କିମି ରାସ୍ତା ପୁନଃନିର୍ମାଣ କାର୍ଯ୍ୟ କରାଯାଇ ଥିବା ବେଳେ ୧୮ଟି ନୂତନ ଗ୍ରାମ ସୃଷ୍ଟି କରାଯାଇ ସେଠାରେ ୭୬୬ ଗୋଟି ବିଜୁ ପକ୍କାଘର ଯୋଜନା ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ୭୮ଟି ଅଙ୍ଗନୱାଡି କେନ୍ଦ୍ର, ୧୦୧ଟି ପ୍ରାଥମିକ ବିଦ୍ୟାଳୟ ପୁନଃନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇଥିଲା। ପାନୀୟଜଳ, ବିଦ୍ୟୁତ୍‌କରଣ ଇତ୍ୟାଦି ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ଏହା ସତ୍ତ୍ୱେ ବି ଅନେକ କ୍ଷତିଗ୍ରସ୍ତ ପରିବାର ସହାୟତାରୁ ବଞ୍ଚିତ ଅଛନ୍ତି।

ଧରିତ୍ରୀ
DHARITRI
Wednesday, October 13/2021



**ଭାରତର ଅଭିବୃଦ୍ଧି ୯.୫% ରହିବ:ଆଇଏମ୍‌ଏଫ୍**

ଚଳିତ ଆର୍ଥିକ ବର୍ଷରେ ଭାରତ ୯.୫% ହାରରେ ଅଭିବୃଦ୍ଧି ହାସଲ କରିବ। ସେହିଭଳି ବିଶ୍ୱ ବଜାରର ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧି ୧୦ ବେସିସ୍ ପଏଣ୍ଟ ନିମ୍ନରେ ରହି ୫.୯% ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) କହିଛି। କୋଭିଡ ଯୋଗୁ ବଜାର ଏବଂ ଯୋଗାଣ ଶୃଙ୍ଖଳ ଉପରେ ପ୍ରଭାବ ପଡ଼ିଛି। ଆସନ୍ତା ଆର୍ଥିକ ବର୍ଷରେ ଭାରତର ଜିଡିପି ୮.୫% ରହିପାରେ। ଏହି ଅବଧି ଲାଗି ୪.୯% ରହିପାରେ। ଚଳିତ ଆର୍ଥିକ ବର୍ଷ ଏବଂ ଆସନ୍ତା ଆର୍ଥିକ ବର୍ଷରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାର ମାନ୍ୟତା ବଜାୟ ରଖିବ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି।

**ସଂକ୍ଷେପରେ**

## ଆମଦାନୀ କୋଇଲା ମିଶ୍ରଣ ଲାଗି ପାୱାର ପ୍ଲାଣ୍ଟଗୁଡ଼ିକୁ ଅନୁମତି



ନୂଆଦିଲ୍ଲୀ,୧୨।୧୦: ଦେଶରେ ବର୍ତ୍ତମାନ ଶକ୍ତି ଚାହିଦା ବଢ଼ିଥିବା ବେଳେ କୋଇଲା ସଙ୍କଟ ଜାରି ରହିଛି। କୋଇଲା ଆମଦାନୀ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ପାୱାର ପ୍ଲାଣ୍ଟଗୁଡ଼ିକୁ ଅନୁମତି ଦେଇଛନ୍ତି। ଆମଦାନୀ ହେଉଥିବା କୋଇଲା ମଧ୍ୟରୁ ୧୦%କୁ ଘରୋଇ ବଜାରର କୋଇଲା ସହ ମିଶ୍ରଣ କରାଯାଇପାରିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ପାୱାର ପ୍ଲାଣ୍ଟ ଗୁଡ଼ିକରେ ଗଚ୍ଛିତ କୋଇଲା ପରିମାଣ ହ୍ରାସ ହୋଇଛି। ଫଳରେ ଭାରତ ଶକ୍ତି ସଙ୍କଟର ସାମ୍ନା କରୁଛି। ସ୍ଥାନୀୟ କୋଇଲା ବ୍ୟବହାର କରୁଥିବା ପ୍ଲାଣ୍ଟଗୁଡ଼ିକ ବିଶେଷ ଭାବେ ଆମଦାନୀ କରି ନ ଥାନ୍ତି। ରାଷ୍ଟ୍ରାୟତ୍ତ କୋଲ୍ ଇଣ୍ଡିଆରୁ ବର୍ତ୍ତମାନ ଯୋଗାଣ ହେଉଥିବା କୋଇଲା ପର୍ଯ୍ୟାପ୍ତ ହେଉନାହିଁ। ଅର୍ଥ ବ୍ୟବସ୍ଥା ଖୋଲୁଥିବାରୁ ବର୍ତ୍ତମାନ ବିଦ୍ୟୁତ ଚାହିଦା ବଢ଼ିଛି। ଫଳରେ ବାଧ ହୋଇ କେନ୍ଦ୍ର ସରକାରଙ୍କୁ କୋଇଲା ଆମଦାନୀ ନୀତିକୁ ପରିବର୍ତ୍ତନ କରିବାକୁ ପଡ଼ିଛି।

## ୧୪ ହଜାର କୋଟିର ଇନ୍‌ପୁଟ ଟାକ୍ସ କ୍ରେଡିଟ୍ ବ୍ଲକ

**ନୂଆଦିଲ୍ଲୀ,୧୨।୧୦:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଅଧୀନରେ ପଞ୍ଜୀକୃତ ପ୍ରାୟ ୬୬ ହଜାର ବିଜନେସ ସଂସ୍ଥାଗୁଡ଼ିକର ୧୪ ହଜାର କୋଟି ଟଙ୍କା ମୂଲ୍ୟର ଇନପୁଟ ଟାକ୍ସ କ୍ରେଡିଟ୍(ଆଇଟିସି)କୁ ଜିଏସ୍‌ଟିଏନ୍ ବ୍ଲକ କରିଦେଇଛି। ଜାଲ ଉପାୟରେ ଆଇଟିସି ହାତେଇବା ଭଳି ଯୋଜନାକୁ ପଣ୍ଡ କରିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଏସ୍‌ଟି ଆଇନରେ ଏଭଳି ଏକ ନିୟମ ରଖାଯାଇଛି। ୬.୧୪ ଲକ୍ଷ କୋଟି ଟଙ୍କା ମୂଲ୍ୟର ଆଇଟିସି ବ୍ଲକ ହୋଇଥିବା ସୋସିଆଲ ମିଡିଆରେ ଏକ ପୋଷ୍ଟ ଆସିଥିଲା। ଏହାକୁ ନେଇ ଜିଏସ୍‌ଟିଏନ୍ ସ୍ପଷ୍ଟୀକରଣ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଟି ଅଧିନରେ ୧.୩୨ କୋଟି ଟିକସଦାତା ପଞ୍ଜୀକୃତ ହୋଇଛନ୍ତି।

# ୪.୩୫% ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୧୦

ସେପ୍ଟେମ୍ବରରେ ଖାଉଟି ମୂଲ୍ୟ ସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି (ସିପିଆଇ) ୫ ମାସର ସର୍ବନିମ୍ନ ସ୍ତର ୪.୩୫% ସ୍ତରକୁ ଖସିଛି। ଏହା ଅଗଷ୍ଟରେ ୫.୫୯% ସ୍ତରରେ ରହିଥିଲା। ଖାଦ୍ୟ ସାମଗ୍ରୀ ଦର କମିବା ଯୋଗୁ ଏଭଳି ସ୍ଥିତି ଆସିଛି। ଲଗାତାର ତୃତୀୟ ମାସ ଲାଗି ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ମୁଦ୍ରାସ୍ଫୀତି ରହିଥିବା ଜଣାପଡ଼ିଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ବିଶେଷ କରି ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାରକୁ ନେଇଥାଏ। ଖୁଚୁରା ମୁଦ୍ରାସ୍ଫୀତି ୬% ମଧ୍ୟରେ ସୀମିତ ରଖିବାକୁ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି।

ଆର୍ଥିକ ବର୍ଷ ୨୦୨୧-୨୨ରେ ଖୁଚୁରା ମୁଦ୍ରାସ୍ଫୀତି ୫.୩% ରହିପାରେ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି।



ଅଗଷ୍ଟ ମାସରେ ହୋଇଥିବା ୫.୭% ଧାର୍ଯ୍ୟ ଆକଳନ ଠାରୁ ଏହା ନିମ୍ନ। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୧%, ତୃତୀୟରେ ୪.୫% ଏବଂ ଚତୁର୍ଥରେ ୫.୮% ରହିପାରେ। ଆର୍ଥିକ ବର୍ଷ ୨୦୨୨-୨୩ ପ୍ରଥମ ତ୍ରୈମାସରେ ଏହି ମୁଦ୍ରାସ୍ଫୀତି ୫.୨% ରହିପାରେ। ଖାଇବା ତେଲ, ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଏବଂ ମେଡିସିନ ଭଳି କିଛି ସାମଗ୍ରୀ ଦର ଉଚ୍ଚରେ ରହିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ। ଖରିଫ ଉତ୍ପାଦନ ଉନ୍ନତ ହେବା ଯୋଗୁ ଏହା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ଯୋଗଦାନ ରଖିବ।

ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଡାଟା ମୁତାବକ, ଅଗଷ୍ଟରେ ଔଦ୍ୟୋଗିକ ଉତ୍ପାଦନ ୧୧.୯% ବଢ଼ିଛି। ମାନୁଫାକଚରିଂ, ଶକ୍ତି କ୍ଷେତ୍ର ଏବଂ ଖଣି ଭଳି କ୍ଷେତ୍ରର ଉତ୍ପାଦନରେ ଉନ୍ନତି ଆସିଛି। ମାନୁଫାକ୍‌ଚରିଂ କ୍ଷେତ୍ର ଅଭିବୃଦ୍ଧି ୯.୭% ରହିଛି। ଖଣି କ୍ଷେତ୍ର ୨୩.୬% ଅଭିବୃଦ୍ଧି ରହିଛି। ଔଦ୍ୟୋଗିକ ଉତ୍ପାଦନ ବର୍ତ୍ତମାନ କୋଭିଡ ପୂର୍ବ ସ୍ଥିତିକୁ ଫେରିଥିବା ଜଣାପଡ଼ିଛି।

# ଜୟରାମ ଲେଙ୍କା ପକ୍ଷରୁ ପାର୍ବଣ ଅଫର

ଭୁବନେଶ୍ୱର,୧୨।୧୦

ପାର୍ବଣ ଉପଲକ୍ଷେ ଜୟରାମ ଲେଙ୍କା ପକ୍ଷରୁ ଅଫର ଘୋଷଣା କରାଯାଇଛି। ବିଭିନ୍ନ କଟକଣା ସତ୍ତ୍ୱେ ପ୍ରତ୍ୟେକ ଗ୍ରାହକଙ୍କ ଚାହିଦା ପୂରଣ କରିବାରେ ପ୍ରତିଶ୍ରୁତିବଦ୍ଧ ଜୟରାମ ଲେଙ୍କା ଆଣିଛି ଅନେକ ନୂତନ ତଥା ସର୍ବୋତ୍କୃଷ୍ଟ ଡିଜାଇନ୍‌ର ପରିଧାନ ଯଥା ମହିଳାଙ୍କ ନିମନ୍ତେ ବିଭିନ୍ନ ନାମୀ ବ୍ରାଣ୍ଡର ଶାଢ଼ି ସମ୍ଭାର। ଏହା କେବଳ ଜୟରାମ ଲେଙ୍କା ଷ୍ଟୋରରେ ଉପଲବ୍ଧ। ପୂଜା ରିହାତି ଭାବେ ଷ୍ଟୋର ପକ୍ଷରୁ ଫ୍ଲାଟ୍ ୭% ସହ କ୍ୟାଶ୍‌ବ୍ୟାକ୍ ଏବଂ ଉପହାର ମିଳୁଛି। ଗତ ବର୍ଷ ପରି ଚଳିତବର୍ଷ ପାର୍ବଣ ଋତୁରେ ଗ୍ରାହକଙ୍କ କ୍ରୟ ଉପରେ ଏକ ବମ୍ପର ଅଫର ୧ ଅକ୍ଟୋବରଠାରୁ ଶୁଭାରମ୍ଭ କରାଯାଇଛି। ଏହା ସହିତ ପରିବାରର ସମସ୍ତ ସଦସ୍ୟ ଏବଂ ବିଶେଷକରି ପୁରୁଷମାନଙ୍କ ନିମନ୍ତେ ବିଭିନ୍ନ ନୂତନ ଫ୍ୟାଶନର ପୋଷାକ ଅତି ସୁଲଭ ମୂଲ୍ୟରେ ଉପଲବ୍ଧ ଅଛି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସରକାରଙ୍କ ନିର୍ଦ୍ଦେଶିତ ପ୍ରତ୍ୟେକ କୋଭିଡ୍




ନିୟମାବଳୀ ଅନୁସରଣ କରାଯାଉଛି। ପ୍ରତ୍ୟେକ ଗ୍ରାହକଙ୍କୁ ଅନୁରୋଧ ମାସ୍କ ପରିଧାନ କରି ଷ୍ଟୋର ଭିତରକୁ ପ୍ରବେଶ କରି ଖୁସିର ଲହରକୁ ଆହୁରି ଦ୍ୱିଗୁଣିତ କରନ୍ତୁ। ଜୟରାମ ଲେଙ୍କା ପରିଚାଳନା ନିର୍ଦ୍ଦେଶକ ରବି ଲେଙ୍କା କହନ୍ତି, ପାର୍ବଣ ସମୟରେ ପରିବାରର ସମସ୍ତେ ନିଜକୁ ସୁସଜ୍ଜିତ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ବିବାହ, ଜନ୍ମଦିନ ଏପରି ଅନେକ ପାଇଁ ସୁଲଭ ଏବଂ ମନପସନ୍ଦର ଜିନିଷ କ୍ରୟ କରିବା ନିମନ୍ତେ ଏକମାତ୍ର ଷ୍ଟୋର ଜୟରାମ ଲେଙ୍କା ଆପଣଙ୍କ ନିମନ୍ତେ ପ୍ରତିଶ୍ରୁତିବଦ୍ଧ।

# ଅତୁଲ ଅଟୋର ନୂଆ ରିକ୍ ସିଏନ୍‌ଜି




ଭୁବନେଶ୍ୱର,୧୨।୧୦

ଅତୁଲ ଅଟୋ ଲିମିଟେଡ୍ ପକ୍ଷରୁ ନୂଆ ରିକ୍ ସିଏନ୍‌ଜି ମଡେଲକୁ ସ୍ଥାନୀୟ ସଞ୍ଜୀବନୀ ମୋଟର୍ସଠାରେ ବଜାର ପ୍ରବେଶ କରାଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରା, ସଞ୍ଜୀବନୀ ମୋଟର୍ସର ମାଲିକ ନିରଞ୍ଜନ ନାୟକ, ଅତୁଲ ଅଟୋ ଲିମିଟେଡ୍‌ର ରିଜିଅନାଲ ମ୍ୟାନେଜର ଚିନ୍ମୟ ସ୍ୱାଇଁ, ଏରିଆ ମ୍ୟାନେଜର ସୁଧୀର ସାହୁ ପ୍ରମୁଖ ଉପସ୍ଥିତ ରହି ନୂଆ ଯାନକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅଟୋ ୟୁନିୟନର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। କମ୍ପାନୀର ଏହି ସିଏନ୍‌ଜି ମଡେଲ ୩୬ ମାସର ୱାରେଣ୍ଟି, ପ୍ରଥମ ବର୍ଷ ଫ୍ରି ମେଣ୍ଟେନାନ୍ସ ସୁବିଧା ମିଳୁଛି। ଏହି ସେଗ୍‌ମେଣ୍ଟରେ ପ୍ରଥମଥର ଲାଗି ଡିଜିଟାଲ କନସୋଲ, କିଲୋ ପିଛା ୫୦ କି.ମି. ମାଇଲେଜ ମଧ୍ୟ ଗ୍ରାହକ ଲାଭ କରିପାରିବେ। ଯାନଟିର ଅନ୍‌ରୋଡ୍ ମୂଲ୍ୟ ୨.୭୧ ଲକ୍ଷ ଟଙ୍କା ରହିଛି। ପାର୍ବଣ ଉପଲକ୍ଷେ ଅଫର ମଧ୍ୟ ରହିଛି। ୩୨,୯୯୯ ଟଙ୍କା ଡାଉନ ପେମେଣ୍ଟ ପ୍ରଦାନ କରି ଗ୍ରାହକ ଯାନଟିକୁ ଲାଭ କରିପାରିବେ।

# ବଜାରରେ ନୂଆ ଏମ୍‌ଜି ଆଷ୍ଟୋର

ନୂଆଦିଲ୍ଲୀ,୧୨।୧୦

ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ନୂଆ ଆଷ୍ଟୋର ମଡେଲ ବଜାରକୁ ଆସିଛି। ଏହା ଭାରତର ପ୍ରଥମ ବ୍ୟକ୍ତିଗତ ଏଆଇ ସହାୟକ ତଥା ପ୍ରଥମ-ସେଗ୍‌ମେଣ୍ଟ ଅଟୋନୋମସ୍(ସ୍ତର୨) ଟେକ୍ନୋଲୋଜି ସହ ମଧ୍ୟମ ଆକାରର ଏସ୍‌ୟୁଭି ବର୍ଗରେ ଶୁଭାରମ୍ଭ କରାଯାଇଛି। ଯାନଟିର ବଜାର ଦର ୯.୭୮ ଲକ୍ଷ ଟଙ୍କା ରହିଛି। ଗ୍ରାହକ କମ୍ପାନୀର ଡିଲରଶିପ ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମରୁ ଏହାକୁ ବୁକିଂ କରିପାରିବେ। ଚଳିତ ମାସ ୨୧ରୁ ଏଥିଲାଗି ବୁକିଂ ଆରମ୍ଭ ହେବ। ନଭେମ୍ବରଠାରୁ ଏହି ଯାନଟିକୁ ଗ୍ରାହକଙ୍କୁ ଡେଲିଭରି ମିଳିବ। ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଡିଜାଇନ ଏକ୍ସିଲେନ୍ସ ସହ ଆଷ୍ଟୋର ପ୍ରିମିୟମ ମଧ୍ୟମ ବର୍ଗ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପୋଜିସନ କରାଯାଇଛି। ଗ୍ରାହକମାନେ ଷ୍ଟାଇଲରୁ ଆରମ୍ଭକରି ସୁପର, ସ୍ମାର୍ଟ ଏବଂ ଟପ୍-ଅଫ୍-ଲାଇନ ସାର୍ପ ପର୍ଯ୍ୟନ୍ତ ଭାରିଆଣ୍ଟଗୁଡିକ ମଧ୍ୟରେ ଚୟନ କରିପାରିବେ। ଏମ୍‌ଜି ମୋଟର ଇଣ୍ଡିଆର ସଭାପତି ତଥା ଏମ୍‌ଡି ରାଜୀବ ଚାବା କହିଛନ୍ତି, ପ୍ରତିଷ୍ଠିତ ବ୍ରାଣ୍ଡ ଐତିହ୍ୟ ଉପରେ ଆଧାରକରି ଭବିଷ୍ୟତର ଗତିଶୀଳତାର ଅଭିବ୍ୟକ୍ତିରେ ଆଷ୍ଟୋରକୁ ପ୍ରସ୍ତୁତ କରାଯାଇଛି।

# ଦୁରିଆନରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

Durian®

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଦୁରିଆନ ପକ୍ଷରୁ ପାର୍ବଣ ଉପଲକ୍ଷେ ଆକର୍ଷଣୀୟ ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଦୁରିଆନ ଷ୍ଟୋର ଆସି କ୍ରୟ କଲେ ବଛା ବଛା ମଡେଲ ଉପରେ ଫ୍ଲାଟ୍ ୫୦% ରିହାତି ଲାଭ କରିପାରିବେ। ସେହିଭଳି ମଡେଲଗୁଡ଼ିକ ଉପରେ ୫ ବର୍ଷର ୱାରେଣ୍ଟି ଉପଲବ୍ଧ ହେଉଛି। ଏହା ବାଦ୍ ଇଣ୍ଟରେଷ୍ଟ ଫ୍ରି ଇଏମ୍‌ଆଇ ଗ୍ରାହକ ଲାଭ କରିପାରିବେ। ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହ ଫ୍ରି ହୋମ୍ ଡେଲିଭରି ସୁବିଧା ମଧ୍ୟ ରହିଛି। ଭୁବନେଶ୍ୱରର ସାମନ୍ତରାପୁର ଛକରେ ଦୁରିଆନ ଷ୍ଟୋର ରହିଛି। ଏହା ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୮ଟା ଯାଏ ଖୋଲା ରହୁଛି। ସପ୍ତାହର ସବୁ ଦିନରେ ଗ୍ରାହକ ଏଠାରେ ବିଭିନ୍ନ ବର୍ଗର ଫର୍ନିଚର କିଣିବାର ସୁଯୋଗ ପାଇପାଇବେ। ଗତ ୧୪ ବର୍ଷ ହେବ ସଫଳତାର ସହ ଷ୍ଟୋର ସେବା ଯୋଗାଣଧାରା ଜାରି ରଖିଛି।

ଷ୍ଟୋରରେ ଗ୍ରାହକ ସୋଫା, ରିକ୍ଲାଇନର,ବେଡ୍, ଡାଇନିଂ ସେଟ୍, ଅଫିସ ଫର୍ନିଚର ଭଳି ଅନ୍ୟ ବର୍ଗରେ ଫର୍ନିଚର ଲାଭ କରିପାରିବେ। ଅଫରର ସମୟସୀମା ସ୍ୱଳ୍ପ ଅବଧି ଲାଗି ରହିଛି। ଦଶହରା ଉପଲକ୍ଷେ ବିସ୍ତୃତ ବର୍ଗର ଫର୍ନିଚର ଏବଂ ଷ୍ଟାଇଲ ଶୋ'ରୁମ୍‌ରେ ଉପଲବ୍ଧ। ଏହାବାଦ ଗ୍ରାହକଙ୍କ ଲାଗି ଫ୍ରି ଡିଜାଇନ କନସଲଟେଶନ, ସୋଫା କଷ୍ଟମାଇଜେଶନ, ବିସ୍ତୃତ ଫର୍ନିଚର ଆବଶ୍ୟକତା ଲାଗି ଏଣ୍ଡ ଟୁ ଏଣ୍ଡ ସଲ୍ୟୁଶନ ମିଳୁଛି। ଲୋକଙ୍କ ଲିଭିଂ ସ୍ପେଶକୁ ପରିଭାଷିତ ତଥା ନୂତନତ୍ୱ ଭରି ଦେବାରେ ଫର୍ନିଚର ଗୁଡିକ ସହାୟକ ହେବ।

**ଫୁରସତ୍**

# ବିପଦ କମାଇଛି ବିପର୍ଯ୍ୟୟ ନିୟନ୍ତ୍ରଣ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ ସମ୍ପୂର୍ଣ୍ଣ କିଂକର୍ତ୍ତବ୍ୟବିମୂଢ଼। ସେହିପରି ମନୁଷ୍ୟକୃତ ବିପର୍ଯ୍ୟୟ ବିରୋଧରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ମଧ୍ୟ କଷ୍ଟକର ହୋଇପଡ଼େ। ଉପଯୁକ୍ତ ନିୟନ୍ତ୍ରଣ ତଥା ପରିଚାଳନା ବ୍ୟବସ୍ଥା ଗ୍ରହଣ ଦ୍ୱାରା ବିପର୍ଯ୍ୟୟ ପୂର୍ବ ଏବଂ ପରବର୍ତ୍ତୀ କାର୍ଯ୍ୟ ତ୍ୱରାନ୍ୱିତ ହୁଏ। ଫଳରେ ଧନଜୀବନ କମ୍ ନଷ୍ଟ ହେବା ସହିତ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିଥାଏ। ତେଣୁ ବିପର୍ଯ୍ୟୟ ନିୟନ୍ତ୍ରଣ ଏବେ ଆଶାର କିରଣ ପାଲଟିଛି। ପୃଥିବୀ ବ୍ୟାପୀ ଗତ ଦୁଇବର୍ଷ ଧରି ଜାରି ରହିଥିବା କରୋନା ମହାମାରୀରୁ



## ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ଦୂରେଇ ରହିବା ପାଇଁ ବିଭିନ୍ନ ଦେଶ ତଥା ଜାତିସଂଘର ଭିନ୍ନ ଭିନ୍ନ ଶାଖା ସଂସ୍ଥା ପକ୍ଷରୁ ଜାରି ରହିଥିବା କାର୍ଯ୍ୟରୁ ଏହା ସହଜରେ ଅନୁମାନ କରାଯାଇ ପାରେ। ବିପର୍ଯ୍ୟୟ ପାଇଁ ଆଗୁଆ ପ୍ରସ୍ତୁତି ଦ୍ୱାରା ବହୁ ବିପଦ ଟଳି ଯାଇଥାଏ। ତେଣୁ ମାନବ ସମାଜକୁ ବିପର୍ଯ୍ୟୟରୁ ସୁରକ୍ଷା ଯୋଗାଇ ଦେବା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟ ନେଇ ଜାତିସଂଘର ଅନୁମୋଦନ ଅନୁସାରେ ପ୍ରତିବର୍ଷ ଅକ୍ଟୋବର ୧୩ରେ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଇଥାଏ। ବିପର୍ଯ୍ୟୟ ବିପଦ ହ୍ରାସ, ବାସସ୍ଥାନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳକୁ ବିପର୍ଯ୍ୟୟରୁ ସୁରକ୍ଷିତ କରିବା, ଲୋକଙ୍କୁ ସ୍ଥାନାନ୍ତର ଏହି ଦିବସର ମୂଳ ଲକ୍ଷ୍ୟ। ପ୍ରାକୃତିକ ବିପଦ ହେଉ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ପ୍ରସ୍ତୁତି ଦ୍ୱାରା ବହୁ ଜୀବନ ରକ୍ଷା ହୋଇ ପାରିଥାଏ। ମାନବ ସମାଜକୁ ବିପର୍ଯ୍ୟୟରୁ ସୁରକ୍ଷା ପ୍ରଦାନ ପାଇଁ ୧୯୮୯ରୁ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୨ରେ ଜାତିସଂଘର ମହାସଭାରେ ବିପର୍ଯ୍ୟୟ ନିୟନ୍ତ୍ରଣ ନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ୨୦୦୯ରେ ପ୍ରତିବର୍ଷ ଅକ୍ଟୋବର ୧୩କୁ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯିବା ସହିତ ବିପର୍ଯ୍ୟୟର ପ୍ରଭାବ କିପରି ହ୍ରାସ କରାଯିବ ସେ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

# ଲାଭ ଦେଇପାରେ ଚିନ୍ତା

**ନୂଆଦିଲ୍ଲୀ:** ଚିନ୍ତାର ସକାରାତ୍ମକ ପ୍ରଭାବ ମଧ୍ୟ ରହିଛି ବୋଲି 'ଜର୍ନାଲ ଅଫ୍ ଇଣ୍ଡିଭିଜୁଆଲ ଡିଫରେନ୍‌ସେଜ୍' ରିସର୍ଚ୍ଚ ମାଗାଜିନରେ ଏକ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି। ଆମେରିକାର ମନୋବିଜ୍ଞାନୀମାନେ ଏଭଳି ରିସର୍ଚ୍ଚ କରି ମତ ଦେଇଛନ୍ତି ଯେ ଚିନ୍ତା ନିର୍ଦ୍ଦିଷ୍ଟ ସ୍ତରରେ ରହିଲେ ତାହା ସଫଳତା ଆଣିଥାଏ।

**ଗବେଷଣାରେ ଦାବି**

କୌଣସି ଯୋଜନା କିମ୍ବା ଲକ୍ଷ୍ୟ ସାଧନ ନିମନ୍ତେ ଚିନ୍ତା କରୁଥିଲେ ସେହି କାମରେ ଶୀଘ୍ର ସଫଳତା ମିଳିଥାଏ। ଚିନ୍ତା ପ୍ରଭାବରେ ବ୍ୟକ୍ତି ଅଧିକ ପରିଶ୍ରମ କରିଥାଏ। କାନାଡା ୟୁନିଭର୍ସିଟିର ଏକ ରିସର୍ଚ୍ଚ ଅନୁସାରେ ଚିନ୍ତା କରିବା ଭଲ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ ଚିନ୍ତା କରିବା ଫଳରେ ମସ୍ତିଷ୍କ ଉପରେ କୁପ୍ରଭାବ ପଡିଥାଏ।

**ଜନ୍ମଦିନର ଶୁଭେଚ୍ଛା**




Adarsh Prasad (Badri)
ମନ୍ଦାରିଆ ପାଟଣା, ଖୋର୍ଦ୍ଧା
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ବାପା: Amit Kumar Sahoo, ମାମା, ଜେଜେବାପା, ଜେଜେମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୯୪୮

**ଜନ୍ମଦିନର ଶୁଭେଚ୍ଛା**




Ayush Prasad (Virat)
ମନ୍ଦାରିଆ ପାଟଣା, ଖୋର୍ଦ୍ଧା
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ବାପା: Asit Kumar Sahoo, ମାମା, ଜେଜେବାପା, ଜେଜେମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୯୪୯

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ପ୍ରଫେସର ୰ରାଜକିଶୋର ମିଶ୍ର
୨୨ମୌଜା ଡିହସାହି ବିରି, ବିରିଡ଼ି ବ୍ଲକ
ଆବିର୍ଭାବ: ୧୫।୦୧।୧୯୪୨
ତିରୋଧାନ: ୦୧।୧୦।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ରେଣୁକା ଆଚାର୍ଯ୍ୟ, ପୁତ୍ର: ଅଂଶୁମାନ ମିଶ୍ର, ପୁତ୍ରବଧୂ: ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଷ୍ପିତା ମିଶ୍ର, ଝିଅ: ଅତନ୍ କିତା, ଅଂଶୁଶ୍ମିତାଙ୍କ ସହ ପରିବାରବର୍ଗ ଓ ବନ୍ଧୁବତ୍ସଳ
ଧ-୨୧୯୫୮

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱା ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ
ପରିବାରବର୍ଗ।
ଧ-୨୧୯୫୦

**୧୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମୀନା ବଜାର, ଢେଙ୍କାନାଳ
ଆବିର୍ଭାବ- ତା୨୦।୧୨।୧୯୪୩
ତିରୋଧାନ- ତା୧୫।୧୦।୨୦୧୦
ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମି ତିଥି
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲି ପାରିବୁ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀବଳରାମଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, କନ୍ୟା, ଯାମାତା, ନାତି, ନାତୁଣୀ ଓ ପରିବାରବର୍ଗ।
ମେସର୍ସ ନଟବର ଦେବତା, ଶ୍ରୀବଳରାମ ଫେବ୍ରିକସ ଓଁ ଟେକ୍ସଟାଇଲ ମାଳତୀ ନିବାସ
ଧ-୭୦୩୬୦



# ହେୟାର ଷ୍ଟାଇଲିଷ୍ଟଙ୍କ ଯୋଗୁ ବିଚ୍ଛେଦ ଚର୍ଚ୍ଚା

**ହାଇଦ୍ରାବାଦ:** ସୁପରଷ୍ଟାର ନାଗା ଚୈତନ୍ୟ ଓ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ବିବାହର ୪ ବର୍ଷ ପରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଉଭୟ ଘୋଷଣା କରିବା ପରେ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। ଛାଡ଼ପତ୍ର ନେବା ପଛର କାରଣ କ'ଣ ତାହା ଜାଣିବାକୁ ଚାହୁଁଛନ୍ତି ପ୍ରଶଂସକ। ତେବେ ସାମନ୍ଥା ଏବଂ ତାଙ୍କର ହେୟାର ଷ୍ଟାଇଲିଷ୍ଟ ପ୍ରୀତମ ଜୁକଲକରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଆଲୋଚନା ଜୋର ଧରିଛି। ଏହା ହିଁ ତାଙ୍କ ବିଚ୍ଛେଦର କାରଣ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଦୁହିଁଙ୍କ ଫଟୋ କିଛି ଦିନ ଧରି ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ନାଗାଙ୍କ ପ୍ରଶଂସକ ପ୍ରୀତମଙ୍କୁ ହତ୍ୟା ଧମକ ଦେଇଥିବା ଖବର ସାମ୍ନାକୁ ଆସିଛି। ନିକଟରେ ଏକ ସାକ୍ଷାତକାରରେ ପ୍ରୀତମ କହିଛନ୍ତି ଯେ, ସାମନ୍ଥାଙ୍କୁ ସେ ଜିଜି ବୋଲି ଡାକେ। ଉଭୟଙ୍କ ଭିତରେ ଥିବା ସମ୍ପର୍କ ସ୍ୱଚ୍ଛ। ଏହା ନିଜେ ନାଗା ଜାଣିଛନ୍ତି। ନାଗାଙ୍କ ଗୋଟିଏ ପଦ କଥା, ଗୁଜବ ସୃଷ୍ଟିକାରୀଙ୍କ ମୁହଁ ବନ୍ଦ କରି ଦେବାକୁ ଯଥେଷ୍ଟ ବୋଲି ସେ କହିଛନ୍ତି। ଅନ୍ୟପଟେ, ଏହି ଗୁଜବ ଉପରେ ନାଗା ଏବଂ ସାମନ୍ଥା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

DHANLAXMI FINANCE
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି):** ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ମଙ୍ଗଳବାର ଅନୁଷ୍ଠିତ ଆମନ୍ତ୍ରଣୀୟ ଏକଦିବସୀୟ ସିରିଜ ମହିଳା କ୍ରିକେଟ ମ୍ୟାଚରେ ଛତିଶଗଡ଼କୁ ୭୭ ରନରେ ପରାସ୍ତ କରିଛି। ଖୋର୍ଦ୍ଧାସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୫ ଓଭରରେ ୬ ଉଇକେଟ ହରାଇ ୧୭୬ ରନ କରିଥିଲା। ସୁଶ୍ରୀ ୬୦ ବଲ୍‌ରୁ ସର୍ବାଧିକ ୫୫ ରନକରି ଅପରାଜିତ ରହିଥିବାବେଳେ ସରିତା ମେହେର ଓ ମାଧୁରୀ ମେହେଟା ୪୨ ରନ ଲେଖାଏ ସ୍କୋର କରିଥିଲେ। ବିପକ୍ଷ ଦଳର ଦୁର୍ଗେଶ ନନ୍ଦିନୀ, ଶ୍ରଦ୍ଧା ବୈଷ୍ଣବ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୭୭ ରନ ବିଜୟ ଲକ୍ଷ୍ୟରେ ଛତିଶଗଡ଼ ୪୦.୧ ଓଭରରେ ୯୯ ରନକରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ୟାଶି ପାଣ୍ଡେ ସର୍ବାଧିକ ୩୯ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ନିଜ ୮.୧ ଓଭର ସ୍ପେଲରେ ୨ଟି ମେଡେନ ନେବାସହ ୧୬ ରନ ବିନିମୟରେ ୪ଟି ଉଇକେଟ ନେଇଥିଲେ। ତରନା ପ୍ରଧାନ ୨ଟି ଉଇକେଟ ପାଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଗାମୀ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଏହି ଆମନ୍ତ୍ରଣୀୟ ଦିନିକିଆ ସିରିଜ ଆୟୋଜନ କରାଯାଇଥିଲା। ୪ ମ୍ୟାଚ ବିଶିଷ୍ଟ ସିରିଜରେ ଓଡ଼ିଶା କ୍ଲିନ୍ ସୁଇପ୍ କରିଛି।

# ଆଇପିଏଲ୍ ଦ୍ୱିତୀୟ କ୍ୱାଲିଫାୟର ଆଜି

## ଦିଲ୍ଲୀ-କୋଲକାତା ମୁକାବିଲା

**ଶାରଜା,୧୨।୧୦**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ଦ୍ୱିତୀୟ କ୍ୱାଲିଫାୟରରେ ରିଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଓ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ମୁହାଁମୁହିଁ ହେବେ। ବୁଧବାର ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍ ଜିତି ଦିଲ୍ଲୀ ଫାଇନାଲରେ ପହଞ୍ଚିବା ସହ ପ୍ରଥମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ତେବେ କୋଲକାତା ଏଲିମିନେଟରରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇ ପୂରା ଜୋଶରେ ରହିଛି। ତେଣୁ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ପ୍ରଥମ କ୍ୱାଲିଫାୟରରେ ଦିଲ୍ଲୀ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ପୁଣି ଥରେ ପରାସ୍ତ ହେଲେ ଦିଲ୍ଲୀର ଫାଇନାଲ ଆଶା ଧୂଳିସାତ୍ ହେବ। ଅନ୍ୟପଟେ ଦିଲ୍ଲୀକୁ ରୋମାଞ୍ଚକ ଢଙ୍ଗରେ ପରାସ୍ତ କରି ଚେନ୍ନାଇ ପୂର୍ବରୁ ଫାଇନାଲରେ ପ୍ରବେଶ କରିସାରିଛି। ତେଣୁ ଏହି ମ୍ୟାଚ୍ ଉଭୟ ଦିଲ୍ଲୀ ଓ କୋଲକାତା ପାଇଁ ସେମିଫାଇନାଲ ସଦୃଶ ହୋଇଛି। ବାଙ୍ଗାଲୋରକୁ ସୋମବାର ହରାଇବା ପରେ କୋଲକାତାର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି। କୋଲକାତାଠାରୁ ହାରିବା ପରେ କୋହଲିଙ୍କ ପ୍ରଥମ ଆଇପିଏଲ ଟାଇଟଲ ଆଶା ଧୂଳିସାତ୍ ହୋଇଛି। କୋଲକାତା ବିଜୟର ଏହି ମୁମେଣ୍ଟମ ବଜାୟ ରଖିବାକୁ ଚାହିଁବ। ଦିଲ୍ଲୀ ୧୪ଟି ମ୍ୟାଚ୍ ଖେଳି ୧୦ଟି ବିଜୟ ଓ ୪ଟି ପରାଜୟ ସହ ୨୦ ପଏଣ୍ଟ ହାସଲ କରି ଶୀର୍ଷରେ ରହିଥିଲା। ଅନ୍ୟପଟେ କୋଲକାତା ୧୪ ମ୍ୟାଚ୍ ଖେଳି ୭ ଲେଖାଏ ବିଜୟ ଓ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହି ପ୍ଲେ- ଅଫ୍‌ରେ ପ୍ରବେଶ କରିଥିଲା।





ଅଭ୍ୟାସ ଅବସରରେ କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲ ଓ ଦିଲ୍ଲୀ କ୍ୟାପିଟାଲ୍ସର ଶିଖର ଧାୱନ।

ଅଷ୍ଟ୍ରେଲୀୟ କିମ୍ବଦନ୍ତୀ କ୍ରିକେଟର ରିକି ପଣ୍ଟିଂ କୋଚ୍ ଦାୟିତ୍ୱ ନେବା ପରେ ଦିଲ୍ଲୀର ପ୍ରଦର୍ଶନରେ ଉନ୍ନତି ହେବାରେ ଲାଗିଛି। ପଣ୍ଟିଂଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀ ୨୦୧୯ ସଂସ୍କରଣରେ ଦ୍ୱିତୀୟ ରନର୍ସଅପ୍ ହେବା ପରେ ଗତବର୍ଷ ଫାଇନାଲରେ ପ୍ରବେଶ କରିଥିଲା। ଏଥର ଆହୁରି ଉନ୍ନତ ପ୍ରଦର୍ଶନ କରି ଦିଲ୍ଲୀ ଟାଇଟଲ ଜିତିବାକୁ ପ୍ରୟାସ କରିବ। ଟୁର୍ନାମେଣ୍ଟରେ ଦିଲ୍ଲୀ ସବୁଠାରୁ ସନ୍ତୁଳିତ ଦଳ ମନେ ହେଉଛି। ଦଳର ବ୍ୟାଟିଂ ଲାଇନ୍ ଜବରଦସ୍ତ ରହିଛି। ସେହିପରି ଦ୍ରୁତ ବୋଲିଂରେ ମଧ୍ୟ ଦଳ ବେଶ୍ ଆଗରେ ରହିଛି ଓ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଅଭିଜ୍ଞ ଶିଖର ଧାୱନ, ପୃଥ୍ୱୀ ଶ ଓ ଶ୍ରେୟାସ ଆୟାରଙ୍କୁ ନେଇ ଦିଲ୍ଲୀର ଟପ୍ ଅର୍ଡର ଦୃଢ଼ ମନେ ହେଉଛି। ସେହିପରି ମାର୍କସ ଷ୍ଟୋଇନିସଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଧିନାୟକ ରିଷଭ ପନ୍ତ ଓ ଶିମରନ ହେଟମେୟର ମିଡିଲ ଅର୍ଡରରେ ଦାୟିତ୍ୱ ଠିକ୍ ଭାବେ ସମ୍ଭାଳିବାରେ ସକ୍ଷମ ହୋଇଛନ୍ତି। ୨୦୨୦ରେ ଧାୱନ ୬୧୮ ରନ ସଂଗ୍ରହ କରି ଦ୍ୱିତୀୟ ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଏଥର ସେ ୫୫୧ ରନ ସଂଗ୍ରହ କରିସାରିଛନ୍ତି। ଚେନ୍ନାଇ ବିପକ୍ଷରେ ପୃଥ୍ୱୀ ମଧ୍ୟ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦକ୍ଷିଣ ଆଫ୍ରିକାର ଦୁଇ ବୋଲର କାଗିସୋ ରାବାଡା (୨୦୨୦ର ପର୍ପଲ କ୍ୟାପ୍ ବିଜେତା) ଓ ଅନରିଜ ନୋର୍ଜେ ୨୦୨୦ରେ ମିଳିତ ଭାବେ ୫୨ଟି ଉଇକେଟ ହାସଲ କରିଛନ୍ତି। ଏ ପର୍ଯ୍ୟନ୍ତ ୨୨ଟି ଉଇକେଟ ହାସଲ କରିଥିବା ଯୁବ ଦ୍ରୁତ ବୋଲର ଆଭେସ ଖାଁ ଏହି ଦୁଇଜଣଙ୍କୁ ସହାୟତା ପ୍ରଦାନ କରିବେ। ୟୁଏଇ ଲେଗ୍‌ରେ ଦିଲ୍ଲୀ ୫ଟି ବିଜୟ ହାସଲ କରିଛି। ତେବେ ଦିଲ୍ଲୀ ଗୋଟିଏ ପରାଜୟ କୋଲାକାତା ବିପକ୍ଷରେ ବରଣ କରିଛି। ତେଣୁ ଏହି ମ୍ୟାଚ୍‌ରେ ପ୍ରତିଶୋଧ ନେବା ପାଇଁ ଦିଲ୍ଲୀ ପାଖରେ ସୁଯୋଗ ରହିଛି।

ଅନ୍ୟପଟେ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ କରିଥିବା କୋଲକାତା ୟୁଏଇ ଲେଗ୍‌ରେ ପ୍ରତ୍ୟାବର୍ତ୍ତନ କରି ଦମ୍‌ଦାର ପ୍ରଦର୍ଶନ କରିବା ସହ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଅପେକ୍ଷାକୃତ ଉନ୍ନତ ରନ୍ ରେଟ୍‌ରେ ୫ଥର ଚାମ୍ପିୟନ ମୁମ୍ବାଇକୁ ପଛରେ ପକାଇ କୋଲକାତା ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ୟୁଏଇରେ ପହଞ୍ଚିବା ପରେ କୋଲକାତା ଏକ ଭିନ୍ନ ଦଳ ରୂପେ ପ୍ରଦର୍ଶନ କରିଥିଲା। ବାଙ୍ଗାଲୋର ବିପକ୍ଷରେ କୋଲକାତାର ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ କରିଥିଲେ। ଦିଲ୍ଲୀ ବିପକ୍ଷରେ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି ଦୁଇ ସ୍ପିନର। ଏ ପର୍ଯ୍ୟନ୍ତ ଦୁଇ ସ୍ପିନର ମିଳିତ ଭାବେ ୧୬ଟି ଉଇକେଟ ହାସଲ କରିସାରିଛନ୍ତି। ତେବେ ଏଥର ବ୍ୟାଟିଂ କୋଲକାତର ମୁଖ୍ୟ ଅସ୍ତ୍ର ହୋଇ ରହିନାହିଁ। ତେଣୁ ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିବ। କୋଲକାତା ଫାଇନାଲରେ ପ୍ରବେଶ କରିବାକୁ ହେଲେ ଶୁବମନ ଗିଲ, ଭେଙ୍କଟେଶ ଆୟାର, ରାହୁଲ ତ୍ରିପାଠୀ ଓ ଅଧିନାୟକ ମୋର୍ଗାନଙ୍କୁ ଭଲ ପ୍ରଦର୍ଶନ କିରବାକୁ ହେବ। ତ୍ରିପାଠୀ ୩୯୩ ରନ ସଂଗ୍ରହ କରି ଦଳର ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଫାଇନାଲରେ ଚେନ୍ନାଇକୁ ଭେଟିବା ପାଇଁ କୋଲକାତା ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଏହି ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଦେଖିବାକୁ ମିଳିବ।

### ଭାରତ କ୍ୱାର୍ଟରରେ



ତନିଶା କ୍ରାଷ୍ଟୋ ଓ ରତ୍ତୁପର୍ଣ୍ଣା ପଣ୍ଡା।

**ଆର୍‌ହୁସ୍ (ଡେନମାର୍କ), ୧୨।୧୦ (ପି.ଟି.):** ସ୍କଟଲାଣ୍ଡ ବିପକ୍ଷରେ ୪-୧ରେ ବିଜୟ ହାସଲ କରି ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଉବର କପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଫଳରେ ଭାରତ ଦୁଇଟି ମ୍ୟାଚରୁ ସମାନ ସଂଖ୍ୟକ ବିଜୟ ହାସଲ କରି ଗ୍ରୁପ୍ ବି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ଗେମ୍‌ରେ ମାଳବିକା ବସସୋଡ୍ ୧୩-୨୧, ୯-୨୧ରେ କିଷ୍ଟି ଗିଲ୍‌ମୋର୍‌ଙ୍କଠାରୁ ହାରିଯାଇଥିଲେ। ତେବେ ପରେ ଅଦିତୀ ଭଟ ସିଙ୍ଗଲ୍ସରେ ରଚେଲ ସଗ୍‌ଡେନଙ୍କୁ ପରାସ୍ତ କରି ମୁକାବିଲାକୁ ୧-୧ ସ୍ତରକୁ ନେଇ ଆସିଥିଲେ। ଡବଲ୍ସ ଯୋଡ଼ି ତନିଶା କ୍ରାଷ୍ଟୋ ଓ ରତ୍ତୁପର୍ଣ୍ଣା ପଣ୍ଡା ୨୧-୧୧, ୨୧-୮ରେ ଜୁଲି ମ୍ୟାକ୍‌ପର୍ସନ ଓ ସିଆରା ଟୋରେନ୍ସଙ୍କୁ ପରାସ୍ତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ତସନିମ ମୀର ୨୧-୧୫, ୨୧-୬ରେ ଲରେନ୍ ମିଡଲଟନ୍‌ଙ୍କୁ ପରାସ୍ତ କରିଥିଲେ। ରିଭର୍ସ ଡବଲ୍ସରେ ଭାରତର ଯୁବ ଯୋଡ଼ି ଟ୍ରେସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୮, ୧୯-୨୧, ୨୧-୧୦ରେ ଗିଲ୍‌ମୋର ଓ ଏଲିନର ଓ'ଡୋନେଲ୍‌ଙ୍କୁ ପରାସ୍ତ କରି ମୁକାବିଲାକୁ ଭାରତ ସପକ୍ଷରେ ନେଇ ଆସିଥିଲେ। ଭାରତୀୟ ଦଳ ବୁଧବାର ଶକ୍ତିଶାଳୀ ଥାଇଲାଣ୍ଡକୁ ଭେଟିବ। ଗ୍ରୋଇନ୍‌ଇଞ୍ଜୁରି ଯୋଗୁ ଭାରତର ଟପ୍ ଖେଳାଳି ସାଇନା ନେହ୍ୱାଲ ମ୍ୟାଚରୁ ଓହରିଯିବାକୁ ବାଧ ହୋଇଥିଲେ ହେଁ ଭାରତୀୟ ଦଳ ରବିବାର ଏହାର ପ୍ରଥମ ମ୍ୟାଚରେ ସ୍ପେନକୁ ୩-୨ରେ ପରାସ୍ତ କରିଥିଲା।

### ଶେଫାଳି ଦ୍ୱିତୀୟ ସ୍ଥାନକୁ ଖସିଲେ

ଦୁବାଇ, ୧୨।୧୦ (ପି.ଟି.)-ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ବ୍ୟାଟରମାନଙ୍କ ମଧ୍ୟରେ ଭାରତୀୟ ଓପନର ଶେଫାଳି ବର୍ମା ଦ୍ୱିତୀୟ ସ୍ଥାନକୁ ଖସି ଆସିଥିବା ବେଳେ ସ୍ମୃତି ମନ୍ଧାନା ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ବର୍ମାଙ୍କ ରେଟିଂ ପଏଣ୍ଟ ୭୨୬ ରହିଥିବା ବେଳେ ମନ୍ଧାନାଙ୍କର ୭୦୯ ପଏଣ୍ଟ ରହିଛି। ଅଷ୍ଟ୍ରେଲିଆର ବେଥ୍‌ମୁନି (୭୫୪) ତାଲିକାର ଶୀର୍ଷରେ ରହିଛନ୍ତି। ର୍‍ୟାଙ୍କିଙ୍ଗ ତାଲିକାରେ ଅଷ୍ଟ୍ରେଲୀୟ ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ମୁନିଙ୍କ ବ୍ୟତୀତ ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ଅଧିନାୟିକା ମେଗ୍ ଲାନିଙ୍ଗ୍ ଓ ଏଲିସା ହିଲି (୬ଷ୍ଠ)।

## ଡେଭିଡ୍ ୱାର୍ନରଙ୍କ କ୍ଷୋଭ

**ନୂଆଦିଲ୍ଲୀ, ୧୨।୧୦ (ପି.ଟି.)**

ଅଧିନାୟକ ପଦବୀରୁ ତାଙ୍କୁ କାହିଁକି ହଟାଇ ଦିଆଗଲା ସେ ସମ୍ପର୍କରେ ସନରାଇଜର୍ସ ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୌଣସି କାରଣ ଦର୍ଶାଯାଇ ନ ଥିବାରୁ ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟର ଡେଭିଡ ୱାର୍ନର କ୍ଷୋଭ ପ୍ରକାଶ କରିଛନ୍ତି। ଚଳିତ ଆଇପିଏଲ ସିଜନର ପ୍ରଥମ ଭାଗ ଭାରତରେ ହୋଇଥିଲା। ପ୍ରଥମ ୬ଟି ମ୍ୟାଚ ମଧ୍ୟରୁ ୫ଟି ପରାଜିତ ହେବା ପରେ ଦଳ ପଏଣ୍ଟ ଟେବୁଲର ଅନ୍ତିମସ୍ଥାନରେ ରହିଥିବା ବେଳେ ୱାର୍ନରଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କୁ ଅଧିନାୟକ କରାଯାଇଥିଲା। ଅଧିନାୟକ ପରିବର୍ତ୍ତନ ସତ୍ତ୍ୱେ ସନରାଇଜର୍ସର ଭାଗ୍ୟୋଦୟ ଘଟି ନ ଥିଲା। ଦଳ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହି ଏହାର ଅଭିଯାନ ଶେଷ କରିଥିଲା। ପରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଯେତେବେଳେ ବ୍ୟୟବହୁଳ ଟି୨୦ର ଅବଶିଷ୍ଟାଂଶ ଖେଳାଗଲା ଫର୍ମ ପାଇଁ ସଂଘର୍ଷ ଚଳାଇଥିବା ୱାର୍ନରଙ୍କୁ ଶେଷ କେତୋଟି ମ୍ୟାଚରୁ ବାଦ୍ ଦିଆଯାଇଥିଲା। ୱାର୍ନର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଟ୍ରେଭର ବେଲିସ୍, ଲକ୍ଷ୍ମଣ, ମୁଡି ଓ ମୁରଲୀ ମିଳିତ ଭାବେ ନିଷ୍ପତ୍ତି ନେଇଥିବେ। ହେଲେ ଦଳ ପାଇଁ କିଏ ଉପଯୁକ୍ତ କିଏ ଅନୁପଯୁକ୍ତ ସେମାନେ ଜାଣିପାରିଲେ ନାହିଁ। ୩୪ ବର୍ଷୀୟ ୱାର୍ନର କହିଛନ୍ତି, ଅଧିନାୟକ ପଦବୀ ଛଡ଼ାଇ ନେବା ଏକ କଟୁ ଔଷଧ ସେବନ କଲା ଭଳି। ତାକୁ ମୋତେ ବାହାର କରିଦେବାକୁ ପଡ଼ିବ।

## ଅନ୍‌ଲାଇନରେ ମ୍ୟାକ୍ସୱେଲ, ଖ୍ରୀଷ୍ଟିଆନଙ୍କୁ ଗାଳି

**ଶାରଜା,୧୨।୧୦**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବାଦ୍ ପଡିବା ପରେ ଦଳର ତାରକା ଖେଳାଳିମାନଙ୍କୁ ଅନ୍‌ଲାଇନରେ ଗାଳି ଶୁଣିବାକୁ ପଡୁଛି। ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ, ଡାନିଏଲ ଖ୍ରୀଷ୍ଟିଆନ ଓ ତାଙ୍କ ଗର୍ଭବତୀ ପାର୍ଟନେର ଜର୍ଜିଆ ଡୁନ୍‌ଙ୍କୁ ପ୍ରଶଂସକମାନେ ଅନ୍‌ଲାଇନରେ ଗାଳି ଦେଉଛନ୍ତି। ତେବେ ଏହି ଗାଳିକୁ ମ୍ୟାକ୍ସୱେଲ ସମାଲୋଚନା କରିଛନ୍ତି। ସେହିପରି ନିଜ ବାନ୍ଧବୀଙ୍କୁ ଏଥିରୁ ବାଦ୍ ଦେବାକୁ ଖ୍ରୀଷ୍ଟିଆନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥର ଆଇପିଏଲ୍‌ରେ ବାଙ୍ଗାଲୋର ଭଲ ପ୍ରଦର୍ଶନ କରିଛି। ତେବେ ଦୁର୍ଭାଗ୍ୟବଶତଃ ଆମେ ଆଶାନୁରୂପ ସଫଳତା ପାଇନାହୁଁ। ତେଣୁ ସୋସିଆଲ ମିଡିଆରେ ଆମକୁ ଦିଆଯାଉଥିବା ଗାଳିର ମାନେ କିଛି ନାହିଁ ବୋଲି ମ୍ୟାକ୍ସୱେଲ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଆମେ ମଣିଷ। ପ୍ରତ୍ୟେକ ଦିନ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥାଉ। ଆମ ହାତରେ ସବୁ କିଛି ନାହିଁ। ତେଣୁ ଏଭଳି ସମାଲୋଚନା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୋମବାର ଏଲିମିନେଟରରେ କୋଲକାତା ନାଇଟ ରାଇଡର୍ସଠାରୁ ହାରିବା ପରେ ବାଙ୍ଗାଲୋର ଖେଳାଳିମାନଙ୍କୁ ପ୍ରବଳ ସମାଲୋଚନାର ଶିକାର ହେବାକୁ ପଡିଥିଲା। ତେବେ ସମର୍ଥନ ଜଣାଇଥିବାରୁ ପ୍ରକୃତ ପ୍ରଶଂସକଙ୍କୁ ମ୍ୟାକ୍ସୱେଲ କୃତଜ୍ଞତା ଜଣାଇଛନ୍ତି। କିନ୍ତୁ କେତେକ ଅଯଥାରେ ସୋସିଆଲ ମିଡିଆରେ ଗାଳିଗୁଲଜ କରିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଓ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍‌ରେ ଖ୍ରୀଷ୍ଟିଆନ ମାତ୍ର ୯ ରନ କରିଥିବା ବେଳେ ୧୦ଟି ବଲ ବୋଲିଂ କରି ୧୭. ୩୯ ହାରରେ ୨୯ ରନ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଭଲ ଖେଳିନାହିଁ ବୋଲି ସ୍ୱୀକାର କରୁଛି। ଏଭଳି ସମାଲୋଚନା ଗ୍ରହଣୀୟ ନୁହେଁ ଓ ଜର୍ଜିଆଙ୍କୁ ଏଥିପାଇଁ ଦାୟୀ କରାଯିବା ଠିକ୍ ନୁହେଁ ବୋଲି ଖ୍ରୀଷ୍ଟିଆନ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।



ଜର୍ଜିଆ ଡୁନ୍‌ଙ୍କ ସହ ଡାନିଏଲ ଖ୍ରିଷ୍ଟିଆନ।

## 'କୋହଲି ବାଙ୍ଗାଲୋରକୁ ନୂଆ ସୋପାନରେ ପହଞ୍ଚାଇଛନ୍ତି'

**ଦୁବାଇ,୧୨।୧୦**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର। ଚଳିତ ଆଇପିଏଲ୍‌ରେ ବାଙ୍ଗାଲୋର ସୋମବାର କୋଲକାତା ନାଇଟ ରାଇଡର୍ସଠାରୁ ପରାସ୍ତ ହୋଇ ବିଦାୟ ନେଇଛି। ଅଧିନାୟକ ହିସାବରେ କୋହଲି ବାଙ୍ଗାଲୋର ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ତେବେ ବାଙ୍ଗାଲୋରକୁ ଏ ପର୍ଯ୍ୟନ୍ତ ଚାମ୍ପିୟନ କରାଇପାରି ନ ଥିବାରୁ ସେ ସମାଲୋଚନାର ଶିକାର ହେଉଛନ୍ତି। ହେଲେ ଗାଭାସ୍କର ଏ ନେଇ କୋହଲିଙ୍କୁ ସମର୍ଥନ ଜଣାଇଛନ୍ତି। ବାଙ୍ଗାଲୋରକୁ କୋହଲି ଯେଉଁ ଯଶ,ଖ୍ୟାତି ପ୍ରଦାନ କରିଛନ୍ତି ତାହା ଅନ୍ୟ କୌଣସି କ୍ରିକେଟର ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି। ଅବଶ୍ୟ ଅଧିନାୟକ ଭାବେ ସେ ବାଙ୍ଗାଲୋର ପାଇଁ ଆହୁରି ଅଧିକ ସଫଳତା ହାସଲ କରିପାରିଥାନ୍ତେ। ଏହା ସତ୍ତ୍ୱେ ମଧ୍ୟ ବାଙ୍ଗାଲୋର ପାଇଁ ତାଙ୍କର ଅବଦାନକୁ ଅଣଦେଖା କରିହେବ ନାହିଁ ବୋଲି ସେ କହିଛନ୍ତି।

କୋଲକାତାଠାରୁ ଆଇପିଏଲ୍ ଏଲିମିନେଟରରେ ୪ ଉଇକେଟରେ ପରାସ୍ତ ହେବା ପରେ କୋହଲି ନିରାଶ ହୋଇଥିଲେ। ପୂର୍ବରୁ ଚଳିତ ଆଇପିଏଲ୍ ପରେ କୋହଲି ବାଙ୍ଗାଲୋର ଅଧିନାୟକ ପଦ ଛାଡିବେ ବୋଲି କହିଥିଲେ। କୋହଲି ବାଙ୍ଗାଲୋରର ବ୍ରାଣ୍ଡ୍‌କୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ। ଅଧିନାୟକ ଭାବେ କୋହଲିଙ୍କ ଶେଷ ମ୍ୟାଚ୍‌କୁ ସେ ଡୋନାଲ୍ଡ ବ୍ରାଡ୍‌ମ୍ୟାନ ଓ ସଚିନ ତେନ୍ଦୁଲକରଙ୍କ ସହ ତୁଳନା କରିଛନ୍ତି। ବ୍ରାଡ୍‌ମ୍ୟାନ ତାଙ୍କ ଶେଷ ମ୍ୟାଚ୍‌ରେ ବିନା ସ୍କୋରରେ ଆଉଟ ହୋଇଥିଲେ। ସେହିପରି ସଚିନ ତାଙ୍କ ୨୦୦ତମ ବିଦାୟୀ ଟେଷ୍ଟରେ ୭୯ ରନକରି ଆଉଟ ହୋଇଥିଲେ। ଏହା ଖରାପ ସ୍କୋର ହୋଇ ନ ଥିଲେ ମଧ୍ୟ ସେ ଶତକ ହାସଲ କରିବେ ବୋଲି ଆଶା କରାଯାଉଥିଲା। ନିଜର ଇଚ୍ଛା ଅନୁସାରେ ସବୁ କିଛି ହୁଏ ନାହିଁ। ଅଧିନାୟକ ଭାବେ କୋହଲି ବାଙ୍ଗାଲୋର ପାଇଁ ଟାଇଟଲ ଜିତିବାକୁ ଚାହୁଁଥିଲେ। ଯାହା ହୋଇପାରିଲା ନାହିଁ। କିନ୍ତୁ ବାଙ୍ଗାଲୋର ପାଇଁ ସେ ଯାହା କରିଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ସେ ଦଳ ପାଇଁ ଉଚ୍ଚକୋଟୀର କାର୍ଯ୍ୟ କରିଛନ୍ତି। ୨୦୧୬ ସଂସ୍କରଣରେ କୋହଲି ୯୭୩ ରନ ସଂଗ୍ରହ କରିଥିଲେ। ଆଉ ୨୭ ରନ କରିଥିଲେ ସେ ୧,୦୦୦ ରନ ସଂଗ୍ରହ କରିଥାନ୍ତେ। ଏଭଳି ସଫଳତା ଆଗରୁ କେହି ହାସଲ କରିନାହାନ୍ତି। ୨୦୧୩ରୁ କୋହଲି ବାଙ୍ଗାଲୋର ନେତୃତ୍ୱ ନେଇଥିଲେ। ୪ଥର ସେ ଦଳକୁ ପ୍ଲେ-ଅଫ୍‌ରେ ପହଞ୍ଚାଇଥିଲେ। ଗତ ଦୁଇଟି ସଂସ୍କରଣରେ ମଧ୍ୟ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ପୁଣି ୨୦୧୬ ଫାଇନାଲକୁ ମଧ୍ୟ ବାଙ୍ଗାଲୋର ଉଠିଥିଲା। ବାଙ୍ଗାଲୋର ପାଇଁ କୋହଲି ୧୪୦ଟି ମ୍ୟାଚ୍‌ର ନେତୃତ୍ୱ ନେଇଛନ୍ତି। ଏଥିରେ ଦଳ ୬୬ଟିରେ ବିଜୟୀ ହୋଇଥିବା ବେଳେ ୭୦ଟିରେ ପରାସ୍ତ ହୋଇଛି। ୪ଟି ମ୍ୟାଚ୍‌ର ଫଳାଫଳ ବାହାରି ନ ଥିଲା।



ସୁନୀଲ ଗାଭାସ୍କର

**ଦଳ ପ୍ରତି କୋହଲିଙ୍କ ଅବଦାନ ଅତୁଳନୀୟ: ଡିଭିଲର୍ସ**

ସେହିପରି ତାଙ୍କ ଟିମ୍ ମେଟ୍ ତଥା ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ମଧ୍ୟ କୋହଲିଙ୍କୁ ପ୍ରଶଂସା କରିଛନ୍ତି। କୋହଲିଙ୍କ ଭଳି ଅଧିନାୟକ ପାଇ ଆମେ ଗର୍ବିତ ବୋଲି ସେ କହିଛନ୍ତି। ନେତୃତ୍ୱ ନେବାର ତାଙ୍କର ନିଆରା ଶୈଳୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି। ଦଳ ଉପରେ ତାଙ୍କର ବଡ଼ ପ୍ରଭାବ ଥିଲା। ତାହା ଅବଶ୍ୟ ସେ ବୁଝିପାରି ନ ଥିବେ। ଜଣେ ଅଧିନାୟକ ଓ ବ୍ୟାଟର ଭାବେ ତାଙ୍କ ପ୍ରଦର୍ଶନ ନିଶ୍ଚିତ ଭାବେ ବଡ଼ ଥିଲା। ତାହାଠାରୁ ଦଳ ପ୍ରତି ତାଙ୍କ ଯୋଗଦାନ ଅଧିକ ଥିଲା। ପଡିଆ ଭିତରେ ଓ ବାହାରେ ତାଙ୍କର ବ୍ୟକ୍ତିତ୍ୱ ଦୃଷ୍ଟାନ୍ତମୂଳକ ଥିଲା। କୋହଲି ସବୁ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ଭରୁଥିଲେ। ଏହା ନିଶ୍ଚିତ ଭାବେ ଟ୍ରଫି ଜିତିବାଠାରୁ ବଡ଼ ଥିଲା। ସେ ଦଳ ଓ ଆମ ପାଇଁ ଯାହା କରିଛନ୍ତି ତାହା ଅଭୁଲା ହୋଇ ରହିବ। ଦଳ ପାଇଁ ସେ ବହୁତ କିଛି କରିଛନ୍ତି ବୋଲି ଡିଭିଲର୍ସ କହିଛନ୍ତି। କୋହଲି ମଧ୍ୟ ସାଥି ଖେଳାଳି, ପ୍ରଶଂସକ, ମ୍ୟାନେଜମେଣ୍ଟ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଟୁଇଟ୍ କରି କୃତଜ୍ଞତା ଜଣାଇଛନ୍ତି।

## ଆଭେଶ ଭାରତୀୟ ଦଳର ନେଟ୍ ବୋଲର

**ନୂଆଦିଲ୍ଲୀ, ୧୨।୧୦(ପି.ଟି.)**

ଆସନ୍ତା ଟି୨୦ ବିଶ୍ୱ କପ୍ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ସ୍ୱିଙ୍ଗ୍‌ଷ୍ଟର ଆଭେଶ ଖାଁ ଭାରତୀୟ କ୍ରିକେଟ ଦଳର ନେଟ୍ ବୋଲର ମନୋନୀତ ହୋଇଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶେଷ ହେବା ପରେ ସ୍ୱଦେଶ ନ ଫେରି ଭାରତୀୟ ଦଳ ସହ ଯୋଗ ଦେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ନିର୍ଦ୍ଦେଶ ଦିଆଯାଇଛି। କଶ୍ମୀର ସେନ୍‌ସେସନ ଉମରାନ ମଲିକଙ୍କ ପରେ ୨୪ ବର୍ଷୀୟ ଖାଁ ଦ୍ୱିତୀୟ ଫାଷ୍ଟ ବୋଲର ଭାବେ ଭାରତୀୟ ଦଳରେ ଯୋଗ ଦେବା ଲାଗି କୁହାଯାଇଛି। ରବିବାର ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଉମରାନଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ସାମିଲ କରିପାରେ। ଭାରତ ଅକ୍ଟୋବର ୨୪ରେ ପାକିସ୍ତାନ ବିପକ୍ଷରେ ଖେଳି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିବ। ଜାତୀୟ ଚୟନକର୍ତ୍ତାମାନେ ମଧ୍ୟ ଆଭେଶଙ୍କୁ ଦଳରେ ସାମିଲ କରିବା ଲାଗି ଚାହୁଁଛନ୍ତି। ବର୍ତ୍ତମାନ ସେ ନେଟ୍ ବୋଲର ଭାବେ ଦାୟିତ୍ୱ ତୁଲାଇବେ। ଯଦି ଟିମ୍ ମ୍ୟାନେଜମେଣ୍ଟ ଅନୁଭବ କରନ୍ତି ତେବେ ଆଭେଶଙ୍କୁ ଅପ୍‌ଗ୍ରେଡ୍ କରାଯାଇପାରେ। ଦ୍ରୁତ ବୋଲର ଆଭେଶ ଆଇପିଏଲ୍‌ର ଏହି ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳି ୨୩ ଉଇକେଟ ଅକ୍ତିଆର କରିଛନ୍ତି। ଦିଲ୍ଲୀ ଏବେ ମଧ୍ୟ ପ୍ରତିଯୋଗିତାରେ ତିଷ୍ଠି ରହିଛି। ହର୍ଷଲ ପଟେଲ (୩୨)ଙ୍କ ପରେ ଚଳିତ ଆଇପିଏଲ୍‌ରେ ସବୁଠାରୁ ସଫଳ ବୋଲର ତାଲିକାରେ ଆଭେଶ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଭେଶ ଘଣ୍ଟା ପ୍ରତି ୧୪୨ରୁ ୧୪୫ କିଲୋମିଟର ବେଗ୍‌ରେ ବୋଲିଂ କରିପାରନ୍ତି। ଫ୍ଲାଟ୍ ପିଚ୍‌ରେ ବଲ୍‌କୁ ବାଉନ୍ସ କରିବା କଳା ତାଙ୍କୁ ଜଣା। ଆଭେଶ ଇଂଲଣ୍ଡରେ ଭାରତୀୟ ଟେଷ୍ଟ ଦଳର ଷ୍ଟାଣ୍ଡବାଇ ଖେଳାଳିଥିଲେ। ମାତ୍ର ଭାରତର ମିଳିତ କାଉଣ୍ଟି ଦଳ ବିପକ୍ଷ ମ୍ୟାଚ ବେଳେ ତାଙ୍କର ଏକ ଆଙ୍ଗୁଠି ହାଡ଼ ଭାଙ୍ଗି ଯାଇଥିଲା। ଫଳରେ ତାଙ୍କୁ ଟୁର୍ ଅଧାରୁ ଫେରିଯିବାକୁ ଥିଲା। ଅନେକ ବିଶ୍ୱାସ କରନ୍ତି ଆଭେଶ ଆଘାତପ୍ରାପ୍ତ ହୋଇ ନ ଥିଲେ ତାଙ୍କ ଇଂଲଣ୍ଡ ବିପକ୍ଷ ସମସ୍ତ ୫ ଟେଷ୍ଟ ମ୍ୟାଚରେ ସୁଯୋଗ ମିଳିଥାନ୍ତା। ଟି୨୦ ବିଶ୍ୱକପ୍‌ରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳରେ ରହିବେ। ପିଠି ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇ ନ ଥିବାରୁ ସେ ବୋଲିଂ କରିପାରିବେ ନାହିଁ। ସେ କେବଳ ଜଣେ ବ୍ୟାଟର ଭାବେ ଦାୟିତ୍ୱ ତୁଲାଇପାରିବେ। ଏହି ଅଭାବ ପୂରଣ କରିବା ଲାଗି କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ଉଦୀୟମାନ ଓପନର ତଥା ସିମ୍ ବୋଲର ଭେଙ୍କଟେଶ ଆୟାରଙ୍କୁ ବଦଳରେ ଯୋଗ ଦେବାକୁ କୁହାଯାଇଛି।



ବୋଲିଂ ଅବସରରେ ଆଭେଶ ଖାଁ।


MORRIS GARAGES
Since 1924
INTRODUCING
ASTOR
INDIA'S FIRST SUV WITH AI INSIDE
ASTOR
PRICE STARTS AT ₹9,78,000*
BOOKINGS OPEN ON 21st OCT 2021
PRE-RESERVE NOW ON MGMOTOR.CO.IN OR AT A DEALERSHIP NEAR YOU
FOR ANY QUERIES CALL +919311583779
My MG SHIELD
COMPLETE OWNERSHIP ASSURANCE
3 Years/Unlimited km Warranty<
3 Years/Unlimited km Road Side Assistance
3 Labour Free Services<<
3-60 -PLAN- Powered by CarDekho
Assured Buy Back Value of 60% after 3 years at an attractive price<<<
PERSONAL AI ASSISTANT^
• Powered by Wikipedia • News
• Voice commands including 35+ Hinglish Commands
AUTONOMOUS LEVEL-II#
ADAS
• 14+ features including Adaptive Cruise Control, Lane Keep Assist and Automatic Emergency Braking
BEST IN SEGMENT^^
• Panoramic Skyroof • 3 Steering Modes
• Digital Key with Bluetooth technology
49 SAFETY FEATURES
i-SMART~
80+ CONNECTED CAR FEATURES
(Including JioSaavn with Podcast)
SCAN TO PRE-RESERVE YOUR ASTOR
EXPERIENCE MG ACROSS 270+ CENTRES
FOLLOW US ON: www.mgmotor.co.in @mgmotorin @mgmotorin @mgmotorindialtd @mgmotorindia @mgmotorin
*Ex-showroom all India. <The warranty coverage for 12V/48V battery, tyres is valid for 1 Year, while for infotainment system is valid for 3 Years. T&C apply. For Commercial use cars, coverage up to 3 Years/1 Lakh Kms. <<For first 3 scheduled services. <<<This is applicable only for private registered vehicles. Contact your nearest MG dealer for specific package details and T&C. ^MG Motor India Pvt Ltd does not guarantee that Personal AI Assistant or its functionality or content is accurate, reliable, always available, or complete, and has no responsibility or liability for such content. #Advanced Driver Assistance Systems (ADAS) are not a substitute for human eye and driver vigilance. It is a driver assist system that enhances driving experience and safety. The driver shall remain responsible for safe, vigilant and attentive driving. ^^Segment is defined by comparable SUVs. ~Functioning of some features is subject to availability of internet and dependent on network speeds. In view of our policy of continuously improving our products, MG Motor India Private Limited reserves the right to change, without notice, model, price, colours or equipment specification and also to discontinue models and/ or replace any part or accessory with any other product without any prior notice and liability. Accessories and features shown in the pictures may not be a part of standard equipment and will differ according to the variant. Vehicle body colour may differ due to printing process. Images used in this ad are for representation purpose only. Please contact your nearest MG dealer for latest information.
East: Angul: MG Angul (+918144917525) Balasore: MG Balasore (+918144917525) Bhubaneswar: MG Bhubaneswar (+918144917525) Dhanbad: MG Dhanbad (+918511499900) Dibrugarh: MG Dibrugarh (+917375006775) Guwahati: MG Guwahati (+917375006775) Jamshedpur: MG Jamshedpur (+918511499900) Kolkata: MG Kolkata North (+919674215000), MG Kolkata South (+919674215000) Patna: MG Patna (+919608916710) Ranchi: MG Ranchi (+918511499900) Sambalpur: MG Sambalpur (+918144917525) Siliguri: MG Siliguri (+919933988887)
Cheil-9791/21

# ପ୍ରାୟଶ୍ଚିତ୍ତର ସମୟ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଆସନ୍ତାବର୍ଷ ହେବାକୁ ଥିବାରୁ ଏଥିଲାଗି ବିଭିନ୍ନ ରାଜନୈତିକ ଦଳ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେଣି। କେଉଁ ଉପାୟ ବା ରାସ୍ତା ଧରିଲେ ଦେଶର ସବୁଠାରୁ ବୃହତ୍ ରାଜ୍ୟର ରାଜନୈତିକ ମଙ୍ଗୁଆଳ ହେଇ ହେବ, ସେଥିଲାଗି ରାଜନେତାମାନେ ବିଭିନ୍ନ ପ୍ରକାର ବୁଦ୍ଧି ଓ ଚିନ୍ତା ଲଗାଇ ଦେଇଛନ୍ତି। ଏବେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଭାଜପା ସରକାର ସେଠାରେ ଶାସନ କରୁଛି। ତଥାକଥିତ ହିନ୍ଦୁତ୍ୱ ଚିନ୍ତାଧାରା ଅନୁସରଣ କରି ଏହି ଗୈରିକ ଦଳ ସଫଳତା ପାଇଥିବାରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ତାହା ପଛରେ ଅନୁଧାବନ କରୁଥିବା ଦେଖିବାକୁ ମିଳିଲାଣି। ଗୋଟିଏ ପଟେ ଭାଜପା ଏବଂ ଯୋଗୀଙ୍କ ସ୍ଥିତି ଟଳମଳ ହୋଇପଡ଼ିଛି ବୋଲି କେତେକ ପର୍ଯ୍ୟବେକ୍ଷକ ମତ ଦେଉଛନ୍ତି। ଉତ୍ତରପ୍ରଦେଶରେ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ସହିତ ମହିଳାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ଏବଂ କୋଭିଡ୍ ସମୟରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତା ହେତୁ ସାଧାରଣ ୟୁପିବାସୀ ବିରକ୍ତି ପ୍ରକାଶ କରୁଛନ୍ତି। ଅନ୍ୟପଟେ ମାୟାବତୀ, ଅଖିଳେଶ ଓ ପ୍ରିୟଙ୍କା ବୁଝିଗଲେଣି ଯେ, ଭାଜପାର ପତନ ଘଟାଇବାକୁ ହେଲେ ହିନ୍ଦୁ ଭୋଟରଙ୍କୁ ଆୟତ୍ତ କରିବା ଅତ୍ୟନ୍ତ ଆବଶ୍ୟକ। କଂଗ୍ରେସର ଦୀର୍ଘ ୧୦ ବର୍ଷର ଉପା ସମୟରେ ସୋନିଆ ଗାନ୍ଧୀ ଯେଉଁ ହିନ୍ଦୁ ବିରୋଧୀ ମେଣ୍ଟ ଭିତରେ ଘେରି ହୋଇ ନିଜେ ସୁରକ୍ଷିତ ରହିବା ପାଇଁ କାର୍ଯ୍ୟ କଲେ, ତାହାର ପ୍ରତିକ୍ରିୟା ଭାବରେ ଭାଜପାର ହିନ୍ଦୁତ୍ୱ ନୀତି ସଫଳତାର ସୂର୍ଯ୍ୟୋଦୟ ଦେଖିଲା। ବିଳମ୍ବରେ ହେଉପଛେ ଏବେ ତଥାକଥିତ ଧର୍ମନିରପେକ୍ଷ ଦଳଗୁଡ଼ିକର ଚେତା ପଶିଲାଣି।

ନିକଟରେ ବିଏସ୍‌ପି ନେତ୍ରୀ ମାୟାବତୀ ଲକ୍ଷ୍ନୌଠାରେ ଏକ ରାଲିରେ କହିଥିଲେ ଯେ, ତାଙ୍କ ସରକାର କ୍ଷମତାକୁ ଆସିଲେ ଅଯୋଧ୍ୟା, ବାରାଣସୀ ଓ ମଥୁରାରେ କରାଯାଉଥିବା ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିବେ ନାହିଁ। ସେହିପରି ବାରାଣସୀଠାରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କାଶୀବିଶ୍ୱନାଥଙ୍କୁ ପୂଜା କରିବା ପରେ ସେଠାରେ ଅନୁଷ୍ଠିତ ସଭାରେ ଦୁର୍ଗାସ୍ତୋତ୍ର ଗାନ କରିଛନ୍ତି। ଅନୁରୂପ ଭାବେ ଏସ୍‌ପିର ଅଖିଳେଶ ଯାଦବ କାନପୁରର ଗଙ୍ଗା ଘାଟରୁ ୧୨ ଅକ୍ଟୋବରରେ ବିଜୟ ଯାତ୍ରା ଆରମ୍ଭ କରିଛନ୍ତି। ସେ କିଛି ମାସ ହେବ କ୍ରମାଗତ ବିଭିନ୍ନ ମନ୍ଦିର ବୁଲିବା ସହ ଗତ ମାଘ ମେଳାରେ ସଙ୍ଗମରେ ବୁଡ଼ ପକାଇଥିଲେ।

**ତଥାଗତ ସତପଥୀ**

ସମସ୍ତେ ଜାଣନ୍ତି ଭାରତରେ ଥରେ ନିର୍ବାଚନ ଆସିଲେ ରାଜନୈତିକ ଦଳ ଓ ନେତାମାନେ ଚେଇଁ ଉଠନ୍ତି। ଏ ଦେଶର ସ୍ଥିତି ନିତିନିତି ବଦଳୁଛି। ସାଧାରଣ ନାଗରିକର ତୀକ୍ଷ୍ଣ ବୁଦ୍ଧି ପ୍ରତ୍ୟେକ ଦିନ ଅଧିକ ଧାରୁଆ ହେବାରେ ଲାଗିଛି। ରାଜନୈତିକ ବ୍ୟକ୍ତି ସାଧାରଣ ଲୋକର ବୁଦ୍ଧି ସାଙ୍ଗରେ ଖାପ ଖାଇବା ପାଇଁ ଧାଉଁଛି। ଭାଜପା ହିନ୍ଦୁତ୍ୱ କାର୍ଡ ଖେଳି ଭୋଟ୍ ହାତେଇଥିବା ବିଷୟ ଦେଶର ସମସ୍ତେ ଜାଣିଛନ୍ତି। ଧ୍ରୁବୀକରଣ ରାଜନୀତି ଯୋଗୁ ଦେଶ ଭାଗଭାଗ ହୋଇଯାଉଛି ବୋଲି ବିରୋଧୀ ଦାବି କରି ଆସୁଥିଲେ। ହେଲେ ସେହି ଧର୍ମ ଓ ଠାକୁର ବିଶ୍ୱାସକୁ ପାଥେୟକରି ନିର୍ବାଚନ ଜିତିବା ସହଜ ବୋଲି ସମ୍ଭବତଃ ବିରୋଧୀ ହୃଦୟଙ୍ଗମ କରିବା ପରେ ହିନ୍ଦୁ କାର୍ଡ ଖେଳିଲେଣି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଏହା ଖୁସିର କଥା ମାୟାବତୀ, ଅଖିଳେଶ ଓ ପ୍ରିୟଙ୍କା ବାସ୍ତବ ଚିତ୍ରକୁ ବୁଝିଲେଣି। ଭାରତ ଏକ ହିନ୍ଦୁବହୁଳ ଦେଶ। ଏଠାରେ ରାଜନୀତି କରିବାକୁ ହେଲେ ହିନ୍ଦୁ ବିଚାରଧାରକୁ ସମ୍ମାନ ଦେବାକୁ ପଡ଼ିବ। ପୂର୍ବରୁ ଏହି ଦଳଗୁଡ଼ିକ ହିନ୍ଦୁଙ୍କୁ ଅଣଦେଖା କରି ଭାବିଥିଲେ ନିଜର 'ଅଣହିନ୍ଦୁ ଭୋଟ୍ ବ୍ୟାଙ୍କ' ମାଧ୍ୟମରେ କ୍ଷମତା ହାସଲ କରିବେ। ଫଳସ୍ୱରୂପ ଏକ ବିକୃତ ଚିନ୍ତାଧାରା ଭାରତୀୟ ରାଜନୀତିରେ ପ୍ରବେଶ କରିଗଲା। ସହନଶୀଳ ହିନ୍ଦୁମାନେ ମଧ୍ୟ ଅସହିଷ୍ଣୁ ହିନ୍ଦୁତ୍ୱବାଦ ଦ୍ୱାରା ପ୍ରଭାବିତ ହୋଇଯାଇଛନ୍ତି। ଏହା ଭାରତୀୟ ଚରିତ୍ର ବିରୋଧୀ। କିନ୍ତୁ ଏହି ଚିନ୍ତାଧାରାର ଜନ୍ମ ପାଇଁ କଂଗ୍ରେସ, ମୁଲାୟମଙ୍କ ସମାଜବାଦୀ ପାର୍ଟି ଏବଂ ଅନ୍ୟ କେତେକ ଦଳ ଦାୟୀ। ଆଜି ସେମାନଙ୍କ ପ୍ରାୟଶ୍ଚିତ୍ତର ସମୟ ଆସିଛି। ଠିକ୍ ଭାବେ ଯଦି ବିଶ୍ୱାସଯୋଗ୍ୟ ପଦକ୍ଷେପ ନେଇ ନିଜର ରାଜନୈତିକ ଲକ୍ଷ୍ୟରେ ପରିବର୍ତ୍ତନ ଆଣିପାରିବେ, ତେବେ ସେହି ଦଳଗୁଡ଼ିକ ଆସନ୍ତା ଦିନଗୁଡ଼ିକରେ ପ୍ରାସଙ୍ଗିକ ରହିବେ।

# ମା' ବାପାଙ୍କ ସାମ୍ନାରୁ ପୁଅକୁ ଝାମ୍ପିନେଲା ବାଘ

ରାଇଘର/ଉମରକୋଟ, ୧୨।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

ନବରାତ୍ରି ସମୟରେ ପରିବାର ସହ ଛତିଶଗଡ଼ ସିହାୱାସ୍ଥିତ ଶୀତଳା ମନ୍ଦିରକୁ ସପରିବାର ଦର୍ଶନ ପାଇଁ ଯାଇଥିଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତିଶଗଡ଼ ସୀମାନ୍ତ ତୁରୁଡିହି ଗ୍ରାମର ନରେନ୍ଦ୍ର ମାର୍କମ। ହଠାତ୍ ନରେନ୍ଦ୍ରଙ୍କ ୬ବର୍ଷର ପୁଅ ଅବିନାଶଙ୍କୁ ପରିବାର ଲୋକଙ୍କ ଆଖି ଆଗରେ ଝାମ୍ପିନେଲା କଲରାପତରିଆ ବାଘ। ଖବରପାଇ ପୋଲିସ, ବନ ବିଭାଗ ଅବିନାଶଙ୍କୁ ଖୋଜାଖୋଜି କରିଥିଲା। ବନ ବିଭାଗ ଅବିନାଶଙ୍କ ମୃତଦେହ ଜବତକରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ସୋମବାର ନରେନ୍ଦ୍ର ସପରିବାର ସିହାୱାସ୍ଥିତ ଶୀତଳାଙ୍କ ମନ୍ଦିରକୁ ଯାଉଥିଲେ। ଅବିନାଶ ଅନ୍ୟ ଜଣେ ବାଳକ ସହ ଆଗରେ ଚାଲିଥିଲେ। ହଠାତ୍ ଏକ କଲରାପତରିଆ ବାଘ ସେମାନଙ୍କ ଆଗକୁ ଆସିଯାଇଥିଲା। ସମସ୍ତେ ଏପଟ ସେପଟ ହୋଇ ଦୌଡୁଥିବାବେଳେ ଅବିନାଶଙ୍କୁ ବାଘ ଝାମ୍ପିନେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏହା ଦେଖି ଅନ୍ୟମାନେ ପାଟି କରିବା ସହ ସ୍ଥାନୀୟ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ସିହାୱା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ରକ୍ତ ଚିହ୍ନ ଦେଖି କିଛି ବାଟ ଯିବା ପରେ ଏକ ପଥର ଉପରୁ ଅବିନାଶଙ୍କୁ ସେମାନେ ଗୁରୁତର ଅବସ୍ଥାରେ ଉଦ୍ଧାରକରି ସିହାୱା ☞ପୃଷ୍ଠା-୪

# ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ଉଡ଼ିବ ବିମାନ



ନୂଆଦିଲ୍ଲୀ,୧୨।୧୦

ଦେଶ ମଧ୍ୟରେ ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ବିମାନ ଉଡ଼ିବ। ମହାମାରୀ କରୋନା ଯୋଗୁ ଏନେଇ ଥିବା ସିଟିଂ କାପାସିଟି କଟକଣାକୁ ସରକାର ମଙ୍ଗଳବାର ହଟାଇ ଦେଇଛନ୍ତି। ଚଳିତ ମାସ ୧୮ ତାରିଖରୁ ଦେଶ ମଧ୍ୟରେ ବିମାନ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ବିମାନର ସବୁ ସିଟ୍‌ରେ ଯାତ୍ରୀ ବସାଇ ନେଇପାରିବେ। ହେଲେ ଭଡ଼ା ଏବଂ ମିଲ୍ସ ଉପରେ ରହିଥିବା କଟକଣା ପୂର୍ବବତ ଜାରି ରହିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ସୂଚନା ଦେଇଛି। କମ୍ପାନୀଗୁଡ଼ିକ କୋଭିଡ କଟକଣା ମଧ୍ୟରେ ବିମାନ ସେବା ପ୍ରଦାନ କରିବେ। ସର୍ବୋଚ୍ଚ ଏବଂ ସର୍ବନିମ୍ନ ଭଡ଼ା ସୀମା ପୂର୍ବଭଳି ଲାଗୁ ହେବ। ଦେଶ ମଧ୍ୟରେ ବିମାନ ସେବା ଯୋଗାଣ ଏବଂ ଯାତ୍ରୀ ଚାହିଦାର ବିଭିନ୍ନ ☞ପୃଷ୍ଠା-୪

# ଜିମେଲ୍ ସର୍ଭିସ ଡାଉନ

ନୂଆଦିଲ୍ଲୀ,୧୨।୧୦

ଗୁଗଲର ଜିମେଲ୍ ସର୍ଭିସ ମଙ୍ଗଳବାର ଡାଉନ ହେବା ଯୋଗୁ ଲୋକମାନେ ଲଗ୍ ଇନ୍ ଏବଂ ଇମେଲ୍ ଏରର ଭଳି ସମସ୍ୟା ସାମ୍ନା କରିଥିଲେ। ସମସ୍ୟାକୁ ନେଇ ଲୋକମାନେ ଟ୍ୱିଟରରେ ସେମାନଙ୍କ ରୋଷ ଜାହିର କରିଛନ୍ତି। ଫଳରେ ହ୍ୟାସ୍‌ଟ୍ୟାଗ୍ ଜିମେଲ୍ ଡାଉନ ଟ୍ରେଣ୍ଡ କରିଛି। ସର୍ଭିସ ଡାଉନ ହେବା ନେଇ ବୃହତ୍ ସଂଖ୍ୟାରେ ୟୁଜର ଅଭିଯୋଗ କରିଥିବା ଜଣାପଡ଼ିଛି। ୪ ଅକ୍ଟୋବର ରାତିରେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରମ ପ୍ରାୟ ୮ ଘଣ୍ଟା ଡାଉନ ରହିବା ଯୋଗୁ ଲୋକମାନେ ସେବାରେ ସମସ୍ୟା ସାମ୍ନା କରିଥିଲେ। ବର୍ତ୍ତମାନ ଗୁଗଲ ଭଳି କମ୍ପାନୀର ପ୍ରଡକ୍ଟ ମଧ୍ୟ ଏଭଳି ସମସ୍ୟା ସାମ୍ନା କରିଛି। ଭାରତର କେତେକ ପ୍ରାନ୍ତରେ ଜିମେଲ୍ ଡାଉନ ହେବାର ଖବର ସାମ୍ନାକୁ ଆସିଛି। ଫଳରେ ଲୋକମାନେ ଇ-ମେଲ୍ ପଠାଇବାକୁ ସକ୍ଷମ ହୋଇ ନ ଥିଲେ। ☞ପୃଷ୍ଠା-୪

# ୩୧୯୭ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

**ୟୁନେସ୍କୋ ରିପୋର୍ଟ**
- ଦେଶରେ ୧୧,୧୬,୮୪୬ ପଦ ଖାଲି
- ଗ୍ରାମାଞ୍ଚଳରେ ୬୯% ଖାଲି ପଡ଼ିଛି

ଦେଶର ୧,୧୦,୯୭୧ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ସେହିପରି ଦେଶରେ ଥିବା ୧୫.୫୧ଲକ୍ଷ ସ୍କୁଲରେ ୧୧,୧୬,୮୪୬ ଶିକ୍ଷକ ପଦ ଖାଲି ପଡ଼ିଛି। ଏଥିରୁ ୬୯ ପ୍ରତିଶତ ପଦ କେବଳ ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଖାଲି ରହିଛି। ଅନ୍ୟପଟେ ଓଡ଼ିଶାର ୩୧୯୭ ସ୍କୁଲରେ ମାତ୍ର ଜଣେ ଲେଖାଏ ଶିକ୍ଷକ ରହିଥିବା ୟୁନେସ୍କୋ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା କେତେ ଦୟନୀୟ ତାହାର ଚିତ୍ର ବାରି ହୋଇପଡୁଛି। ୟୁନେସ୍କୋର ୨୦୨୦-୨୧ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶରେ ସର୍ବାଧିକ ୨୧,୦୭୭ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳରେ ମହିଳା ଶିକ୍ଷକଙ୍କ ଅନୁପାତ ସହରାଞ୍ଚଳର ଶିକ୍ଷକ ତୁଳନାରେ ବହୁତ କମ୍। ରାଜ୍ୟରେ ମୋଟ୍ ୩,୪୦,୪୭୭ ଶିକ୍ଷକ ଥିବାବେଳେ ଗ୍ରାମାଞ୍ଚଳରେ ୮୪ ପ୍ରତିଶତ ଶିକ୍ଷକ ଅଛନ୍ତି। ଗ୍ରାମାଞ୍ଚଳରେ ୧୧ ପ୍ରତିଶତ ପଦ ଖାଲି ପଡ଼ିଛି। ☞ପୃଷ୍ଠା-୪












# ରାଜରାସ୍ତାରେ ୯ ବିଧାୟକ




ଭାଜପା ବିଧାୟକ ଓ କର୍ମୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**କେନ୍ଦୁଝର, ୧୨।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ଓଡ଼ିଶା ବିଧାନସଭାର ବିରୋଧୀ ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝିଙ୍କ ଗାଡ଼ି ଉପରେ ରବିବାର ହୋଇଥିବା ବୋମାମାଡ଼ ଘଟଣାକୁ କେନ୍ଦ୍ରକରି କେନ୍ଦୁଝର ଜିଲା ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ୨୪ ଘଣ୍ଟା ମଧ୍ୟରେ ଦୋଷୀଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେଇ ପୋଲିସ ବିଫଳ ହେବା ପ୍ରତିବାଦରେ ମଙ୍ଗଳବାର ସହରର ଗାନ୍ଧୀ ଛକଠାରେ ୪୯ନଂ.ଏନ୍ଏଚ୍ ଅବରୋଧ କରି ଭାଜପା ଶକ୍ତି ପ୍ରଦର୍ଶନ କରିଛି। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଭାଜପା ନେତା ଓ କର୍ମୀ ଦୀର୍ଘ ସମୟ ଧରି ରାସ୍ତାରେ ବସି ରହିଥିଲେ। ଏହାକୁ ସମର୍ଥନ ଜଣାଇ ୯ ଭାଜପା ବିଧାୟକ ପ୍ରତିବାଦ ସ୍ଥଳରେ ପହଞ୍ଚି ରାଜ୍ୟ ସରକାର ଓ ଜିଲା ପୋଲିସ ପ୍ରଶାସନ ବିରୋଧରେ ବର୍ଷିଥିଲେ।

## ମୋହନ ମାଝିଙ୍କ ଗାଡ଼ିକୁ ବୋମାମାଡ଼ ଘଟଣା

- ୨ ଦିନ ପରେ ବି ଆକ୍ରମଣକାରୀଙ୍କ ଟେର୍ ପାଉନି ପୋଲିସ
- ଏସ୍‌ପିଙ୍କୁ ଭେଟି ଗିରଫ ଦାବି କଲେ
- ଆକ୍ରମଣକୁ ନିନ୍ଦା କଲା ବିଜେଡି

ଅନ୍ୟପକ୍ଷରେ ଏହି ଆକ୍ରମଣ ଘଟଣାକୁ କେନ୍ଦୁଝର ଜିଲା ବିଜେଡି ନିନ୍ଦା କରିଛି। ଏନେଇ ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ଗିରଫ ଲାଗି ଏସ୍‌ପିଙ୍କ ନିକଟରେ ଦାବି କରାଯାଇଥିବା କୁହାଯାଇଛି। ଆକ୍ରମଣକାରୀ ଧରାପଡ଼ିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ବିଜେଡି ନେତାମାନେ କହିଛନ୍ତି।

ବିଧାୟକ ପ୍ରତିନିଧି ଟିମ୍ ବୋମାମାଡ଼ ଘଟଣାସ୍ଥଳ ପରିଦର୍ଶନ କରି ସର୍କିଟ ହାଉସ୍‌ରେ କେନ୍ଦୁଝର ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ବିଜେଡି ନେତା ରାଜା ଚକ୍ରଙ୍କ ବିରୋଧରେ ଅଭିଯୋଗ ହୋଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ଭାଜପା ପ୍ରତିନିଧି ଦଳ କେନ୍ଦୁଝର ଏସ୍‌ପିଙ୍କ କାର୍ଯ୍ୟ ଦକ୍ଷତା ଓ ନିରପେକ୍ଷତା ଉପରେ ପ୍ରଶ୍ନ କରିଥିଲେ। ରାଜ୍ୟ ଭାଜପା ଆଦିବାସୀ ମୋର୍ଚ୍ଚା ସଭାପତି ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ,ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଏବଂ ନବରଙ୍ଗପୁର ଭାଜପା ଜିଲା ସଭାପତି ଜଗଦୀଶ ବିଶୋଇ ପ୍ରମୁଖ ଏଥିରେ ସାମିଲ ଥିଲେ। ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଶୁକଦେବ ମହାନ୍ତ, ଜିଲା ଉପସଭାପତି ଅଗନୁ ଚରଣ ମହାନ୍ତ, ନିରାକାର ଦଳେଇ, ଗୋପୀନାଥ ରାମ, ଗଣେଶ୍ୱର ମହାନ୍ତ, ସମ୍ପାଦକ ଶିବ କୁମାର ରାଠୋର, ଦୀପକ ଜେନା, ଜିଲା କାର୍ଯ୍ୟାଳୟ ସମ୍ପାଦକ ଜୟଦେବ ଗିରି ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ। ୭ ଦିନ ମଧ୍ୟରେ ସମ୍ପୃକ୍ତ ଦୋଷୀଙ୍କୁ ଗିରଫ କରା ନ ଗଲେ ଭାଜପା ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଜିଲା ସଭାପତି ବର୍ମା ସୂଚନା ଦେଇଛନ୍ତି। ବିଜେଡିର ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଆଶିଷ ଚକ୍ରବର୍ତ୍ତୀ, କାନନ ବିହାରୀ ପଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷ କମଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା।

# ଆଜି ରାଷ୍ଟ୍ରପତିଙ୍କୁ ଭେଟିବ କଂଗ୍ରେସ

**ଲଖିମପୁର ହିଂସା**

**ନୂଆଦିଲ୍ଲୀ,୧୨।୧୦**

ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସା ମାମଲାରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ତଥ୍ୟ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବ। ୭ ଜଣିଆ ପ୍ରତିନିଧି ଦଳରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ବରିଷ୍ଠ ନେତା ଏ.କେ. ଆଣ୍ଟୋନି, ଗୁଲାମନବୀ ଆଜାଦ, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ କେ.ସି. ବେଣୁଗୋପାଳ ସାମିଲ ହେବେ। ଏନେଇ ରାଷ୍ଟ୍ରପତି ସମୟ ଦେଇଥିବା ଜଣାପଡ଼ିଛି।

ଅକ୍ଟୋବର ୩ରେ ଲଖିମପୁର ଖେରିର ତିକୁନିଆରେ ଆନ୍ଦୋଳନରତ ଚାଷୀଙ୍କ ଉପରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ହିଂସା ଘଟି ଜଣେ ଖବରଦାତାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟଙ୍କ ଇସ୍ତଫା ଦାବି କରିଛି। ଆଶିଷଙ୍କୁ ଶନିବାର ରାତିରେ ୟୁପି ପୋଲିସ ଗିରଫ କରିଛି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବି ଏହି ଗଣହତ୍ୟା ପାଇଁ ଦାୟୀ କେନ୍ଦ୍ରମନ୍ତ୍ରୀ ଅଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ବେଣୁଗୋପାଳ ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜସ୍ଥାନ ଏବଂ ଛତିଶଗଡ଼ରେ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ କାହିଁକି ଚୁପ୍ ରହୁଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି।

# ପ୍ରଧାନମନ୍ତ୍ରୀ ନିଜ କୃତ୍ରିମ ଭାବମୂର୍ତ୍ତି ପାଇଁ ଚିନ୍ତିତ

**ନୂଆଦିଲ୍ଲୀ,୧୨।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଭୌଗୋଳିକ ଅଖଣ୍ଡତା ଅପେକ୍ଷା ନିଜର କୃତ୍ରିମ ଭାବମୂର୍ତ୍ତି ପାଇଁ ଅଧିକ ଚିନ୍ତିତ ଥିବା ଜଣାପଡୁଛନ୍ତି। ଚାଇନା ସୈନ୍ୟଙ୍କ ଅନୁପ୍ରବେଶକୁ ନେଇ ସେ ନୀରବ କାହିଁକି ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। କଂଗ୍ରେସ ମୁଖପାତ୍ର ପବନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ଭଳି ଏକ ଶକ୍ତିଶାଳୀ ଦେଶ ଆଗରେ ଶକ୍ତିଶାଳୀ ଶତ୍ରୁ ଛିଡ଼ା ହୋଇଛି। କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ଚାଇନାର ନାମ ମଧ୍ୟ ନେବାକୁ ପ୍ରସ୍ତୁତ ନୁହନ୍ତି। ସେ ଦେଶର ଭୌଗୋଳିକ ଅଖଣ୍ଡତା ଅପେକ୍ଷା ନିଜ କୃତ୍ରିମ ଭାବମୂର୍ତ୍ତିକୁ ନେଇ ଚିନ୍ତିତ। ବହିର୍ବ୍ୟାପାର ନୀତି ଭଳି ପ୍ରସଙ୍ଗରେ ମନ୍ତବ୍ୟ ଦେବାବେଳେ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ସମ୍ବେଦନଶୀଳ ହେବା ଉଚିତ ବୋଲି ପବନ କହିଛନ୍ତି।


ପବନ ଖେରା

ମିଷ୍ଟର ୫୬ ଇଞ୍ଚ ଛାତି, ଆପଣ ଚାଇନାକୁ ନାଲିଆଖି କାହିଁକି ଦେଖାଉନାହାନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟରରେ ମୋଦିଙ୍କୁ ପ୍ରଶ୍ନ କରିଛନ୍ତି। ଉକ୍ତ ଟୁଇଟ୍‌ରେ ସେ ଏକ ନ୍ୟୁଜ୍‌କୁ ଟ୍ୟାଗ୍ କରିଛନ୍ତି। କମାଣ୍ଡରସ୍ତରୀୟ ୧୩ ରାଉଣ୍ଡ ଆଲୋଚନା ପରେ ଚାଇନା ପଛଘୁଞ୍ଚା ଦେବାକୁ ରାଜି ହୋଇ ନ ଥିବା ସେଥିରେ ଉଲ୍ଲେଖ କରାଯାଇଛି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନ ବାହାରେ ବିକ୍ଷୋଭ ବେଳେ ଆହତ ଭାଜପା ଏମ୍‌ପି ମନୋଜ ତିୱାରୀ।

# ଗଞ୍ଜାମରେ ନୂଆ ଜଳ ପ୍ରକଳ୍ପ ନେଇ ରାଜନୀତି

- ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନିଷ୍ପତ୍ତି
- ବିଜେଡିର ସ୍ୱାଗତ, ବିରୋଧୀଙ୍କ କଟାକ୍ଷ

**ବ୍ରହ୍ମପୁର ଅଫିସ,୧୨।୧୦**

ଗଞ୍ଜାମ ଜିଲାରେ ୨ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବା ନେଇ ଗତ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଗୋପାଳପୁର, ଖଲ୍ଲିକୋଟ ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ବ୍ଲକର ୮୬ ପଞ୍ଚାୟତ ଅଧୀନ ୩୦୪ ଗ୍ରାମବାସୀ ନିୟମିତ ବିଶୁଦ୍ଧ ପାଣି ପାଇବେ ବୋଲି ପ୍ରସ୍ତାବ ରଖାଯାଇଛି। ଯୋଜନା ବାବଦରେ ୩୨୫ କୋଟି ୭୫ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆସନ୍ତା ଦୁଇ ବର୍ଷ ବା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ମାଣ କାର୍ଯ୍ୟ ସରିବ ବୋଲି ଲକ୍ଷ୍ୟ ରହିଛି। ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ନିଷ୍ପତ୍ତି ନେଇଥିବା ମୁଖ୍ୟ ବିରୋଧୀ ଦଳ ଭାଜପା ଅଭିଯୋଗ କରିଛି।

ଏହି ଯୋଜନାରେ ରଙ୍ଗେଇଲୁଣ୍ଡା, ଛତ୍ରପୁର, ଗଞ୍ଜାମ ଓ ଖଲ୍ଲିକୋଟ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି। ରଙ୍ଗେଇଲୁଣ୍ଡାରେ ୩୨ ପଞ୍ଚାୟତ ଥିବା ବେଳେ ଛତ୍ରପୁର ୨୧, ଗଞ୍ଜାମର ୨ ପଞ୍ଚାୟତ, ଖଲ୍ଲିକୋଟର ୨୯ ପଞ୍ଚାୟତ ଅନ୍ତର୍ଗତ ସମୁଦାୟ ୩୦୪ ଗ୍ରାମ ରହିଛି। ପ୍ରକଳ୍ପ ପିପିପି ମୋଡ୍‌ରେ ହେବ ଏବଂ ମୁମ୍ବାଇର ଏକ ଉଦ୍ୟୋଗୀ ନିର୍ମାଣ କରିବାର ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, କ୍ୟାବିନେଟ ବୈଠକର କିଛିସମୟ ପରେ ଗଞ୍ଜାମ ଜିଲା ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଦିଆଯାଇଛି। ଏଥିରେ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉପସ୍ଥିତ ଥିଲେ।

ମଙ୍ଗଳବାର ଯୋଗାଯୋଗ ବେଳେ ଚ୍ୟାଉ ପଟ୍ଟନାୟକ ସ୍ପଷ୍ଟ ଭାବେ କହିଛନ୍ତି, ଦୁଇ ପ୍ରକଳ୍ପ କେଉଁଠି ହେବ ଏବେ ସ୍ଥାନ ଚିହ୍ନଟ ହୋଇନାହିଁ। କେବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାହା ମଧ୍ୟ ଜଣାପଡ଼ିନାହିଁ। ତଥାପି କ୍ୟାବିନେଟ ମଞ୍ଜୁରୀ ମିଳିଥିବାରୁ ନିଶ୍ଚିତ ଏହା କାର୍ଯ୍ୟକାରୀ ହେବ। ଉପରୋକ୍ତ ୪ ବ୍ଲକ ଲୋକଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ସାକାର ହେବା ସହ ଗ୍ରାମବାସୀଙ୍କ ଶୋଷ ମେଣ୍ଟିବ। ସ୍ଥାନ ନିରୂପଣ ଏବଂ ରାଜ୍ୟ ବଜେଟରେ ବ୍ୟୟ ବରାଦ ହୋଇନଥିବା ବେଳେ ଜିଲା ବିଜେଡିର ତରବରିଆ ବୈଠକରେ କରାଯାଇଥିବା ସ୍ୱାଗତ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ବିରୋଧୀ ଦଳ ଭାଜପା ପକ୍ଷରୁ କୁହାଯାଇଛି, ଗଞ୍ଜାମରେ ଅନେକ ନୂଆ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ କାର୍ଯ୍ୟକାରୀ ହୋଇନଥିବା ନଜିର ଅଛି। ତେଣୁ ଏହି ଯୋଜନା ସନ୍ଦେହ ଘେରକୁ ଆସିଛି।

କଂଗ୍ରେସର ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି ପ୍ରସ୍ତାବିତ ୨ ନୂଆ ପ୍ରକଳ୍ପ ନିଷ୍ପତ୍ତି ଶାସକ ଦଳର ଧୂଆଁବାଣ ହୋଇଥିବା କଟାକ୍ଷ କରାଯାଇଛି। ଅସମ୍ପୂର୍ଣ୍ଣ ଜାନିବିଲି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନର ଅଢ଼େଇ ବର୍ଷ ବିତିବା ପରେ ବି ସମ୍ପୂର୍ଣ୍ଣ ହୋଇନଥିବାରୁ ୪ ବ୍ଲକ ନିମନ୍ତେ ନିଆଯାଇଥିବା କ୍ୟାବିନେଟ ନିଷ୍ପତ୍ତି ପ୍ରହସନ ହୋଇଛି। ତେଣୁ ୨ ନୂଆ ଜଳ ଯୋଗାଣ ପ୍ରକଳ୍ପକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି।

# ଜାମିନ ପାଇଁ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ଚିଲିକା ବିଧାୟକ

**କଟକ ଅଫିସ,୧୨।୧୦**

ବାଲୁଗାଁ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଜାତିଆଣ ଆକ୍ଷେପ ସହ ମାଡ଼ମାରିବା ଘଟଣାରେ ଗିରଫ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଜାମିନ ପାଇଁ ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗିରଫଦାରିକୁ ଏଡ଼ାଇବା ପାଇଁ ପୂର୍ବରୁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହେଲେ ହାଇକୋର୍ଟ ଜାମିନ ଆବେଦନକୁ ଖାରଜ କରିବା ସହ ତାଙ୍କୁ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗତ ଶୁକ୍ରବାର ଜଗଦେବ ଖୋର୍ଦ୍ଧା ଏଡିଜେ-୧ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରିଥିଲେ। ହେଲେ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା।


ପ୍ରଶାନ୍ତ ଜଗଦେବ

ଜେଲ ହାଜତକୁ ଯିବାର କିଛି ସମୟ ପରେ ବିଧାୟକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଏବେ ସେ ଚିକିତ୍ସାଧୀନ ଅଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କୁ ଜାମିନ ପ୍ରଦାନ କରିବାକୁ ସେ ହାଇକୋର୍ଟରେ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୮ ତାରିଖରେ ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେବାର ଥିଲା। ହେଲେ କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ଘଟିବାରୁ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ବାଲୁଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ସମୟରେ ବିଧାୟକ ସେଠାରେ ପହଞ୍ଚି ନିରଞ୍ଜନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ ସହ ମାଡ଼ ମାରିଥିଲେ। ବିଧାୟକଙ୍କ ଏଭଳି ଆକ୍ରମଣ ପ୍ରତିବାଦରେ ବାଲୁଗାଁ ଥାନା ସାମ୍ନାରେ ଶତାଧିକ ଭାଜପା କର୍ମୀ ଧାରଣା ଦେଇଥିଲେ। ନିରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବିଧାୟକ ପ୍ରଶାନ୍ତଙ୍କ ବିରୋଧରେ ଏସ୍‌ସିଏସ୍‌ଟି ଆକ୍ଟ୍ରୋସିଟି ଆକ୍ଟରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ପ୍ରଶାନ୍ତଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା।

# ମଞ୍ଚରେ ଜାଗା ପାଇଲେନି ପ୍ରିୟଙ୍କା

## ମୃତ ଚାଷୀଙ୍କୁ ଶେଷ ସମ୍ମାନ

**ଲଖିମପୁର ଖେରି,୧୨।୧୦**

ଲଖିମପୁର ଖେରି ହିଂସାରେ ପ୍ରାଣ ହରାଇଥିବା ୪ ଚାଷୀଙ୍କୁ ମଙ୍ଗଳବାର କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଶେଷ ସମ୍ମାନ ଦିଆଯାଇଛି। ତିକୋନିଆରେ ମୃତ ଚାଷୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ରାଜ୍ୟର ବହୁସଂଖ୍ୟକ କୃଷକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ରାକେଶ ଟିକାଏତ୍, ଦର୍ଶନ ପାଲ୍ ସିଂ, ଯୋଗିନ୍ଦର ସିଂ ଉଗ୍ରହଣ, ଧର୍ମେନ୍ଦ୍ର ମଲିକ ପ୍ରମୁଖ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ଭାରତୀୟ କିଷାନ ୟୁନିୟନ ନେତାଗଣ ଥିଲେ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅପରାହ୍ନ ୧ଟାରେ ଯୋଗଦେଇଥିବାବେଳେ ସମାଜବାଦୀ ପାର୍ଟି ସମେତ ଅନ୍ୟ ଦଳର ନେତାମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାଷ୍ଟ୍ରୀୟ ଲୋକ ଦଳ (ଆର୍ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀ ଶେଷରେ ପହଞ୍ଚିଥିଲେ। ତେବେ କୌଣସି ରାଜନେତାଙ୍କୁ ମଞ୍ଚ ଉପରକୁ ଯିବା ପାଇଁ ଅନୁମତି ମିଳି ନ ଥିଲା। କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା, ପ୍ରିୟଙ୍କା ଓ ତାଙ୍କ ଦଳର ଅନ୍ୟ ନେତାମାନଙ୍କୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ମଞ୍ଚକୁ ସେ ଯାଇପାରିବେ ନାହିଁ। ଏହି ଘୋଷଣା ପରେ ପ୍ରିୟଙ୍କା ତଳେ ବସି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମଞ୍ଚରେ ମୃତ ଚାଷୀ ଦଲଜିତ୍ ସିଂ, ଗୁରବିନ୍ଦର ସିଂ, ଲବପ୍ରୀତ୍ ସିଂ, ନଛାତର ସିଂ ଓ ମୃତ ଖବରଦାତା ରମଣ କଶ୍ୟପଙ୍କ ପରିବାର ସଦସ୍ୟ ଥିଲେ। ସେମାନଙ୍କ ହାତରେ ମୃତକମାନଙ୍କ ଫଟୋ ରହିଥିଲା। ୩୦ ଏକର ଜମିରେ କରାଯାଇଥିବା ସଭାସ୍ଥଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।


ଲଖିମପୁର ଖେରିସ୍ଥିତ ତିକୁନିଆରେ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଏମ୍‌ପି ଦୀପେନ୍ଦର ହୁଡା ଏବଂ ୟୁପିସିସି ମୁଖ୍ୟ ଅଜୟ କୁମାର ଲଲ୍ଲୁ।

**ସଂକ୍ଷେପରେ**

## ଇଗ୍ନୋରେ ନାମଲେଖା ଅବଧି ବଢ଼ିଲା

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଉଚ୍ଚଶିକ୍ଷା ପାଇଁ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଖୁସି ଖବର। ଇଗ୍ନୋରେ ନାମଲେଖା ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ନାମଲେଖା ପାଇଁ ଅକ୍ଟୋବର ୧୧ ତାରିଖ ଶେଷ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଏହାର ସମୟସୀମାକୁ ୨୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତେଣୁ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନେ ଏହାର ଲାଭ ଉଠାଇବାକୁ ଇଗ୍ନୋ ତରଫରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏସ୍. କେ. ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା କୌଣସି କାରଣରୁ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ଥିବା ଯେକୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇଗ୍ନୋରେ ଦୁଇଶହରୁ ଅଧିକ ବିଭାଗରେ ନାମଲେଖା ଚାଲୁଛି। ୟୁଜି ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଏସ୍‌ସି/ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନର୍ବାର ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି ବୋଲି ଇଗ୍ନୋ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଇଗ୍ନୋର ୱେବ୍‌ସାଇଟ୍ www.ignou.ac.in ଏବଂ ପଞ୍ଜୀକରଣ ପାଇଁ ଅନ୍‌ଲାଇନ ଲିଙ୍କ୍ https//ignouadmission.samarth.edu.in ଫଲୋ କରିପାରିବେ କିମ୍ବା ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରକୁ rcbhubaneswar@ignou.ac.inକୁ ଇ-ମେଲ୍ କରି ଯୋଗାଯୋଗ କରିପାରିବେ। ଛାତ୍ରୀଛାତ୍ର ଚାହିଁଲେ ୦୬୭୪-୨୯୭୦୭୧ କିମ୍ବା ୨୩୦୧୩୪୮ ନମ୍ବର ସହ ମଧ ଯୋଗାଯୋଗ କରି ସୂଚନା ପାଇପାରିବେ।

# ଭୁବନେଶ୍ୱର, କଟକ, ସମ୍ବଲପୁରରେ 'ପିଠା ଅନ୍ ହ୍ୱିଲ୍'

■ ଦଶହରା ପାଇଁ ଓଟିଡିସିର ସ୍ୱତନ୍ତ୍ର ବ୍ୟବସ୍ଥା

■ 'ନିମନ୍ତ୍ରଣ'ରେ ମିଳିବ ସ୍ୱତନ୍ତ୍ର ଓଡ଼ିଆ ବ୍ୟଞ୍ଜନ




ଭୁବନେଶ୍ୱର, ୧୨।୧୦ (ବ୍ୟୁରୋ)

ଶାରଦୀୟ ଦୁର୍ଗାପୂଜା ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ରାଜ୍ୟର ବିଭିନ୍ନ ସହରରେ ପାରମ୍ପରିକ ସୁସ୍ୱାଦୁ ଓଡ଼ିଆ ପିଠା ଯୋଗାଇ ଦିଆଯିବ। ମଙ୍ଗଳବାର ଠାରୁ ୧୫ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ସମେତ କଟକ, ସମ୍ବଲପୁରର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାଉଣ୍ଟର ଓ 'ପିଠା ଅନ୍ ହ୍ୱିଲ' ମାଧ୍ୟମରେ ପିଠା ଉପଲବ୍ଧ ହେବ। ଓଟିଡିସି ପରିଚାଳିତ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟରେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି।

ଭୁବନେଶ୍ୱର ପାନ୍ଥନିବାସ ପରିସରରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମକୁ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଉଦଘାଟନ କରିବା ସହ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଥିଲେ। କୋଭିଡ୍ ଗାଇଡ୍‌ଲାଇନକୁ ମାନି ସମସ୍ତେ ଘରେ ରହି ପବିତ୍ର ଦୁର୍ଗାପୂଜା ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଦଶହରା ହେଉଛି ଅସତ୍ୟ ଉପରେ ସତ୍ୟର ବିଜୟ ପର୍ବ। ପାନ୍ଥନିବାସ କର୍ମଚାରୀ ଓ ମିଶନ ଶକ୍ତିର ମା'ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହାଇଜେନିକ୍ ପ୍ରକ୍ରିୟାରେ ହାତ ତିଆରି ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ପିଠା ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି ଶ୍ରୀମୟୀ ଆଶାବ୍ୟକ୍ତ କରିଛନ୍ତି। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି, ଓଟିଡିସି ଦ୍ୱାରା ରଜ ମହୋତ୍ସବ ସମୟରେ 'ପିଠା ଅନ୍ ହ୍ୱିଲ' କାର୍ଯ୍ୟକ୍ରମ ମାଧ୍ୟମରେ ପିଠା ବିକ୍ରିକୁ ଲୋକେ ବେଶ୍ ପସନ୍ଦ କରିଥିଲେ। ପିଠା ବିକ୍ରିର ସଫଳତା ଓ ଲୋକଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଓଟିଡିସି ପ୍ରଥମଥର ପାଇଁ ଦଶହରା ପୂଜାରେ ବି ପିଠା ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ପୂର୍ବାହ୍ନରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନରେ ପଟିଆ ଛକ ଏବଂ କଟକର ସିଲିଭରସିଟି ବୋଟ କ୍ଲବ ଓ ସିଡିଏ ଠାରେ 'ପିଠା ଅନ୍ ହ୍ୱିଲ' ମାଧ୍ୟମରେ ପିଠା ଯୋଗାଇ ଦିଆଯିବ। ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି କହିଛନ୍ତି, ଦଶହରା ପୂଜାର ୪ଦିନ ଆରିଷା ପିଠା, କାକରା, ଭଜା ମଣ୍ଡା, ସିଝା ମଣ୍ଡା, କ୍ଷୀରଗଜା, ଲବଙ୍ଗଲତା, ଛେନାପୋଡ଼, ପୋଡ଼ପିଠା ପ୍ରସ୍ତୁତ କରି ବିକ୍ରି କରାଯିବ। ଓଟିଡିସିର ନିଜସ୍ୱ ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'ରେ ମଧ୍ୟ ପିଠା ଉପଲବ୍ଧ ହେବ। ପିଠା ସହିତ ବୁଟ ଡାଲି ବରା ଓ ପାତାଳଘଣ୍ଟା ଚଟନୀ, ନିମନ୍ତ୍ରଣ ଚିକେନ କୋଫ୍‌ତା ପୋଡ଼ା, ନିମନ୍ତ୍ରଣ ମଶ୍‌ରୁମ୍ କୋଫ୍‌ତା ପୋଡ଼ା, ମଟନ କୋଫ୍ତା, ସୋରିଷ ବଟା ଫିସ୍ ଫିଙ୍ଗର, ପତ୍ର ପୋଡ଼ା ମଶରୁମ୍, ପ୍ରନ୍ ଛେଚା, ବାଲି ପ୍ରନ୍, କାକରା-ଘୁଗୁନି, ପାମ୍ପଡ଼ି ଚାଟ୍, ବରା- ଘୁଗୁନି, ଦହିବରା ଆଦି ସ୍ୱତନ୍ତ୍ର ବ୍ୟଞ୍ଜନ ଉପଲବ୍ଧ ହେବ।

# ବାପା କାନ୍ଧରେ ଚାଲିଗଲା ଝିଅର ଜୀବନ

ନାକଟିଦେଉଳ, ୧୨।୧୦ (ଡି.ଏନ.ଏ.)

ନାଳ ପ୍ରତିବନ୍ଧକ ସାଜିବାରୁ ଗାଁରେ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ। ଶେଷରେ ବାପା କାନ୍ଧରେ କୁନି ଝିଅର ଜୀବନ ଚାଲିଗଲା। ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ କମଳାନାଳୀ ଗ୍ରାମରେ। ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ କମଳାନାଳୀ ଗ୍ରାମ ସୁଦସାହିର ଅର୍ଜୁନ ଦେହୁରିଙ୍କ ୬ବର୍ଷର ଝିଅ ମିତା ଗାଁ ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳୁଥିଲା। ପରେ ସେ ଘରକୁ ଫେରୁଥିବାବେଳେ ଏକ ଖୋଲା କୂଅରେ ଅସାବଧାନତା ବଶତଃ ପଡ଼ିଯାଇଥିଲା। ଘରକୁ ନ ଫେରିବାରୁ ମା'ବାପା ଖୋଜାଖୋଜି କରିଥିଲେ। ପ୍ରାୟ ଅଧଘଣ୍ଟା ପରେ କୂଅରୁ ମିତାକୁ ଉଦ୍ଧାର କରି ନାକଟିଦେଉଳ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ଗ୍ରାମକୁ ଭଲ ରାସ୍ତା ନ ଥିବାବେଳେ ୨ଟି ନାଳ ପଡୁଥିବାରୁ ଆମ୍ବୁଲାନ୍ସ ଯିବା ସମ୍ଭବ ନୁହେଁ ବୋଲି ଡ୍ରାଇଭର କହିବା ସହ ନିକଟସ୍ଥ ଧାତୁକିମାଳ ଗ୍ରାମ ପର୍ଯ୍ୟନ୍ତ ଆସିବାକୁ କହିଥିଲେ। କୁନି ଝିଅର ଜୀବନ ବଞ୍ଚାଇବା ଆଶାରେ ବାପା ଅର୍ଜୁନ ରାତିରେ ୨କି.ମି. ଦୂର ଧାତୁକିମାଳକୁ ପାଦରେ ଚାଲି ଚାଲି ୨ଟି ନାଳ ପାରିହୋଇ ଯାଇଥିଲେ। ସେଠାରେ ଥିବା ଆମ୍ବୁଲାନ୍ସରେ ଝିଅକୁ ଧରି ରେଢାଖୋଲ ଡାକ୍ତରଖାନା ଯାଇଥିଲେ ମଧ ଡାକ୍ତର ମିତାକୁ ମୃତ ଘୋଷଣା କରିଥିଲେ। ରାସ୍ତା ଅବସ୍ଥା ଠିକ୍ ନ ଥିବାବେଳେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଏକ ମୂଲ୍ୟବାନ ଜୀବନ ଚାଲିଗଲା ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି।

## ନବମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା, ଅଭିଯୁକ୍ତ ଗିରଫ

ରେଢାଖୋଲ,୧୨।୧୦ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ପରିଚାଳିତ ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଞ୍ଚଳର ଏକ ବାଳିକା ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀ ୫ ମାସର ଅନ୍ତଃସତ୍ତ୍ୱା ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୮୬/୨୧) ରୁଜୁ କରି ଅଭିଯୁକ୍ତ ରାଜକୁମାର କେରକେଟାଙ୍କୁ ସୁନ୍ଦରଗଡ଼ ଜିଲା ବଡଗାଁରୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ମାଇନା ପାଇଁ ମଙ୍ଗଳବାର ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଛି। ବୁଧବାର ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର କହିଛନ୍ତି।

# ୧୬ରୁ ପ୍ରବଳ ବର୍ଷା

**ଅଧିକାଂଶ ଅଞ୍ଚଳରୁ ଫେରିଗଲାଣି ମୌସୁମୀ ବାୟୁ**

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ଘଣ୍ଟାରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ଆଡ଼କୁ ମୁହାଁଇବ। ତେବେ ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା କମ୍ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଲଘୁଚାପ ପ୍ରଭାବରେ ୧୬ତାରିଖରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୬ତାରିଖରେ ଗଞ୍ଜାମ, ପୁରୀ, ଜଗତସିଂହପୁର ଓ କନ୍ଧମାଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ଝଡ଼ବର୍ଷା ସହିତ ବଜ୍ରପାତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

ଅନ୍ୟପଟେ ରାଜ୍ୟର ଅଧାରୁ ଅଧିକ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫେରିଯାଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୧୨ତାରିଖ ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁରରୁ ମୌସୁମୀ ସମ୍ପୂର୍ଣ୍ଣ ଭାବେ ଫେରି ଯାଇଛି।







72198 21111 | BAJAJ FINANCE LTD - AF | Pine Labs | standard chartered | FEDERAL BANK | Bank of Baroda Credit Card
Cashback upto ₹5 000/-* Cashback upto ₹2 500/-*

*ସର୍ତ୍ତ ଓ ନିୟମାବଳୀ ଲାଗିବ । ନିର୍ଦ୍ଦିଷ୍ଟ ଅଞ୍ଚଳ ମାନଙ୍କରେ ନିର୍ଦ୍ଦିଷ୍ଟ ମଡେଲ ଗୁଡ଼ିକ ଉପରେ ଅଫର୍ ଉପଲବ୍ଧ । #ପ୍ଲାଟିନା 100 ES ଭାରିଆଣ୍ଟ ସକାଶେ ଡାଉନ୍ ପେମେଣ୍ଟ । ଡିସିସି ଚାର୍ଜେସ୍ ଓ ପ୍ରୋସେସିଙ୍ଗ ଫୀ୍ ଯଥାପ୍ରଯୁଜ୍ୟ ଅତିରିକ୍ତ । ଫାଇନାନ୍ସିଅର୍‌ଙ୍କ ନିଜ ବିବେଚନା ଅନୁସାରେ ଫାଇନାନ୍ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି କିମ୍ବା ସମସ୍ତ ଅଫର୍ ପ୍ରତ୍ୟାହାର କରିବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟ ଗୁଡ଼ିକ ବିଶେଷଜ୍ଞଙ୍କ ଦ୍ୱାରା, ପେଶାଦାରଙ୍କ ତତ୍ତ୍ୱାବଧାନରେ, ଏକ ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ, ସାଧାରଣ ଜନତା କିମ୍ବା ସାର୍ବଜନିକ ସଡ଼କ ଠାରୁ ଦୂରେଇ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ ।

Authorised Dealers for Bajaj Auto Ltd.: Jeypore: KALINGA AUTO BAJAJ 7752014014 • Bhawanipatna KALINGA BAJAJ 8895088261 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185. Authorised Service Centre: Authorised Service Centre: Authorised Service Centre: Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Titilagarh 9658050722, Bangamunda 6372790284Patnagarh 9937301752, Umorkote 9556165165, Gaisilet 9937517018, Saintala-8114662939 / 9658030100, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200 Kesinga- 6371162632, Kotpad 9437791919, Simliguda 8328854352, Nabrangpur 9022149263, Malkangiri 7894323080, Baliguda 7008301945.

## ପ୍ରଥମ ପୃଷ୍ଠାରୁ...

### ମା' ବାପାଙ୍କ ସାମ୍ନାରୁ ...

ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଅବିନାଶଙ୍କୁ ମୃତ ଘୋଷଣା କରିଥିଲେ। ବନ ବିଭାଗ ମୃତକଙ୍କ ପରିବାରକୁ ୩୫ ହଜାର ଟଙ୍କା କ୍ଷତିପୂରଣ ଦେଇଛି। ଉକ୍ତ ଅଞ୍ଚଳରେ ପୂର୍ବରୁ ଥରେ ଏପରି ଘଟଣା ଘଟିଛି। ତେଣୁ ଏଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଲୋକେ ଦାବି କରିଛନ୍ତି।

ନବରଙ୍ଗପୁର କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ଡୁରୁଞ୍ଜି ସରପଞ୍ଚ ହରଦେବ ଛତିଶଗଡ଼ ଧନତ୍ୱରୀ ଜିଲା ନଗରୀ ବିଧାୟକ ଲକ୍ଷ୍ମୀ ଧ୍ରୁରୁଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବୁଧବାର କୋରାପୁଟ ଏମ୍‌ପି ତଥା ଛତିଶଗଡ଼ ପ୍ରଭାରୀ ସପ୍ତଗିରି ଉଲାକା ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଓଡ଼ିଶା ଓ ଛତିଶଗଡ଼ ସରକାର ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ସେ ଦାବି ରଖିବେ ବୋଲି କଂଗ୍ରେସ ଜିଲା ସଭାପତି ସୂଚନା ଦେଇଛନ୍ତି।

### ୩୧୯୭ ସ୍କୁଲରେ...

ରାଜ୍ୟରେ ପ୍ରାଥମିକ ସ୍ତରରେ ୩.୪୬% ଶିକ୍ଷକ ଅଯୋଗ୍ୟ ବିବେଚିତ ହେଉଥିବା ଜଣାପଡ଼ିଛି। ତେବେ ରାଜ୍ୟରେ ଭିତ୍ତିଭୂମି ପାଇଁ ବିଦ୍ୟାଳୟଗୁଡ଼ିକକୁ ଉତ୍ତମ ରାସ୍ତା, ୱାଶ୍‌ରୁମ୍‌, ପାନୀୟଜଳ ଏବଂ ଶ୍ରେଣୀଗୃହ ପରି ସୁବିଧା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଉନ୍ନତ। ରିପୋର୍ଟ ଅନୁଯାୟୀ ଦେଶର ୩ଟି ରାଜ୍ୟରେ ଏକ ଲକ୍ଷରୁ ଅଧିକ ସଂଖ୍ୟକ ଶିକ୍ଷକ ପଦ ଖାଲି ପଦ ପଡ଼ିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୩.୩ ଲକ୍ଷ ପଦ ଖାଲି ପଡ଼ିଥିବାବେଳେ ବିହାରରେ ୨.୨ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ୧.୧ ଲକ୍ଷ ପଦ ଖାଲି ରହିଛି। ୟୁନେସ୍କୋ ରିପୋର୍ଟରେ ଏହି ତିନୋଟି ରାଜ୍ୟକୁ ସବୁଠୁ ଖରାପ ମାନଦଣ୍ଡ ରାଜ୍ୟର ମାନ୍ୟତା ଦିଆଯାଇଛି। ବିହାରର ଗ୍ରାମାଞ୍ଚଳରେ ୮୯ ପ୍ରତିଶତ ପଦ ଖାଲି ପଡ଼ିଥିବାବେଳେ ଉତ୍ତର ପ୍ରଦେଶରେ ୮୦ ଏବଂ ପଶ୍ଚିମବଙ୍ଗରେ ୬୯ ପ୍ରତିଶତ ଖାଲି ପଡ଼ିଛି। ସେହିପରି ଅରୁଣାଚଳ ପ୍ରଦେଶରେ ଜଣେ ଶିକ୍ଷକ ଥିବା ସ୍କୁଲର ସଂଖ୍ୟା ୧୮ ପ୍ରତିଶତ। ଅନ୍ୟପଟେ ଗୋଆ ଓ ତେଲଙ୍ଗାନାରେ ୧୬, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶରେ ୧୪, ଉତ୍ତରାଖଣ୍ଡରେ ୧୩ ଏବଂ ରାଜସ୍ଥାନରେ ଏହି ସଂଖ୍ୟା ୧୦ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୫ ପ୍ରତିଶତ ରହିଛି। ଏଥିସହ ଓଡ଼ିଶାରେ ୬ପ୍ରତିଶତ ସ୍କୁଲରେ ଆଇସିଟି ଲ୍ୟାବ ରହିଥିବାବେଳେ ଇଣ୍ଟରନେଟ୍‌ ୬ ପ୍ରତିଶତ, ପାଠାଗାର ୯୪ ପ୍ରତିଶତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

### ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ...

ଦିଗକୁ ବିଚାର କରିବା ପରେ ପୂର୍ଣ୍ଣ କ୍ଷମତାରେ ସେବା ଯୋଗାଣ ଲାଗି ଅନୁମତି ପ୍ରଦାନ କରାଯାଇଛି। କୋଭିଡ-୧୯ ମହାମାରୀ ଦ୍ୱିତୀୟ ଲହର ଯୋଗୁ ୨ ଘଣ୍ଟାରୁ କମ୍‌ ଉଡ଼ାଣ ଅବଧି ବିମାନଗୁଡ଼ିକରେ ମିଲ୍ସ ଯୋଗାଣ ବ୍ୟବସ୍ଥାକୁ ନିଷିଦ୍ଧ କରାଯାଇଛି। ଗତ ବର୍ଷ ମାର୍ଚ୍ଚରେ କୋଭିଡ୍‌ ମହାମାରୀ ବ୍ୟାପିବା ଯୋଗୁ ସରକାର ଉଭୟ ଦେଶ ମଧ୍ୟରେ ବିଦେଶକୁ ବିମାନ ସେବା ବାତିଲ କରିଥିଲେ। ୨୦୨୦ ମେ ୨୫ ପରଠାରୁ ଦେଶ ମଧ୍ୟରେ ବିମାନ ସେବାକୁ ଅନୁମତି ମିଳିଥିଲା। ଫଳରେ କୋଭିଡ୍‌ ପୂର୍ବ ତୁଳନାରେ ପ୍ରାୟ ଏକ ତୃତୀୟାଂଶ କ୍ଷମତାରେ ବିମାନ ଉଡ଼ାଣ କରୁଥିଲା। ଏହା ପରଠାରୁ ଧୀରେ ଧୀରେ ଯାତ୍ରୀ କ୍ଷମତା ବୃଦ୍ଧି କରାଯାଉଛି। ଏୟାର ବବଲ୍‌ ଏବଂ ବନ୍ଦେ ଭାରତ ମିଶନ ଦ୍ୱାରା ବର୍ତ୍ତମାନ ବିଦେଶକୁ ବିମାନ ସେବା ଉପଲବ୍ଧ ହେଉଛି।

### ଜିମେଲ୍‌ ସର୍ଭିସ ...

ଡାଉନ ଡିଟେକ୍ଟରର ୱେବ୍‌ସାଇଟ ମୁତାବକ, ସମସ୍ୟା ସାମ୍ନା କରିଥିବା ୬୮% ଲୋକ କହିଛନ୍ତି। ୧୮% ସର୍ଭର କନେକ୍ସନ ଏବଂ ୧୪% ଲଗ୍‌ ଇନ୍‌ ସମ୍ପର୍କରେ ମତ ରଖିଥିଲେ। ଭାରତ ସମେତ ଅନ୍ୟ କିଛି ଦେଶର ୟୁଜର୍ସ ଏହି ସମସ୍ୟା ସମ୍ପର୍କରେ ଟୁଇଟ୍‌ କରିଛନ୍ତି। ଇଗ୍‌ଇନ୍‌ ଏବଂ ଇ-ମେଲ୍‌ ପଠାଇବା ସମୟରେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଏହି ୟୁଜର୍ସ ଅଭିଯୋଗରେ କହିଛନ୍ତି। ଲୋକମାନେ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ଗୁଗଲ୍‌ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ।

ଗତ ଗୋଟିଏ ସପ୍ତାହ ମଧ୍ୟରେ ଫେସ୍‌ବୁକ୍‌ ୨ ଥର ଆଉଟେଜ ବା ସେବାରେ ବାଧା ଉପୁଜିଛି। ଏହାକୁ ନେଇ କମ୍ପାନୀ ୟୁଜର୍ସଙ୍କୁ କ୍ଷମା ପ୍ରାର୍ଥନା ମଧ୍ୟ କରିଛି। ଗୋଟିଏ ସପ୍ତାହ ତଳେ ଫେସ୍‌ବୁକ୍‌, ହ୍ୱାଟ୍ସଆପ୍‌ ଏବଂ ଇନ୍‌ଷ୍ଟାଗ୍ରାମ ବନ୍ଦ ହେବା ଯୋଗୁ ଲୋକମାନେ ଚିନ୍ତାରେ ରହିଥିଲେ। ମେସେଜ ପଠାଇବା କିମ୍ବା ଲାଭ କରିବା ନେଇ ଲୋକମାନେ ସମସ୍ୟା ସାମ୍ନା କରିଥିଲେ। ଫେସ୍‌ବୁକ ଆଉଟେଜ ପରେ ଟେଲିଗ୍ରାମରେ ଆପ୍‌ରେ ୭ କୋଟି ୟୁଜର୍ସ ଯୋଡ଼ିହୋଇଛନ୍ତି।

## ବାଇକ୍‌ରୁ ଖସି ମିସ୍ତ୍ରି ମୃତ

ସାକ୍ଷୀଗୋପାଳ,୧୨।୧୦(ଡି.ଏନ୍‌.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁକଳ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବାଇକ୍‌ରୁ ଖସି ପଡ଼ିବା ଦ୍ୱାରା ଜଣେ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଅଞ୍ଚଳର ଭାଗି ନାୟକ। ସେ ଦୀର୍ଘଦିନ ହେବ ପୁରୀ ସଦର ଥାନା ଅନ୍ତର୍ଗତ ରେଣ୍ଠା ଗ୍ରାମରେ ରହି ମିସ୍ତ୍ରି କାମ କରୁଥିଲେ। ତେବେ ମଙ୍ଗଳବାର ଏକ କୌଣସି କାର୍ଯ୍ୟ ପାଇଁ ଜଣେ ବ୍ୟକ୍ତିଙ୍କ ବାଇକ୍‌ ପଛରେ ବସି ସାକ୍ଷୀଗୋପାଳସ୍ଥିତ ଶୁକଳ ଅଞ୍ଚଳକୁ ଯାଉଥିଲେ। ତେବେ ଅସାବଧାନତା ହେତୁ ଶୁକଳ ଛକ ନିକଟରେ ଗାଡ଼ି ପଛରୁ ଭାଗୀ ପଡ଼ିଯାଇଥିଲେ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

**No. 7876/CDM&PHO, Jajpur Date. 11.10.2021**

No. E-517:- Sealed Tenders are invited from interested eligible bidders for undertake annual repair/maintenance of lifts of DHH Jajpur. The Bidders may download the Tender Documents direcly from the WEBSITE available at www.jajpur.nic.in. The tenders in the prescribed format along with all relevant documents for DHH, Jajpur should reach the office of the undersigned on or before Dt.28.10.2021, 02.00 P.M. Through Regd. Post/Speed Post/Courier only. The envelope should be duly superscribed on top of envelope as "Tender for AMC of lift at DHH, Jajpur for the year 2021-22" The tender will be opened on Dt.28.10.2021 at 04.00P.M. The undersigned reserves the right to reject any or all the bids/Tenders without assigning any reason thereof.

Sd./- Dr. Biranci Narayan Barik
**Chief District Medical & Public Health Officer, Jajpur**
OIPR-10042/11/0011/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

**TENDER CALL NOTICE**

**No. CHEMICAL/4916/2021-22 / Dtd.08.10.2021**

No. E-525: Sealed tendres are invited from registered firms / suppliers / manufacturers / authorized distributors for supply of Chemical & Consumables to the undersigned. Details regarding items with terms and condition may be downloaded from the district website **www.sambalpur.nic.in**. The tender should reach to the undersigned on or before 08.11.2021 upto 05.00 P.M. (On working days) through Speed Post/Registered Post/Courier Service only. The tender will be opened on 09.11.2021 at 12.00 Noon in the office chamber of the undersigned. The undersigned reserves the right to reject any or all the tenders without assigning any reason.

**Sd./- Chief District Medical & Public Health Officer, Sambalpur**
**OIPR-10049/11/0012/2122**

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**

No.B-475:- **E-Mail Id – eepwdrkl@gmail.com**
**Government of Orissa "e" Procurement Notice**
**Bid Identification No.: 31/ 2021-2022 Dated:08.10.2021**

1. Number of works: 8 (Eight) number of works.
2. Estimated cost: Rs.82.98 Lakhs to 98.47 Lakhs.
3. Period of completion: 3 (Three) calendar months.
4. Date & time of availability of bid document in the portal: Dt 22.10.2021 at 11.00 A.M.
5. Last date/ time for receipt of bids in the portal: Dt. 29.10.2021 up to 05.00 P.M.
6. Date of opening of bid: Dt. 30.10.2021 at 11.30 A.M.
7. Name and address of the Officer Inviting Bid: Superintending Engineer, (R & B) Division, Rourkela, Udit Nagar.

Further details can be seen from the e-procurement portal http//tendersorissa.gov.in"

**Sd./- Superintending Engineer, R & B Division , Rourkela**
OIPR-34068/11/0013/2122

**OFFICE OF THE MUNICIPAL COUNCIL, SUNDARGARH**

**No. 5381** **Date: 08.10.2021**

**COMPETITIVE BIDDING THROUGH e-Procurement**
**REQUEST FOR PROPOSAL**
**Bid Reference No. SNGM-17/2021-22 / Dt.08.10.2021**

No. C-1102: On behalf of the Sundargarh Municipality, Online e-tender **Item Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice for execution of the work **"IT Enabled Day Night Illuminated Acrylic LED Letters including Desing, Technological Beautification, with Installation of "AMAR SUNDARGARH" and Development of Roadside Design, Beautification, Fountain, Horticulture and Landscaping near DRDA Square at Sundargarh on Engineering, Procurement & Construction (EPC) Mode Contract"**.

1. Total No. of works for which tenders invitied : 01 No.
2. Place of Execution : Inside of Sundargarh Municipality
3. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
4. The bid documents will be available in the above website from **11 A.M. on 09.10.2021 to 5 P.M. on 16.10.2021** for online bidding.
5. Bids received online will be opened at **11.30 A.M. on 18.10.2021**.
6. The bidder must possess valid and compatible **Digital Signature Certificate (DSC)**.
7. The DTCN for the work shall be available in the e-procurement portal **https://www.tendersodisha.gov.in** for Online bidding.

**Sd./- Executive Officer**
**OIPR-13130/11/0037/2122** **Sundargarh Municipality**

**DISTRICT: DEOGARH**
**OFFICE OF THE C.D.M. & P.H.O., DEOGARH**
**HEALTH & FAMILY WELFARE DEPARTMENT, GOVT. OF ODISHA**
**NOTICE**

No. E-523: As per the Letter No. 27711/H, Dt.05.10.2021 and Letter No. 27973, Dt.09.10.2021 of the Addl. Chief Secretary, H&FW Department, Government of Odisha, a committee namely "District Level Committee for Audit of Death Review for Deogarh District"/Official Documents for COVID-19 Death" has been formed in Deogarh District.

A committee is responsible for issuance of official document for COVID-19 death (deaths occured within the jurisdiction of Deogarh District). Further, the committee will follow the procedure as outlined in the guidelines of Ministry of H&FW dated 03.09.2021.

**Sd./- CDM & PHO, Deogarh**
**OIPR-10113/11/0012/2122**

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., BOUDH**
**(1st Floor, District Museum, At/P.O./Dist.- Boudh, PIN- 762014**
**E mail- cso.boudh06@gmail.com**
**No. 3639 / 2021** **Date 8.10.21**

No.CAD-1466:- **NOTICE INVITING TENDER**

Cost of tender document: Rs.5900/- inclusive of GST.
Online tenders are invited from eligible bidders for selection and appointment of Transport Contractors for transportation of paddy from paddy purchase centre (PPC) to rice mills of Boudh district.

| | | |
|---|---|---|
| 1 | Availability of bid document in the portal | From dt.11.10.2021 downloaded from website: www.oscsc.in & www.tendersodisha.gov.in |
| 2 | Date, time & venue for pre-bid conference | Dt.11.10.2021 at 4.00 P.M. |
| 3 | Last date & time for online submission of completed tender documents with enclosures | Though e-procurement portal: www.tendersodisha.gov.in upto 5.00 P.M. at 21.10.2021 |
| 4 | Date , time & venue for opening of technical bid by the tender committee | On dt.22.10.2021 at 10.00 A.M. at Collectorate, Boudh |
| 5 | Date, time & venue of submission of original documents in support of scanned copies uploaded in the portal for verification | On dt.22.10.2021 at 11.00 A.M. onwards at Collectorate, Boudh |
| 6 | Date & time of financial bid opening by the tender committee (only of technically qualified bidders) | To be announced after technical bid evaluation |

N.B.: If the office happens to be closed on the date of opening of tenders, tenders will be opened on the next working day in the same time.

**Sd./- CSO-cum-District Manager, OSCSC Ltd., Boudh**
OIPR-07042/11/0003/2122

**OFFICE OF THE COLLECTOR & DISTRICT MAGISTRATE, BOUDH**
**CIVIL SUPPLIES SECTION, 1st FLOOR, DISTRICT MUSEUM**
**cso.boudh06@gmail.com**

**No. 3659** **Date: 08.10.2021**

**ADVERTISEMENT**

No. F-176: Applications are invited from candidates for the post of Technical Support Staff on consolidated basis for the period 01.11.2021 to 31.03.2022 (may extend forth subject to requirement & performance). The details of the advertisement is available in **www.boudh.nic.in**. The last date of receipt of application is 27.10.2021 (5 P.M.) by Registered/Speed Post.

**Sd./- Collector, Boudh**
**OIPR-24020/11/0002/2122**

**ZILLA SWASTHYA SAMITI, SUNDARGARH**
**OFFICE OF THE CDM&PHO-CUM-DISTRICT MISSION DIRECTOR, SUNDARGARH**
Address: Office of the CDM & PHO-Cum-District Mission Director, NHM, Sundargarh, Pin-70001
**Advt. No. 2444/NHM** **Dt. 11.10.2021**

**Request for proposal (RFP) for Mechanized Laundry Services with Supply of Bedsheets on Outsourcing basis under the scheme: Nirmal**

No. E-528:- Sealed proposal as per prescribed RFP documents are invited from interested eligible bidders for the Mechanized Laundry Services with Supply of Bedsheets on outsourcing basis in the Govt. Health Institutions of Sundargarh District. The eligible criteria, the details, requirements of the said services and the formats for submission of proposals are set forth in the RFP documents which can be downloaded from the website www.sundargarh.nic.in. Interested bidders fulifiling the eligibilty criteria may submit their proposals (with EMD & documents as per RFP) to the O/o CDM&PHO Sundargarh. The per bid meeding will be held on 21.10.2021 at 11.00 AM in the office chamber of the undersigned and proposal(s) complete in all respect should reach the undersigned on or before 05.00 PM of 26.10.2021 through Regd./Speed Post & courier and the same will be opened on 27.10.2021 at 11.00 AM in the office chamber of the undersigned. The undersigned reserves the right to reject any or all tender(s) without assigning any reason thereof.

**Sd./- CDM&PHO-cum-District Mission Director, Sundargarh**
OIPR-10100/11/0023/2122

**OFFICE OF THE DIRECTOR TEXT BOOK PRODUCTION & MARKETING**
**KHARVEL NAGAR, UNIT-III, BHUBANESWAR - 751001**
**TEL. NO.: 0674-2380871 / 72**
**E-MAIL: directortbpmodisha@gmail.com**
**Letter No. 5306/TBPM** **Date: 08.10.2021**

No. n-59: **1st Corrigendum** of the tender Call Notice No. 4997/ TBPM Dt.17.09.21 against tender for 70 GSM Maplitho Reel Paper and 170 GSM Glossy Art Cover Paper for the Academic Session 2022-23 are given below.

**70 GSM Maplitho Reel Paper**

**Read As:** The last date/closing date of tender on Dt.22.10.2021 at 5.00 P.M. instead of 08.10.2021. Submission of testing fees on Dt.22.10.21 at 1.00 P.M. instead of 08.10.21. Submission of paper sample, DD of tender paper cost, cash receipt of testing chages of papers, FDR/BG of EMD in original, power of attorney on Dt.22.10.21 instead of Dt.08.10.21. Opening of Technical bids on Dt.25.10.2021 at 11.30 A.M. instead of 11.10.2021 at 11.30 A.M. against 70 GSM Maplitho Reel Paper.

**170 GSM Glossy Art Cover Paper**

The last date/closing date of tender on Dt.22.10.2021 at 5.00 P.M. instead of 08.10.2021. Submission of testing fees on Dt.22.10.21 at 1.00 P.M. instead of 08.10.21. Submission of paper sample, DD of tender paper cost, cash receipt of testing charges of paper, FDR/BG of EMD in original, on Dt.22.10.21 instead of Dt.08.10.21. Opening of Technical bids on Dt.25.10.2021 at 3.00 P.M. instead of 11.10.2021 at 3.00 P.M.

**Note:** Further addendum/corrigendum if any will be declared in the same website i.e. **https//tendersodisha.gov.in**.

**Sd./- Director**
**OIPR-02005/11/0012/2122**

**INSTITUTE OF MATHEMATICS AND APPLICATIONS, BHUBANESWAR**
**(Science & Technology Department Govt. of Odisha)**
**www.iomaorissa.ac.in**
**Ref: No. IMA/42-Admission/773/2021** **Date:08.10.2021**

**SPOT ADMISSION NOTICE FOR THE ACADEMIC YEAR 2021-22**

No. CAD-1467:-

1. **M.A./M. Sc. in Mathematics with Data Science (Two year course)**
2. **M.A./M. Sc. in Computational Finance (Two year course)**

Few seats are lying vacant in the above courses which are to be filled up on marks basis obtained in Bachelor's Degree. Both the courses are affiliated to Utkal University, Bhubaneswar.

Interested candidates may send their applications in the prescribed format available in the website with supporting documents **on or before 26.10.2021 to pbaliarsingh.ima@iomaorissa.ac.in** and send the hard copy by speed post/courier or hand deliver at the Institute's Campus at Andharua, Bhubaneswar-751029.

For Application Form, Eligibility, Course Fee etc candidates are advised to go through the Information Brochure available in the Institute Website www.iomaorissa.ac.in.

OIPR-28006/11/0005/2122 **Registrar**

No. CAD-1460 idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

**Tender Call Notice No. BBSR/ELECT/E-4046/P1/19-20/2399 Date: 04.10.21**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, Delivery, Installation, Testing and Commissioning of 125 KVA, 415V, 50HZ, Radiator cooled Silent, D.G. sets with DG shed and foundation of Dharani Dhar Sports Complex at Shankarpur, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-12/ 21-22 | 16.10.2021 at 17.00 hrs. | 22.10.2021 at 17.00 hrs. |

**Further details can be seen from the e-Procurement Portal www.tendersorissa.gov.in.** Corrigendum or Addendum if any will not be published in newspapers and can only be seen in the e-**procurement portal as well as as in IDCO website.**

**Sd./- Divisional Head (Elect.)**
**OIPR-14003/11/0076/2122** **IDCO, Bhubaneswar**

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR - 751012**
**E-PROCUREMENT NOTICE NO.SEDC-BBSR-04/2021-22**
**1st CORRIGENDUM**

No.A-512:- The critical dates for the tenders for the work 1. Improvement to Kusumi nalla from RD 11760 m to 33180 m under DIP (New RD 69540m to 48120m as per approved LS) 2. Improvement to Storm water drainage system of link drains of Debottar nalla and Balangi Drainage channel in Nayagarh town under Nayagarh Constituency 3. Improvement to Barpa Nalla along with link drains of Kuanria system in Daspalla Constituency with bid BID IDENTIFICATION NO. SEDC BBSR/ DD-KHR-05/2021-22, SEDC-BBSR/DD-KHR-06/2021-22 & SEDC-BBSR/DD-KHR-07/2021-22 invited vide this office E-PROCUREMENT NOTICE NO. SEDC-BBSR-04/2021-22 are changed as follow:-

| | As per DTCN | Revised/ Changed Date |
|---|---|---|
| Bid Sale & Submission End Date (Last date of Availability On-Line) | 01-Nov-2021 05.00 PM | 28-Oct-2021 05.00 PM |
| Bid Opening Date | 02-Nov-2021 11.00 AM | 29-Oct-2021 11.00 AM |

All other terms and conditions remain unchanged.

**Sd./- Additional Chief Engineer, Drainage Circle, Bhubaneswar**
OIPR-32409/11/0004/2122

**OFFICE OF THE NOTIFIED AREA COUNCIL, KUCHINDA**

No.C-1099 **E-Procurement Notice**
**NO.2212/ NAC DT.08.10.2021**

| | | | |
|---|---|---|---|
| 1 | Name of the work | : | As per Col. No.2 |
| 2. | Estimated cost | : | As per Col. No.3 |
| 3. | Period of completion | : | 30 days to 60 days |
| 4. | Date & time of availability of bid documents in the portal | : | From 17.00 hours of 11.10.2021 |
| 5. | Last date / time of received of bids in portal | : | 17.30 hours of dt.28.10.2021 |
| 6. | Date & time of opening of bid | : | 11.00 hours of 29.10.2021 |
| 7. | Name & address of the office inviting bid | : | Executive Officer, NAC, Kuchinda |

Further details can be seen from the e-procurement portal www.tendersorissa.gov.in.

**Sd./- Executive Officer, Notified Area Council, Kuchinda**
OIPR-13121/11/0014/2122

**[GOVERNMENT OF ODISHA]** No. B-477
**OFFICE OF THE EXECUTIVE ENGINEER, BARGARH (R&B) DIVISION, BARGARH**
**E-mail – eepwdbgh@gmail.com Phone/Fax-06646–234819**

**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-EE PWD BGH No.09 OF 2021-22**
**No. 4320 , Dated,08.10.2021**

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE** for the **Civil & Electrical work** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Civil & Electrical work: – **5 Nos.**
3) Cost of Tender Paper: – **Rs.2000/-, Rs.4000/- & Rs.6000/-**
4) Class of contractor:– **"C", "D" & "HT" Elecrical Contractor**
5) Date & Time of available in website & receipt of Bids: – **11:00 Hrs. of 25/10/2021 to 17:00Hrs. of 05/11/2021.**
6) Date of opening of Technical Bid: – **09/11/2021at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in only**

**Sd./- (B.K. Mohanty), Executive Engineer,**
OIPR-34039/11/0005/2122 **Bargarh (R&B) Division**

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**
**Phone No. 06821-241026 (O)/ 241079 (R), Fax No.-06821-241026/240056**
**e-mail: eerwss_bnj@nic.in<eerwssbnj2009@gmail.com**
**Govt. of Orissa 'e' Procurement Notice**
No.O-819:- **Bid Identification No. S.E._RWS&S_31/2021-22**

| | | | |
|---|---|---|---|
| 1. | The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover system according to the norm of "e" Procurement system in online mode for providing 100% functional TAP connection for different PWS schemes in Ganjam District from the eligible contractors as per DTCN. | | |
| 2. | Nature of work | : | Supplying all labour T&P and materials for construction of valve chamber, 100% house connection laying of distribution of pipe line etc. for different PWS schemes in the Ganjam District. |
| 3. | No. of tender | : | 02 Nos. |
| 4. | Tender paper cost | : | Rs.6000/- |
| 5. | Tender cost | : | Rs.38.55/- to 42.20/- |
| 6. | Class of contractor | : | C, B & A |
| 7. | Date and time of availability of bid document in the portal | : | Dt. 16.10.2021 at 11.00 A.M. to 25.10.2021 upto 5.00 P.M. |
| 8. | Date of opening of bid | : | Dt.26.10.2021 at 11.00 A.M. |
| 9. | Period of completion | : | 180 (One hundred eighty) days |
| 10. | The bidders have to participate in online bidding only. Futher details can be seen from the website https://tendersorissa.gov.in | | |

**Sd./- Superintending Engineer, RWS&S Division, Bhanjanagar**
OIPR-25021/11/0027/2122

No. C-1104
**OFFICE OF THE MUNICIPAL COUNCIL, BHADRAK BHADRAK**
**INVITATION FOR BIDS (Through E-Procurement)**
**Tender Reference No.: BM-BDK-06-2021-22**
**Tender Call Notice No.6371/BM/dt.8.10.2021**

| | | | |
|---|---|---|---|
| 1. | Name of the work | : | Individual Civil construction works as per DTCN published in the website. |
| 2. | No. of works put to tender | : | 38 Nos. individual civil construction works |
| 3. | Estimated cost | : | As per DTCN |
| 4. | Period of completion | : | As per DTCN |
| 5. | Date and time of availability of bid document in the portal | : | From 10.00 hours of Dt.16.10.21 to 17.00 hours of Dt.25.10.21 |
| 6. | Mode of deposit towards cost of Bid document & EMD | : | Online |
| 7. | Date and time of opening of bid | : | 11.00 hour and onwards of Dt.26.10.2021 |
| 8. | Name and address of the Officer inviting Bid | : | Executive Officer, Bhadrak Municipality, Bhadrak |

Further details can be seen from the e-procurement portal "**https://tendersorissa.gov.in**" or "**http://tenders.ori.nic.in/nicgep/app**"

OIPR-13152/11/0014/2122 **Sd./- Executive Officer, Bhadrak Municipality**

**BERHAMPUR MUNICIPAL CORPORATION**
**NOTICE INVITING BIDS (NIB)**
No.C-1100 **NIBNo.12515/ date 8.10.21**

| | | |
|---|---|---|
| 1 | Procurement Officer- Puulisher / Officer inviting the tender / bids (OIT) / Bid (OIT) | Commissioner, Berhampur Municipal Corporation |
| 2 | Nature of work | Civil works |
| 3 | Nos. of work | 22 Nos. |
| 4 | Estimated cost (Approx.) of the works | Varies from Rs.98000 to Rs.2 lakhs |
| 5 | Period of availability of the bid documents / tenders | From 15.00 hrs. of Dt.11.10.21 to 17.00 hrs. of 26.10.21 |
| 6 | Last date and time for submission of the sealed envelopes through Regd. Post/ Speed Post/ by hand to receipt clerk of BeMC Office within office hours only containing the EMD, cost of the bid documents, documents as asked for the fulfil the eligibility criteria of the bidders for each work. | 17.00 hrs. of 27.10.21 |
| 7 | Date & time of opening of the bids | 11.30 hrs. on wards on Dt. |

Further details can be seen in the office notice board.

**Sd./- Commissioner, Berhampur Municipal Corporation**
OIPR-13035/11/0023/2122

# ସମୀର, ଗିରିଜା, ସୁବ୍ରତଙ୍କ ଶତକ


ଗିରିଜା ରାଉତ


ସୁବ୍ରତ ସାମଲ


ସମୀର ମହାନ୍ତି

**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)**

## କଳାହାଣ୍ଡି କପ୍ ସୁପରଲିଗ୍

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍ ମ୍ୟାଚ ମଙ୍ଗଳବାର କଟକର ବିଭିନ୍ନ ପଡ଼ିଆରେ ଶେଷ ହୋଇଛି। ଏଥିରେ ଇକୋର୍ସା, ସୁନ୍ଦରଗଡ଼, ଖୋର୍ଦ୍ଧା, ଝାରସୁଗୁଡ଼ା, କଟକ-ଏ ଓ ରାଉରକେଲା ବିଜୟ ହାସଲ କରିଛି। ଇକୋର୍ସାର ସମୀର ରଞ୍ଜନ ମହାନ୍ତି, ଗିରିଜା ରାଉତ, ଓଡ଼ିଶା ୟେଲୋର ସୁବ୍ରତ ସାମଲ ଶତକ ଅର୍ଜନ କରିଛନ୍ତି।

ଏସ୍‌ସିବି ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୧୯୫ ରନରେ ଓଡ଼ିଶା ଗ୍ରୀନ୍‌କୁ ପରାସ୍ତ କରିଛି। ଓଡ଼ିଶା ଗ୍ରୀନ୍ ପ୍ରଥମ ଦିବସରେ ୨୨୬ ରନ କରି ଅଲଆଉଟ ହୋଇଥିଲା। ଇକୋର୍ସା ଦ୍ୱିତୀୟ ଦିବସ ଶେଷସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୪୨୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମୀର ରଞ୍ଜନ ମହାନ୍ତି ସର୍ବାଧିକ ୧୯୫ ଓ ଗିରିଜା ରାଉତ ୧୦୮ ରନ କରିଥିଲେ। ରେଭେନ୍‌ଶା-୨ ପଡ଼ିଆରେ ଆୟୋଜିତ ମ୍ୟାଚରେ ସୁନ୍ଦରଗଡ଼ ୫୯ ରନରେ ଓଡ଼ିଶା ବ୍ଲୁକୁ ହରାଇଛି। ଓଡ଼ିଶା ବ୍ଲୁ ପ୍ରଥମ ଦିବସରେ ୩୦୭ ରନ କରିଥିଲା। ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ୩୬୬ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅମିତ ଖଟୁଆ ସର୍ବାଧିକ ୯୩, ୱାଲ୍ଟର ଟପ୍ପୋ ୮୪ ଓ ଅମିତ ଦାସ ୫୯ ରନ କରିଥିଲେ। ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୧୧୦ ରନରେ ଓଡ଼ିଶା ୟେଲୋକୁ ପରାସ୍ତ କରିଛି। ପ୍ରଥମ ଦିବସରେ ଖୋର୍ଦ୍ଧା ୯୦ ଓଭରରେ ୫ ଉଇକେଟ ହରାଇ ୪୪୨ ରନ କରିଥିଲା। ଦ୍ୱିତୀୟ ଦିବସରେ ଓଡ଼ିଶା ୟେଲୋ ୯୦ ଓଭରରେ ୮ ଉଇକେଟ ହରାଇ ୩୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁବ୍ରତ ସାମଲ ସର୍ବାଧିକ ୧୨୦, ଅଧିନାୟକ ଦେବାଶିଷ ସାମନ୍ତରାୟ ୯୭ ଓ ରାକେଶ ଗୋଛାୟତ ୫୩ ରନ କରିଥିଲେ।

ଡ୍ରିମ୍ସ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୧୬୮ ରନରେ ଓଡ଼ିଶା ଭାଓଲେଟକୁ ହରାଇ ଦେଇଛି। ପ୍ରଥମ ଦିବସରେ ଝାରସୁଗୁଡ଼ା ୨୯୨ ରନ କରିଥିବାବେଳେ ଦ୍ୱିତୀୟ ଦିବସରେ ଓଡ଼ିଶା ଭାଓଲେଟ ୯ ଉଇକେଟ ହରାଇ ୧୨୪ ରନ କରିଥିଲା। ସନ୍‌ସାଇନ ପଡ଼ିଆରେ ଖେଳାଯାଇଥିବା ମ୍ୟାଚରେ କଟକ-ଏ ୨୨୨ ରନରେ ଓଡ଼ିଶା ରେଡ୍‌କୁ ପରାସ୍ତ କରିଛି। ପ୍ରଥମ ଦିବସରେ କଟକ-ଏ ୯୦ ଓଭରରେ ୬ ଉଇକେଟ ହରାଇ ୩୬୦ ରନ କରିଥିଲା। ଦ୍ୱିତୀୟ ଦିବସରେ ଓଡ଼ିଶା ରେଡ୍ ୩୫ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରି ପାରିଥିଲା। କଟକ-ଏର ବିପ୍ଳବ ସାମନ୍ତରାୟ ୨୮ ରନଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ନିମପୁର ପଡ଼ିଆରେ ଆୟୋଜିତ ମ୍ୟାଚରେ ରାଉରକେଲା ୯୬ ରନରେ ଓଡ଼ିଶା ପିଙ୍କ୍‌କୁ ହରାଇ ଦେଇଛି। ପ୍ରଥମ ଦିବସରେ ରାଉରକେଲା ୨୦୮ ରନ କରିଥିଲା। ମାତ୍ର ଦ୍ୱିତୀୟ ଦିବସରେ ଓଡ଼ିଶା ପିଙ୍କ୍ ୧୧୨ ରନକରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଅଙ୍କିତକର ଜୟସ୍ୱାଲ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।


ଜାତୀୟ ସବ୍‌ଜୁନିୟର ପୁରୁଷ ଏକାଡେମୀ ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର ଦଳ।

# ଓଡ଼ିଶା ଏଚ୍‌ପିସି ଫାଇନାଲରେ

**ଭୋପାଳ, ୧୨।୧୦**

## ଜାତୀୟ ସବ୍‌ଜୁନିୟର ଏକାଡେମୀ ହକି ଚାମ୍ପିୟନଶିପ୍

ହକି ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ଚାଲିଥିବା ପ୍ରଥମ ଜାତୀୟ ସବ୍‌ଜୁନିୟର ପୁରୁଷ ଏକାଡେମୀ ହକି ଚାମ୍ପିୟନଶିପ୍‌ର ଫାଇନାଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ଏଚ୍‌ପିସି ୫-୨ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀକୁ ହରାଇ ଦେଇଛି। ଅନ୍ୟ ଏକ ସେମିଫାଇନାଲରେ ଏସ୍‌ଜିପିସି ହକି ଏକାଡେମୀକୁ ମଧ୍ୟପ୍ରଦେଶ ହକି ଏକାଡେମୀ ହରାଇ ଦେଇଛି। ଓଡ଼ିଶା ଏଚ୍‌ପିସି ଓ ମଧ୍ୟପ୍ରଦେଶ ହକି ଏକାଡେମୀ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

ପ୍ରଥମ ସେମିଫାଇନାଲରେ ଓଡ଼ିଶା ଏଚ୍‌ପିସି ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବିଜୟୀ ଦଳ ପକ୍ଷରୁ ରିକି ତୋଞ୍ଜାମ ୧୪, ୪୭ ଓ ଆର୍ଯ୍ୟନ ଖେସ ୩୦, ୩୩ତମ ମିନିଟରେ ୨ଟି ଲେଖାଏ ଏବଂ ପ୍ରେମ ଦୟାଲ ଗିରି ୫୨ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପଞ୍ଜାବ ଦଳ ପକ୍ଷରୁ ଗୁରସେବକ ସିଂ ୩୬ ଓ ଲୋଭେନ୍ନୁର ସିଂ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିରେ ମଧ୍ୟପ୍ରଦେଶ ହକି ଏକାଡେମୀ ୩-୧ ଗୋଲରେ ଏସଜିପିସିକୁ ପରାସ୍ତ କରିଥିଲା। ବିଜୟୀ ଦଳର ସଦ୍ଦାମ ଅହମଦ ୧୨, ଜମିର ମହମ୍ମଦ ୨୬ ଓ ଅଧିନାୟକ ଅଲି ଅହମଦ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏସଜିପିସି ପକ୍ଷରୁ ୨୧ତମ ମିନିଟରେ ଜୋବନ ସିଂ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବୁଧବାର ଫାଇନାଲ ଓ ଦୁଇ ପରାଜିତ ସେମିଫାଇନାଲିଷ୍ଟ ମଧ୍ୟରେ ୩ୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଅନୁଷ୍ଠିତ ହେବ।

# ୪୦୦ ମିଟରରେ ଆୟୁଷ, ରୂପାଲ ଦ୍ରୁତତମ

**ନୂଆଦିଲ୍ଲୀ, ୧୨।୧୦(ପି.ଟି.)**


ଆୟୁଷ ଦାବାସ

ମଙ୍ଗଳବାର ଏଠାରେ ଅନୁଷ୍ଠିତ ଜାତୀୟ ଓପନ ୪୦୦ ମିଟର ଚାମ୍ପିୟନଶିପ୍‌ରେ ହରିୟାଣାର ଆୟୁଷ ଦାବାସ ଓ ଉତ୍ତର ପ୍ରଦେଶର ୧୬ ବର୍ଷୀୟା ରୂପାଲ ଚୌଧାରୀ ଦ୍ରୁତତମ ପୁରୁଷ ଓ ମହିଳା ସାବ୍ୟସ୍ତ ହୋଇଛନ୍ତି। ଦାବାସ ଦ୍ୱିତୀୟ ଥରପାଇଁ ୪୭ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଏହି ଦୂରତ୍ୱ ଅତିକ୍ରମ କରିଛନ୍ତି। ସେପ୍ଟେମ୍ବର ୨୮ରେ ୨୩ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ୪୬.୫୮ ସେକେଣ୍ଡ ସମୟ ନେଇଥିବା ଏହି ହରିୟାଣା ଧାବକ ଏଠାରେ ୪୬.୮୬ ସେକେଣ୍ଡରେ ଏହି ଦୂରତ୍ୱକୁ ଅତିକ୍ରମ କରିଛନ୍ତି। ୪୮ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ୪୦୦ ମିଟର ରେସ୍ ଶେଷ କରିଥିବା ଅନ୍ୟତମ ଧାବକ ହେଲେ ତାମିଲନାଡୁର ସୁରେନ୍ଦର ସେଲ୍‌ଭାମଣି। ବାଳିକା ବିଭାଗରେ ରୂପାଲଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ୧୮ ବର୍ଷରୁ କମ୍ ବିଭାଗରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ୫୩.୭୩ ସେକେଣ୍ଡରେ ରେସ୍ ଫିନିଶ୍ କରିଛନ୍ତି।

# ଉପଯୁକ୍ତ ନିଷ୍ପତ୍ତିର ଅଭାବ

**ଗୌତମ ଗମ୍ଭୀର**

ଜଣେ ସକ୍ରିୟ କ୍ରିକେଟର ଥିବାବେଳେ ମୁଁ ଛୋଟ ଛୋଟ ସ୍ତମ୍ଭ ଲେଖୁଥିଲି। ଆଇସ୍ ବାଥ୍‌ଠାରୁ ଆରମ୍ଭ କରି ଫିଜିଓ ରୁମ୍ ଓ ହୋଟେଲ ଜିମ୍ ଭିତରର ଘଟଣାବଳୀ ଏଥିରେ ସ୍ଥାନିତ ହେଉଥିଲା। କ୍ରିକେଟରୁ ଅବସର ନେବା ପରେ ଏବେ ମୁଁ ହେଉଛି ଜଣେ ଭାଷ୍ୟକାର। ଷ୍ଟାର ସ୍ପୋର୍ଟ୍ସର ଷ୍ଟୁଡିଓରୁ ଖେଳର ଧାରାବିବରଣୀ ଦେଉଛି। ମୋ ବାମ ପାର୍ଶ୍ୱରେ କିମ୍ବଦନ୍ତୀ ବ୍ରାଏନ ଲାରା ଏବଂ ଡାହାଣ ପଟେ ଗ୍ରେମ୍ ସ୍ୱାନ୍‌ଙ୍କୁ ଦେଖିବାକୁ ମିଳିବ। ଆଇପିଏଲ୍‌ର କେତୋଟି ଟିମ୍ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଭୁଲ କରି ବସୁଛନ୍ତି। ସେମାନଙ୍କ ଅଗ୍ରଗତିରେ ଏହା ବାଧା ଉପୁଜାଉଛି। ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ କ୍ୱାଲିଫାୟର-୧ ମ୍ୟାଚର ଉଦାହରଣ ନିଆଯାଇପାରେ। ୧୮ଓଭର ପରେ ସିଏସ୍‌କେ ଶେଷ ଦୁଇ ଓଭରରେ ୨୪ ରନ ଆବଶ୍ୟକ କରୁଥିଲା। ଏହି ପରିସ୍ଥିତିରେ ଅନ୍ତିମ ଓଭର ତୁଳନାରେ ୧୯ତମ ଓଭର ଗୁରୁତ୍ୱପୂର୍ଣ୍ଣ ଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ପୂର୍ବ ମ୍ୟାଚର ଅନ୍ତିମ ବଲ୍‌ରେ ଆଭେଶ ଖାଁଙ୍କ ବଲ୍‌କୁ ଛକା ହୋଇଥିଲା। ଏଥିରେ ବୋଲରଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସ୍ୱାଭାବିକ। ଏହା ସତ୍ତ୍ୱେ ରିଷଭ ତାଙ୍କୁ ୧୮ତମ ଓଭରରେ ବୋଲିଂ କରିବାକୁ ଦେଇଥିଲେ। ଏପରି ସ୍ଥଳେ ଅଭିଜ୍ଞ ରାବାଡାଙ୍କୁ ବୋଲିଂ ଦେବା ଯଥାର୍ଥ ହୋଇଥାନ୍ତା। ଏହା ରିଷଭଙ୍କ ନିଷ୍ପତ୍ତି ଅବା ତାଙ୍କୁ ଅନ୍ୟ କେହି ପରାମର୍ଶ ଦେଇଥିଲେ ତାହୁ ଅବଶ୍ୟ ମୁଁ ଜାଣେନା। ମୋ ମତରେ ସିଏସ୍‌କେ ବିପକ୍ଷ ମ୍ୟାଚରେ ଆର. ଅଶ୍ୱିନଙ୍କ ପାଇଁ ଭଲ ଦିନ ନ ଥିଲା। ସେ ତାଙ୍କର ଚିରାଚରିତ ଅଫ୍-ସ୍ପିନ୍ ବୋଲିଂ ନ କରି କ୍ୟାରମ ବଲ୍ ପକାଇଥିଲେ। କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ କ୍ୱାଲିଫାୟର-୨ରେ ଦିଲ୍ଲୀକୁ ଜିତିବାକୁ ହେବ। ୪୦୦ ଟେଷ୍ଟ ଉଇକେଟ ହାସଲ କରିଥିବା ଅଶ୍ୱିନଙ୍କୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ। କାରଣ କେକେଆର ଟିମ୍‌ରେ ବହୁ ବାମହାତୀ ଖେଳାଳି ଯଥା ନାରିନ, ମୋର୍ଗାନ, ନୀତୀଶ ଓ ଶକିବ ରହିଛନ୍ତି। ଅଶ୍ୱିନ ଏହି ମ୍ୟାଚରେ ତାଙ୍କ ଆକ୍ରମଣାତ୍ମକ ରୂପ ଦେଖାଇବା ଦରକାର। ଏଲିମିନେଟରରେ ଆରସିବିର ଖେଳ ଅଧିକାଂଶ କାର୍ଯ୍ୟ ଠିକ୍ ଥିଲା। କିନ୍ତୁ ଏହି ଦଳର ବ୍ୟାଟରମାନେ ଭୁଲ ସମୟରେ ଆଉଟ ହୋଇଯାଇଥିଲେ। ଜଣେ ଅଧିନାୟକ ହିସାବରେ ମୁଁ ରନ୍ ଚେଜ୍ କରିବାକୁ ପସନ୍ଦ କରିଥାଏ। ଉଇକେଟ ମନ୍ଥର ଥିଲେ ମଧ୍ୟ କୋହଲି ଓ ଡି'ଭିଲର୍ସଙ୍କ ଭଳି ଅନ୍ତର୍ଜାତୀୟ ଷ୍ଟ୍ରୋକ୍‌ପ୍ଲେୟାରମାନଙ୍କ କ୍ଷେତ୍ରରେ ଏହା ସମସ୍ୟା ନୁହେଁ। କ୍ରିଜ୍‌ରେ କିପରି ଅଧିକ ସମୟ ତିଷ୍ଠି ରହିହେବ କୋହଲି ସେଥିପ୍ରତି ଧ୍ୟାନ ଦେବା ଉଚିତ ଥିଲା। ପରବର୍ତ୍ତୀ ଖେଳାଳି ନିଲାମ ବେଳେ କୋହଲି ଏବଂ ସମ୍ଭବତଃ ଚହଲଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ସ୍ଥାନ ବଜାୟ ରଖିପାରିବେ କି ନା ତାହା ସନ୍ଦେହ।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ)।**

SEAGRAM'S
ROYAL STAG
PACKAGED DRINKING WATER

## ସ୍ପେନ୍‌ରେ ଚେସ୍ ଟୁର୍ନାମେଣ୍ଟ ଜିତିଲେ ଇନିୟାନ

**ଲା ନୁସିଆ (ସ୍ପେନ), ୧୨।୧୦ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ଇନିୟାନ ଏଠାରେ ଅନୁଷ୍ଠିତ ଲା ନୁସିଆ ଓପନ ଚେସ୍ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ସମ୍ପ୍ରତି ୨୫୨୯ ରେଟିଂରେ ଥିବା ୧୯ ବର୍ଷୀୟ ଇନିୟାନ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲେ। ସେ ୟୁକ୍ରେନ ଗ୍ରାଣ୍ଡମାଷ୍ଟର ଆନ୍ଦ୍ରେ ସୁମେଟ୍ସ ଓ ଚିଲିର ରୋଡ୍ରିଗୋ ଭାସ୍କେଜ ସ୍କୋର୍ଡରଙ୍କ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଉନ୍ନତ ଟାଇବ୍ରେକ ସ୍କୋର ଯୋଗୁ ଚାମ୍ପିୟନ ହୋଇଥିଲେ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬ଟିରେ ବିଜୟୀ ହୋଇଥିବାବେଳେ ୨ଟି ଡ୍ର ରଖିଥିଲେ ଏବଂ ୮ମ ରାଉଣ୍ଡରେ ବାଇ ପାଇଥିଲେ। ୯ମ ତଥା ଅନ୍ତିମ ରାଉଣ୍ଡରେ ସେ କ୍ୟୁବାର ଅନ୍ତର୍ଜାତୀୟ ମାଷ୍ଟର ଜନି ୱିଲସନ ଲିଅନ ଭାଲଡେସଙ୍କୁ ହରାଇଥିଲେ। ''ଏଠାରେ ଟାଇଟଲ ଜିତି ମୁଁ ଅତ୍ୟନ୍ତ ଖୁସି'' ବୋଲି ଇନିୟାନ ପ୍ରକାଶ କରିଛନ୍ତି। ୫ମ ରାଉଣ୍ଡରେ ସେ ଇସ୍ରାଏଲର ଏଭଗେନି ପୋଷ୍ଟନିଙ୍କୁ ପରାସ୍ତ କରିଥିଲେ। ଏହା ତାଙ୍କ ପାଇଁ ଟୁର୍ନାମେଣ୍ଟର ସବୁଠାରୁ ଶ୍ରେଷ୍ଠ ମ୍ୟାଚ ଥିଲା ବୋଲି ଇନିୟାନ କହିଛନ୍ତି।

# ପ୍ରଥମ ଦଳ ଭାବେ ଜର୍ମାନୀର ଯୋଗ୍ୟତା ହାସଲ

**ବର୍ଲିନ,୧୨।୧୦**

## ଫିଫା ବିଶ୍ୱକପ୍

କାତାରରେ ଆୟୋଜନ ହେବାକୁ ଯାଉଥିବା ୨୦୨୨ ଫିଫା ବିଶ୍ୱକପ୍ ପାଇଁ ଜର୍ମାନୀ ପ୍ରଥମ ଦଳ ଭାବେ ଯୋଗ୍ୟତା ହାସଲ କରିଛି। ଆହୁରି ଦୁଇଟି ମ୍ୟାଚ୍ ବାକି ଥିଲେ ମଧ୍ୟ ଜର୍ମାନୀକୁ ଏହି ସଫଳତା ମିଳିଛି। ସୋମବାର ନର୍ଥ ମାସିଡୋନିଆକୁ ୪-୦ରେ ପରାସ୍ତ କରି ବିଶ୍ୱକପ୍‌ରେ ନିଜର ସ୍ଥାନ ପକ୍କା କରିଛି। ଦ୍ୱିତୀୟାର୍ଦ୍ଧରେ ସବୁ ୪ଟି ଯାକ ଗୋଲ ସ୍କୋର କରାଯାଇଥିଲା। ୫୦ତମ ମିନିଟ୍‌ରେ କାଇ କାଇ ହାଭେର୍ଜ, ୭୦ ଓ ୭୩ ତମ ମିନିଟ୍‌ରେ ଟିମୋ ୱେର୍ନର ଓ ୮୩ତମ ମିନିଟ୍‌ରେ ଜମାଲ ମୁସିଆଲ ଗୋଲ ସ୍କୋର କରି ଜର୍ମାନୀକୁ ଏକପାଖିଆ ବିଜୟ ପ୍ରଦାନ କରିଥିଲେ। ତେବେ ଗତ ମାର୍ଚ୍ଚରେ ଜର୍ମାନୀ ନର୍ଥ ମାସିଡୋନିଆଠାରୁ ଆଶ୍ଚର୍ଯ୍ୟଜନକ ଭାବେ ୨-୧ ଗୋଲରେ ପରାସ୍ତ ହୋଇଥିଲା। ଗ୍ରୁପ୍ ଜେ'ରେ ଜର୍ମାନୀ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୨୧ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ଏହି ସଫଳତା ପାଇଛି। ସେହିପରି ଅନ୍ୟ କ୍ୱାଲିଫାଇଂ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୬-୦ରେ ଗିବ୍ରାଲଟାରକୁ ହରାଇଛି। ଗ୍ରୁପ୍ ଏଚ୍‌ରେ କ୍ରୋଏସିଆ ଓ ରୁଷିଆ ଯଥାକ୍ରମେ ଦ୍ୱିତୀୟ ଓ ପ୍ରଥମ ସ୍ଥାନରେ ରହିଛନ୍ତି।


ଜର୍ମାନୀ ଓ ନର୍ଥ ମାସିଡୋନିଆ ମଧ୍ୟରେ ଅନୁଷ୍ଠିତ ଫିଫା ବିଶ୍ୱକପ କ୍ୱାଲିଫାଇଂ ମ୍ୟାଚ।



# ଗଛ ମୂଳରେ ପାଣି ଜମୁଥିଲେ...

ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷ କରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।



# ଡାଲିଜାତୀୟ ଫସଲରେ କୋଡ଼ାଖୁସା

ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ଲାଗି ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ସକାଶେ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



# ଚାଷ ଦେଖାଇଛି ଆତ୍ମନିର୍ଭର ବାଟ



ସଫଳ ଚାଷୀ
ଯୁଧିଷ୍ଠିର ପ୍ରଧାନ

କେନ୍ଦୁଝର ଜିଲା ତେଲକୋଇ ବ୍ଲକର ବନବିହାରୀପୁର ଗ୍ରାମର ୪୨ ବର୍ଷୀୟ ଚାଷୀ ଯୁଧିଷ୍ଠିର ପ୍ରଧାନ। କମ୍ ବୟସରେ ଚାଷକୁ ରୋଜଗାରର ପ୍ରମୁଖ ମାଧ୍ୟମ ଭାବରେ ଗ୍ରହଣ କରିନେଇଛନ୍ତି। କେବଳ ସେତିକି ନୁହେଁ, ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳ ଚାଷୀ ଭାବରେ ପ୍ରତିପାଦିତ କରିପାରିଛନ୍ତି। ବାପା-ମା, ପତ୍ନୀ ମୌସୁମୀ ପ୍ରଧାନ ଓ ଏକ ମାତ୍ର ଝିଅକୁ ନେଇ ତାଙ୍କର ପରିବାର। ଯୁକ୍ତ ୨ ପଢ଼ିବା ସମୟରେ ସେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଯୁଧିଷ୍ଠିର କହନ୍ତି, 'ପନିପରିବା ଚାଷ କରିବା ସହ ଉଦ୍ୟାନ କୃଷି, କୁକୁଡ଼ା ଓ ମାଛ ଚାଷ କରିବା ପରେ ଚାଷକୁ ଆପଣେଇ ଆତ୍ମନିର୍ଭରଶୀଳ ହେବାର ଆଶା ମୋର ଦ୍ୱିଗୁଣିତ ହୋଇଥିଲା। ପ୍ରାୟ ୧୩ ଏକର ଜମିରେ ଏବେ ଚାଷ କାମ ଚାଲିଛି। ତା' ସହ କେତେକ ଜମିକୁ ଲିଜ୍ ଆକାରରେ ନେଇ ସେଥିରେ ଚାଷ କରୁଛି। ବିଶେଷଭାବରେ ଧାନ ଚାଷ ସହିତ ସୂର୍ଯ୍ୟମୁଖୀ, ତରଭୁଜ, ସୋରିଷ, ରାଶି ଆଦି ଚାଷ କରି ସେଥିରୁ ବେଶ୍ ଲାଭବାନ ହୋଇପାରିଛି। ଏଥିସହିତ ଆମ ଗ୍ରାମଠାରୁ ପ୍ରାୟ ୧୦ କିମି ଦୂର ସିରିଗିଡା ପଞ୍ଚାୟତର କୁଣ୍ଡେଇହୋତା ଗ୍ରାମରେ ୮ ଏକରରୁ ଅଧିକ ଜମିରେ ଆମ୍ବ, କାଜୁ, ଲେମ୍ବୁ, ପିଜୁଳି, ଲିଚୁ , ଆଳୁ, ଖମ୍ବଆଳୁ ଆଦି ଚାଷ କରିଛି । ସେହିପରି ଭୀମକାଣ୍ଡ ପଞ୍ଚାୟତର ଗୋଧୀହୁଡି ଗ୍ରାମରେ ଜମି ଲିଜ ନେଇ ୨୦ ହଜାର କୁକୁଡା ପାଳନ କରିଛି । ଏବେ ଚାହିଦାକୁ ଦେଖି ଦେଶୀ କୁକୁଡ଼ା ପାଳନକୁ ପ୍ରାଧାନ୍ୟ ଦେଉଛି। ଏସବୁ ବ୍ୟତୀତ ୭ ଏକର ଜମିରେ ଅମୃତଭଣ୍ଡା ଚାଷ ସହିତ ଇଟା ତିଆରିରେ ମଧ୍ୟ ମନୋନିବେଶ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସଫଳତାର ସହ ଋଣ ନେଇ କୁକୁଡ଼ା ଚାଷ କରି (୨୦୧୮-୧୯ ଓ ୨୦୨୦-୨୧) ସରକାରଙ୍କଠାରୁ ସମ୍ମାନିତ ହୋଇଛନ୍ତି ଯୁଧିଷ୍ଠିର। ତାଙ୍କର ଉଦ୍ୟମ ଆଉ ସଫଳତା ପାଇଁ ସେ ଆତ୍ମା (କୃଷି ବିଭାଗ) ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

ଡ୍ରିପ ପ୍ରଣାଳୀରେ ସେ ଗଭୀର କୂପରୁ ଜଳସେଚନ କରିଥାନ୍ତି। ଆଗାମୀ ଦିନରେ ନୂତନ ପଦ୍ଧତିରେ ମାଛଚାଷ ସହ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ଗୋ ଖାଦ୍ୟ/ କୁକୁଡ଼ା ଓ ମାଛ ଖାଦ୍ୟ ପ୍ରସ୍ତୁତି କାରଖାନା ବସାଇବାକୁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଯୁଧିଷ୍ଠିରଙ୍କ ବାପା ଗୋବର୍ଦ୍ଧନ ପ୍ରଧାନ ଜଣେ ଚାଷୀ । ତାଙ୍କଠାରୁ ପିଲା ଦିନରୁ ସେ ଚାଷ କାର୍ଯ୍ୟ ଶିଖିଥିବା କୁହନ୍ତି।

-ନରେଶ ଚନ୍ଦ୍ର ପଟ୍ଟନାୟକ

# ମରୁଡ଼ିଗ୍ରସ୍ତ କଳାମାଟିର ପରିଚାଳନା



ପ୍ର. ସୁବୋଧ କୁମାର ସାହୁ



ମାଟିରେ ବିଟୁମିନସ୍ ଏବଂ ଟିଟାନିଫେରସ୍ ଖଣିଜ ଧାତବ ପଦାର୍ଥ ରହିଲେ ମାଟିର ରଙ୍ଗ କଳା ହୁଏ । ଏହା ଛଡ଼ା କିଛି ହ୍ୟୁମସ ମଧ୍ୟ ମାଟିକୁ କଳା କରେ । କଳା ମାଟିରେ କର୍ଦ୍ଦମ ଭାଗ ଶତକଡ଼ା ୩୦ ରୁ ଅଧିକ ଥାଏ । ତେଣୁ ମାଟିର ବୟନ କର୍ଦ୍ଦମାକ୍ତ ଦୋରସା । ମୁଖ୍ୟତଃ କଳା ମାଟି ସ୍ୱଳ୍ପ ବୃଷ୍ଟି ଅଞ୍ଚଳରେ ଦେଖାଯାଏ । ରାଜ୍ୟର କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ମାଲକାନଗିରି, ବରଗଡ, ଅନୁଗୋଳ ଏବଂ ଖୋର୍ଦ୍ଧା ଜିଲାଗୁଡ଼ିକର ବୃଷ୍ଟି ଛାୟା ଅଞ୍ଚଳରେ ବିକ୍ଷିପ୍ତ ଭାବେ ପ୍ରାୟ ୯ ଲକ୍ଷ ୬୦ ହଜାର ହେକ୍ଟର ପରିମିତ ଜମି ଥିବାର ହିସାବରୁ ଜଣାପଡ଼ିଛି । ଏହିସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଯୋଗୁ ଗ୍ରୀଷ୍ମଋତୁରେ କର୍ଦ୍ଦମ ଶୁଖି ଗଭୀର ଫାଟମାନ ସୃଷ୍ଟିହୁଏ । ସମୟେ ସମୟେ ଫାଟର ଗଭୀରତା ୩ ଫୁଟ ପର୍ଯ୍ୟନ୍ତ ମପାଯାଇଛି। ଫାଟର ଓସାର ୧ ଇଞ୍ଚରୁ ୬ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ଫାଟ ଯୋଗୁ ଗଛର ସୂକ୍ଷ୍ମ ଚେରମାନ ଶୀଘ୍ର ଛିଡ଼ି ପରବର୍ତ୍ତୀ ସମୟରେ ଶାଖା ଚେରମାନ ଛିଡ଼େ। ଏହାଦ୍ୱାରା ଗଛ ମାଟିରୁ ଜଳ ଶୋଷି ପାରେ ନାହିଁ । ଗଛକୁ ମରୁଡ଼ି ବାଧେ । ଗଛ ଝାଉଳି ଯାଏ । ଏହି ସମୟରେ ବର୍ଷା ନ ହେଲେ ଫସଲ ନଷ୍ଟ ହୁଏ।

ମାଟି ଶୁଖିଲେ ଟାଣ ହୁଏ । ଟାଣ ମାଟିରେ ଲଙ୍ଗଳ ଚାଲିପାରେ ନାହିଁ। ମାଟିର ନିମ୍ନ ଭାଗ ଓଦା ଥିଲେ ଲଙ୍ଗଳ ମାଟିକୁ ଓଲଟାଇ ଦେଇପାରେ । ଏହାଦ୍ୱାରା ବଡ଼ ବଡ଼ ଢେଲାମାନ ସୃଷ୍ଟି ହୁଏ । ମାଟିର ଏପ୍ରକାର ଅବସ୍ଥାକୁ ଘନାକୃତି ସଂରଚନା କୁହାଯାଏ । ଏପରି ଢେଲାଥିବା ଜମିରେ ମଇ ଚାଲିପାରେ ନାହିଁ । ଏଣୁ ମଞ୍ଜି ବୁଣି ହୁଏ ନାହିଁ । ବର୍ଷା ହେଲେ ବର୍ଷା ପାଣି ଶୀଘ୍ର ଢେଲାର ଫାଟ ମଧ୍ୟ ହେଇ ତଳକୁ ବହିଯାଏ । ଅଧିକ ବର୍ଷା ହେଲେ କର୍ଦ୍ଦମାକ୍ତ ଢେଲାମାନ ମିଳେଇଯାଇ ଫାଟସବୁ ବନ୍ଦ ହୁଏ । ମାଟିରେ ଥିବା ସ୍ଥୂଳ ଏବଂ ସୂକ୍ଷ୍ମ ଛିଦ୍ର ସବୁ ବନ୍ଦ ହୋଇଯାଏ । ଏହି ସମୟରେ କିଛି ବର୍ଷା ହେଲେ ମାଟି ଭିତରକୁ ପାଣି ଯାଇ ନ ପାରି ମାଟି ଉପରେ ଗଡ଼ାଣି ଜାଗାକୁ ବହିଯାଏ । ମାଟି ଉପରେ ଥିବା ଉର୍ବର ସୂକ୍ଷ୍ମ ମାଟିର ପରସ୍ତ କ୍ଷେତରୁ ବହି ନଷ୍ଟ ହୁଏ । ଏହି ସମୟରେ ମାଟିରେ ଲଙ୍ଗଳ ଚାଲିପାରେ ନାହିଁ । ମଞ୍ଜି ବୁଣିବା କିମ୍ବା ଚାରା ରୋଇବା ପାଇଁ ଚାଷୀ ବିଲରେ ହଳ କଲେ ଲଙ୍ଗଳ ସିଆରରେ କାଦୁଅ ମେଞ୍ଚା ମେଞ୍ଚା ହୋଇ ଲାଖିରହେ । ଫଳରେ ମଞ୍ଜି ବୁଣା କିମ୍ବା ଚାରା ରୋଇବା ଠିକ୍ ସମୟରେ ହୋଇପାରେ ନାହିଁ।

କଳାମାଟିର ପି.ଏଚ ୭.୦ ରୁ ୮.୦ ମଧ୍ୟରେ ଥାଏ । ଏହି ମାଟିରେ ସୁଲଭ ଯବକ୍ଷାରଯାନ ମଧ୍ୟମ ଥିବାବେଳେ ସୁଲଭ ଫସ୍‌ଫରସ ଏବଂ ପଟାସ୍ ଅଭାବ ଥାଏ । ମାଟିର ପି.ଏଚ ମଧ୍ୟମରୁ କ୍ଷାରୀ ହୋଇଥିବାରୁ, ଅଣୁ ଖାଦ୍ୟଉପାଦାନ ଯଥା ଲୁହା, ମାଙ୍ଗାନିଜ୍ , କପର , ଜିଙ୍କ୍‌ର ଅଭାବ ଥିବାବେଳେ ମଲିବଡେନମ୍ ସୁଲଭ ପରିମାଣରେ ଥାଏ ।

କଳାମାଟିରେ ସ୍ଥାନେ ସ୍ଥାନେ ଚୂନଭାଗ ଅଧିକ ଥାଏ । ବୋରନ୍ ଅଣୁସାର, କ୍ୟାଲସିୟମ ସହ ବାନ୍ଧି ହେଉଥିବାରୁ ଉକ୍ତ ଅଣୁସାର ମାଟିରେ କମ୍ ଥାଏ । ଖରିଫ ଋତୁରେ ବର୍ଷା ନ ହେଲେ ଢିପ କିସମ ଧାନ କ୍ଷେତରେ ଲୁହା ଅଣୁସାର ସୁଲଭ ଅବସ୍ଥାକୁ ଆସିପାରେ ନାହିଁ । ତେଣୁ ଧାନ ଗଛର ପତ୍ର ଶିରାର ମଧ୍ୟଭାଗରେ ହଳଦିଆ ରଙ୍ଗ ହୁଏ । ଏହା ଦ୍ୱାରା ଧାନ ଗଛ ଖାଦ୍ୟ ପ୍ରସ୍ତୁତ କରି ନ ପାରି ଦୁର୍ବଳ ହୁଏ । ଠିକ୍ ସମୟରେ ବର୍ଷା ନ ହେଲେ ଅମଳ କମିଯାଏ । ତେଣୁ ମରୁଡି ଗ୍ରସ୍ତ କଳା ମାଟି ଏକ ସମସ୍ୟା ବହୁଳ ମାଟି । ଏହି ମାଟିରୁ ଅଧିକ ଫସଲ ଅମଳ ପାଇଁ ନିମ୍ନଲିଖିତ ଉପାୟମାନ ଅବଲମ୍ବନ କରାଯାଇ ପାରେ ।

-ମାଟି ଧରି ରଖିପାରୁଥିବା କୈଶିକ ଜଳ ଅବସ୍ଥାରେ ଅର୍ଥାତ୍ ମାଟିର ଉପଯୁକ୍ତ ପାଗ ଥିବା ସମୟରେ ହଳ କରିବା ଆବଶ୍ୟକ । ମାଟିର କୈଶିକ ଜଳ ଜାଣିବା ପାଇଁ କ୍ଷେତର ମାଟିକୁ ନିଜେ ପରୀକ୍ଷା କରି ଜାଣିପାରିବେ । ହାତ ଚକିରେ କିଛି ମାଟି ନେଇ ମାଟିରେ ଅଳ୍ପ ଅଳ୍ପ ପାଣି ଦେଇ ଗୋଟିଏ ବଳିତା କରନ୍ତୁ । ବଳିତାଟି ହେବ ଏବଂ ଧୀରେ ଧୀରେ ଫାଟୁ ଥିବ, ଏହି ଅବସ୍ଥାରେ କଳା ମାଟିକୁ ସହଜରେ ହଳ କରିହେବ । ମାଟିରେ ବଡ଼ ଢେଲା ନ ବାହାରିବା ପାଇଁ ଏକର ପ୍ରତି ୨ ଟନ ଗୁଣ୍ଡ ଗୋବର ଖତ ପ୍ରୟୋଗ କରାଯାଇ ପାରେ।

-ମାଟିର ଦୁର୍ବଳ ଭୌତିକ ଧର୍ମର ଉନ୍ନତି ଏବଂ ଜୈବ ଭାଗ ବଢ଼ାଇବା ପାଇଁ ସବୁଜ ସାର ଚାଷର ଆବଶ୍ୟକତା ଅଛି । ସବୁଜ ସାର ଚାଷ ପାଇଁ ଜୁନ ମାସର ପ୍ରଥମ ବର୍ଷାପରେ ମାଟିର କୈଶିକ ଜଳ ପରିମାଣ ଉପଲବ୍ଧ କରି କ୍ଷେତକୁ ହଳ କରି ଏକର ପ୍ରତି ୧୬ କିଲୋ ଫସଫେଟ୍ ସାରକୁ ସିଙ୍ଗଲ ସୁପରଫସଫେଟ୍ ଭାବେ ପ୍ରୟୋଗ କରି ୧୦ କିଲୋ ଧନିଚା ମଞ୍ଜି ବୁଣି ଗଛ ୪୦ ରୁ ୪୨ ଦିନର ହେଲେ ହଳ କରି ମାଟିରେ ମିଶାଇଲେ ମାଟିର ଘନତ୍ୱ କମିବା ସହ ମାଟିର ଜୈବ ଭାଗ ଏବଂ ଜଳଧାରଣ ଶକ୍ତି ବଢ଼ିବ । ହଳ କଲେ କ୍ଷେତରେ ବଡ଼ ବଡ଼ ଢେଲାମାନ ବାହାରିବ ନାହିଁ।

-ଶସ୍ୟ ଅମଳ ପରେ ଏହାର ଅବଶିଷ୍ଟାଂଶକୁ ହଳ କରି ମାଟିରେ ମିଶାଇଲେ ମାଟିର ଅଙ୍ଗାର ଅଂଶ ବଢ଼ିବା ସହ ଏହାର ଭୌତିକ ପରିବର୍ତ୍ତନ ଘଟେ ।

-କଳା ମାଟିର ପି.ଏଚ୍ ୭.୦ ରୁ ଅଧିକ ଥିବାରୁ ଏଥିରେ ଚାଷ ହେଉଥିବା ଫସଲରେ ଯବକ୍ଷାରଯାନ ଜାତୀୟ ସାର ଭାବେ ଆମୋନିୟମ୍ ସଲଫେଟ୍, ଆମୋନିୟମ୍ ନାଇଟ୍ରେଟ୍ ୟୁରିଆ ଏବଂ କ୍ୟାଲସିୟମ ଆମୋନିୟମ୍ ନାଇଟ୍ରେଟ୍ ପ୍ରୟୋଗ କଲେ ଉକ୍ତ ସାରର ଯବକ୍ଷାରଯାନ, ଆମୋନିଆ ଗ୍ୟାସ ହୋଇ ନଷ୍ଟ ହୁଏ । ତେଣୁ କଳା ମାଟିରେ ଦାନାଦାର ଯୌଗିକ ସାର ଯଥା ଡି.ଏ.ପି, ଗ୍ରୋମର, ଶ୍ୟାମଳା, ରତ୍ନା ଆଦି ପ୍ରୟୋଗ କଲେ ଏହି ସବୁ ସାରର ଯବକ୍ଷାରଯାନ ଏବଂ ଫସଫେଟ୍ ନଷ୍ଟ ନ ହୋଇ ଫସଲ ଧୀରେ ଧୀରେ ଗ୍ରହଣଯୋଗ୍ୟ ହୁଏ । ମରୁଡି ଗ୍ରସ୍ତ କଳା ମାଟିରେ ଖରିଫ ଋତୁରେ ହେଉଥିବା ଫସଲକୁ ଧାଡ଼ିରେ ବୁଣିବା ଆବଶ୍ୟକ । ମରୁଡ଼ି ଆଶଙ୍କା ହେଲେ ଫସଲରୁ ଅଣଫସଲ ଏବଂ ଘାସ ବାଛି ଏହାକୁ ଗଛ ମୂଳରେ ଘୋଡ଼ାଇ ରଖିଲେ ମାଟିରୁ ଜଳ ବାଷ୍ପୀକରଣ କମିବ । ଦୁଇ ଧାଡ଼ି ମଧ୍ୟରେ ଥିବା ଖାଲି ସ୍ଥାନର ଉପର ମାଟିକୁ ଖୁସାଇଲେ ମାଟିର ସ୍ଥୂଳ ଏବଂ ସୂକ୍ଷ୍ମ ଛିଦ୍ରମାନ ପରସ୍ପରଠାରୁ ଅଲଗା ହୋଇ ଭୂଗର୍ଭସ୍ଥ ଜଳକୁ ବାଷ୍ପୀକରଣ କରିବାରେ ବାଧା ସୃଷ୍ଟି କରିବ । ଏହା ଦ୍ୱାରା ଭୂଗର୍ଭସ୍ଥ ଜଳ ସଂରକ୍ଷିତ ହେବ।

-ଖାଲୁଆ କିସମ ଧାନ କ୍ଷେତରେ ଠିଆ ପାଣି ରହିଲେ ମାଟିର ପି.ଏଚ୍ ବଢି, ଜିଙ୍କ୍‌ର ଅଭାବ ପରିଲକ୍ଷିତ ହୁଏ । ଜିଙ୍କ୍‌ର ଅଭାବ ମାଟି ପରୀକ୍ଷାରୁ ଜାଣି ଏକର ପ୍ରତି ୧୦ କିଲୋ ଜିଙ୍କ୍‌ସଲଫେଟ୍ ଶେଷଓଡ ହଳ ସମୟରେ ପ୍ରୟୋଗ କଲେ ଜିଙ୍କ୍‌ର ଅଭାବ ଦୂର ହୁଏ । ଧାନ ରୋଇବା ପରେ ଫସଲରେ ଜିଙ୍କ୍ ଅଭାବର ଲକ୍ଷଣ ଦେଖା ଦେଲେ ଶତକଡା ୦.୪ଭାଗ ଜିଙ୍କ୍ ସଲଫେଟ୍ ଦ୍ରବଣକୁ ୭ ଦିନ ବ୍ୟବଧାନରେ ଦୁଇଥର ପତ୍ର ଛିଞ୍ଚା କରିବା ଆବଶ୍ୟକ।

-ମରୁଡି ପ୍ରବଣ ଢିପ ଜମିରେ ଲୁହାର ଅଭାବ ଦେଖାଦେଲେ ଶତକଡା ୦.୫ ଫେରସ ସଲଫେଟ୍‌କୁ ୭ ଦିନ ବ୍ୟବଧାନରେ ଦୁଇ ଥର ପତ୍ର ଛିଞ୍ଚା କଲେ ଧାନ ଫସଲରେ ଲୁହାର ଅଭାବ ଦୂର ହୁଏ।

-ମରୁଡି ଗ୍ରସ୍ତ କଳାମାଟିର ଢିପ ଓ ମଧ୍ୟମ କିସମ ଜମିରେ ମରୁଡି ସହଣୀ ଫସଲ ଯଥା ବୁଟ, ମସୁର, ଚଣା, ମଟର, ଛୋଟ କିସମ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ, କପା, ପେଶି, ଜଡା, ମାଣ୍ଡିଆ ଏବଂ ଧନିଆଁ ଚାଷ କଲେ ଫସଲକୁ ସେତେଟା ମରୁଡି ବାଧେ ନାହିଁ।

-କଳାମାଟିରେ ଅନ୍ତସ୍ଥ ଫସଲ ଭାବେ ହରଡ଼ କିମ୍ବା ମକା ଧାଡ଼ିରେ ବୁଣି, ଦୁଇ ଧାଡ଼ି ମଧ୍ୟରେ ଥିବା ଖାଲି ସ୍ଥାନରେ ଛୋଟ କିସମ ଧାନ କିମ୍ବା ମୁଗ ଦୁଇ ଧାଡ଼ି ଲେଖାଏ ବୁଣିଲେ ଫସଲରେ ଘାସ ନିୟନ୍ତ୍ରଣ ହେବା ସହ ମରୁଡ଼ିରେ ମୁଖ୍ୟ ଫସଲ ମକା କିମ୍ବା ହରଡ଼ ନଷ୍ଟ ହେଲେ ମଧ ଅନ୍ତସ୍ଥ ଫସଲରୁ ଭଲ ଅମଳ ମିଳିବ ।

*-ଶୈଳଶ୍ରୀ ବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*





# ନଳିତା ବିଡ଼ା ପ୍ରସ୍ତୁତି

ନଳିତା ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡ଼ିକୁ ୬୦ସେ.ମି ପାଣିଥିବା ସ୍ଥାନରେ ୨-୩ଦିନ ଠିଆ କରି ରଖାଯିବା ଆବଶ୍ୟକ । ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ ; ଯଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡ଼ି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ଏକଗ୍ରାମ୍ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ। ନଳିତା ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ।



# ମାଛ ଯାଆଁଳ ବିଷୟରେ...

ଜାତୀୟା ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁଁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟପାଇଁ ହେକ୍ଟର ପ୍ରତି ଦୈନିକ ୧.୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।

# ପନିପରିବାରେ କୋବାପୋକ ଦମନ

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଚା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ପାଳଛତୁ ପାଇଁ କୁଣ୍ଡ

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ବୁଧବାର, ୧୩ ଅକ୍ଟୋବର, ୨୦୨୧ Rayagada, Wednesday, October 13/2021

**୬ ଜୁଆଡ଼ି ଗିରଫ**

**ବ୍ରହ୍ମପୁର ଅଫିସ,୧୨।୧୦:** ବ୍ରହ୍ମପୁର ବିଜିପୁର ବନ୍ଧହୁଡ଼ାରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ମଙ୍ଗଳବାର ଖବର ମିଳିଥିଲା। ଟାଉନ ଥାନା ପୋଲିସ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ କାବୁ କରିଥିଲା।




# ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**କୋରାପୁଟ, ୧୨।୧୦(ସ୍ୱ.ପ୍ର.)**

କୋରାପୁଟ ସହରର ଗୌତମନଗରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଖେଳ ପାଇଁ ଜଣେ ନାବାଳକଙ୍କ ଜୀବନ ଯାଇଛି। ପରିବାର ଲୋକେ ମୋବାଇଲ ନ ଦେବାରୁ ସେ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଗୌତମନଗର ନିବାସୀ ଶ୍ରୀନିବାସ ରାଓଙ୍କ ପୁଅ ବି. ମନୋହାର (୧୩)।

ଖବରରୁ ଜଣାପଡ଼ିଛି, ମନୋହର ଅଷ୍ଟମ ଶ୍ରେଣୀରେ ପାଠ ପଢ଼ନ୍ତି। କରୋନା ଯୋଗୁ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ଥିବାରୁ ସେ ମୋବାଇଲରେ ଅନ୍‌ଲାଇନ କ୍ଲାସ୍ କରନ୍ତି। ସେ ଅଧିକାଂଶ ସମୟ ମୋବାଇଲ ଗେମ୍ ଖେଳୁଥିଲେ। ପରିବାର ଲୋକେ ତାଙ୍କୁ ବୁଝାଇଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ମଙ୍ଗଳବାର ପରିବାର ଲୋକେ ତାଙ୍କଠାରୁ ମୋବାଇଲ ଛଡାଇ ନେଇଥିଲେ । ଏହାପରେ ମନୋହର ରାଗିଯାଇ ଏକ ରୁମ୍‌ରେ ପଶି ଭିତରୁ କବାଟ ବନ୍ଦ କରିଦେଇ ବେକରେ ଶାଢ଼ି ବାନ୍ଧି ଫ୍ୟାନରେ ଝୁଲିପଡି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ବହୁ କଷ୍ଟରେ କବାଟ ଖୋଲି ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ମେଡିକାଲକୁ ନେଇଥିଲେ । ସେଠାରେ ମନୋହରଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଟାଉନଥାନା ପୋଲିସ ମେଡିକାଲଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ୧୦୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିବା ଏସ୍‌ଆଇ ସୁଦର୍ଶନ ଅଧିକାରୀ କହିଛନ୍ତି।

# ବିଶିଷ୍ଟ କବି ଦିଲୀପ ଦାସଙ୍କ ପରଲୋକ

**ଆସିକା,୧୨।୧୦(ଡି.ଏନ୍.ଏ.)**



ଓଡ଼ିଶାର ସୁନାମଧନ୍ୟ କବି ତଥା ଗଞ୍ଜାମ ଜିଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ ଦାସ(୭୯)ଙ୍କ ମଙ୍ଗଳବାର ମୁମ୍ବାଇରେ ପରଲୋକ ଘଟିଛି । କିଛିଦିନ ହେଲା ଶାରୀରିକ ଅସୁସ୍ଥତା କାରଣରୁ ସେ ମୁମ୍ବାଇରେ ତାଙ୍କ ସାନପୁଅଙ୍କ ଘରେ ଥିଲେ। ସତ୍ୟବାଦୀର କାବ୍ୟ ଚେତନା ଗବେଷଣା ନିବନ୍ଧ ସ୍ୱର୍ଗତ ଦାସଙ୍କର ଏକ ଅନନ୍ୟ କୃତି । ତାଙ୍କ ରଚିତ 'ବିଲୁପ୍ତ ସାମ୍ରାଜ୍ୟ', 'ପକ୍ଷୀଟିଏ ବସିଛି ଡାଳରେ ଛାଇ ତା'ର ପୋଖରୀ ଜଳରେ', 'ସୁଦୂରରୁ ଅନେକ ଦୂର', 'ବୁଡି ଯାଉଥିବା ଦେଶ', 'ନୀଳମାଧବ', କାବ୍ୟା, 'କହି ନ ପାରୁଥିବା କିଛି', 'ଉତ୍ତରା ଫାଲଗୁନୀ' ଆଦି କବିତା ଗ୍ରନ୍ଥ ଓଡିଆ ସାହିତ୍ୟ ଜଗତକୁ ଏକ ଅନବଦ୍ୟ ଉପହାର। ୧୯୯୮-୯୯ରେ 'ସୁଦୂରରୁ ଅନେକ ଦୂର' କାବ୍ୟ ଲାଗି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହାଛଡ଼ା କଳିଙ୍ଗ ସାହିତ୍ୟ ସମାଜ, ଚେତନା ଓ ସୃଷ୍ଟି ସାଂସ୍କୃତିକ ପରିଷଦ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ସେ କାବ୍ୟିକ କଳାକୃତି ଲାଗି ସମ୍ମାନିତ ହୋଇଥିଲେ । ଶାନ୍ତି ନିକେତନରେ ଅଧ୍ୟୟନ କାଳରେ ଆସିକାରୁ ପ୍ରକାଶିତ ଏକ ଉପାଦେୟ ପତ୍ରିକା 'ଆଲୋକ' ଓ ସୁରେନ୍ଦ୍ରନାଥ ସାହୁଙ୍କ ଦ୍ୱାରା ସମ୍ପାଦିତ ସାହିତ୍ୟ ପତ୍ରିକା 'ତ୍ରିବେଣୀ'ର ସୌଜନ୍ୟ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ଜାଗ୍ରତ ପ୍ରହରି ଉତ୍କଳ ସମ୍ମିଳନୀର ସେ ଆଜୀବନ ସଭ୍ୟ ରହିଥିବା ବେଳେ ଗଞ୍ଜାମ ସାହିତ୍ୟ ସମ୍ମିଳନୀର ସମ୍ପାଦକ ଓ ବିଶ୍ୱ ଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଦାସଙ୍କ ବିୟୋଗରେ ଆସିକା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା ଓ ସମ୍ପାଦକ ପ୍ରବୋଧ ରାଉତ ଗଭୀର ଶୋକବ୍ୟକ୍ତ କରିଛନ୍ତି।

**ଅଣ୍ଟା-ପିଠି-ଆଣ୍ଠୁ ଏବଂ ଗଣ୍ଠିର ପୁରୁଣା ରୋଗୀଙ୍କ ପାଇଁ ଆଶ୍ୱସ୍ତିଦାୟକ ଖବର**

## ଆୟୁର୍ବେଦିକ ପଦ୍ଧତିରେ ଉତ୍କୃଷ୍ଟ ବ୍ୟଥା ପ୍ରବନ୍ଧନ କରିଥାଏ କ୍ୱିକ୍ ପୀଡ଼ାନାଶକ ତେଲ - ଲାଭାର୍ଥୀ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛନ୍ତି

ଆୟୁର୍ବେଦ ଅନୁସାରେ ବ୍ୟଥା ଓ ଜ୍ୱର କୌଣସି ରୋଗ ନୁହେଁ ବରଂ ରୋଗର ଲକ୍ଷଣ ମାତ୍ର । ଏହା ଆମର ଶୁଭଚିନ୍ତକ ଅଟନ୍ତି, ଆମକୁ ସଚେତନ କରିଦିଅନ୍ତି କି ଶରୀରରେ ସମସ୍ୟା ଅଛି, ତାହାର ସମାଧାନ କର । ବାରମ୍ବାର ପେନ୍ କିଲର୍ ଖାଇବା ପୂର୍ବରୁ ଆମକୁ ଆୟୁର୍ବେଦରେ ଏହି ସମସ୍ୟାର ସମାଧାନ ଦେଖିନେବା ଆବଶ୍ୟକ। ଆୟୁର୍ବେଦରେ ପେନ୍ ମ୍ୟାନେଜମେଣ୍ଟ ଏମିତି ହୋଇଥାଏ କି, ବ୍ୟଥା କମିବା ସହିତ ଯେଉଁ କାରଣରୁ ବ୍ୟଥା ହେଉଛି, ତାହା ମଧ୍ୟ ଦୂର ହୋଇଯାଏ । କେବଳ ସିମ୍ପଟୋମାଟିକ୍ ବା ଲାକ୍ଷଣିକ ଚିକିତ୍ସା କରାଯାଏ ନାହିଁ । **ଆୟୁର୍ବେଦରେ ବ୍ୟଥାକୁ ଶୂଳ କୁହାଯାଏ । ବ୍ୟଥା ବା ଶୂଳ ସର୍ବଦା ବାତର କାରଣ ହୋଇଥାଏ । ବାତ-ପିତ୍ତ-କଫରେ ଅସନ୍ତୁଳନ ଘଟିଲେ ଓ ବାତ ବଢ଼ିଯାଇ ବ୍ୟଥା ହୋଇଥାଏ । ବାତ ସନ୍ତୁଳିତ ହୋଇଗଲେ ବ୍ୟଥା ମଧ୍ୟ ଦୂର ହୋଇଯାଏ ।** ଗଣ୍ଠି ବା joints ଶରୀରରେ ଏପରି ଅଂଶ, ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ମିଶିଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି । ଗଣ୍ଠିବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ହୋଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ଜଙ୍ଘରେ ହୋଇପାରେ । ଦୀର୍ଘ ସମୟ ଧରି କୌଣସି ଗୋଟିଏ ଜାଗାରେ ବସିରହିବା, ଯାତ୍ରା କରିବା କାରଣରୁ ଆଣ୍ଠୁରେ କଠିନତା ଆସିଯାଏ ଓ ବ୍ୟଥା ହେବାକୁ ଲାଗିଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ ।

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ି-ବୁଟି ମିଶ୍ରଣରେ ପ୍ରସ୍ତୁତ ନିଜର **'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'**କୁ ଏବେ ବଜାର ପ୍ରବେଶ କରାଇଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ରହୁଛି । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ୍ୟ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।

### କ୍ୱିକ୍ ପୀଡ଼ାନାଶକ ତେଲ ସନ୍ଦର୍ଭରେ ଗ୍ରାହକମାନଙ୍କର ପ୍ରଶ୍ନ

**ପ୍ରଶ୍ନ - ମୋ ବାପାଙ୍କ ବୟସ 56 ବର୍ଷ, ତାଙ୍କ ଆଣ୍ଠୁରେ ସବୁବେଳେ ବ୍ୟଥା ରହୁଛି । ଔଷଧ ବିନା ସେ ଚଳାବୁଲା କରିପାରନ୍ତି ନାହିଁ, ଦୀର୍ଘଦିନ ଧରି ତାଙ୍କୁ ଏହି ସମସ୍ୟା ଅଛି ଓ ପାଖାପାଖି 4 ବର୍ଷ ଧରି ସେ ଲଗାତର ଦୈନିକ ଏଲୋପାଥି ଔଷଧ ସେବନ କରୁଛନ୍ତି । ମୁଁ ଅନେକ ଲୋକଙ୍କ ମୁହଁରୁ କ୍ୱିକ୍ ପୀଡ଼ାନାଶକ ତେଲର ବହୁତ ପ୍ରଶଂସା ଶୁଣିଛି । ଏଥିରୁ ମୋ ପିତାଙ୍କୁ ଲାଭ ମିଳିପାରିବ କି?**

ଉତ୍ତର - ଲଗାତର ପେନ୍ କିଲର୍ ଖାଇ ପୀଡ଼ାରୁ ବଞ୍ଚିବା ଠିକ୍ ନୁହେଁ । ଚିକିତ୍ସାଗତ ଦୃଷ୍ଟିରୁ ଏହା ଭୁଲ୍ ଅଟେ, ଏଥିରୁ ସାଇଡ୍ ଇଫେକ୍ଟ ଦେଖାଦେଇପାରେ ଏବଂ ରୋଗୀଙ୍କ କିଡ୍‌ନୀ ଓ ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇପାରେ । ଆପଣଙ୍କୁ ଏହା ମଧ୍ୟ କହିରଖୁଛୁ ଯେ ଆପଣ ବ୍ୟଥାର ଚିକିତ୍ସା କରୁଛନ୍ତି, ରୋଗର ନୁହେଁ । ବ୍ୟଥା ରୋଗର ଏକ ଲକ୍ଷଣ ମାତ୍ର, ଏଥିପାଇଁ ଆପଣ ହାନିରହିତ କ୍ୱିକ୍ ପୀଡ଼ାନାଶକ ତେଲ ପ୍ରୟୋଗ କରନ୍ତୁ । ଅନ୍ୟମାନଙ୍କୁ ମିଳିଥିବା ଆରାମ ଭଳି ଆପଣଙ୍କ ପିତାଙ୍କ ବ୍ୟଥାକୁ ଲାଘବ କରିବାରେ ମଧ୍ୟ କ୍ୱିକ୍ ସହାୟକ ହେବ । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ମଇଦା, ଚଣା, ବିରି, ଭାତ, କଦଳୀ, ଦହି, ଘୋଳଦହି, ଆଇସ୍-କ୍ରିମ୍, କୋଲ୍ଡ ଡ୍ରିଙ୍କ ଭଳି ଖାଦ୍ୟପଦାର୍ଥ ସେବନ କରନ୍ତୁ ନାହିଁ, କାରଣ ଏଗୁଡ଼ିକ ପାଚନ ହେବାରେ ସମୟ ଲାଗିଥାଏ ଓ ସେଗୁଡ଼ିକ ଦେହ ଉପରେ ଅଣ୍ଡା ପ୍ରଭାବ ପକାଇଥାଏ ।




କ୍ୱିକ୍ ଅଏଲ୍ Flipkart amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।




**Distributor & Dealer Inquiry: Branch Manager:** Mr. Deepak Samal - 7008997880/9437158773, **ASM:** Mr. Vinay - 9776666113, **ASM:** Mr. Sandip - 9692489428
**Distributor:** RS Trader - 9437066563/9040718585 • **Jaypur:** Jagatajanani Maa Enterprises - 9938013607 • **Malkanagiri:** Jeet Fimaly Bazar - 9937875610 • **Kalimela:** Jogendra Enterprises - 9078693777 • **Mathili:** Star Happy Home - 8018694502, Kabiram Enterprises - 9777452349, Chhaviram Digital - 9777452349 • **Jaypur:** Sankata Tarini - 9438552020 • **Semiliguda:** SS Electronics - 859487749 • **Raighar:** Maa Binapani Enterprises - 9937784307 • **Umarkot:** Naresh Electronics - 9938787068 • **Nabarang Pur:** Gayatri Electronics - 8249174447 • **Papdahandi:** Dinesh Tredar - 9938384536, Yosada Digital, Burihuma - 9777006079, OMM Enterprises - 9439093575, Jain Tredars - 9583160005

*Terms and conditions apply. Up to ₹3500 Cashback: HDFC Bank - 10% Cashback up to ₹3500 on BPL range of products through HDFC Bank Credit / Debit Card EMI. Offer valid once per card per calendar month from 3rd October to 15th November 2021. Kotak Mahindra Bank - 10% Cashback up to ₹3500 on BPL range of products through Kotak Mahindra Bank Credit Cards (Non EMI & EMI) and Debit Card EMI. Offer valid once per card per calendar month from 3rd October to 31st December 2021. Offers are applicable on selected models only. Offer applicable on a minimum purchase value of ₹12,000. Offer applicable through Pine Labs terminals only. The visuals are only for indication purpose. Comprehensive warranty of 2 years only on TV. Assured gifts on select models. For service & installation - 18008891047 | customercare@bpl.in

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ